# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୫/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, March 25/2019 | ★★★★★★

୪୫ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**କଂଗ୍ରେସରେ ଯୋଗଦେଇ ନାହିଁ: ସପ୍ନା**

ହରିୟାଣାର ଗାୟିକା ତଥା ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀ କଂଗ୍ରେସରେ ଯୋଗଦେବା ଖବରକୁ ଖଣ୍ଡନ କରିଛନ୍ତି।

୦୮

୧୯

**କେକେଆରକୁ ବିଜୟୀ କଲେ ରସେଲ**

ଆନ୍ଦ୍ରେ ରସେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ କୋଲକାତା ନାଇଟ ରାଇଡର୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି।



**ଆଜିର ସମ୍ପାଦକୀୟ**

ଚାଷୀଙ୍କୁ ବାଉଳା

**ଆଜିର ମନ୍ତବ୍ୟ**

"ଚୌକିଦାରମାନେ ଗରିବଙ୍କ କଥା ଚିନ୍ତା କରିବା ବଦଳରେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି।

– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ







NATIONAL EGG CO-ORDINATION COMMITTEE | 24.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers


# ହଜାଇଦେଲେ ଅସଲ ପ୍ରସଙ୍ଗ

## ନିର୍ବାଚନ ବେଳେ ସମାନ ରାସ୍ତାରେ ଶାସକ-ବିରୋଧୀ

## ଶୀତଳଭଣ୍ଡାରରେ ଜନସାଧାରଣଙ୍କ ସମସ୍ୟା

ନୂଆଦିଲ୍ଲୀ,୨୪।୩

ଯେଉଁ ପ୍ରସଙ୍ଗଗୁଡ଼ିକୁ ନେଇ ପାର୍ଲାମେଣ୍ଟକୁ ଅଚଳକରିଦିଆଯାଉଥିଲା, ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ ଯେଉଁ ପ୍ରଶ୍ନଗୁଡ଼ିକ ପ୍ରତିଦିନ ଉଠୁଥିଲା ଶେଷରେ ଶାସକ-ବିରୋଧୀ ମିଳିମିଶି ସେସବୁକୁ ହଜାଇ ଦେଇଛନ୍ତି। ଏବେ ଦେଶ ନିର୍ବାଚନମୁହାଁ। ତେଣୁ ମୂଳ ସମସ୍ୟାଗୁଡ଼ିକ ଉପରୁ ଧ୍ୟାନ ହଟାଇବା ପାଇଁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛଦ୍ମ ରାଷ୍ଟ୍ରବାଦ ଓ ଉଗ୍ର ହିନ୍ଦୁତ୍ୱବାଦର ଆଶ୍ରୟ ନେଇଥିବାବେଳେ ଏହାର ଜାଲରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଛନ୍ଦି ହୋଇଯାଇଛନ୍ତି। ଏଭଳି ସମୟରେ ସାଧାରଣ ନିର୍ବାଚନରେ ପୁଲଓ୍ୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣ ଆଜି ପାଲଟିଛି ପ୍ରସଙ୍ଗ।

ମଣିଷର ମୌଳିକ ଆବଶ୍ୟକତା ହେଉଛି ବାସ, ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା। ଏହି ପ୍ରସଙ୍ଗଗୁଡ଼ିକ ବିଗତ ୫ ବର୍ଷରେ ସର୍ବାଧିକ ଚର୍ଚ୍ଚାରେ ରହିଆସିଥିଲା। ସେହିପରି ବିମୁଦ୍ରୀକରଣ, ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଏବଂ କୂଟନୈତିକ ବିଫଳତା ଭଳି ପ୍ରସଙ୍ଗଗୁଡ଼ିକୁ ନେଇ ମୋଦି ସରକାରଙ୍କୁ ବିରୋଧୀ ଲଗାତର ଟାର୍ଗେଟ କରୁଥିଲେ। ବେକାରି, କଳାଧନ, ଦରଦାମ ବୃଦ୍ଧି, ମାନବ ଚାଲାଣ, ମହିଳାଙ୍କ ସୁରକ୍ଷା, ଦଳିତ ଓ ସଂଖ୍ୟାଲଘୁଙ୍କୁ ଆକ୍ରମଣ, ଅସହିଷ୍ଣୁତା, ସାମ୍ବାଦିକ ତଥା ବୁଦ୍ଧିଜୀବୀଙ୍କୁ ନିର୍ଯାତନା ଏପରି କି



ସ୍ଥଳବିଶେଷରେ ହତ୍ୟା ଭଳି ଘଟଣା ଏନ୍‌ଡିଏ ଅମଳରେ ଖବରକାଗଜର ପ୍ରଥମପୃଷ୍ଠାରେ ଶିରୋନାମା ମଣ୍ଡନ କରୁଥିଲା। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ବରିଷ୍ଠ ନାଗରିକଙ୍କ ସୁରକ୍ଷା, ଚାଷୀ ଆତ୍ମହତ୍ୟା, ତିନି ତଲାକ, ରାଫାଲ ଦୁର୍ନୀତି, ରାମମନ୍ଦିର, ବ୍ୟାଙ୍କ ଠକେଇ ଆଦିକୁ ନେଇ ସରକାରଙ୍କୁ ଉଠବସ କରୁଥିଲେ କଂଗ୍ରେସ ସମେତ ବିରୋଧୀ ଦଳର ନେତାମାନେ। ହେଲେ ଅସଲ ସମୟରେ ଏହି ଅସଲ ସମସ୍ୟାଗୁଡ଼ିକ କୁଆଡ଼େ ଉଭାନ ହୋଇଯାଇଛି ଅଥବା ଶୀତଳଭଣ୍ଡାରକୁ ଚାଲିଯାଇଛି। ସତେ ଯେପରିକି ଏହି ପ୍ରସଙ୍ଗଗୁଡ଼ିକ ଏବେ ପାଲଟିଯାଇଛି ମୂଲ୍ୟହୀନ ବିଷୟ ଏବଂ ଏହାର ସ୍ଥାନ ନେଇସାରିଛି ପୁଲଓ୍ୱାମା ଆକ୍ରମଣ ଓ ତତ୍‌ଉପରାନ୍ତ ବାଲାକୋଟ ଏୟାରଷ୍ଟ୍ରାଇକ୍। ରାଜନୈତିକ ବିଶ୍ଳେଷକ କୁହନ୍ତି, ପ୍ରକୃତପକ୍ଷେ ବିଚାର କଲେ ଗୋଟିଏ କଥା ସାମ୍ନାକୁ ଆସୁଛି ଯେ, ମୋଦି ସରକାର ଯେଉଁସବୁ ସଫଳତାର କଥା କହି ନିଜ ପିଠି ଥାପୁଡ଼ାଉଥିଲେ, ସେହି କ୍ଷେତ୍ରଗୁଡ଼ିକରେ ଅନେକ କାମ ବାକି ଅଛି। ଯେପରିକି ଆଜି ବି ଦେଶର ହଜାର ହଜାର ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ଓ ସେଠାକାର ଲୋକେ ରାତିରେ ଆଲୋକ ଦେଖିପାରି ନାହାନ୍ତି। ୨୦୧୬ ନଭେମ୍ବର ୮ର ବିମୁଦ୍ରୀକରଣ ଏବଂ ୨୦୧୭ ଜୁଲାଇ ୧ର ଜିଏସ୍‌ଟି ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ଏକପ୍ରକାର ଆର୍ଥିକ ଜରୁରୀ ପରିସ୍ଥିତି ସୃଷ୍ଟି କରିଛି। ଏଥିଯୋଗୁ ☞ ପୃଷ୍ଠା–୪

# ବିଜେଡିର ୯ ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର,୨୪।୩(ବ୍ୟୁରୋ)

- ବଲାଙ୍ଗୀରରୁ ଅର୍କେଶ
- ବ୍ରଜରାଜନଗରରୁ କିଶୋର
- ୪ ବିଧାୟକଙ୍କ ଟିକେଟ କଟିଲା
- ବୀରମିତ୍ରପୁର, ଫୁଲବାଣୀ ଆସନ ଘୋଷଣା ହେଲାନି

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା କୋରାପୁଟ ଲୋକ ସଭା ଅନ୍ତର୍ଗତ ପଟାଙ୍ଗୀ, ନବରଙ୍ଗପୁର ଲୋକ ସଭା ଅନ୍ତର୍ଗତ ମାଲକାନଗିରି ଓ ଝରିଗାଁ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ଲୋକ ସଭା ଅଧୀନରେ ଥିବା ଲାଞ୍ଜିଗଡ଼ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ବଲାଙ୍ଗୀର ଲୋକ ସଭା ଅନ୍ତର୍ଗତ ବଲାଙ୍ଗୀର, ଲୋଇସିଂହା, ବରଗଡ଼ ଲୋକ ସଭା ଅନ୍ତର୍ଗତ ବ୍ରଜରାଜନଗର ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ସମ୍ବଲପୁର ଏବଂ ରେଢ଼ାଖୋଲ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବୀରମିତ୍ରପୁର ଏବଂ ଫୁଲବାଣୀ ପାଇଁ କାହାରି ନାଁ ଘୋଷଣା କରାଯାଇନାହିଁ। ଏହି ଦୁଇଟି ଆସନ ନେଇ ଦଳରେ ସହମତି ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ରହିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ କରିବାର ଶେଷଦିନ ଧାର୍ଯ୍ୟ କରାଯାଇଛି। ତେଣୁ ବୀରମିତ୍ରପୁର ଏବଂ ଫୁଲବାଣୀ ଆସନ ପାଇଁ ବିଜେଡି ସୋମବାର ନିଶ୍ଚିତ ପ୍ରାର୍ଥୀ ଘୋଷଣା କରିବ ବୋଲି ସୂତ୍ରରୁ ପ୍ରକାଶ। ବଲାଙ୍ଗୀର ବିଧାନସଭା ଆସନ ପାଇଁ ଅର୍କେଶ ନାରାୟଣ ସିଂଦେଓଙ୍କ ସହ ଶ୍ରୀମୟୀ ମିଶ୍ରଙ୍କ ନାଁ ଚର୍ଚ୍ଚା ହେଉଥିଲା। ପୂର୍ବରୁ ଅର୍କେଶଙ୍କ ବଡ଼ଭାଇ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗୀର ଲୋକ ସଭା ଟିକେଟ ପାଇସାରିଛନ୍ତି। ପାଟଣାଗଡ଼ରେ ସରୋଜ ମେହେରଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ପାଟଣାଗଡ଼ ପାଇଁ ଆଶାୟୀ ଥିବା ଶ୍ରୀମୟୀଙ୍କୁ ବଲାଙ୍ଗୀରରେ ଟିକେଟ ମିଳିପାରେ ବୋଲି ଆଲୋଚନା ହେଉଥିଲା। ଲୋଇସିଂହାରେ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ନିଜ ପୁଅ ନୀହାର ରଞ୍ଜନ ବେହେରାଙ୍କ ପାଇଁ ଲବି କରୁଥିଲେ। ହେଲେ ସ୍ଥାନୀୟ ସଙ୍ଗଠକ ପ୍ରଦୀପ ବେହେରାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଛି। ସମ୍ବଲପୁର ଏବଂ ରେଢ଼ାଖୋଲରେ ଦଳୀୟ ସ୍ଥିତି ସୁଧାରିବା ପାଇଁ ଆଗୁଆ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ଦୁଇ ଆସନରେ ପୂର୍ବରୁ ପ୍ରାର୍ଥୀ ଥିବା ରାସେଶ୍ୱରୀ ☞ ପୃଷ୍ଠା–୪

### ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

ଲାଞ୍ଜିଗଡ଼: ପ୍ରଦୀପ କୁମାର ଦିଶାରି
ଝରିଗାଁ: ପ୍ରକାଶ ଚନ୍ଦ୍ର ମାଝି
ମାଲକାନଗିରି: ମୁକୁନ୍ଦ ସୋଡ଼ୀ
ପଟାଙ୍ଗୀ: ପ୍ରୀତମ ପାଢ଼ୀ

**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

ବ୍ରଜରାଜନଗର: କିଶୋର ମହାନ୍ତି
ଲୋଇସିଂହା: ପ୍ରଦୀପ ବେହେରା
ବଲାଙ୍ଗୀର: ଅର୍କେଶ ନାରାୟଣ ସିଂଦେଓ
ବୀରମିତ୍ରପୁର: ଘୋଷଣା ହୋଇନି
ଫୁଲବାଣୀ: ଘୋଷଣା ହୋଇନି

**ତୃତୀୟ ପର୍ଯ୍ୟାୟ ନିର୍ବାଚନ**

ସମ୍ବଲପୁର: ଡା. ରାସେଶ୍ୱରୀ ପାଣିଗ୍ରାହୀ
ରେଢ଼ାଖୋଲ: ରୋହିତ ପୂଜାରୀ









## ସଂକ୍ଷେପରେ

### ଭାଜପା ନେତାଙ୍କୁ ଗୁଳି

**ଜୟପୁର,୨୪।୩(ପି.ଟି.):** ରାଜସ୍ଥାନର ଝଲାୱାରରେ ଏକ ଉତ୍ସବ ଚାଲିଥିବାବେଳେ କେତେଜଣ ଦୁର୍ବୃତ୍ତ ଗୁଳି ଚଳାଇବାରୁ ଭାଜପା ନେତାଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାଜପା ନେତା ତଥା ନଗରପାଳିକାର ପୂର୍ବତନ ଅଧ୍ୟକ୍ଷ ରାମଲାଲ ଗୁର୍ଜର (୫୮) ଶନିବାର ରାତିରେ ଏକ ଉତ୍ସବରେ ଯୋଗଦେଇ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଗୁର୍ଜରଙ୍କ ସମେତ ୪ ଜଣଙ୍କ ଦେହରେ ଗୁଳି ଚିହ୍ନ ରହିଛି। ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି।

### ୟୁପି, ବିହାରରେ ନିର୍ବାଚନ ଲଢ଼ିବ ଏଏପି

**ନୂଆଦିଲ୍ଲୀ,୨୪।୩(ପି.ଟି.):** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଉତ୍ତରପ୍ରଦେଶ (ୟୁପି) ଏବଂ ବିହାରରୁ ଲୋକ ସଭା ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଉଭୟ ରାଜ୍ୟରେ ଦଳ ୩ ଜଣ ଲେଖାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ତେବେ ଉତ୍ତରପ୍ରଦେଶର ୨୫ଟି ଆସନରେ ଏଏପି ଲଢ଼ିପାରେ ବୋଲି ଏହାର ନେତା ସଞ୍ଜୟ ସିଂ କହିଛନ୍ତି। ୟୁପିର ସାହରନପୁରରୁ ଯୋଗେଶ ଡାହିୟା, ଆଲିଗଡ଼ରୁ ସତୀଶ ଚନ୍ଦ୍ର ଶର୍ମା ଏବଂ ଗୌତମବୁଦ୍ଧ ନଗରରୁ ଶ୍ୱେତା ଶର୍ମାଙ୍କୁ ଏଏପି ପ୍ରାର୍ଥୀ କରିଛି। ସେହିପରି ବିହାରର କିଶନଗଞ୍ଜରୁ ଅଲିମୁଦ୍ଦିନ ଅନ୍‌ସାରୀ, ସୀତାମାଢ଼ିରୁ ରଘୁନାଥ କୁମାର ଏବଂ ଭଗଲପୁରରୁ ସତ୍ୟେନ୍ଦ୍ର କୁମାର ଏଏପି ଟିକେଟରେ ନିର୍ବାଚନ ଲଢ଼ିବେ।

### ରାଜନାଥଙ୍କ ବିରୋଧରେ ପ୍ରାର୍ଥୀ ହୋଇପାରନ୍ତି ପୁନମ୍ ସିହ୍ନା



**ନୂଆଦିଲ୍ଲୀ,୨୪।୩(ପି.ଟି.):** କ୍ଷୁବ୍ଧ ଭାଜପା ନେତା ଶତ୍ରୁଘ୍ନ ସିହ୍ନାଙ୍କ ପତ୍ନୀ ପୁନମ୍ ସମାଜବାଦୀ ପାର୍ଟି ଟିକେଟରେ ଲକ୍ଷ୍ନୌ ଆସନରୁ ଲଢ଼ିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହି ଆସନରେ ଭାଜପା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ପ୍ରାର୍ଥୀ କରିଛି। ଶତ୍ରୁଘ୍ନଙ୍କୁ ଭାଜପା ପାଟନା ସାହିବ ଆସନରୁ ବାଦ୍ ଦେଇ ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ପ୍ରାର୍ଥୀ କରିଛି। ତାଙ୍କୁ ଉକ୍ତ ଆସନରୁ ମହାମେଣ୍ଟ ପ୍ରାର୍ଥୀ କରିପାରେ। କିଛିଦିନ ପୂର୍ବରୁ ଶତ୍ରୁଘ୍ନ ଲକ୍ଷ୍ନୌରେ ଏସ୍‌ପି ନେତା ଅଖିଳେଶ ଯାଦବଙ୍କୁ ଭେଟିଥିଲେ। ସେତେବେଳେ ପୁନମ୍ ସିହ୍ନାଙ୍କ ରାଜନୀତି ପ୍ରବେଶ ନେଇ ଆଲୋଚନା ହୋଇଥିବା କୁହାଯାଉଛି।

### 'ଦେଶକୁ ମୋଦି ହିଁ ଦେଇପାରିବେ ସୁରକ୍ଷା'

**ଲକ୍ଷ୍ନୌ,୨୪।୩:** ଦେଶକୁ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁରକ୍ଷା ଦେଇପାରିବେ ବୋଲି ଉତ୍ତରପ୍ରଦେଶର ଆଗ୍ରାରେ ରବିବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି। ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରି ଶାହ କହିଛନ୍ତି, କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି



ପାଇଁ ବାଲାକୋଟ ଆକ୍ରମଣକୁ ନେଇ ପ୍ରଶ୍ନ ଉଠାଉଛି। ମେଣ୍ଟ ନେତାମାନେ ଦେଶକୁ ସୁରକ୍ଷା ଦେଇପାରିବେ ନାହିଁ। ଭାଜପା ଏବଂ ମୋଦି ହିଁ ଦେଶର ନିରାପତ୍ତାକୁ ସୁନିଶ୍ଚିତ କରିପାରିବେ।



ଆନ୍ଧ୍ରପ୍ରଦେଶର କ୍ରିଷ୍ଣା: ଲୋକ ସଭା ନିର୍ବାଚନ ପ୍ରଚାରରେ ଜନସେନା ପାର୍ଟି ମୁଖ୍ୟ ତଥା ଅଭିନେତା ପବନ କଲ୍ୟାଣ।




ବିହାରର ପାଟନା: ସାଧାରଣ ନିର୍ବାଚନରେ ମତଦାନ ପାଇଁ ସାଇକେଲ ଯାତ୍ରା ଜରିଆରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ମୁଢ଼ିବାଲା ଲାଲମଣି ଦାସ।



ମଧ୍ୟପ୍ରଦେଶର ଇନ୍ଦୋର: ଭାଜପା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ବେଶଭୂଷା ଧାରଣ କରିଥିବା ଜଣେ ବ୍ୟକ୍ତିଙ୍କ ସହ ସେଲ୍‌ଫି ନେଉଛନ୍ତି ସୁରକ୍ଷା କର୍ମୀ।

# ମୋଦିଙ୍କ ଟୁଇଟର ଖେଳ

**ୱାଶିଂଟନ,୨୪।୩**

ସୋସିଆଲ ମିଡିଆରେ ବିଶ୍ୱର ସର୍ବାଧିକ ଅନୁସୃତ ନେତାଙ୍କ ମଧ୍ୟରୁ ଅନ୍ୟତମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତର ଅନ୍ୟ କେତେଜଣ ନେତାଙ୍କ ଭଳି ମୋଦି ୨୦୦୯ରେ ଟୁଇଟ୍ କରିବା ଆରମ୍ଭ କରିଥିଲେ। ୨୦୧୨ ଅକ୍ଟୋବରରେ ମୋଦିଙ୍କୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ୟୁଜର୍ସ ଟୁଇଟରରେ ଫଲୋ କରୁଥିଲେ। ବର୍ତ୍ତମାନ ଏହି ସଂଖ୍ୟା ୪ କୋଟି ୬୦ ଲକ୍ଷରେ ପହଞ୍ଚିଛି। ତାଙ୍କର ଏହି ଲୋକପ୍ରିୟତା ବୃଦ୍ଧି ପଛର ଅସଲ କଥା ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସାମ୍ନାକୁ ଆଣିଛି ଆମେରିକାର ଏକ ଅଧ୍ୟୟନ।

୨୦୧୪ରେ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ପ୍ରଧାନମନ୍ତ୍ରୀ ହେବା ପାଇଁ ନିର୍ବାଚନ ଲଢୁଥିଲେ। ସେତେବେଳେ ସେ ଟୁଇଟରରେ ନିଜ ଲୋକପ୍ରିୟତା ବଢ଼ାଇବା ପାଇଁ ଅଭିନେତା ଅମିତାଭ ବଚ୍ଚନ ଓ ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଭଳି ଚର୍ଚ୍ଚିତ ତଥା ସଫଳ ବ୍ୟକ୍ତିତ୍ୱଙ୍କୁ ଅସ୍ତ୍ର କରିଥିଲେ। ସାଧାରଣ ନିର୍ବାଚନରେ ନିଜ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ଲାଗି ମୋଦି ସେମାନଙ୍କୁ ବ୍ୟବହାର କରିଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ମିଚିଗାନ ୟୁନିଭର୍ସିଟିର ସହକାରୀ ପ୍ରାଧ୍ୟାପକ ଜୋୟୋଜିତ୍ ପଲ୍ ମୋଦିଙ୍କ ଟୁଇଟର ହ୍ୟାଣ୍ଡଲ @narendramodiର ୯,୦୦୦ରୁ ଉର୍ଦ୍ଧ୍ୱ ଟୁଇଟ୍‌କୁ ନେଇ ଯାଞ୍ଚ କରିଥିଲେ। ଭାରତୀୟ ସେଲିବ୍ରିଟିମାନଙ୍କ ସହ ନିର୍ବାଚନ ପୂର୍ବରୁ ଓ ପରେ ମୋଦିଙ୍କ ସମ୍ପର୍କକୁ ନେଇ ଗବେଷଣା କରିବା ଲାଗି




## ଆମେରିକାର ଅଧ୍ୟୟନ ରିପୋର୍ଟ
## ଲୋକପ୍ରିୟତା ବଢ଼ାଇବା ପାଇଁ ଅମିତାଭ, ସଚିନଙ୍କୁ କରିଥିଲେ ଅସ୍ତ୍ର

ସେ ୨୦୦୯ ଫେବୃୟାରୀରୁ ୨୦୧୫ ଅକ୍ଟୋବର ମଧ୍ୟରେ କରାଯାଇଥିବା ଟୁଇଟ୍‌ଗୁଡ଼ିକୁ ପଢ଼ିଥିଲେ। ଏଥିରୁ ଜଣାପଡ଼ିଛି ଯେ, ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର ଆଦ୍ୟ ଓ ମଧ୍ୟଭାଗରେ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ମୋଦିଙ୍କ ସାମ୍ନାରେ ଅନେକ ଚ୍ୟାଲେଞ୍ଜ ଥିଲା। ୨୦୦୨ ଗୋଧ୍ରା ଦଙ୍ଗା ମୋଦିଙ୍କ ସମେତ କେତେଜଣ ନେତା ଓ ତାଙ୍କ ପ୍ରଶାସନକୁ ଦଙ୍ଗା ଅପରାଧୀ ଭାବେ କଳଙ୍କିତ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସୋସିଆଲ ମିଡିଆର ବିସ୍ତାର ସଂଯୋଗବଶତଃ ମୋଦିଙ୍କ ରାଜନୈତିକ ନେତୃତ୍ୱର ଉତ୍ଥାନ ପାଇଁ ସହାୟକ ହୋଇଥିଲା ବୋଲି ପଲ୍ କହିଛନ୍ତି। ଗବେଷକମାନେ ଏପରି ୪୧୪ଟି ଦୃଷ୍ଟାନ୍ତ ପାଇଛନ୍ତି, ଯେଉଁଥିରେ ସେଲିବ୍ରିଟିମାନଙ୍କ ନାମ ଉଲ୍ଲେଖ କରାଯାଇଛି। ପଲ୍‌ଙ୍କ ଅନୁସାରେ ସେ ୬ ବର୍ଷ ଧରି ଅଧ୍ୟୟନ କରିଥିବା ମୋଦିଙ୍କ ଟୁଇଟ୍‌ଗୁଡ଼ିକରେ ତିନୋଟି ପର୍ଯ୍ୟାୟର ଯୋଗସୂତ୍ର ସାମ୍ନାକୁ ଆସିଛି। ପ୍ରଥମ ପର୍ଯ୍ୟାୟରେ ମୋଦିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ, ଜଣେ ରାଜ୍ୟସ୍ତରୀୟ ନେତାଠାରୁ ଜାତୀୟ ସ୍ତରରେ ନିଜକୁ ଉପସ୍ଥାପିତ କରିବା। ତେଣୁ ସେ ଜାତୀୟ ସ୍ତରରେ ଗ୍ରହଣୀୟ ହେବା ଭଳି ନିଜର ଛବି ତିଆରି କରିଥିଲେ। ମୋଦି ଦ୍ୱିତୀୟ ପର୍ଯ୍ୟାୟରେ ଅଭିନେତା ଅମିତାଭ ବଚ୍ଚନ, ସୂଚନା ଓ ପ୍ରଯୁକ୍ତିବିଦ୍ୟାବିତ୍ ନାରାୟଣ ମୂର୍ତ୍ତି, କ୍ରିକେଟର ସଚିନ ତେନ୍ଦୁଲକର ଓ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ଯାଏ ପହଞ୍ଚିଥିଲେ। ସେମାନଙ୍କୁ ବ୍ୟବହାର କରି ମୋଦି ଏଭଳି ଏକ ଧାରଣା ସୃଷ୍ଟି କଲେ ଯେ, ତାଙ୍କ ଦୃଢ଼ ସମର୍ଥକଙ୍କ ବାହାର ଲୋକ ତାଙ୍କ ସହ ଯୋଗାଯୋଗରେ ରହିବାକୁ ଚାହାନ୍ତି। ୨୦୧୩ ବେଳକୁ ସେ ନିଜ ଟୁଇଟ୍‌ଗୁଡ଼ିକ ଜରିଆରେ ବିଭିନ୍ନ ସେଲିବ୍ରିଟିଙ୍କ ନାମ ଉଲ୍ଲେଖ କରି ସେମାନେ ମୋଦିଙ୍କ ସହ ରହିଥିବା ଓ ତାଙ୍କର ପ୍ରଚାରକୁ ସମର୍ଥନ କରୁଥିବା ଭଳି ଧାରଣା ସୃଷ୍ଟି କରିବାରେ ସଫଳ ହେଲେ। ସେଲିବ୍ରିଟିଙ୍କ ସହ ତୃତୀୟ ପର୍ଯ୍ୟାୟ ଯୋଗସୂତ୍ର ୨୦୧୪ ସାଧାରଣ ନିର୍ବାଚନ ପରେ ହୋଇଥିଲା, ଯେତେବେଳେ ସେ ନିଜ ଅଭିଯାନଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କୁ ସେଥିରେ ଯୋଡ଼ିବାରେ ଲାଗିଥିଲେ। ଏଥିଯୋଗୁ ପ୍ରଧାନମନ୍ତ୍ରୀ ମୋଦି ସ୍ୱଚ୍ଛ ଭାରତ ଅଭିଯାନକୁ ଏକ ଜାତୀୟ ଆନ୍ଦୋଳନର ରୂପ ଦେବାରେ ସଫଳ ହୋଇଥିଲେ। ମୋଦି ଯେଉଁ ସେଲିବ୍ରିଟିମାନଙ୍କ ନାମ ନିଜ ଟୁଇଟ୍‌ରେ ଉଲ୍ଲେଖ କରୁଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଖୋଲାଖୋଲି ଭାବେ ତାଙ୍କୁ ନିର୍ବାଚନରେ ସମର୍ଥନ ଦେବା ପାଇଁ ଘୋଷଣା କରୁ ନ ଥିଲେ। ମୋଦି ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବଡ଼ ଭୂମିକା ନେବା ପାଇଁ ପରାମର୍ଶ ଦେଉଥିଲେ ବୋଲି ପଲ୍ କହିଛନ୍ତି।

ମୋଦି ଟୁଇଟର୍‌ରେ ସେଲିବ୍ରିଟିଙ୍କୁ କିପରି ବ୍ୟବହାର କରୁଥିଲେ ପଲ୍ ତା'ର ଏକ ଉଦାହରଣ ଦେଇଛନ୍ତି। ସେ @deepikapadu-kone ହାସ୍‌ଟ୍ୟାଗ୍‌କୁ ବ୍ୟବହାର କରି ମତଦାନ ପାଇଁ ଲୋକଙ୍କୁ ଉତ୍ସାହିତ କରିବା ଲାଗି ଦୀପିକା ପାଦୁକୋନଙ୍କୁ କହୁଥିଲେ। ମୋଦି ଦୀପିକାଙ୍କୁ ଜାଣନ୍ତି କି ନାହିଁ ସେନେଇ ସୋସିଆଲ ମିଡିଆ ୟୁଜର୍ସମାନେ ଜାଣିଥାଇ ନ ପାରନ୍ତି। କିନ୍ତୁ ତାଙ୍କର ଟୁଇଟ୍‌ଗୁଡ଼ିକରୁ ବୁଝାପଡ଼େ ଯେ, ମୋଦି ତାଙ୍କୁ ଜାଣନ୍ତି।

## ଆଜମଗଡ଼ରୁ ଲଢ଼ିବେ ଅଖିଳେଶ

**ଲକ୍ଷ୍ନୌ,୨୪।୩(ପି.ଟି.)**



ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଉତ୍ତରପ୍ରଦେଶର ଆଜମଗଡ଼ ଲୋକ ସଭା ଆସନରୁ ଲଢ଼ିବେ। ଏହି ଆସନରୁ ତାଙ୍କ ବାପା ମୁଲାୟମ ସିଂ ଯାଦବ ପ୍ରତିନିଧିତ୍ୱ କରି ଆସୁଥିଲେ। ୨୦୧୪ରେ ମୁଲାୟମ ଆଜମଗଡ଼ ଓ ମୈନପୁରରୁ ନିର୍ବାଚନ ଲଢ଼ି ଉଭୟ ଆସନରୁ ଜିତିଥିଲେ। ଏଥର ତାଙ୍କୁ ମୈନପୁରରୁ ପ୍ରାର୍ଥୀ କରାଯାଇଛି। ଦଳ ପକ୍ଷରୁ ପ୍ରକାଶିତ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ମୁଲାୟମଙ୍କ ନାଁ ନ ଥିଲା । ଏହାକୁ ନେଇ ସମାଲୋଚନା ପରେ ଉକ୍ତ ତାଲିକାରେ ତାଙ୍କ ନାଁ ଯୋଡା ଯାଇଥିବା ଜଣାପଡିଛି। ଏଥିରେ ଅଖିଳେଶ, ଆଜମ ଖାନ୍, ଡିମ୍ପଲ ଯାଦବ, ରାମଗୋପାଳ ଯାଦବ, ଜୟା ବଚନ ଓ ଅନ୍ୟମାନେ ରହିଛନ୍ତି। ଏସ୍‌ପିର ବରିଷ୍ଠ ନେତା ମହମ୍ମଦ ଆଜମ ଖାନ ରାମପୁରରୁ ଲଢ଼ିବେ। ଏସ୍‌ପି ବର୍ତ୍ତମାନ ସୁଦ୍ଧା ଉତ୍ତରପ୍ରଦେଶ ପାଇଁ ୧୯ ଜଣ ଏବଂ ମଧ୍ୟପ୍ରଦେଶ ଲାଗି ଜଣେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅନ୍ୟ ପ୍ରମୁଖ ପ୍ରାର୍ଥୀ ହେଲେ ଅଖିଳେଶଙ୍କ ସମ୍ପର୍କୀୟ ଭାଇ ଧର୍ମେନ୍ଦ୍ର ଏବଂ ଅକ୍ଷୟ ଯାଦବ। ଧର୍ମେନ୍ଦ୍ର ବଦାଉଁ ଏବଂ ଅକ୍ଷୟ ଫିରୋଜାବାଦ ଆସନରୁ ଲଢ଼ିବେ। ସେହିପରି ଡିମ୍ପଲଙ୍କୁ କନୌଜ ଆସନରୁ ପ୍ରାର୍ଥୀ କରାଯାଇଛି।

## 'ତୁଳସୀ ବଣରେ ଗଞ୍ଜେଇ ଗଛ ଜଗନ୍'

**କଡାପା,୨୪।୩(ଆଇଏଏନ୍‌ଏସ୍)**



ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀ ତୁଳସୀ ବଗିଚାରେ ଏକ ଗଞ୍ଜେଇ ଗଛ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ସମାଲୋଚନା କରିଛନ୍ତି। ଆନ୍ଧ୍ରରେ ସାଧାରଣ ନିର୍ବାଚନ ସହ ବିଧାନସଭା ନିର୍ବାଚନ ହେଉଛି। ଏଥିଲାଗି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରାବାବୁ ରବିବାର ଜଗନ୍‌ମୋହନଙ୍କ ଜିଲା କଡାପାର ବୁଡ୍‌ଭେଲରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ତାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଅନ୍ନାମାୟା, ବୀର ବ୍ରହ୍ମେନ୍ଦ୍ର ସ୍ୱାମୀ ଓ ଯୋଗୀ ଭେମାନାଙ୍କୁ ଜନ୍ମ ଦେଇଥିବା କଡାପା ଜିଲା ଏକ ତୁଳସୀ ବଣ ଭଳି। ଏହି ତୁଳସୀ ବଗିଚାରେ ଏକ ଗଞ୍ଜେଇ ଗଛ ମଧ୍ୟ ଉଠିଛି। ସେ ହେଉଛନ୍ତି, ଜଗନ୍‌ମୋହନ ରେଡ୍ଡୀ। ଏହା ପୂର୍ବରୁ ଚନ୍ଦ୍ରାବାବୁ ଜଗନ୍‌ମୋହନଙ୍କୁ ଅପରାଧର ବ୍ରାଣ୍ଡ ଆମ୍ବାସାଡର ବୋଲି ଅଭିହିତ କରି ତାଙ୍କ ବିରୋଧରେ ୩୧ ଆପରାଧିକ ମାମଲା ଥିବା କହିଥିଲେ।

## ୧୬ ବର୍ଷ ପରେ ମଇଦାନରେ ଦିଗ୍‌ବିଜୟ

**ଭୋପାଳ,୨୪।୩(ପି.ଟି.)**



ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଏଥର ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କୁ ମଧ୍ୟପ୍ରଦେଶର ଭୋପାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। ରାଜ୍ୟର ୨୯ ଆସନ ମଧ୍ୟରୁ କଂଗ୍ରେସ ପ୍ରଥମ ଦଫାରେ ଦିଗ୍‌ବିଜୟ, ମୀନାକ୍ଷୀ ନଟରାଜନଙ୍କ ସମେତ ୯ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ନଟରାଜନ ମନ୍ଦସୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି କବିତା ସିଂ ନଟିରାଜା ଖଜୁରାହୋରୁ, କିରନ ଅହିରୱାର ଟିକମଗଡରୁ ଏବଂ ପ୍ରମିଳା ସିଂ ଶାହଡୋଲରୁ ନିର୍ବାଚନ ଲଢ଼ିବେ। ଶୈଳେନ୍ଦ୍ର ଦିୱାନଙ୍କୁ ହୋସାଙ୍ଗବାଦରୁ ପ୍ରାର୍ଥୀ କରାଯାଇଥିବାବେଳେ କାନ୍ତିଲାଲ ଭୁରିଆଙ୍କୁ ରତଲାମରୁ, ରାମୁ ଟେକାମଙ୍କୁ ବେଟୁଲରୁ ଏବଂ ମଧୁ ଭଗବତଙ୍କୁ ବାଲାଘାଟରୁ ପ୍ରାର୍ଥୀ କରାଯାଇଛି।

ଭାଜପା ଦୁର୍ଗ କୁହାଯାଉଥିବା ଭୋପାଳରୁ କଂଗ୍ରେସ ଦିଗ୍‌ବିଜୟଙ୍କୁ ପ୍ରାର୍ଥୀ କରିବା ପରେ ଏବେ ଗୈରିକ ଦଳ ସେଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ପ୍ରାର୍ଥୀ କରାଇବା ନେଇ ଚର୍ଚ୍ଚା ହେଉଛି। ଏହା ବ୍ୟତୀତ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ମଧ ଦିଗ୍‌ବିଜୟଙ୍କ ବିରୋଧରେ ପ୍ରାର୍ଥୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ମାଲେଗାଁଓ ବିସ୍ଫୋରଣ ମାମଲାରେ ଅଭିଯୁକ୍ତ ପ୍ରଜ୍ଞା କୋର୍ଟରେ ଦୋଷମୁକ୍ତ ହୋଇଥିଲେ।

## କଂଗ୍ରେସର ନବମ ପ୍ରାର୍ଥୀ ତାଲିକା
## ଶିବଗଙ୍ଗାରୁ ଲଢ଼ିବେ କାର୍ତ୍ତି

**ନୂଆଦିଲ୍ଲୀ,୨୪।୩**

ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସ ରବିବାର ନବମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ପୁଅ କାର୍ତ୍ତିଙ୍କ ସମେତ ୧୦ ଜଣଙ୍କୁ ପ୍ରାର୍ଥୀ କରାଯାଇଛି। କାର୍ତ୍ତି ତାମିଲନାଡୁର ଶିବଗଙ୍ଗା ଆସନରୁ ଲଢ଼ିବେ। ଏହା ବ୍ୟତୀତ ମହାରାଷ୍ଟ୍ର ପାଇଁ ୪ ଜଣ, ବିହାର ପାଇଁ ୩, ତାମିଲନାଡୁ, କର୍ଣ୍ଣାଟକ ଓ ଜମ୍ମୁ-କଶ୍ମୀର ପାଇଁ ଜଣେ ଲେଖାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତାରିକ୍ ଅନୱର ବିହାରର କଟିହାର ଆସନରୁ ଏବଂ ବି.କେ. ହରିପ୍ରସାଦ ବେଙ୍ଗାଲୁରୁ ଦକ୍ଷିଣ ଆସନରୁ, ମହମ୍ମଦ ଜାଭେଦ କିଶନଗଞ୍ଜରୁ, ପପ୍ପୁ ସିଂ ବିହାରର ପୂର୍ଣ୍ଣିଆରୁ ଏବଂ ହାଜି ଫାରୁକ୍ ମିର୍ ଜମ୍ମୁ-କଶ୍ମୀରର ବାରମୁଲ୍ଲା ଆସନରୁ ପ୍ରାର୍ଥୀ ହୋଇଛନ୍ତି।



## 'କେବଳ ଧନୀଙ୍କ ପାଇଁ ଚୌକିଦାର'

**ନୂଆଦିଲ୍ଲୀ/ଲକ୍ଷ୍ନୌ,୨୪।୩(ପି.ଟି.)**



ଚୌକିଦାରମାନେ ଗରିବଙ୍କ କଥା ଚିନ୍ତା କରୁନାହାନ୍ତି। ସେମାନେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି ବୋଲି ରବିବାର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତରପ୍ରଦେଶର ଭାଜପା ନେତାମାନଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟର ଆଖୁ ଚାଷୀଙ୍କ ବକେୟା ୧୦,୦୦୦ କୋଟି ଟଙ୍କା ଟପିଗଲାଣି ବୋଲି ପ୍ରକାଶିତ ଏକ ରିପୋର୍ଟକୁ ନେଇ ସେ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆଖୁ ଚାଷୀଙ୍କ ପରିବାର ଦିନରାତି ପରିଶ୍ରମ କରୁଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ ଆଖୁର ପାଉଣା ଦେଉନାହାନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ତେବେ ୨୦୧୨ରୁ ୨୦୧୭ ମଧ୍ୟରେ କୃଷକମାନେ ଅନାହାରରେ ପଡ଼ିଥିବାବେଳେ କଂଗ୍ରେସର ଶୁଭଚିନ୍ତକମାନେ କେଉଁଠି ଥିଲେ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, 'ଚୌକିଦାର ଚୋର୍ ହେ' ବୋଲି କଂଗ୍ରେସ ପ୍ରଚାର କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ନେତାମାନେ ଟୁଇଟର୍‌ରେ ନିଜ ନାମ ଆଗରେ 'ଚୌକିଦାର' ଯୋଡ଼ିଛନ୍ତି।

## ରାହୁଲଙ୍କ ସମ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା
# ୧୦ ବର୍ଷରେ ୫୫ ଲକ୍ଷରୁ ୯ କୋଟି

**ନୂଆଦିଲ୍ଲୀ,୨୪।୩(ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପତ୍ତି ୫୫ ଲକ୍ଷ ଟଙ୍କାରୁ ୧୦ ବର୍ଷ ମଧ୍ୟରେ ୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ରାହୁଲଙ୍କ ଆୟର କୌଣସି ଜ୍ଞାତ ଉତ୍ସ ନ ଥିବାବେଳେ ୧୦ ବର୍ଷରେ କିପରି ଏତେ ବୃଦ୍ଧି ପାଇଲା ତାହାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ନିର୍ବାଚନ କମିଶନଙ୍କ ପାଖରେ ରାହୁଲ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ୨୦୦୪ରୁ ୨୦୧୪ ମଧ୍ୟରେ ତାଙ୍କ ଆୟ



୫୫ ଲକ୍ଷରୁ ୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ରାହୁଲ ଓ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନାମରେ ଦିଲ୍ଲୀରେ ୪.୬୯ ଏକର ଜମିରେ ଫାର୍ମ ହାଉସ ଅଛି, ଯାହାକୁ ଫାଇନାନ୍ସିଆଲ ଟେକ୍‌ନୋଲୋଜି (ଇଣ୍ଡିଆ) ଲିମିଟେଡକୁ ଭଡ଼ାରେ ଦିଆଯାଇଥିବା ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ଏହା ବ୍ୟତୀତ ଦିଲ୍ଲୀର ମେହରୁଲିଠାରେ ଥିବା ଇନ୍ଦିରା ଫାର୍ମ ହାଉସ୍‌ର ମୂଲ୍ୟ ୯ ଲକ୍ଷ ଟଙ୍କା ବୋଲି ରାହୁଲ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଉକ୍ତ ସମ୍ପତ୍ତିର ପ୍ରକୃତ ଦାମ୍ ବହୁକୋଟି ଟଙ୍କା ବୋଲି ସମ୍ବିତ ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ମଧ୍ୟ ଅନୁରୂପ ଅଭିଯୋଗ ଆଣିଛନ୍ତି।

# ୬ ରାଜ୍ୟରେ ମେଣ୍ଟ କରିଛି କଂଗ୍ରେସ

**ନୂଆଦିଲ୍ଲୀ,୨୪।୩**

ଅନିଶ୍ଚିତତା ସତ୍ତ୍ୱେ ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସ କେତେକ ରାଜ୍ୟରେ ମେଣ୍ଟ କରିବାରେ ସଫଳ ହୋଇଛି। କର୍ଣ୍ଣାଟକରେ କଂଗ୍ରେସ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ) ସହ ମେଣ୍ଟ କରିଥିବା ବେଳେ ତାମିଲନାଡୁ, ଝାଡଖଣ୍ଡ, ବିହାର, ମହାରାଷ୍ଟ୍ର ଏବଂ ଜମ୍ମୁ-କଶ୍ମୀରରେ ବଡ଼ ମେଣ୍ଟ କରିପାରିଛି। ତେବେ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ କଂଗ୍ରେସକୁ ଏକାକୀ ନିର୍ବାଚନ ଲଢ଼ିବାକୁ ପଡିବ। କାରଣ ସେଠାରେ ସମାଜବାଦୀ ପାର୍ଟି ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) କଂଗ୍ରେସକୁ ସାଙ୍ଗରେ ନେବାକୁ ଚାହିଁଲେ ନାହିଁ। ସେହିପରି ପଶ୍ଚିମବଙ୍ଗରେ ବାମଦଳଗୁଡିକ ସହ ମେଣ୍ଟ ଗଠନ ଲାଗି ଆଲୋଚନା ବିଫଳ ହୋଇଥିବାବେଳେ ଦିଲ୍ଲୀରେ ଶାସକ ଆମ୍ ଆଦମୀ ପାର୍ଟି (ଏଏପି) ସହ ମେଣ୍ଟକୁ ନେଇ ଅନିଶ୍ଚିତତା ଜାରି ରହିଛି।

ଆସାମରେ ବିରୋଧୀ ଭୋଟଗୁଡିକୁ ଭାଗ ଭାଗ ହେବାରୁ ରୋକିବା ପାଇଁ ଏଆଇୟୁଡିଏଫ୍ କଂଗ୍ରେସ ସହ ହାତ ମିଳାଇବାକୁ ଆଗ୍ରହ ପ୍ରକାଶ କରିଛି। ଏହି ସହଯୋଗୀ ଦଳଗୁଡିକ କେବଳ କଂଗ୍ରେସ ପ୍ରାର୍ଥୀଙ୍କୁ ଭଲ ପ୍ରଦର୍ଶନରେ ସହାୟକ ହେବେ ତାହା ନୁହେଁ, ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବେ ବୋଲି ଦଳୀୟ ନେତା ଆଶାବ୍ୟକ୍ତ କରିଛନ୍ତି। ବିଭିନ୍ନ ରାଜ୍ୟରେ କଂଗ୍ରେସ ସହଯୋଗୀ ଦଳଗୁଡିକୁ ଅଧିକ ଆସନ ଛାଡିଦେଇ ନିଜେ କମ୍ ଆସନରେ ଲଢୁଛି। ୨୦୦୪ ନିର୍ବାଚନରେ ବିରୋଧୀ ଦଳଗୁଡିକ ସହଯୋଗରେ କଂଗ୍ରେସ ଅଟଳ ବିହାରୀ ବାଜପେୟୀ ସରକାରଙ୍କୁ କ୍ଷମତାଚ୍ୟୁତ କରିପାରିଥିଲା। ୨୦୦୯ରେ ମଧ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ପୁନର୍ବାର ନିର୍ବାଚିତ ହୋଇଥିଲା। ୨୦୧୯ରେ ଅନୁରୂପ ଫଳାଫଳ ହେବ ବୋଲି କଂଗ୍ରେସ ନେତାମାନେ ଆଶାବାଦୀ ଅଛନ୍ତି।

ବିହାରରେ ୪୦ ଆସନରୁ କଂଗ୍ରେସ ୯ଟିରେ ଲଢୁଥିବାବେଳେ ମହାରାଷ୍ଟ୍ରରେ ୪୮ରୁ ୨୬, କର୍ଣ୍ଣାଟକରେ ୨୮ରୁ ୨୦ ଆସନ, ଝାଡଖଣ୍ଡରେ ୧୪ରୁ ୭ ଆସନ ଏବଂ ତାମିଲନାଡୁରେ ୩୯ରୁ ୯ ଆସନ ପ୍ରାର୍ଥୀ ଦେଇଛି। ଜମ୍ମୁ-କଶ୍ମୀରରେ କଂଗ୍ରେସ ୨ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଅନ୍ୟ ଦୁଇଟିରେ ସହଯୋଗୀ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ସହ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଦ୍ୱନ୍ଦ୍ୱିତା କରିବ।




# ୨୯ ଓ ୧ରେ ଓଡ଼ିଶା ଆସିବେ ମୋଦି

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**

- ୨୯ରେ ଜୟପୁର, ୧ରେ କଳାହାଣ୍ଡି ଆସିବେ
- ୨୬ରେ ଆସୁଛନ୍ତି ୬ କେନ୍ଦ୍ରମନ୍ତ୍ରୀ
- ମୋଦିଙ୍କ ଗସ୍ତର ୭ଦିନ ପରେ ଆସିପାରନ୍ତି ଶାହ
- ରାହୁଲଙ୍କ ସଭାକୁ କାଉଣ୍ଟର ପାଇଁ ଲକ୍ଷ୍ୟ

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ସବୁ ଦଳରେ ପ୍ରାର୍ଥୀ ଚୟନ ସହ ଅସନ୍ତୁଷ୍ଟମାନଙ୍କୁ ମନାଇବା ଏକ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ହେଲେ ଏହା ମଧ୍ୟରେ ଦୁଇ ଦଳ ବିଜେଡି ଏବଂ ଭାଜପା ନିର୍ବାଚନ ପାଇଁ ନିଜର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିସାରିଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ରହିଛି। ଖୁବ୍‌ଶୀଘ୍ର ଦଳ ଏହା ଘୋଷଣା କରିବ ବୋଲି ଜଣାପଡିଛି। ଭାଜପା ନିଜ ଷ୍ଟାର ପ୍ରଚାରକ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ରଖିଛି। ଏହିକ୍ରମରେ ଚଳିତ ମାସ ୨୯ ଓ ଏପ୍ରିଲ ୧ରେ ଦଳୀୟ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସୁଛନ୍ତି। ମୋଦିଙ୍କ ଏହି ଗସ୍ତ ସୂଚନା ମିଳିବାପରେ ଭାଜପା ନେତୃବୃନ୍ଦ ଏବଂ କର୍ମୀ ମହଲରେ ଉତ୍ସାହ ବଢିଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆସନ୍ତା ୨୬ରେ ୬ଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ଓଡିଶା ଆସିବେ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

କିଛିଦିନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସି କଳାହାଣ୍ଡି ଏବଂ ଜୟପୁରଠାରେ ସାଧାରଣ ସଭା କରି ଉଭୟ ମୋଦି ଏବଂ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଏହି ଗସ୍ତ କାଳରେ ଚାଷୀମାନଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହାକୁ କାଉଣ୍ଟର କରିବା ଲାଗି ସମାନ ସ୍ଥାନରେ ଭାଜପାର ସାଧାରଣ ସଭା ଆୟୋଜନ କରାଯାଉଥିବା ଜଣାପଡିଛି। ଆସନ୍ତା ୨୯ରେ ମୋଦି ରାଜ୍ୟ ଗସ୍ତରେ ଆସି ଜୟପୁରଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ। ଏହାର ୨ ଦିନ ପରେ ଅର୍ଥାତ୍ ଏପ୍ରିଲ ୧ରେ କଳାହାଣ୍ଡି ଆସି ରାଜନୈତିକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସବୁ ଦଳର ବର୍ତ୍ତମାନ ପଶ୍ଚିମ ଓଡିଶା ଭୋଟରଙ୍କ ଉପରେ ନଜର ରହିଛି। ମୋଦିଙ୍କ ଗସ୍ତର ୭ଦିନ ପରେ ଶାହଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଅପରପକ୍ଷରେ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ବିଜୟ ସଂକଳ୍ପ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୬ କେନ୍ଦ୍ରମନ୍ତ୍ରୀ ତଥା ସଞ୍ଜୟ ପାଶ୍ୱାନ, ଶିବରାଜ ସିଂ ଚହ୍ୱାନ, ଆର୍‌.କେ. ସିଂ, ରାମ ବିଚାର ନେତମ, ରାଧାମୋହନ ସିଂ ଏବଂ ଜୟନ୍ତ ସିହ୍ନା ୨୬ରେ ଓଡିଶା ଆସିବେ। ଭାଜପା ନିଜ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଚୂଡାନ୍ତ କରିସାରିଥିବା ବେଳେ ବିଜେଡି ସଭାପତି ରବିବାର ନୟାଗଡଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ଆରମ୍ଭ କରିଛନ୍ତି।

# ଆଜିଠାରୁ ମାଟ୍ରିକ ଖାତା ଦେଖା ଆରମ୍ଭ

**କଟକ ଅଫିସ,୨୪।୩:** ସୋମବାରଠାରୁ ଆରମ୍ଭ ହେବ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ଖାତା ଦେଖା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାଜ୍ୟର ୬୦ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହେବ। ଆବଶ୍ୟକସ୍ଥଳେ ସନ୍ଧ୍ୟା ୬ଟା ଯାଏ ଖାତାଦେଖା ସମୟ ଘୁଞ୍ଚାଯିବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୂଚନା ଦେଇଛନ୍ତି। ରବିବାର ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ପରୀକ୍ଷକମାନେ ପହଞ୍ଚି ସାରିଥିବାବେଳେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ମୂଲ୍ୟାୟନ ସମ୍ପର୍କିତ ବୈଠକ ଡକାଯାଇଥିଲା। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର ଖାତା ଦେଖା ନିମନ୍ତେ ମୋଟ୍ ୧୬,୦୩୦ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ମଧ୍ୟମା ପରୀକ୍ଷା ଖାତା ଦେଖିବେ ୧୭୬ଜଣ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ମୁଖ୍ୟ ପରୀକ୍ଷକ ଭାବେ ୭୬୧ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହାଛଡ଼ା ୧୪୮୨ଜଣଙ୍କୁ ଡେପୁଟି ମୁଖ୍ୟ ପରୀକ୍ଷକ, ୧୨,୨୬୫ଜଣଙ୍କୁ ସହକାରୀ ପରୀକ୍ଷକ, ୧୫୨୨ଜଣ ସ୍କ୍ରୁଟିନାଇଜର ଭାବେ ନିଯୁକ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ଉପରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି ବୋର୍ଡ ସଭାପତି ଡ. ବେଗମ୍। ପରୀକ୍ଷା କମିଟିର ନିଷ୍ପତ୍ତିକୁ ସର୍ବସାଧାରଣରେ ଘୋଷଣା କରାଯାଇ ପାରିବନାହିଁ। ପରୀକ୍ଷା କମିଟିର ନିଷ୍ପତ୍ତି ଓ ସେମାନଙ୍କ ମୂଲ୍ୟାୟନକୁ ଗୋପନୀୟ ରଖାଯାଇଛି ବୋଲି ସେ କହିଥିଲେ। ପରୀକ୍ଷାର୍ଥୀଙ୍କ ଅଭିଭାବକ ଓ ସମ୍ପର୍କୀୟମାନଙ୍କ ବିଶୃଙ୍ଖଳିତ ଆଚରଣ ସମେତ ଅଧିକ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ ହେବା ଅଭିଯୋଗରେ ବୋର୍ଡ କର୍ତ୍ତୃପକ୍ଷ ୩ଟି ପରୀକ୍ଷା କେନ୍ଦ୍ରର ଇଂଲିଶ ପରୀକ୍ଷା ବାତିଲ କରିଥିଲେ। ଏହି କେନ୍ଦ୍ରଗୁଡ଼ିକ ହେଉଛି ବଲାଙ୍ଗୀର ଜିଲାର ଘୁମୁସର ସରକାରୀ ନୋଡ଼ାଲ ହାଇସ୍କୁଲ, ଢେଙ୍କାନାଳ ଜିଲା ପଳାସପିଠିଆର ପି.ଆର ହାଇସ୍କୁଲ ଓ କଟକ ଜିଲା ଅନ୍ତର୍ଗତ ଗୋପୀନାଥପୁରର କୃପାସିନ୍ଧୁ ନୋଡାଲ ହାଇସ୍କୁଲ। ଏହାଛଡ଼ା ମାଲକାନଗିରି ଜିଲା ପଡ଼ିଆସ୍ଥିତ ଏସ୍‌.ଏସ୍‌.ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦୮ଜଣ ପରୀକ୍ଷାର୍ଥୀଙ୍କ ଗଣିତ ଉତ୍ତରଖାତା ଗାଏବ ହୋଇଯାଇଛି।











ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣକୁ ନେଇ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓ୍ୱାଇସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ସେତେବେଳେ ମୋଦି କ'ଣ ଗୋମାଂସରେ ପ୍ରସ୍ତୁତ ବିରିଆନି ଖାଇ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ବାଲାକୋଟ ଆତଙ୍କବାଦୀ ଶିବିରରେ ୩୦୦ ମୋବାଇଲ ଫୋନ୍ ସକ୍ରିୟ ଥିବା ଦେଖିପାରିଲ ଅଥଚ ପୁଲୱାମାକୁ ଯାଉଥିବା ୫୦ କିଲୋଗ୍ରାମ ଆର୍‌ଡିଏକ୍ସକୁ କିପରି ଦେଖିପାରିଲ ନାହିଁ ବୋଲି ଆସାଦୁଦ୍ଦିନ କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସିମ୍‌ରନ୍
ପରିବାରବର୍ଗ



ଅନୁସ୍କା
ପରିବାରବର୍ଗ



ଲିଜା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified





### SALE

WagonR 2010, Alto 2013, Indica 2012 model for sale. Two wheeler also available. Contact Motodeal, Cuttack. 9437323645. D-66036

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100.D-11548





### SALE

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66047

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Booking simplex 2BHK 1200 sqft. land 20,50,000/- near Tankapani road Sai Temple 70% finance available. 7735738102. D-11721

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/- . 8658962508, 8480864171. D-66302

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65306

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Kalingavihar 1250/-, CV Raman College 600/-, Xavier University 140/-. 9337381796. D-56638

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65307

**ପିତାପଲ୍ଲିଛକ NH-5ରୁ 100ft. ଦୂରତାରେ 30' roadକୁ ଲାଗି BDA commercial plot ବିକ୍ରିହେବ। 8917543041.** D-66309





Open space available at Pahal near Utkal Signature (Audi Showroom) 15000 sqft. and 25000 sqft. Contact: 9338401309, 9853916309. D-62171

### ACCOMMODATION

We largest realestate marketing agency requires project of plot, duplex and apartment in Bhubaneswar and near Bhubaneswar for exclusive marketing rights, if any builder, property owners are interested to quickly dispossed of his property, then contact us immediately. 9937711302. D-66052





Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7381239385, 06742540855. D-66038

Experience full body massage with us by experts. Enquiry. 0674 2597822, 7377048581. D-66039

Herbal full body massage by smart/ expert therapist. Contact: 8338067247. D-66040

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

Ayurvedic full body massage ladies/ gents smart experts therapist. 9114697517. D-65859

**ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଶୁଭେଚ୍ଛା**



(ରିଷି)
**ଆୟୁଷ୍ମାନ ମୋହିତ**
ଭୀମଟାଙ୍ଗି, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ କୋଟି ପରମାୟୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ଜେଜେ-ମାନସ, ଜେଜେମା- ସରସ୍ୱତୀ, ସଂଯୁକ୍ତା, ସ୍ନିଗ୍ଧା, ନୃସିଂହ କୁମାର, ଅନିମା, ମୋହନ, ସୁମିତ୍ରା, ମୁରାରୀ, ରିଙ୍କି, ମୁକୁନ୍ଦ ପ୍ରସାଦ ଓ ପରିବାର ଆତ୍ମୀୟସ୍ୱଜନ। ଧ-୧୧୮୦୯

**ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଶୁଭେଚ୍ଛା**



(ରିଦ୍ଧି)
**ଆୟୁଷ୍ମତୀ ମାନବୀ**
ଭୀମଟାଙ୍ଗି, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ କୋଟି ପରମାୟୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ଜେଜେ-ମାନସ, ଜେଜେମା- ସରସ୍ୱତୀ, ସଂଯୁକ୍ତା, ସ୍ନିଗ୍ଧା, ନୃସିଂହ କୁମାର, ଅନିମା, ମୋହନ, ସୁମିତ୍ରା, ମୁରାରୀ, ରିଙ୍କି, ମୁକୁନ୍ଦ ପ୍ରସାଦ ଓ ପରିବାର ଆତ୍ମୀୟସ୍ୱଜନ। ଧ-୧୧୮୧୦

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ଆୟୁଷ୍ମାନ ମେହେର**
ଶୁଭ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ। ଶୁଭେଚ୍ଛା ଜଣାଇଛନ୍ତି: ବାପା, ନାନୀ, ଦାଦା, ଅମ୍ବିତ, କୁନି, ରଶ୍ମି ଏବଂ ସମସ୍ତ ପରିବାରବର୍ଗ। ଧ-୧୧୭୮୩

**ଶୁଭ ବ୍ରତୋପନୟନ ଶୁଭେଚ୍ଛା**





(ପ୍ରଭୁ)
**ରିତୁରାଜ**
ଭାଗ୍ୟଲକ୍ଷ୍ମୀ ଓ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କ ସୁପୁତ୍ର
ଜଗନ୍ନାଥପୁର, ପିପିଲି
ନବବ୍ରହ୍ମଚାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ଚଲାପଥ କୁସୁମିତ କରନ୍ତୁ। ପପୁଲାର ଅଟୋମୋବାଇଲସ୍, ପିପିଲି। ଧ-୧୧୭୮୪


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଛି ତଥ୍ୟ

ଚଳିତ ମାସରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକ ମାନେ ୩୮,୨୧୧ କୋଟି ଟଙ୍କା ନିବେଶ କରିଛନ୍ତି। – ବିଏସ୍‌ଇ

## ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ଆହତ

### ପିସ୍ତଲ, ଗୁଳି ଜବତ

**ରାଉରକେଲା ଅଫିସ/ ବେଦବ୍ୟାସ, (ଡି.ଏନ୍.ଏ.) ୨୪।୩**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଡ଼ମାରାଇନ ତିତିରିବିନ୍ଧି ନିକଟ ରୁତୁକୁପେଡ଼ି-ଫିକରଚୁନ୍ଦି ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ରବିବାର ଏନ୍‌କାଉଣ୍ଟରରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଆହତ ହୋଇଛନ୍ତି। ତାଙ୍କ ନାମ ଅନିଲ ତିର୍କୀ (୨୬)। ଅନିଲଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ନିକଟରୁ ପୋଲିସ ଏକ ପିସ୍ତଲ, ୩ ରାଉଣ୍ଡ ଗୁଳି ଓ ଜେଏଚ୍୦୧-ସିଏସ୍୩୩୧୪ନଂ ବାଇକ୍ ଜବତ କରିଛି। ସୂଚନାନୁସାରେ, ରବିବାର ଅପରାହ୍ନ ୨ଟାରେ ତିତିରିବିନ୍ଧି ଦେଇ ଅନିଲ ଖସି ପଳାଉଥିବା ପୋଲିସ ସୂଚନା ପାଇଥିଲା। ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ସନ୍ତୋଷ ଜେନା ଓ କଳୁଙ୍ଗା ଫାଣ୍ଡି ଅଧିକାରୀ ଦୁର୍ଗା ଜେନାଙ୍କ ସହ ରାଉରକେଲା ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ଅନିଲ ପୋଲିସକୁ ଆକ୍ରମଣ କରିବାରୁ ପୋଲିସ ପାଲଟା ଗୁଳି ଚଳାଇଥିଲା। ଗୋଟିଏ ଗୁଳି ତାଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଆହତ ଅବସ୍ଥାରେ ପୋଲିସ ତାଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଓ ରାଉରକେଲା ପୋଲିସ ଜିଲାରେ ଅନିଲଙ୍କ ବିରୋଧରେ ୧୫ରୁ ଉର୍ଦ୍ଧ୍ୱ ମାମଲା ରହିଛି। ଲାଠିକଟା ଓ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନରେ ଥିବା ୨ ମାମଲା ଆଧାରରେ ପୋଲିସ ଦୀର୍ଘଦିନ ହେବ ତାଙ୍କୁ ଖୋଜୁଥିଲା। ପୂର୍ବରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ପୋଲିସ ତାଙ୍କୁ ଧରିବାକୁ ଦୀର୍ଘଦିନରୁ ଉଦ୍ୟମ ଚଳାଇଥିଲା।

## ସହକାରୀ ଜିଲାପାଳଙ୍କ ଆତ୍ମହତ୍ୟା

### କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା ଅଭିଯୋଗ ଆଣିଲେ ପୁତୁରା

**ରାୟଗଡ଼ା ଅଫିସ,୨୪।୩**



ଶିବପ୍ରସାଦ ପାଣିଗ୍ରାହୀ

ରାୟଗଡ଼ା ସହକାରୀ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ରବିବାର ଆତ୍ମହତ୍ୟା କରିଛନ୍ତି। ବହୁ ମାତ୍ରାରେ ବଟିକା ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଅନ୍ୟ ପ୍ରଶାସନିକ ଅଧିକାରୀ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତେବେ ତାଙ୍କ ଉପରେ କେଉଁ ପ୍ରକାର ଚାପ ରହିଥିଲା ନା ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଏବେ ବଡ଼ ପ୍ରଶ୍ନ। ପୂର୍ବରୁ ଏଠାରେ ଜଣେ ଜିଲା ମଙ୍ଗଳ ଅଧିକାରୀ ମଧ୍ୟ କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା କରିଥିବା ଅଭିଯୋଗ ରହିଛି। ରବିବାର ଏଭଳି ଘଟଣା ପରେ ରାୟଗଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୧୧/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି।

## ଆହୁରି ୩ ଦିନ ଗ୍ରୀଷ୍ମ ପ୍ରବାହ

### ମାଲକାନଗିରିରେ ସର୍ବାଧିକ ୪୦ ଡିଗ୍ରୀ ତାପମାତ୍ରା

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ରବିବାର ଅଧିକାଂଶ ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଥିଲା। ଝାଞ୍ଜି ପବନ ସାଙ୍ଗକୁ ଅଧିକ ଖରା ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଆସନ୍ତା ୩ ଦିନ ମଧ୍ୟ ଏଭଳି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗକୁ ଗ୍ରୀଷ୍ମ ପ୍ରବାହ ଆହୁରି ଅସହ୍ୟ ହୋଇପଡ଼ିବ। ମାଲକାନଗିରିରେ ଗତ କିଛିଦିନ ହେବ ପାରଦ ୪୦ ଡିଗ୍ରୀ ଛୁଉଁଥିବା ବେଳେ ରାଜ୍ୟର ବାକି ସ୍ଥାନରେ ପାରଦ ୨ରୁ ୩ ଡିଗ୍ରୀ ବଢ଼ିଥିବା ଦେଖାଯାଇଛି।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ହାରାହାରି ୩୯ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ପାଖାପାଖି ରହିବ। ଏହା ପ୍ରଭାବରେ ପୂର୍ବାହ୍ନରେ ଗରମ ଅନୁଭୂତ ହେବ ଏବଂ ଅପରାହ୍ନରେ କାଳବୈଶାଖୀ ଜନିତ ବର୍ଷା, ପବନ ହୋଇପାରେ। ଆସନ୍ତା ୨୬ ଓ ୨୭ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, ଖୋର୍ଦ୍ଧା, ନୟାଗଡ଼ ଆଦି ସ୍ଥାନରେ କାଳବୈଶାଖୀ ହେବା ସମ୍ଭାବନା ରହିଛି। ୨୮ତାରିଖରୁ ପାଗରେ ପରିବର୍ତ୍ତନ ଆସିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମାଲକାନଗିରି ୪୦ ଡିଗ୍ରୀ ପରେ ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ଭୁବନେଶ୍ୱରରେ ରବିବାର ୩୮.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି କଟକ ୩୭.୬, ଅନୁଗୋଳ ୩୭.୧, ବଲାଙ୍ଗୀର ୩୭, ହୀରାକୁଦ ଓ ତାଳଚେର ୩୬.୫, ସମ୍ବଲପୁର ଓ ଝାରସୁଗୁଡ଼ା ୩୬.୧, ସୋନପୁର, କୋରାପୁଟ ଓ ଭବାନୀପାଟଣା ୩୫.୮ ଏବଂ ବାରିପଦା ଓ ସୁନ୍ଦରଗଡ଼ରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବାକି ଅନ୍ୟ ସହରଗୁଡ଼ିକରେ ୩୨ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

## ହଜାଇଦେଲେ...

ଲକ୍ଷ ଲକ୍ଷ ଚାକିରିଆ ନିଯୁକ୍ତି ହରାଇ ବେକାର ହୋଇଗଲେ ଏବଂ ଛୋଟ ବ୍ୟବସାୟୀ ବାଧହୋଇ ବେପାର ପେଡ଼ି ବନ୍ଦ କଲେ। ଦେଶରେ ବେକାରି ସମସ୍ୟା ୪୫ ବର୍ଷ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ନିଯୁକ୍ତି ଆଶାୟୀ ଯୁବତୀଯୁବକମାନେ କର୍ମସଂସ୍ଥାନ ପାଇଁ ଘୂରି ବୁଲୁଛନ୍ତି। କାମଧନ୍ଦା ଅଭାବ ଯୋଗୁ ଲକ୍ଷ ଲକ୍ଷ ପରିବାର ଅନ୍ୟ ରାଜ୍ୟ ଓ ଦେଶକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସମାଗ୍ରୀର ଉଚିତ ମୂଲ୍ୟ ମିଳୁନାହିଁ। ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ସରକାର ପ୍ରୟାସ ଚଳାଇଥିବା କହୁଛନ୍ତି। କିନ୍ତୁ ହକ୍ ମାଗିଲେ ଗୁଳି ମିଳୁଛି। ଆନ୍ଦୋଳନ କଲେ ମୁଣ୍ଡ ଗଡୁଛି। ଫସଲହାନିରେ ମର୍ମାହତ ଚାଷୀ ଋଣବୋଝରେ ଉବୁଟୁବୁ ହୋଇ ଶେଷରେ ଆତ୍ମହତ୍ୟା କରୁଛି।

ଭାରତରେ ମହିଳାଙ୍କ ବିରୋଧରେ ଘଟୁଥିବା ଚତୁର୍ଥ ହିଂସା ହେଉଛି ବଳାତ୍କାର। ଦେଶରେ ପ୍ରତିଦିନ କେଉଁଠି ନା କେଉଠି ମହିଳାମାନେ ଶାରୀରିକ ନିର୍ଯାତନା ଓ ଉତ୍ପୀଡ଼ନର ଶିକାର ହେଉଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ସବୁବେଳେ ସରକାରୀ ଅଙ୍କୁଶ ଦେଖିବାକୁ ମିଳିଛି। ବାସ୍ତବ ଚିତ୍ର ସାମ୍ନାକୁ ଆଣି କେନ୍ଦ୍ରର ନୀତିଗୁଡ଼ିକୁ ସମାଲୋଚନା କରୁଥିବା ଲେଖକ, ଖବରଦାତା ଓ ବୁଦ୍ଧିଜୀବୀଙ୍କୁ ଅନେକ ସମୟରେ ଜୀବନ ହାରିବାକୁ ପଡ଼ିଛି। ଗୋବିନ୍ଦ ପାନ୍‌ସରେ(୨୦୧୫ ଫେବୃୟାରୀ), ଏମ୍.ଏମ୍. କଲବୁର୍ଗୀ (୨୦୧୫ ଅଗଷ୍ଟ) ଓ ଗୌରୀ ଲଙ୍କେଶ (୨୦୧୭ ସେପ୍ଟେମ୍ବର)ଙ୍କ ହତ୍ୟାକାଣ୍ଡ ଏହାର ଗୋଟିଏ ଗୋଟିଏ ଜ୍ୱଳନ୍ତ ଦୃଷ୍ଟାନ୍ତ। ବିଶେଷକରି ୨୦୧୪ରୁ ଏହି ଧାରା ଲମ୍ବିବାରେ ଲାଗିଛି। ଗୋସୁରକ୍ଷା ନାମରେ ତଥାକଥିତ ଗୋରକ୍ଷକ ଓ ହିନ୍ଦୁବାଦୀମାନେ ଦଳିତ ଏବଂ ସଂଖ୍ୟାଲଘୁଙ୍କୁ ବିଗତ ୫ ବର୍ଷରେ କେତେଥର ଆକ୍ରମଣ କରି କେତେଜଣଙ୍କୁ ହତ୍ୟା କରିଛନ୍ତି, ଏହାର ହିସାବ ସରକାରଙ୍କ ନଥିପତ୍ରରେ ନ ଥିବ। ସବୁବେଳେ ଚର୍ଚ୍ଚାର ବିଷୟ ପାଲଟୁଥିବା ଏହି ପ୍ରସଙ୍ଗ ସମୟ ସ୍ରୋତରେ ଏବେ ଇତିହାସ ପାଲଟିଯାଇଛି। ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ବହୁକୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣୁଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ମଧ୍ୟ ନିର୍ବାଚନ ସମୟରେ ଏହି ପ୍ରସଙ୍ଗରେ ଏକପ୍ରକାର ଚୁପ୍ ବସିଯାଇଛି। ବିଦେଶ ବୁଲିବାରେ ସର୍ବାଧିକ ଅର୍ଥ (୨୦୧୪ରୁ ୨୦୧୯ ମଧ୍ୟରେ ୯୨ ଦେଶ, ୪୮ ଥର ଗସ୍ତରେ ୨୦୨୧ କୋଟି ଟଙ୍କା) ଶ୍ରାଦ୍ଧ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ନୀତି ବିଶେଷକରି ଚାଇନା ଓ ପାକିସ୍ତାନ ପ୍ରସଙ୍ଗରେ କଂଗ୍ରେସ ଟାର୍ଗେଟ କରିଆସିଛି। ଆଣବିକ ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀ (ଏନ୍‌ଏସ୍‌ଜି)ରେ ସଦସ୍ୟତା, ୨୦୧୭ ଜୁନ୍‌ର ଡୋକ୍‌ଲାମ୍ ବିବାଦ ଓ ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ଜାତିସଂଘରେ କଳାତାଲିକାଭୁକ୍ତ କରାଇବା ଉଦ୍ୟମ ସବୁଥିରେ (ଚାଇନା ଯୋଗୁ) ଭାରତକୁ ବାରମ୍ବାର ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଛି ବୋଲି କେନ୍ଦ୍ରକୁ ଟାର୍ଗେଟ କରୁଥିବା କଂଗ୍ରେସ ଚଳିତ ନିର୍ବାଚନରେ ଏହି ପ୍ରସଙ୍ଗ ଉଠାଉନାହିଁ। ପ୍ରାୟ ସବୁ ସାଧାରଣ ନିର୍ବାଚନର ଦଳୀୟ ଇସ୍ତାହାରରେ ରାମମନ୍ଦିର ନିର୍ମାଣର ପ୍ରତିଶ୍ରୁତି ଦେଉଥିବା ଭାଜପା ଏହାକୁ କେବଳ ଭୋଟ ଧ୍ରୁବୀକରଣର ଅସ୍ତ୍ର ଭାବେ ବ୍ୟବହାର କରୁଥିବା ବିରୋଧୀ ଅଭିଯୋଗ କରନ୍ତି। ଠିକଣା ବେଳେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାହି ଦେଇ ହାତବାନ୍ଧି ବସିଯାଇଛନ୍ତି। ଭାଜପାର ସଂକଳ୍ପପତ୍ର ପ୍ରକାଶ ପାଇଲେ ଏହାର ପରିବର୍ତ୍ତିତ ଆଭିମୁଖ୍ୟ ଜଣାପଡ଼ିବ।

ଅନ୍ୟପକ୍ଷରେ ଭାଜପା ନିର୍ବାଚନ ବେଳେ ଯେଉଁ ସବୁ ରଣନୀତି ଆପଣେଇ କ୍ଷମତାସୀନ ହୋଇଥାଏ, କଂଗ୍ରେସ ମଧ୍ୟ ସେହି ସହଜ ବାଟରେ ଚାଲୁଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭୋଟ ପାଇଁ ମଠମନ୍ଦିର ବୁଲି ଗଙ୍ଗାନଦୀକୁ ଆପଣେଇଛନ୍ତି। 'ନରମ ହିନ୍ଦୁତ୍ୱବାଦ'ର ଆଶ୍ରୟ ନେଇ ସଂଖ୍ୟାଗରିଷ୍ଠ ମତଦାତାଙ୍କ ଭୋଟ ହାତେଇବା ଆଶା ଏହାର ଏକମାତ୍ର କାରଣ ହୋଇପାରେ। ଏଭଳି ସମୟରେ ସମସ୍ତ ମୂଳ ପ୍ରସଙ୍ଗକୁ ପଛରେ ପକାଇ ଆତଙ୍କବାଦୀଙ୍କ ପୁଲୱାମା ଆକ୍ରମଣ ଓ ଭାରତୀୟ ବାୟୁସେନାର ବାଲାକୋଟ ପ୍ରତିଆକ୍ରମଣ କଥା ଉଠାଇ ଭାଜପା ଫାଇଦା ନେବାକୁ ଅଣ୍ଟାଭିଡ଼ିଛି ବୋଲି ବିଶ୍ଳେଷକମାନେ ମତବ୍ୟକ୍ତ କରୁଛନ୍ତି। ମୋଦି ମଧ୍ୟ ଆଉ 'ବିକାଶ' କଥା ପ୍ରାୟତଃ କହୁନାହାନ୍ତି। ତେଣୁ ଭୋଟର ଏଥର କେଉଁ ପ୍ରସଙ୍ଗକୁ ନେଇ ମତଦାନ କରିବେ ସେନେଇ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି ସୃଷ୍ଟି ହେବା ଅସ୍ୱାଭାବିକ ନୁହେଁ ବୋଲି ଚର୍ଚ୍ଚା ହେଉଛି।

## ବିଜେଡିର...

ପାଣିଗ୍ରାହୀ ଏବଂ ରୋହିତ ପୂଜାରୀଙ୍କୁ ପୁଣିଥରେ ଟିକେଟ ପ୍ରଦାନ କରାଯାଇଛି। ଝରିଗାଁ ବିଧାୟକ ତଥା ମନ୍ତ୍ରୀ ରମେଶ ମାଝି ନବରଙ୍ଗପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ରମେଶଙ୍କ ସ୍ଥାନରେ ତାଙ୍କ ଭାଇ ପ୍ରକାଶ ମାଝିଙ୍କୁ ପ୍ରାର୍ଥୀ କରାଯାଇଛି। ମାଲକାନଗିରି ବିଧାୟକ ଥିବା ମାନସ ମାଡକାମୀ, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି ଏବଂ ପଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ଟିକେଟ ମିଳିନାହିଁ। ସେହିପରି ଗତଥର ବଲାଙ୍ଗୀର ବିଧାନସଭାରୁ ପ୍ରାର୍ଥୀ ହୋଇଥିବା ଏ.ୟୁ. ସିଂଦେଓଙ୍କ ବଦଳରେ ତାଙ୍କ ପୁତ୍ର ଅର୍କେଶଙ୍କୁ ଟିକେଟ ପ୍ରଦାନ କରାଯାଇଛି। ବ୍ରଜରାଜନଗରରେ ଅନୁପ ସାଏଙ୍କୁ ପରିବର୍ତ୍ତନ କରାଯାଇ କିଶୋର ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଅନୁପଙ୍କୁ ଆଗାମୀ ଦିନରେ ରାଜ୍ୟ ସଭାରେ ଥଇଥାନ କରାଯିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି ପ୍ରଭାବରେ ସାହସିକତାର ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ରାହୁଙ୍କ ପ୍ରଭାବଜନିତ ପାଖ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କରିପାରନ୍ତି। ବନ୍ଧୁମାନଙ୍କ ସହଯୋଗ କାର୍ଯ୍ୟକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ଯାତ୍ରା ସମୟରେ ନିକଟ ସମ୍ପର୍କୀୟମାନଙ୍କୁ ଅପେକ୍ଷା କରି କରି ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ**
କର୍ମଭାବରେ ବୁଧ ଓ ଶୁକ୍ର ଏକାଧାରରେ ଅର୍ଥ, ସମ୍ମାନ ଓ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନରେ ସହାୟକ ହେବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଅତୀତରୁ ଲାଗି ରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବାର ଆଶଙ୍କା ରହିଛି। ମାଙ୍ଗଳିକ କାମରେ ବ୍ୟସ୍ତ ରହି ଗୁରୁତ୍ୱପୂର୍ଣ୍ଣ କାମଟିକୁ ପାଶୋରି ଦେଇପାରନ୍ତି।

**ମିଥୁନ**
ରାଶିରେ ବଳବାନ୍ ରାହୁ ଧନାଧିପତି ଠାରୁ ଅଷ୍ଟମସ୍ଥ ହେତୁ ଆପଣଙ୍କ ପ୍ରାପ୍ତି ଆଶା ନିରର୍ଥକ ହେବନାହିଁ। ପଦସ୍ଥବ୍ୟକ୍ତିଙ୍କ ହସ୍ତକ୍ଷେପ ଦ୍ୱାରା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ୍ ହୋଇ ପାରନ୍ତି। ବନ୍ଧୁମାନଙ୍କର ପ୍ରତ୍ୟେକ କାର୍ଯ୍ୟ ଓ ଚାଲିଚଳନ ଆପଣଙ୍କ ପସନ୍ଦଯୋଗ୍ୟ ନ ହୋଇପାରେ।

**କର୍କଟ**
ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ସମ୍ମାନଜନକ ସ୍ଥିତି ସଙ୍ଗକୁ ଅର୍ଥ ଓ ଉପହାରାଦି ପ୍ରଦାନ କରିପାରେ। ଏକାଦଶସ୍ଥ ମଙ୍ଗଳ ଯୋଗ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ । ଶନିଙ୍କ ପ୍ରଭାବରେ ସାଧାରଣ କଥାରେ ମଧ୍ୟ ସନ୍ଦେହ କରି ନିଜ ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ମହିଳା ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା**
ରବି ଅଷ୍ଟମସ୍ଥାନସ୍ଥ ହେତୁ ସରକାରୀ ସ୍ତରରେ ସମସ୍ୟା ଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବ୍ୟୟାଧିପ ଚତୁର୍ଥଭାବରେ ରହି ଆପଣଙ୍କ ନୂତନ ଯାନବାହନ, ଗୃହ, ଯାନ୍ତ୍ରିକ ଜିନିଷ କିମ୍ବା ମୂଲ୍ୟବାନ ଗୃହୋପକରଣ କ୍ରୟ କରାଇବାର ମାନସିକତା ପ୍ରଦାନ କରିବେ। ବୁଧଙ୍କ ଦୁର୍ବଳତା ଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହେବାର ସୂଚନା ରହିଛି।

**ତୁଳା**
ଚତୁଃକେନ୍ଦ୍ର ଗ୍ରହଶୂନ୍ୟ ହେତୁ ସବୁ କିଛି ଥାଇ ମଧ୍ୟ କିଛି ନ ଥିବା ଭଳି ଅନୁଭବ କରିବେ। ଅବଶ୍ୟ ମୁଖଭାବରେ ଶୁଭଗ୍ରହ ପ୍ରଭାବରେ ବନ୍ଧୁଙ୍କ ଶ୍ରୁତିମଧୁର କଥା ସହ ଅର୍ଥଲାଭ ଘଟିପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ କିଛିନାକିଛି ଅଶାନ୍ତି ଓ ଅସନ୍ତୋଷ ମାନସିକ ସୁସ୍ଥତାକୁ ନଷ୍ଟ କରିବ।

**ବିଛା**
ଉଚ୍ଚ ଚିନ୍ତା ଓ ମହତ୍ ଉଦ୍ଦେଶ୍ୟ ନେଇ କାମ କଲେ ମଧ୍ୟ ଚତୁର୍ଥଭାବ ପ୍ରତି ଶନିଙ୍କ ଦୃଷ୍ଟି ଓଲଟାଫଳ ପ୍ରଦାନ କରିବ। ଫଳରେ ଭଲ କଲେ ମଧ୍ୟ ଅନ୍ୟମାନେ ତାହାକୁ ସକାରାତ୍ମକ ଭାବରେ ଗ୍ରହଣ କରିବେ ନାହିଁ। ବାଣିଜ୍ୟ,ବ୍ୟବସାୟ, ଆନୁଷ୍ଠାନିକ କାମ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଶନି ଓ କେତୁ ରାଶିରେ ରହି ଶାରୀରିକ ଓ ମାନସିକ ସୁସ୍ଥତାକୁ ନଷ୍ଟ କରିପାରନ୍ତି। ଅବଶ୍ୟ ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ସାମୟିକ ଆଶ୍ୱସ୍ଥି ଲାଭ କରିବେ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ହ୍ରାସ ଘଟିପାରେ। ଅର୍ଥ ସମ୍ପର୍କ, ବ୍ୟବସାୟ ଓ ଯାତ୍ରା ପ୍ରଭୃତିରେ କୌଣସି ଅସୁବିଧା ରହିବନାହିଁ।

**ମକର**
ଏକାଦଶସ୍ଥ ଚନ୍ଦ୍ର ଓ ବୃହସ୍ପତି କୌଣସି ଆତ୍ମୀୟ ସ୍ୱଜନଙ୍କ ସହ ସୁସମ୍ପର୍କ ସ୍ଥାପିତ କରାଇବ। ରଚନାତ୍ମକ କାର୍ଯ୍ୟ, ଆଲୋଚନା, ସଭାସମିତି, ନୂତନ କର୍ମାରମ୍ଭ ପ୍ରଭୃତି ପାଇଁ ଦିନଟି ବହୁତ ଭଲ। ଯାନବାହନ, ଲୋକସମ୍ପର୍କ ଓ ପାରିବାରିକ ସମସ୍ୟା ନେଇ ରହିଥିବା ଦୁଃଶ୍ଚିନ୍ତା ସାମୟିକ ମନକୁ ବିଭ୍ରାନ୍ତ କରାଇବ। ହଠାତ୍ କୌଣସି ଖବର ମନଦୁଃଖର କାରଣ ହୋଇପାରେ।

**କୁମ୍ଭ**
ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବ। ପ୍ରଶାସନିକ ସଫଳତା, ମାନସିକ ପ୍ରଫୁଲ୍ଲତା ଓ ଅର୍ଥନୈତିକ ଅଭିବୃଦ୍ଧିରୁ ଖୁସି ରହିବେ। ରାଜନୀତି କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ସ୍ୱାର୍ଥ ସାଧନ ମାନସରେ ବନ୍ଧୁଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ କରିବ।

**ମୀନ**
ଅନ୍ୟମାନଙ୍କୁ ଯେତେ ସାହାଯ୍ୟ କଲେ ମଧ୍ୟ ସେମାନେ ତାହାର ମୂଲ୍ୟ ବୁଝି ନ ପାରନ୍ତି। ପରିବାରରେ ମଧ୍ୟ ପ୍ରଶଂସା କରିବା ତେଣେ ଥାଉ ଆକ୍ଷେପୋକ୍ତି ଦ୍ୱାରା ମାନସିକ ଆଘାତ ପାଇ ଦୁଃଖ ପ୍ରକାଶ କରିବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ସାମୟିକ ଭାବରେ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଚୈତ୍ର କୃଷ୍ଣ ୫ମୀ ସୋମବାର, ମାର୍ଚ୍ଚ ୨୫ ତାରିଖ, ରାଶି ନକ୍ଷତ୍ର- ଅନୁରାଧା/ବିଛା, ମିଥୁନ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଅନୁରାଧା ନକ୍ଷତ୍ରେ ବ୍ରତୋପନୟନ, ସକାଳ ଘ୭।୨୦ମି. ମଧ୍ୟେ ଘ୧।୨୪ମି. ଗତେ, ଘ୨।୫୪ମି. ମଧ୍ୟେ ଘ୪।୨୫ମି. ଗତେ, ଘ୫।୫୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୫୧ମି. ଗତେ ଘ୧୦।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୭।୨୧ମି. ଗତେ ଘ୮।୫୧ମି. ମଧ୍ୟେ ରାହୁକାଳ।



ଶ୍ରୀନଗରର ଉପାନ୍ତ ଅଞ୍ଚଳରେ ନିରାପତ୍ତା ବାହିନୀ ରବିବାର ୩ଜଣ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀଙ୍କୁ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଶ୍ରୀନଗର-ବାରମୂଳା ରୋଡ୍‌ର ଲୱାୟପୋରାଠାରେ ପୋଲିସ ଓ ନିରାପତ୍ତା ବାହିନୀ ୩ ଆତଙ୍କବାଦୀଙ୍କୁ ଗିରଫ କରିଥିବା ଜଣେ ପୋଲିସ ମୁଖପାତ୍ର ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ଜୀବନ୍ତ ଗୁଳି ସମେତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଥିବା ବେଳେ ସେମାନଙ୍କ ନାମ ରୟିସ୍ ହୁରା, ଶହିଦ୍ ଭଟ୍ ଏବଂ ଇଶାକ ଲୋନ୍ ବୋଲି ଜଣାପଡ଼ିଛି।

# ରାଜ୍ୟର ୧୩ ଜିଲା ପିଏଚ୍‌ସିରେ ନାହିଁ ଶଯ୍ୟା

ଭୁବନେଶ୍ୱର,୨୪ା୩(ବ୍ୟୁରୋ)

- ଜାତୀୟ ହାରଠାରୁ ଊର୍ଦ୍ଧ୍ୱରେ ଓଡ଼ିଶାର ଶିଶୁ ଓ ମାତୃ ମୃତ୍ୟୁହାର
- ୧୧ ଜିଲାରେ ରକ୍ତହୀନତା ପ୍ରମୁଖ ସମସ୍ୟା
- ଆଦିବାସୀ ପ୍ରବଣ ଜିଲାରୁ କମୁନି କୁପୋଷଣ

ଭାରତୀୟ ଜନସ୍ୱାସ୍ଥ୍ୟ ମାନକ(ଇଣ୍ଡିଆନ ପବ୍ଲିକ ହେଲ୍‌ଥ ଷ୍ଟାଣ୍ଡାର୍ଡ) ଅନୁସାରେ ରାଜ୍ୟର ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି) ୪ରୁ ୬ ଶଯ୍ୟାବିଶିଷ୍ଟ ହେବାକୁ ଧାର୍ଯ୍ୟ କରାଯାଇଛି। ହେଲେ ଓଡ଼ିଶାରେ ମୋଟ ୧୩୦୫ ପିଏଚ୍‌ସିରେ ମାତ୍ର ୧୦୨୬ଟି ଶଯ୍ୟା ରହିଛି, ଯାହାକି ଆବଶ୍ୟକତାଠାରୁ ବହୁତ କମ୍। ସେହିଭଳି ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ୩୦ ଶଯ୍ୟାବିଶିଷ୍ଟ ହେବାର ନିୟମ ରହିଥିବା ବେଳେ ଏଠାରେ ୩୭୭ ସିଏଚ୍‌ସିରେ ମାତ୍ର ୫୮୧୭ଟି ଶଯ୍ୟା ରହିଛି। ବାଲେଶ୍ୱର, ବରଗଡ଼, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦୁଝର, କୋରାପୁଟ, ସୋନପୁର, ରାୟଗଡ଼ା, ନବରଙ୍ଗପୁର ଆଦି ୧୩ ଜିଲାର କୌଣସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଦୌ ଶଯ୍ୟା ନାହିଁ। ସେହିଭଳି ଦେଶରେ ମାତୃ ମୃତ୍ୟୁହାର ୭୦(ପ୍ରତି ୧ ହଜାରରେ) ଥିବାବେଳେ ଆମ ରାଜ୍ୟରେ ଏହି ଅନୁପାତ ରହିଛି ୧୮୦। ଦେଶରେ ନବଜାତ ଶିଶୁ ମୃତ୍ୟୁହାର ୧୨ ଥିବାବେଳେ ଆମ ରାଜ୍ୟରେ ଏହି ହାର ୩୭ ରହିଛି। ୫ ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର ଭାରତରେ ୨୫ ଥିବାବେଳେ ଓଡ଼ିଶାରେ ୪୫ ରହିଛି। ସ୍ୱାସ୍ଥ୍ୟ ସମସ୍ୟାଜନିତ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ଊର୍ଦ୍ଧ୍ୱରେ ରହିଛି।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୪(୨୦୧୫-୧୬)ର ତଥ୍ୟ ଆଧାରରେ ପ୍ରସ୍ତୁତ 'ହେଲ୍‌ଥ ଇନ୍‌ଇକ୍ୱାଲିଟି ଆଣ୍ଡ ଇକ୍ୱିଟି ଇନ୍ ଓଡ଼ିଶା' ରିପୋର୍ଟରୁ ଏଭଳି ତଥ୍ୟ ଜଣାପଡ଼ିଛି। ସିୱାଇଏସ୍‌ଡି ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟ ଅନୁଯାୟୀ, ଓଡ଼ିଶାର ମାତ୍ର ୧୩ ପ୍ରତିଶତ ପିଏଚ୍‌ସିରେ ରୋଗୀଙ୍କ ପାଇଁ ଶଯ୍ୟା ରହିଛି। ଅଧିକାଂଶ ପିଏଚ୍‌ସିରେ ଶଯ୍ୟା ନ ଥିବାରୁ ଗ୍ରାମାଞ୍ଚଳ ଲୋକେ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଦେଶରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମଧ୍ୟରେ କମ୍ ଓଜନର ଶିଶୁଙ୍କ ହାର ୩୫.୭ ଥିବାବେଳେ ରାଜ୍ୟରେ ଏହା ୩୪.୪ ରହିଛି। ଯଦି ଜିଲାସ୍ତରକୁ ଅନୁଶୀଳନ କରାଯାଏ, ତେବେ ଉପକୂଳ ଓଡ଼ିଶାର ୧୨ ଜିଲାକୁ ଛାଡ଼ିଦେଲେ ଉତ୍ତର, ପଶ୍ଚିମ, ଦକ୍ଷିଣ ଓ ମଧ୍ୟ ଓଡ଼ିଶାର ଏହି ହାର ରାଜ୍ୟ ଏବଂ ଦେଶ ହାରଠାରୁ ବହୁତ ଅଧିକ ରହିଛି। ଓଡ଼ିଶାରେ ପୁରୁଷଙ୍କ ତୁଳନାରେ ମହିଳା ଓ ଶିଶୁଙ୍କଠାରେ ଅଧିକ ରକ୍ତହୀନତା ଦେଖିବାକୁ ମିଳିଛି। ୩୦ ଜିଲାରୁ ୧୧ ଜିଲାର ଅଧିକାଂଶ ମହିଳା ଓ ଶିଶୁ ଏହି ରୋଗରେ ପୀଡ଼ିତ ହୋଇଥିବା ବେଳେ ସୁନ୍ଦରଗଡ଼, ସମ୍ବଲପୁର, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାରେ ସର୍ବାଧିକ ୭୦ ପ୍ରତିଶତ ମହିଳାଙ୍କଠାରେ ରକ୍ତହୀନତା ଦେଖିବାକୁ ମିଳିଥାଏ। ସେହିଭଳି ସୁନ୍ଦରଗଡ଼, ସୋନପୁର, ମାଲକାନଗିରି, ନବରଙ୍ଗପୁର, ସମ୍ବଲପୁର ଓ କୋରାପୁଟରେ ୭୦ ପ୍ରତିଶତରୁ ଅଧିକ ଶିଶୁ ରକ୍ତହୀନତାରେ ପୀଡ଼ିତ ଥିବା ଜଣାପଡ଼ିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, କନ୍ଧମାଳ, ବରଗଡ଼, ବଲାଙ୍ଗୀର ଓ ବୌଦ୍ଧ ଭଳି ଆଦିବାସୀ ପ୍ରବଣ ଜିଲାରେ କୁପୋଷଣ ଏକ ପ୍ରମୁଖ ସମସ୍ୟା ପାଲଟିଛି। ଆବଶ୍ୟକ ପୋଷଣ ଅଭାବରୁ ରାଜ୍ୟର ୩୪.୧ ପ୍ରତିଶତ ଶିଶୁଙ୍କ ବିକାଶ ଠିକ୍ ଭାବେ ହୋଇପାରୁନାହିଁ ଏବଂ ୨୪.୪ ପ୍ରତିଶତ ଶିଶୁ କମ୍ ଓଜନର ହେଉଥିବା ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜ୍ୟରେ ସରକାରୀ ଡାକ୍ତରଖାନାରେ ପ୍ରସବ ବାବଦ ହାତଖର୍ଚ୍ଚ ୪୨୨୬ ଟଙ୍କା ରହିଥିବା ବେଳେ ମାଲକାନଗିରିରେ ଏହା ସର୍ବନିମ୍ନ ୧୪୫୪ ଟଙ୍କା ଏବଂ ପୁରୀରେ ସର୍ବାଧିକ ୬୯୭୨ ଟଙ୍କା ରହିଛି। ସିୱାଇଏସ୍‌ଡିର ୩୭ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ରିପୋର୍ଟ ଉନ୍ମୋଚିତ ହୋଇଛି।

## ଦୁର୍ଘଟଣାରୁ ବର୍ତ୍ତିଲା ଟାଟା-ଏଏଲ୍‌ଏଲ୍‌ପି ଏକ୍ସପ୍ରେସ୍

**ରାଉରକେଲା ଅଫିସ,୨୪ା୩:** ରେଲୱେ ଟ୍ରାକ୍‌ମ୍ୟାନଙ୍କ ଉପସ୍ଥିତ ବୁଦ୍ଧି ଏକ ନିଶ୍ଚିତ ରେଳ ଦୁର୍ଘଟଣାକୁ ଏଡ଼ାଇ ଦେଇଛି। ରବିବାର ସକାଳେ ବନ୍ଧମୁଣ୍ଡା ଡିଜେଲ କଲୋନୀ ଡି କ୍ୟାବିନ ନିକଟ ଦେଇ ଟାଟା ଏଏଲ୍‌ଏଲ୍‌ପି ଏକ୍ସପ୍ରେସ୍ ରାଉରକେଲା ଦିଗରୁ ଆସୁଥିବା ବେଳେ ରେଳ ଧାରଣାରେ ଫାଟ ଥିବା ଦେଖି ଗ୍ୟାଙ୍ଗମ୍ୟାନ ରାମଶ୍ରେୟ ଦାସ ଏକ ନାଲିପତାକା ଦେଖାଇଥିଲେ। ଏହା ଦେଖି ଚାଳକ ଟ୍ରେନ୍ ଅଟକାଇବାକୁ ତୁରନ୍ତ ପଦକ୍ଷେପ ନେଇଥିଲେ। ଫଳରେ ଏକ ବଡ଼ ଦୁର୍ଘଟଣାରୁ ଟ୍ରେନ୍‌ଟି ବର୍ତ୍ତିଯାଇଥିଲା।





- 1% ସୁଧହାର ପ୍ରତି ମାସ ନିମନ୍ତେ (ଧନ ଶକ୍ତି ସ୍କିମ, ବାର୍ଷିକ ସୁଧହାର 12%* ମାସିକ ସୁଧ ପଇଠ ସାପେକ୍ଷ)
- ଆପଣଙ୍କ ସ୍ୱର୍ଣ୍ଣର ସର୍ବାଧିକ ଋଣ । ପ୍ରତ୍ୟେକ ମାସରେ ସୁଧ ପଇଠ କରନ୍ତୁ, ଛାଡ଼ ପାଆନ୍ତୁ* ।
- 6 ମାସ ଏବଂ 1 ବର୍ଷ ଋଣ ଅବଧି ଯୋଜନା ମଧ୍ୟ ଉପଲବ୍ଧ ।
- ଆପଣଙ୍କ ସ୍ୱର୍ଣ୍ଣର ସମ୍ପୂର୍ଣ୍ଣ ବୀମା ସୁରକ୍ଷା ।
- ଅଧିକ ଜାଣିବା ନିମନ୍ତେ ଆପଣଙ୍କ ନିକଟତମ ମଣପ୍ପୁରମ୍ ଶାଖା କିମ୍ବା ଆମ ୱେବ୍‌ସାଇଟ୍ www.manappuram.com ଲଗ୍ ଅନ୍ କରନ୍ତୁ ।

ସୁଧହାର କେବଳ 1%* ପ୍ରତି ମାସ

9.90%* ସୁଧହାର ସହିତ ବ୍ୟବସାୟୀମାନଙ୍କ ପାଇଁ ଏକ ବିଶେଷ ଯୋଜନା (ଜିଏଲ୍-ବିଏଲ୍)
ଶନିବାର ଦିନ ଆମେ ସମ୍ପୂର୍ଣ୍ଣ ଦିନ କାର୍ଯ୍ୟକରୁ ।

OGL Online Gold Loan — ଆପଣ ଘରେ ବସି, କିମ୍ବା ଅଫିସ୍‌ରେ ଥାଇ, ଗୋଲ୍ଡ ଲୋନ୍ ପାଇବା ସହିତ ରିନ୍ୟୁଅଲ୍ ଏବଂ ସୁଧ ପରିଶୋଧର ସୁବିଧା! 24x7

ମଣପ୍ପୁରମ୍ ଗୋଲ୍ଡ ଲୋନ୍
MANAPPURAM FINANCE LIMITED

GOLD LOAN, ONLINE GOLD LOAN, FOREX, MONEY TRANSFER, VEHICLE LOAN, SME FINANCE, LOAN AGAINST PROPERTY (LAP), PROJECT FINANCE, CORPORATE FINANCE, HOME FINANCE#, INSURANCE#, MICRO FINANCE#

Call : 9338205697, Toll Free : 1800 420 22 33 24x7 SMS : GHELP to 56070

# Through our Subsidiaries *Terms & Conditions apply


# ଫୁଲବାଣୀ ବିଧାନସଭା: ମହିଳା ପ୍ରାର୍ଥୀ ଖୋଜୁଛି ବିଜେଡି

ଭୁବନେଶ୍ୱର,୨୪ା୩(ବ୍ୟୁରୋ)

ଫୁଲବାଣୀ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିପାରିନାହିଁ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ପ୍ରଥମ ଦୁଇଟି ପର୍ଯ୍ୟାୟରେ ବାକିଥିବା ୯ ଆସନ ମଧ୍ୟରୁ ୭ଟି ଲାଗି ପ୍ରାର୍ଥୀ ଘୋଷଣା କରିଛନ୍ତି। ଫୁଲବାଣୀ ସମେତ ବୀରମିତ୍ରପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇପାରିନାହିଁ। ଫୁଲବାଣୀ ବିଧାନସଭା ପାଇଁ ବିଜେଡି ମହିଳା ପ୍ରାର୍ଥୀ ସନ୍ଧାନରେ ଥିବା ଜଣାପଡିଛି। ହେଲେ କୌଣସି ନାଁ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ପାରୁନାହିଁ। ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ତାରିଖ। ତେଣୁ ସୋମବାର ଦଳର ସଭାପତି କାହାକୁ ପ୍ରାର୍ଥୀ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଦଳୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ବିଧାୟକ ଦୁଗୁନୀ କୁଅଁରଙ୍କୁ ଦଳ ପ୍ରାର୍ଥୀ କରିବାକୁ ବିଜେଡି ଆଗ୍ରହ ପ୍ରକାଶ କରୁନାହିଁ। ବିଜେଡିର ସ୍ୱତନ୍ତ୍ର ଭୋଟ୍ ବ୍ୟାଙ୍କ ଥିବାରୁ ଦଳ ପ୍ରାର୍ଥୀ ବଦଳାଇବାକୁ ଚାହୁଁଛି। ପୂର୍ବତନ ବିଧାୟକ ଦେବେନ୍ଦ୍ର କଅଁରଙ୍କ ଭଉଣୀ ଅନିମା କଅଁର ଏବଂ ଜିଲା ପରିଷଦ ସଭ୍ୟ ଜୟନ୍ତୀ କଅଁରଙ୍କ ପ୍ରାର୍ଥିତ୍ୱକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଏମାନଙ୍କୁ ବାଦ ଦେଇ ସାରତି ମଲିକଙ୍କ ନାଁ ମଧ୍ୟ ଚର୍ଚ୍ଚା ହେଉଛି। ବିଜେଡି ପରି ଭାଜପା ମଧ୍ୟ ଫୁଲବାଣୀ ପାଇଁ କୌଣସି ପ୍ରାର୍ଥୀଙ୍କ ନାଁ ଘୋଷଣା କରିନାହିଁ। ହେଲେ କଂଗ୍ରେସ ପକ୍ଷରୁ କିନ୍ତୁ କିଶୋର ଚନ୍ଦ୍ର କଅଁରଙ୍କ ନାଁ ଘୋଷଣା ହୋଇସାରିଛି। ଭାଜପା ଏଠାରୁ ପୂର୍ବଥର ଦେବନାରାୟଣ ପ୍ରଧାନଙ୍କୁ ପ୍ରାର୍ଥୀ କରିଥିଲା।


CORESONANT SYSTEMS
IT TECHNOLOGIES
Wanted Graduates with Computer Skills for SUPERVISOR Role at Haldia, WB.
SALARY: 2.2 Lakhs/Annum.
Interview: 26th & 27th March 2019.
Hotel Grand Central, Old Station Bazar Road, Bhubaneswar.
Contact: +91 9748124266, +91 9652478657.


# ଆଜି ବିଜେପୁରରୁ ନାମାଙ୍କନ ଭରିବେ ମୁଖ୍ୟମନ୍ତ୍ରୀ

ବରଗଡ଼ ଅଫିସ୍/ସୋହେଲା,୨୪ା୩

ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ। ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ଦାଖଲ ନେଇ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିବା ବେଳେ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ହୋଇ ସାରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପଦ୍ମପୁର ନିକଟ ସତୀଭଟା ଏୟାରପୋର୍ଟରେ ଦିନ ୧ଟା ୩୫ ମିନିଟ୍‌ରେ ଓହ୍ଲାଇବେ ଏବଂ ଏକ ସାଧାରଣ ସଭାରେ ସମ୍ବୋଧିତ କରିବା ସହିତ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରିବେ।

# ଅଗ୍ନିକାଣ୍ଡରେ ୪୦ ବଖରା ଛାରଖାର

ଛେଣ୍ଡିପଦା,୨୪ା୩(ସ୍ୱ.ପ୍ର.)

- ୨୧ ପରିବାର ସର୍ବସ୍ୱାନ୍ତ
- ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୧ ପରିବାରର ୪୦ରୁ ଊର୍ଦ୍ଧ୍ୱ ବଖରା ଜଳି ପାଉଁଶ ହୋଇଯାଇଛି। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଦମକଳ କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ।

ଘଟଣାରୁ ଜଣାପଡିଛି, ପାତ୍ରପଡା ଗ୍ରାମ କମାରସାହିର ଅଧିକାଂଶ ଲୋକ ସକାଳୁ ମଜୁରି କାମରେ ବାହାରି ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଗୋଟିଏ ଘରେ ନିଆଁ ଲାଗିଯାଇଥିଲା। ଆଖି ପିଛୁଳାକେ ଏହା ଅନ୍ୟ ଘରଗୁଡିକୁ ବ୍ୟାପି ଯାଇଥିଲା। ସାହି ଲୋକେ ଚେଷ୍ଟା କରି ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଗ୍ୟାସ ଚୁଲାରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଦମକଳ କର୍ମଚାରୀ ପ୍ରକାଶ କରିଛନ୍ତି। ଏହି ସମୟରେ ନରେଶ ବେହେରାଙ୍କ ୩ ବର୍ଷର ଶିଶୁ କନ୍ୟା ଘର ଭିତରୁ ବାହାରିପାରି ନ ଥିଲେ। ଦମକଳ କର୍ମଚାରୀ ତାଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡ ପରେ ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ଭେଟିଥିଲେ। ସେମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରିବା ସହ ସେଠାରେ ରହିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଥିଲେ। ପରେ ବାଗଡିଆ ରାଜସ୍ୱ ନିରୀକ୍ଷକ ଦୋଳଗୋବିନ୍ଦ ମଲ୍ଲିକ ଓ ଛେଣ୍ଡିପଦା ରାଜସ୍ୱ ନୀରିକ୍ଷକ ରବିନାରାୟଣ ସେନାପତି ଘଟଣାସ୍ଥଳରେ ପହଞ୍ଚି ସମସ୍ତ ବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ବିଡିଓ ରୋମାଞ୍ଚଳ ଖମାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ୩ ଦିନ ପର୍ଯ୍ୟନ୍ତ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି।

## ନିର୍ବାଚନ ଲଢ଼ିବେନି ବାଙ୍କୀ ବିଧାୟକ ପ୍ରଭାତ

### ଚିଠି ଲେଖି ଦଳୀୟ ସଭାପତିଙ୍କୁ ଜଣାଇଲେ

ଭୁବନେଶ୍ୱର,୨୪ା୩(ବ୍ୟୁରୋ)

କଟକ ଜିଲା ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ନିର୍ବାଚନ ଲଢିବାକୁ ମନା କରିଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ନିର୍ବାଚନ ନ ଲଢିବା ପାଇଁ ଅବଗତ କରାଇଛନ୍ତି। ସେହିପରି କ'ଣ ପାଇଁ ନିର୍ବାଚନ ଲଢିବେ ନାହିଁ, ସେ ନେଇ ଏକ ଚିଠି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ପ୍ରଭାତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସେ କୌଣସି ଚିଟ୍‌ଫଣ୍ଡ କମ୍ପାନୀର ନିର୍ଦ୍ଦେଶକ ନୁହନ୍ତି। କନ୍ଧମାଳ ଲୋକ ସଭା ଉପନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ଏକ ରାଜନୈତିକ ଷଡ଼ଯନ୍ତ୍ର କରି ଫସାଇଦିଆଗଲା। ବାଙ୍କୀ ମହୋତ୍ସବକୁ ନେଇ ଯୋଡା ଯାଉଥିବା ଅଭିଯୋଗ ମଧ୍ୟ ଭିତ୍ତିହୀନ। ତାଙ୍କ ନିର୍ବାଚନ ଲଢ଼ିବା ଅପେକ୍ଷା ଦଳର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ବଡ଼। ତେଣୁ ସେଥିରେ କୌଣସି ଆଞ୍ଚ ନ ଆଣିବା ପାଇଁ ସେ ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା ପ୍ରଭାତ କହିଛନ୍ତି। ଦଳୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ପ୍ରଭାତ ନିଜ ପୁତ୍ର ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ପ୍ରାର୍ଥୀ କରିବା ପାଇଁ ଚେଷ୍ଟା କରୁଛନ୍ତି। ତେଣୁ ଏହାକୁ ସୁନିଶ୍ଚିତ କରିବା ପାଇଁ ଆଗୁଆ ପ୍ରାର୍ଥିତ୍ୱରୁ ଓହରିଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ପ୍ରଭାତ ବାଙ୍କୀ ନିର୍ବାଚନମଣ୍ଡଳୀରୁ ୧୯୯୫, ୨୦୦୦, ୨୦୦୯ ଏବଂ ୨୦୧୪ରେ ବିଜୟୀ ହୋଇଥିଲେ। ସେହିପରି ୨୦୦୪ରେ ପ୍ରଭାତ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକଙ୍କଠାରୁ ପରାସ୍ତ ହୋଇଥିଲେ।





07th April, 2019 (Sunday)

Test Timings: 11:00 am to 1:00 pm OR 3:00 pm to 5:00 pm

GET SCHOLARSHIP UPTO 80%#

for

MEDICAL & ENGINEERING
NEET, AIIMS, JEE (Main & Advanced) & Other Medical / Engineering Entrance Exams
1 Year course - Class XI students moving to Class XII | 2 Year course - Class X students moving to Class XI
*3 Year course - Class IX students moving to Class X | *4 Year course - Class VIII students moving to Class IX
#Scholarship only on Tuition Fee. Scholarship valid only for 30 Days from the Date of Announcement of Result.

FOUNDATION
NTSE, Olympiads / Scholarship & School / Board Exams
1 & 2 Year courses - Class VIII students moving to Class IX
1 Year course - Class IX students moving to Class X
*For details & availability of 3 & 4 Year Courses, contact the nearest branch / centre of Aakash.

#Terms & Conditions apply.

REPEATER / DROPPER BATCHES

REGULAR COURSE
NEET & AIIMS 2020
Eligibility: Class XII appearing / passed students
#Scholarship only on Tuition Fee. For Repeater / Dropper Batches, Scholarship is valid till 31st May 2019.

POWER STEP COURSE
JEE (Main & Advanced) 2020
Eligibility: Class XII appearing / passed students

Students who have already taken admission in Aakash through ANTHE or ACST are not eligible to write Aakash NEST. | Aakash NEST shall be conducted at Branches / Centres of Aakash only.

ADMISSION OPEN FOR
CRASH COURSE
for NEET & AIIMS | JEE (Main & Advanced) 2019

DIRECT ADMISSION
For Class XII Studying/Passed Students
Class Commences From
31st March, 2019

Aakash
Medical | IIT-JEE | Foundations
(Divisions of Aakash Educational Services Ltd.)

Bhubaneswar Centre (1)
10, Bhouma Nagar, Sachivalaya Marg, Unit-IV, BBSR-751001, Phone. (0674) 3945454, 2513088/89
Bhubaneswar Centre (2)
125, District Centre, CS Pur, BBSR-751016, Phone. (0674) 2747010/11/12
Cuttack Centre
Link Road, Madhupatna, Cuttack-753010, Phone. (0671) 2341001/02/03
Regd. Off. : Aakash Tower, 8, Pusa Road, New Delhi-05, Ph. (011) 47623456

Angul, Dhenkanal, Boudh, Kandhamal : 9337355233, Balasore, Bhadrak, Baripada, Keonjhar, Mayurbhanj : 9337355746/238, Berhampur, Ganjam, Gajapati : 9337355766, Bhubaneswar : 9337355235/236/747, Bolangir, Kalahandi, Nuapada : 9337355237, Cuttack : 9337355754, Jeypore, Koraput, Rayagada : 9337355232, Jajpur, Jagatsinghpur, Kendrapada : 9337355773, Rourkela, Sundergarh, Jharsuguda : 9337355752, Sambalpur, Sonepur, Bargarh : 9337355234


## ■ ପାରିବାରିକ କଳହରୁ ନିର୍ମମ ହତ୍ୟା

# ଶାଳକଙ୍କ ବେକ କାଟିଦେଲେ ଭିଣୋଇ

ଢେଙ୍କାନାଳ ଅଫିସ, ୨୪ା୩

- ଆକ୍ରମଣରେ ସ୍ତ୍ରୀ, ଶାଶୁ ଗୁରୁତର
- ଅଭିଯୁକ୍ତ ଫେରାର, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ପାରିବାରିକ କଳହ ଏବଂ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବେଶାଳିଆ ନିକଟ ବିଦ୍ୟାବନ୍ଧ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଯୌନାଙ୍ଗ ଏବଂ ବେକକୁ ଅମାନୁଷିକ ଭାବେ କାଟି ସମ୍ପର୍କୀୟ ଶାଳକଙ୍କୁ ହତ୍ୟା କରିଛନ୍ତି ଭିଣୋଇ। ହତ୍ୟାର ଶିକାର ହୋଇଛନ୍ତି ନଗେଶ ରାଉତ। ଅଭିଯୁକ୍ତ ରୁଦ୍ର ନାରାୟଣ ନାୟକ(୪୨)ଙ୍କ ଆକ୍ରମଣରୁ ବର୍ତ୍ତି ନାହାନ୍ତି ସ୍ତ୍ରୀ ଅନସୂୟା ରାଉତ (୩୦) ଏବଂ ଶାଶୁ ଖୁଲଣା ରାଉତ (୬୦)। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡ ଘଟାଇ ରୁଦ୍ର ଫେରାର ହୋଇଯାଇଛନ୍ତି। ଏହି ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ରୁଦ୍ର କାଶିଆଡିହ ଗ୍ରାମର ଏକ କାଜୁ କମ୍ପାନୀରେ କାମ କରୁଥିବା ରୁଦ୍ର ବିଦ୍ୟାବନ୍ଧ ଗ୍ରାମର ଅନସୂୟାଙ୍କୁ ବିବାହ କରିଥିଲେ। ସେମାନଙ୍କର ବର୍ଷକର ପୁତ୍ର ସନ୍ତାନ ଅଛି। କିଛିଦିନ ହେଲା ଉଭୟଙ୍କ ଦାମ୍ପତ୍ୟ ଜୀବନରେ ବିବାଦ ଲାଗି ରହିଥିଲା। ସ୍ୱାମୀ-ସ୍ତ୍ରୀ କଳହର ସମାଧାନ ଲାଗି ନଗେଶ ହସ୍ତକ୍ଷେପ କରୁଥିଲେ। ଏହାକୁ ନେଇ ସ୍ତ୍ରୀ ସହ ନଗେଶଙ୍କ ସମ୍ପର୍କ ଥିବା ସେ ସନ୍ଦେହ କରୁଥିଲେ। ଏଥିପାଇଁ ନଗେଶଙ୍କ ଉପରେ ପ୍ରବଳ ରାଗ ରଖିଥିଲେ ରୁଦ୍ର। ଏହି ଘଟଣାକୁ ନେଇ ପୂର୍ବରୁ ମଧ୍ୟ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମର ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା।

ଦୋଳପର୍ବ ଅବସରରେ ଅନସୂୟା ପୁଅକୁ ଧରି ବାପଘରକୁ ସପ୍ତାହକ ପାଇଁ ଆସିଥିଲେ। ଶନିବାର ରାତିରେ ସମସ୍ତେ ଖାଇ ସାରିବା ପରେ ରୁଦ୍ର ନାରାୟଣ ଘର ଆଗରେ ଥିବା ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ଏହାସହ ଘର ଭିତରକୁ ଯାଇଥିବା ବିଦ୍ୟୁତ୍ ତାର କାଟି ଦେଇଥିଲେ। ନଗେଶ ଘରେ ଶୋଇଥିବାବେଳେ ହଠାତ୍ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ହିତାହିତ ଜ୍ଞାନ ହରାଇ ସେ ନୃଶଂସ ଭାବେ ନଗେଶଙ୍କ ଯୌନାଙ୍ଗ ଏବଂ ବେକକୁ କାଟି ଦେଇଥିଲେ। ଚିତ୍କାର ଶୁଣି ନଗେଶଙ୍କୁ ବଞ୍ଚାଇବାକୁ ଘଟଣାସ୍ଥଳରେ ପହଞ୍ଚିଥିବା ସ୍ତ୍ରୀ ଏବଂ ଶାଶୁ ମଧ୍ୟ ରୁଦ୍ରଙ୍କ ଆକ୍ରମଣରୁ ବର୍ତ୍ତି ନ ଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ନଗେଶଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା।

ଏ ନେଇ ନଗେଶଙ୍କ ଭାଇ ଦେବାଶିଷ ସଦର ଥାନାରେ ଅଭିଯୋଗ କରିବା ପରେ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଥାନାଧିକାରୀ ମଳୟ ନାୟକ ସାଇଣ୍ଟିଫିକ ଦଳ ଓ ପୋଲିସ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ନେଇ ନଂ. ୧୨୨/୧୯ରେ ମାମଲା ରୁଜୁ କରାଯାଇଛି । ନଗେଶ ସମ୍ପର୍କରେ ଅନସୂୟାଙ୍କ ବଡ଼ବାପାଙ୍କ ପୁଅ ଭାଇ ବୋଲି ଜଣାପଡ଼ିଛି।

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

# ଚାଷୀଙ୍କୁ ବାଉଳା

ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ବାଲାକୋଟ କାର୍ଯ୍ୟାନୁଷ୍ଠାନ ଉତ୍ତର ଭାରତରେ ସମ୍ଭବତଃ ଆଖିଦୃଶିଆ ପ୍ରଭାବ ପକାଇ ନାହିଁ। ଏଭଳି ଧାରଣା ସୃଷ୍ଟି କରିବା ପାଇଁ କୌଣସି ଅତ୍ୟଧିକ ରାଜନୈତିକ ବୁଦ୍ଧି ଦରକାର ନାହିଁ। ଉତ୍ତରପ୍ରଦେଶ ଭଳି କୃଷିଭିତ୍ତିକ ରାଜ୍ୟରେ ଚାଷୀ ଅସନ୍ତୋଷର ଭୂମିକା ଆସନ୍ତା ନିର୍ବାଚନରେ ଅଧିକ ରହିବ ବୋଲି ସ୍ପଷ୍ଟ ଜଣାପଡୁଛି। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଅନେକ ଚତୁର ଉପାୟ ଗ୍ରହଣ କରାଯାଉଥାଇପାରେ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଢ଼ିବାକୁ ଥିବା ବାରାଣସୀ ଲୋକ ସଭା ନିର୍ବାଚନମଣ୍ଡଳୀରୁ ୧୧୧ ଜଣ ଚାଷୀ ତାଙ୍କୁ ବିରୋଧ କରି ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ଏହା ପଞ୍ଚାୟତସ୍ତରୀ ଭୋଟ ଛାରଖାର କରିବାର ଚିନ୍ତା ହୋଇପାରେ। ତେବେ ଯେଉଁ ୧୧୧ ଜଣ ଚାଷୀ ମୋଦିଙ୍କ ବିରୋଧରେ ଲଢ଼ିବେ ବୋଲି ଘୋଷଣା କରିଛନ୍ତି, ସେମାନେ ସବୁ ତାମିଲନାଡୁର। ତାମିଲନାଡୁ କୃଷକ ନେତା ପି. ଆୟାକାନ୍ନୁ କହିଛନ୍ତି ଯେ, ଭାଜପା ତା'ର ନିର୍ବାଚନ ଇସ୍ତାହାରରେ କୃଷକଙ୍କ ଦାବି ପୂରଣ ସହ ସେମାନଙ୍କ ମଙ୍ଗଳ ନେଇ ସ୍ପଷ୍ଟ ଦିଗ୍‌ଦର୍ଶନ ରଖିଲେ, ସେମାନେ ନିର୍ବାଚନ ଲଢ଼ିବା ନିଷ୍ପତ୍ତିରୁ ଓହରିଯିବେ।

୧୧୧ ଜଣ ତଥାକଥିତ ଚାଷୀ କେବଳ ଲୋକଦେଖାଣିଆ ହୋହଲ୍ଲା ସୃଷ୍ଟି କରିବା ବ୍ୟତୀତ ବାସ୍ତବ ଭୋଟରେ କୌଣସି ପ୍ରଭାବ ପକାଇପାରିବେ ନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ତାମିଲନାଡୁର ପଲ୍ଲୀରୁ ଆସୁଥିବା ଚାଷୀ କେଉଁ ଉପାୟରେ ହିନ୍ଦୀ ଭାଷାଭାଷୀ ଲୋକଙ୍କଠାରୁ ସମର୍ଥନ ଲୋଡ଼ିବେ ତାହା ବୁଝିବା କଷ୍ଟକର। ଅନ୍ୟପଟେ ମନ୍ଦ ଉଦ୍ଦେଶ୍ୟକୁ ସହଜରେ ବୁଝି ହେଉଛି। ନାମକୁମାତ୍ର ପ୍ରତିଶ୍ରୁତି ଦେଇ ଭାଜପା ଇସ୍ତାହାର ପ୍ରକାଶ ପାଇଲେ, ଏହି ତାମିଲ ଚାଷୀମାନେ ନିର୍ବାଚନ ଲଢ଼ିବା ନିଷ୍ପତ୍ତିରୁ ଓହରି ଯାଇପାରନ୍ତି। ଯଦି ସେଭଳି ଘଟଣା ଘଟେ, ତେବେ ଉତ୍ତର ପ୍ରଦେଶର ବାରାଣସୀ ଲୋକ ସଭା ଆସନରେ ଥିବା ଚାଷୀଙ୍କ ଉପରେ ସାମାନ୍ୟ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ଯଦି ଏତେ ସଂଖ୍ୟକ ଚାଷୀ ମୋଦିଙ୍କ ବିରୋଧରେ ଲଢ଼ି ଅମାନତ ହରାନ୍ତି, ତେବେ ପ୍ରମାଣ ହୋଇଯିବ ଯେ ଚାଷୀ ପ୍ରତିବାଦର କୌଣସି ପ୍ରଭାବ ନାହିଁ।

ଭାରତରେ କୃଷକମାନେ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇପାରୁ ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଦେଶର ଅନେକ ସ୍ଥାନରେ ଚାଷୀ ଆତ୍ମହତ୍ୟା ଦେଖିବାକୁ ମିଳୁଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ଚାଷୀ ବିରୋଧୀ ଚିନ୍ତାଧାରାକୁ ନେଇ ଅତୀତରେ ଅନେକ ବିକ୍ଷୋଭ ଓ ଶୋଭାଯାତ୍ରା ହୋଇଯାଇଛି। ଆଜି ଯେଉଁ କୃଷକ ସଙ୍ଗଠନ ମୋଦିଙ୍କ ବିରୋଧରେ ଲଢ଼େଇ କରିବାକୁ ଘୋଷଣା କରିଛି, ୨୦୧୭ରେ ଦିଲ୍ଲୀରେ ୧୦୦ରୁ ଅଧିକ ଦିନ ଧରି ଆନ୍ଦୋଳନ କରିଥିଲା। ସେହିଭଳି ୩୦ ନଭେମ୍ବର ୨୦୧୮ରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁରୁ ପ୍ରାୟ ୩୫,୦୦୦ ଚାଷୀ ପାର୍ଲାମେଣ୍ଟ ଆଗରେ ପ୍ରତିବାଦ ସଭା କରିବାକୁ ଆସିଥିଲେ, ଯାହାକୁ ପୋଲିସ ଅଟକାଇଥିଲା। ଅନୁରୂପ ଭାବେ ଓଡ଼ିଶା କଥା ଦେଖିଲେ ୫ ନଭେମ୍ବର ୨୦୧୮ରେ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ରାଜଧାନୀ ଭୁବନେଶ୍ୱର ଆଡ଼କୁ ଆସିବା ବେଳେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଅଟକ ରଖାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କୃଷିକୁ ଯେଉଁ ଅବହେଳିତ କରି ରଖିଆସିଥିଲେ ତାହାର ନକାରାତ୍ମକ ପରିଣତି ପୂର୍ବରୁ ତିନୋଟି ଭାଜପା ଶାସିତ ହିନ୍ଦୀ ଭାଷୀ ରାଜ୍ୟ ଉପରେ ନଭେମ୍ବର-ଡିସେମ୍ବର ୨୦୧୮ରେ ହୋଇଥିବା ନିର୍ବାଚନରେ ପଡ଼ିଥିଲା। ସେହି ସମୟରେ ହୋଇଥିବା ବିଧାନସଭା ନିର୍ବାଚନରେ ଭାଜପା ବିପୁଳ ସଂଖ୍ୟାରେ ହାରିଯାଇଥିଲା। ଏହାକୁ ଲକ୍ଷ୍ୟ କରି ବିଜୁ ଜନତା ଦଳ ସରକାର ୪ର୍ଥ ପାଳିର ଶେଷ ନିଃଶ୍ୱାସ ନେବା ପୂର୍ବରୁ ଚାଷୀଙ୍କ ଉଦ୍ଦେଶ୍ୟରେ 'କାଳିଆ' ଯୋଜନା ଘୋଷଣା କରିଥିଲେ। ଅନୁରୂପ ଭାବେ କେନ୍ଦ୍ରରେ ଭାଜପା ସରକାର ତରବର ହୋଇ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଘୋଷଣା କଲେ। ବାସ୍ତବରେ ଏହିସବୁ ଯୋଜନା ଦ୍ୱାରା ଚାଷୀ କିଭଳି ଉପକୃତ ହେଉଛନ୍ତି ତାହା ତତ୍କ୍ଷଣାତ୍ କହିହେବ ନାହିଁ। ସେହିଭଳି ୧୧୧ ଜଣ କୃଷକ ମୋଦିଙ୍କ ବିରୋଧରେ ପ୍ରାର୍ଥୀ ହେବା ନେଇ ଉଠୁଥିବା ବିଷୟ କେବଳ ଚାଷୀଙ୍କୁ ବାଉଳା କଲା ଭଳି ପ୍ରତୀୟମାନ ହେଉଛି।



# ଅବାଞ୍ଛିତ ନାବାଳିକା ମାତୃତ୍ୱ

ନାରାୟଣ ପଣ୍ଡା

ସନ୍ତାନକୁ ଜନ୍ମ ଦେଉଥିବା ମା' ଏକ ମଧୁରତମ ଶବ୍ଦ, ଯାହାର ବିକଳ୍ପ ହୁଏତ ଶବ୍ଦକୋଷରେ ନାହିଁ। ମା' ବକ୍ଷର ଅମୃତ ପାନକରି ଶୈଶବର ବେଶ୍ କିଛିବର୍ଷ ଅବୋଧ ଶିଶୁଟି ଜୀବନ ଧାରଣକରେ। ସେ ବିଶ୍ୱ ନିର୍ମାଣର ଜନ୍ମଦେବୀ। ନାରୀ ଅଦିତି-ଅଭିଷ୍ଠନୀୟା। ସନ୍ତାନକୁ ଜନ୍ମଦେଇ ସେ ମନୁଷ୍ୟ ଜାତିର ଧାରାବାହିକତା ରକ୍ଷାକରେ। ଜଣେ ଜନନୀ ପକ୍ଷରେ ସର୍ବାଧିକ ଗୌରବମୟ ସମୟ ତା'ର ଗର୍ଭଧାରଣ ଓ ସନ୍ତାନ ଜନ୍ମଦାନରେ ନିହିତ ଥାଏ। ଆମ ସମାଜରେ ଗର୍ଭିଣୀ ନାରୀମାନଙ୍କୁ ବିଭିନ୍ନ ପ୍ରକାର ସୁମିଷ୍ଟ ଖାଦ୍ୟପଦାର୍ଥ ଖାଇବାକୁ ଦିଆଯାଇଥାଏ। ଗର୍ଭାଧାନଠାରୁ ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନିଷ୍କ୍ରମଣ, ଅନ୍ନପ୍ରାଶନ ଓ ମୁଣ୍ଡନ ଆଦି ସନ୍ତାନ ଭୂମିଷ୍ଠ ହେବାର ଏକବର୍ଷ ପର୍ଯ୍ୟନ୍ତ ପରିବାରରେ ବିଭିନ୍ନ ସାମାଜିକ-ସାଂସ୍କୃତିକ-ଧାର୍ମିକ କାର୍ଯ୍ୟକ୍ରମ ଲାଗି ରହିଥାଏ। ଆମ ଦେଶର କୁଟୀରବାସୀ ଦରିଦ୍ର ପରିବାରଠାରୁ ପ୍ରାଚୁର୍ଯ୍ୟଭରା ବହୁତଳ-ହର୍ମ୍ୟବାସୀ ଧନିକମାନଙ୍କ ପରିବାରର ସନ୍ତାନ ସମ୍ଭାବନା କାଳରେ, ବିଶେଷକରି, ପ୍ରଥମ ସନ୍ତାନ ଆଗମନୀରେ ଅମାପ ଆଗ୍ରହ, ଆକାଂକ୍ଷା ଓ ଅପେକ୍ଷା ରହିଥାଏ। ଅପୂର୍ବ ବିହ୍ୱଳତାରେ ଭରିଥାଏ ଗୃହାଙ୍ଗନ। ଆଉ କେତେକ ସ୍ଥାନରେ ହତଭାଗ୍ୟ ନବଜାତକର ଜନ୍ମ ପରିବାରରେ ନିରାନନ୍ଦ ଓ କଳଙ୍କର କାଳିମା ଛାଇଦିଏ। ସନ୍ତାନର ଏହି ଜନ୍ମ ଥାଏ ଅବାଞ୍ଛିତ। ଏ ପ୍ରକାର ଜନ୍ମରେ ମାତାପିତା, ପରିବାର ଓ ସମାଜ ଖୁସିହେବା ପରିବର୍ତ୍ତେ ଦୁଃଖ, ଅପମାନ ଓ ନୈରାଶ୍ୟର କାଳିମା ଗ୍ରାସ କରେ ସେମାନଙ୍କ ଜୀବନର ସମସ୍ତ ପ୍ରଫୁଲ୍ଲତାକୁ। କଳଙ୍କର ମୋହର ଲାଗିଯାଏ ସେମାନଙ୍କଠାରେ।

ଏ ମାତୃତ୍ୱ ଅବାଞ୍ଛିତ ମାତୃତ୍ୱ। ଅନାହୂତ ଗର୍ଭାଧାନରେ ସୃଷ୍ଟିର ସ୍ୱାଭାବିକ ଆନନ୍ଦ ଉଲ୍ଲାସ ନ ଥାଏ। ଏଭଳି ମାତୃତ୍ୱ ଉଭୟ ବୟସ୍କା ଅବିବାହିତା ଓ ନାବାଳିକା କିଶୋରୀମାନେ ଅନେକ ସମୟରେ ନିଜ ଇଚ୍ଛାରେ କିମ୍ବା ନିଜ ଇଚ୍ଛା ବିରୋଧରେ ଅର୍ଜନ କରିଥାନ୍ତି। ଜାତିସଂଘର ନାବାଳିକା ମାତୃତ୍ୱ ଶୀର୍ଷକ ଏକ ସନ୍ଦର୍ଭରେ କୁହାଯାଇଛି, ୧୫ରୁ ୧୯ ବର୍ଷ ପର୍ଯ୍ୟନ୍ତ ବାଳିକାମାନେ ବିଶ୍ୱରେ ୪୯% ଗର୍ଭଧାରଣ କରନ୍ତି। ଭାରତରେ ଏହା ୭୬% ଥାଇ ବିଶ୍ୱରେ ସର୍ବୋଚ୍ଚ ରହିଛି। ଏଠାରେ ଆମେ କେବଳ ନାବାଳିକା ଓ କିଶୋରୀମାନଙ୍କର ଯୌବନୋଦ୍‌ଗମକାଳୀନ ଇଚ୍ଛା କିମ୍ବା ଅନିଚ୍ଛାଜନିତ ପୁରୁଷଙ୍କ ଯୌନସାନ୍ନିଧ୍ୟ ଦ୍ୱାରା ସନ୍ତାନବତୀ ହେବା ପ୍ରସଙ୍ଗରେ ଆଲୋଚନା ସୀମିତ ରଖୁଛୁ। ଆମର ଏ ସାନ ସାନ ମା'ମାନେ ଉଚ୍ଚ ପ୍ରାଥମିକ କିମ୍ବା ମାଧ୍ୟମିକ ସ୍ତରରେ ଶିକ୍ଷା ଗ୍ରହଣ କାଳରେ ହିଁ ମାତୃତ୍ୱର ଅନୁଭୂତି ଲାଭ କରିଥାନ୍ତି। କେହି କେହି ସୁଧାରଗୃହ କିମ୍ବା ଆଶ୍ରୟଗୃହରେ ରହିଥାନ୍ତି।

ଏହି କୁନି ମା'ମାନେ ଘରର ଅବାଧ ଝିଅମାନଙ୍କ ପରି ଅସମ୍ମାନିତା ଓ ଦଣ୍ଡିତା ହୋଇଥାନ୍ତି। ପୂର୍ବରୁ ଯେ ଏପରି କଳଙ୍କିତ ବ୍ୟାପାର ସଂଘଟିତ ହେଉ ନ ଥିଲା ତାହା ନୁହେଁ। ବର୍ତ୍ତମାନ କିନ୍ତୁ ନାରୀଶିକ୍ଷା ହାରରେ ପ୍ରଗତି ଘଟିଛି ଏବଂ ପୂର୍ବାପେକ୍ଷା ଅଧିକସଂଖ୍ୟକ ବାଳିକା ବିଦ୍ୟାଳୟର ନିୟମିତ ଉପସ୍ଥାନରେ ରହୁଛନ୍ତି। ନାରୀଶିକ୍ଷାକୁ ଅଗ୍ରାଧିକାର ଦିଆଯାଉଥିବାରୁ ବାଳିକା ଓ କିଶୋରୀମାନଙ୍କ ପାଇଁ ଆବାସିକ ବିଦ୍ୟାଳୟମାନ ଗଢ଼ିଉଠୁଛି। ବିଶେଷକରି ଅନୁସୂଚିତ ଜାତି ଓ ଜନଜାତିବହୁଳ ଅଞ୍ଚଳରେ ଏ ପ୍ରକାର ବିଦ୍ୟାଳୟ ସଂଖ୍ୟା ଅଧିକ। ଉକ୍ତ ଛାତ୍ରାବାସଗୁଡ଼ିକରେ ରହୁଥିବା ୬ରୁ ୧୮ ବର୍ଷ ମଧ୍ୟରେ ବାଳିକାମାନେ କେତେକ କ୍ଷେତ୍ରରେ ଗର୍ଭଧାରଣ କରୁଥିବା ଓ ଏହାର କ୍ରମବର୍ଦ୍ଧମାନତା ସମ୍ପ୍ରତି ସମାଜର ସବୁବର୍ଗର ଲୋକମାନଙ୍କୁ ବିଚଳିତ କରୁଛି।

ଛାତ୍ରୀନିବାସରେ ଶିକ୍ଷକ, ତତ୍ତ୍ୱାବଧାରକ ଓ ନର୍ସମାନଙ୍କ ରହିବା ବ୍ୟବସ୍ଥା ରହିଛି। ପ୍ରତିଦିନ ମୁଣ୍ଡ ଗଣତି କରାଯାଇ ସେମାନଙ୍କ ଉପସ୍ଥିତି ସୁନିଶ୍ଚିତ କରାଯାଉଛି। ନର୍ସମାନେ ଅଛନ୍ତି ସ୍ୱାସ୍ଥ୍ୟପରୀକ୍ଷା ପାଇଁ। ବାଳିକାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟାଳୟରେ ପ୍ରାୟତଃ ମହିଳା ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ଦିଆଯାଉଛି। ଯେଉଁଠାରେ ନର୍ସ ନାହାନ୍ତି, ସେଠାରେ ସ୍ଥାନୀୟ ଡାକ୍ତରଙ୍କ ଦ୍ୱାରା ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ କରାଯାଉଛି। ଏହା ସତ୍ତ୍ୱେ ଦୀର୍ଘ ନଅମାସ ଗର୍ଭରେ ସନ୍ତାନଧାରଣ କରି ସମ୍ପୃକ୍ତ ବାଳିକାମାନେ ଅନାହୂତ ମାତୃତ୍ୱ ଲାଭ କରୁଛନ୍ତି। ନାବାଳିକା ଜଣକ ପ୍ରସବ କରିସାରିଲା ପରେ ଲୋକଲୋଚନକୁ ଆସୁଛି ଏହି ଲଜ୍ଜାଜନକ ଘଟଣା। ତା'ପରେ କାର୍ଯ୍ୟାନୁଷ୍ଠାନ ଗତାନୁଗତିକ ରୀତିରେ ଚାଲେ। ସରକାର ତତ୍‌କ୍ଷଣାତ୍ କିଛି କର୍ମଚାରୀଙ୍କୁ ନିଲମ୍ବନ କରନ୍ତି କିମ୍ବା କେତେକ ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କାର ଆଦେଶ ଦେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। କେତେକ କ୍ଷେତ୍ରରେ ଲୋକଙ୍କ ଚାପରେ ପୀଡ଼ିତାଙ୍କୁ ଅନୁକମ୍ପା ରାଶି ମଧ୍ୟ ଦିଆଯାଇଥାଏ। କିନ୍ତୁ ସମସ୍ୟାର ଅନ୍ତ ଘଟେ ନାହିଁ। ପୁନଶ୍ଚ ଏଭଳି ଲଜ୍ଜାଜନକ ଘଟଣା ଲୋକଲୋଚନାକୁ ଆସିଥାଏ। ବୁଦ୍ଧିଜୀବୀ, ସମାଜର ଚିନ୍ତାଶୀଳ ବ୍ୟକ୍ତି, ସର୍ବୋପରି ସରକାର ଉଦ୍‌ବେଗ ପ୍ରକାଶ କରନ୍ତି। ପୋଲିସ ବିଭାଗ ତତ୍ପର ହୋଇଉଠେ। କିନ୍ତୁ ଏଥିରେ ସମସ୍ୟାର ଅନ୍ତ ଘଟେ ନାହିଁ। ବରଂ ଏ ଅବାଞ୍ଛିତ ଗର୍ଭଧାରଣ ମୂଳର କାରଣଗୁଡ଼ିକ ଖୋଜି ତହିଁର ନିରାକରଣ କରିବାହିଁ ସବୁଠୁଁ ଉତ୍ତମ।

ଅନେକ ସମୟରେ ଛାତ୍ରୀମାନେ ବିଦ୍ୟାଳୟର ଗ୍ରୀଷ୍ମାବକାଶର ଦୀର୍ଘ କିମ୍ବା ଦଶହରା ଓ ଧାନକଟା ଅବକାଶର ସ୍ୱଳ୍ପଅବଧି ଛୁଟିଗୁଡ଼ିକରେ ଘରକୁ ଯାଇ ଛାତ୍ରୀନିବାସର ଶୃଙ୍ଖଳାକୁ ଭୁଲିଯାଇଥାନ୍ତି। ସେମାନେ ଅଧିକାଂଶ ଗ୍ରାମାଞ୍ଚଳ ପଚ୍ଛଭୂମିରୁ ଆସିଥିବା ଯୋଗୁ ପରିଚିତ ଓ ଅପରିଚିତ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସି ନିଜର ପତନକୁ ନିମନ୍ତ୍ରଣ କରିଥାନ୍ତି। ସେମାନଙ୍କ କାମାଚାରୀ ନିକଟ ବା ଦୂରସମ୍ପର୍କୀୟମାନେ ନାବାଳିକାମାନଙ୍କ ହୃଦୟରେ ଭଲ ପାଇବାର ତରଙ୍ଗ ସୃଷ୍ଟିକରି ସେମାନଙ୍କୁ ପ୍ରତାରିତ କରନ୍ତି। ଗ୍ରାମାଞ୍ଚଳର ମାତାପିତାମାନେ ସରଳ। ନିଜ ପିଲାମାନଙ୍କର ଚରିତ୍ର ଓ ଆଚରଣ ଉପରେ ସେମାନଙ୍କ ନିଃସଂଶୟ ବିଶ୍ୱାସ ଥିବା କାରଣରୁ ସେମାନଙ୍କ ଚକ୍ଷୁ ଆଢୁଆଳରେ ତାଙ୍କ ଝିଅମାନେ ଏପରି କିଛି କରିବସନ୍ତି, ଯାହା ସେମାନଙ୍କ ଅଗୋଚରରେ ରହେ। କେଉଁଠି କେଉଁଠି ଜାଣିଲେ ମଧ୍ୟ ନୀରବ ରହିଯାନ୍ତି ସେମାନେ। ଛୁଟିପରେ ସମ୍ପୃକ୍ତ ବାଳିକାମାନେ ଛାତ୍ରୀନିବାସକୁ ଫେରିଆସନ୍ତି। ଭୁଲିଯାଇଥାନ୍ତି ତାଙ୍କର ପାଦ ଖସିଯାଇଛି। ଫଳରେ ନିଜ ମା'ର ପଣତକାନି ଛାଡି ନ ଥିବା ଝିଅଟିଏ ତା' ଅଜ୍ଞାତରେ ଆଉ ଗୋଟିଏ କୁନିଛୁଆର ମା'ହେବାକୁ ଅଗ୍ରସର ହୁଏ। ଛାତ୍ରୀନିବାସର ଦାୟିତ୍ୱରେ ଥିବା କର୍ମଚାରିଣୀମାନେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ଗମ୍ଭୀରତାର ସହ ନ ନେବା ଦ୍ୱାରା ବିଶ୍ୱାସ ଓ ଭଲ ପାଇବା ଅବା ବାଧ୍ୟବାଧକତାରେ ଶାରୀରିକ ସମ୍ଭୋଗର ଅନ୍ଧମୁହାଣି ମଧ୍ୟରେ ଛନ୍ଦି ହୋଇଯାଇଥିବା କୁଆଁରୀ ବାଳିକାଟିର ନବଜାତକର କୁଆଁ କୁଆଁ ରାବ ଛାତ୍ରୀନିବାସ ପରିସରକୁ ଅବଶେଷରେ ଗୁଞ୍ଜରିତ କରେ।

ଛୁଟିଦିନ ବ୍ୟତୀତ ମଧ୍ୟ ଛାତ୍ରୀଟିଏ ଅନୁମତି କ୍ରମେ କିମ୍ବା ମାତାପିତାଙ୍କ ଆବଶ୍ୟକତାରେ ଗୃହକୁ ଯାଇ ଏଭଳି ବିଡ଼ମ୍ବନାର ସମ୍ମୁଖୀନ ହୋଇଥାଏ। ଛାତ୍ରୀର ଗର୍ଭୋଦୟକୁ ସ୍କୁଲ କର୍ତ୍ତୃପକ୍ଷ ଲୁଚେଇବାକୁ ବାଧ୍ୟ ହୁଅନ୍ତି। ଏହି ଛାତ୍ରୀନିବାସର ତତ୍ତ୍ୱାବଧାରିକା ସମସ୍ତ ବୟଃପ୍ରାପ୍ତ ବାଳିକାଙ୍କର ମାସିକ ଋତୁସ୍ରାବ ନିୟମିତ ଲିପିବଦ୍ଧ କରିବା ଦରକାର। ଆଫ୍ରିକୀୟ ଦେଶମାନଙ୍କରେ ନାବାଳିକା ଛାତ୍ରୀମାନଙ୍କ ଅବାଞ୍ଛିତ ଗର୍ଭଧାରଣରେ ଅତିଷ୍ଠ କେତେକ ସରକାର ଅତି କଠୋର ନିଷ୍ପତ୍ତି ନେଇଛନ୍ତି। ତାଞ୍ଜାନିଆରେ ଛୁଟିରୁ ଫେରିବା ପରେ ଗର୍ଭପରୀକ୍ଷା ବାଧ୍ୟତାମୂଳକ ରହିଛି। କେନିୟା ସରକାର ମଧ୍ୟ ଛୁଟି ଫେରନ୍ତା ବାଳିକାଙ୍କ ଯୌନାଙ୍ଗ ପରୀକ୍ଷା ବାଧ୍ୟତାମୂଳକ କରିଛନ୍ତି। ଏ କ୍ଷେତ୍ରରେ ବାଳିକାଟି କାହା ସହିତ ଶାରୀରିକ ସମ୍ପର୍କରେ ଲିପ୍ତ ଥିଲା, ପ୍ରକାଶ କରିବାକୁ ବାଧ୍ୟ ହୁଏ ଏବଂ ପୁରୁଷ ସହଯୋଗୀ ଦଣ୍ଡିତ ହୁଏ। ଛାତ୍ରୀନିବାସରେ ମଧ୍ୟ କେତେକ ଶିକ୍ଷକ ଓ କର୍ମଚାରୀ ପ୍ରଲୋଭିତକରି ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରୀଟିକୁ ଅଜ୍ଞାତରେ ମା' ବନେଇ ଦିଅନ୍ତି। ଏମାନଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବା ଦରକାର। ବିସ୍ମୃତିର ଅତଳ ଗର୍ଭରେ ବଞ୍ଚିବାର ରାହା ଖୋଜୁଛି କୁମାରୀ ମା'ଟିଏ। ବିଦ୍ୟାଳୟ ବାହାରେ ରହୁଥିବା ଶିଶୁ ଓ ନାବାଳିକାଙ୍କର ମଧ୍ୟ ନିସ୍ତାର ନାହିଁ। ସଚେତନତାର ଅଭାବ ଏହାର ମୁଖ୍ୟ କାରଣ। ସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମାଜ ଓ ପରିବାର ସର୍ବୋପରି ବିଦ୍ୟାଳୟ ଉକ୍ତ ବିଷୟ ପ୍ରତି ଗମ୍ଭୀର ଭାବେ ଯତ୍ନଶୀଳହେବା ଅତ୍ୟନ୍ତ ଜରୁରୀ।

ନୂଆବନ୍ଧସାହି, ନବରଙ୍ଗପୁର, ମୋ-୯୪୩୭୧୧୮୯୬୨



# ମା'ଙ୍କ ବିଚିତ୍ର ବେଶ

ମାନସ କୁମାର ପାଢ଼ୀ

ରାଜଧାନୀ ଭୁବନେଶ୍ୱର। ସର୍ବବିଦ୍ୟା ମନ୍ଦିରର ମୁଖ୍ୟ ପୂଜାରୀ ସର୍ବଗିଳା ସକାଳୁ ନିତ୍ୟକର୍ମ ସାରି ମନ୍ଦିରର କବାଟ ଖୋଲି ଦେଖିଲେ ଶିକ୍ଷାମାତାଙ୍କ ଅପୂର୍ବ ବେଶ। ପଦ୍ମ ଉପରେ ନ ବସି ଗେଣ୍ଡୁମାଳ ଗଳାରେ ଲମ୍ବାଇ ଗୋଟିଏ ଗଧ ପାଖରେ ଛିଡ଼ା ହୋଇଛନ୍ତି ମା'। ଗଧ ବେକରେ ବି ଗେଣ୍ଡୁମାଳ ଝୁଲୁଛି ସମାନତାର ଉଦ୍‌ଘୋଷଣ କରି। ହାତରେ ଅଛି ଡଙ୍କି, ଅନ୍ୟ ଗୋଟିଏ ହାତରେ ଓନିକୁ କାନ୍ଧରେ ପକାଇବାର ଉପକ୍ରମ କରୁଛନ୍ତି ମାତା। ତୃତୀୟ ହାତରେ ମୋବାଇଲ୍ ଫୋନ୍ ଓ ଚତୁର୍ଥରେ ଆଶୀର୍ବାଦ ମୁଦ୍ରା। ଶିକ୍ଷାମାତାଙ୍କ ଏପରି ରୂପ ଦେଖି ପୂଜାରୀ ସର୍ବଗିଳା ଚକିତ ହୋଇ ଲମ୍ବ ଲମ୍ବ ଗୋଡ଼ତଳେ ପଡ଼ିଲେ। ମା' ତୋ'ର ଏ କି ବିଚିତ୍ର ବେଶ !

ମା' ଅଭୟବାଣୀ ଶୁଣାଇ କହିଲେ- ହେ ପୂଜକ, ଭୟ କରନି। ମୁଁ ସର୍ବଶିକ୍ଷା ମାତା। ଦୁର୍ଗାମାତାଙ୍କର ୬୪ ଯୋଗିନୀ ପରି ମା' ସରସ୍ୱତୀଙ୍କ କୃପାରୁ ଆମେ ୩୬ ଶିକ୍ଷାମାତା ଦେଶର ଶିକ୍ଷା ଦାୟିତ୍ୱ ନେଇଛୁ। ମୋ ଦାୟିତ୍ୱରେ ଓଡ଼ିଶା। ଯେହେତୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲାଣି ତେଣୁ ସେହି ଭାଷାରେ ଉନ୍ନତ ଶିକ୍ଷା ଦିଆଯିବା ଉପରେ ଗୁରୁତ୍ୱ ଦେବା ପାଇଁ ମୁଁ ସ୍ୱତନ୍ତ୍ର ନିଯୁକ୍ତି ପାଇଛି। ମୋର ଏହି ରୂପ ସମ୍ଭାର ତୁମେ ସମସ୍ତଙ୍କୁ ଜଣାଅ। ଏହି ରୂପରେ ଆସନ୍ତା ପୂଜାରେ ମା' ଦୁର୍ଗାଙ୍କ ପାଖେ ମୋତେ ବସାଅ। ସରସ୍ୱତୀ ପୂଜାରେ ଓଡ଼ିଶାରେ ବିଦ୍ୟାଦାତ୍ରୀ ଭାବେ ମୋର ମୂର୍ତ୍ତି ଯେପରି ଗଢ଼ାଯାଏ ସେ ଦାୟିତ୍ୱ ତୁମର। ମୁଁ ବିଦ୍ୟାଦାତ୍ରୀଙ୍କର ଏକ ରୂପ ବୋଲି ପ୍ରଚାର କର। ମୁଁ ବୀଣା ବଜାଏନି, ପିଲାମାନଙ୍କୁ ତତ୍‌ସମ ବାଦ୍ୟ ଆଉ ଖେଳନା ଦେଇଦେଇଛି, ସେମାନେ ହସିଖେଳି, ନାଚିଗାଇ ପଢ଼ନ୍ତୁ; ଆଉ ବଢ଼ନ୍ତୁ। ମୋ ହାତରେ ବହି ନାହିଁ କାରଣ ଏଠି ବହିର ଆବଶ୍ୟକତା ଆଉ ପଡ଼ିବ ନାହିଁ। ଇଣ୍ଟରନେଟ୍, ଭିଡିଓ, ଅଡିଓରେ ଶିକ୍ଷା ଚାଲିବ। ବହି ଦାନ ଦିଆଯିବ ଗରିବଗୁରୁବା ଭକ୍ତଙ୍କୁ।

ସ୍ୱଚ୍ଛଳ ବର୍ଗର ଲୋକମାନେ ଇଂରାଜୀ ମାଧ୍ୟମ ଆଡୁ ମୁହଁ ବୁଲାଇବା ସମ୍ଭବ ନୁହେଁ, ତେଣୁ ଦୁର୍ବଳମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବାକୁ ମୋର ଆଦେଶ। ଖାଦ୍ୟ ଦାନ, ବସ୍ତ୍ର ଦାନ, ଯାନ ଦାନ ପ୍ରଭୃତି ମଧ୍ୟ କରିବ। ସର୍ବଶିକ୍ଷା ଫଳପ୍ରଦ ହେବ। ଡଙ୍କି ଖାଦ୍ୟ ଦାନର ପ୍ରତୀକ। ଓନି ପୋଷାକ ଦାନର ପ୍ରତୀକ। ପିଲାମାନେ ହସିଖେଳି, ଖାଇପିଇ ସମୟ ହେଲେ ପଢ଼ନ୍ତୁ, ନ ହେଲେ ଖାଲି ବଢ଼ନ୍ତୁ। ପିଲାଏ ବଢ଼ିଲେ ଦେଶ ବଢ଼ିବ। ଶିକ୍ଷକମାନେ ପାଠପଢ଼ା ବ୍ୟତୀତ ଅନ୍ୟ ସବୁ ସରକାରୀ କାମରେ ଯୋଗଦେଲେ ସେମାନଙ୍କ ଅନୁପସ୍ଥିତି ଯୋଗୁ ଶିକ୍ଷା ପ୍ରତି ପିଲାଙ୍କର ଡର ରହିବ ନାହିଁ। ଏହାଦ୍ୱାରା ଅଧିକ ଛାତ୍ରୀଛାତ୍ର ସର୍ବଶିକ୍ଷା ପ୍ରତି ଆକୃଷ୍ଟ ହେବେ। ସ୍କୁଲ୍ କାନ୍ଥବାଡ଼ରେ ଲେଖା ଦେଖି ମୁଁ ଅତ୍ୟନ୍ତ ପ୍ରୀତ। ସବୁ ନୀତିଶିକ୍ଷା ଏବେ ଶିକ୍ଷକମାନଙ୍କୁ ଦିଆଯାଉ, ସେମାନଙ୍କୁ ମାସକୁ ମିନିମମ୍ ଥରେ ଟ୍ରେନିଂ ଦିଆଯାଉ। ସବୁ କାନ୍ଥରେ ତମାଖୁମୁକ୍ତ ଅଞ୍ଚଳ ଲେଖାଯାଉ।

ପୂଜାରୀ ହାତ ଯୋଡ଼ି 'ଜୟ ସର୍ବଶିକ୍ଷା ମାତା କୀ' ବୋଲି ବୋବାଳି ଛାଡ଼ିଲେ। ମା' କହିଚାଲିଥିଲେ ପ୍ରାଥମିକ ସ୍ତରରେ ଜମା ପରୀକ୍ଷା କରା ନ ଯାଉ। ବିନା ପରୀକ୍ଷାରେ ପାସ୍ କରି ଯାଇଥିବା ଛାତ୍ରୀଛାତ୍ର ମାଧ୍ୟମିକ ସ୍ତରରେ ପରୀକ୍ଷାର ସମ୍ମୁଖୀନ ହେଲା ବେଳେ ବିକଳ ହୋଇ ମା' ମା' ଚିତ୍କାର କରିବେ। ମୋର ପୂଜା କରିବେ। ଫଳରେ ମୋର ପତିଆରା ବଢ଼ିବ। ସେତିକି ବେଳେ ପୂର୍ବରୁ ପାଠଛାଡ଼ିଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ମିଶାଇବ। ସେଥିପାଇଁ ମୁଁ ଗଧ ପାଖରେ ରଖିଛି। ପୂର୍ବରୁ ହଂସ କେବଳ କ୍ଷୀର ପିଇ ପାଣି ଛାଡ଼ି ଦେଉଥିଲା, ଏବେ ଗଧ ସବୁ ଗିଳିବ। ଶିକ୍ଷା, ଅଶିକ୍ଷା। ମାଧ୍ୟମିକ ପରୀକ୍ଷାରେ ଗ୍ରେଡ୍ ଧରାଇଦେବ। ଅବ୍‌ଜେକ୍ଟିଭ୍ ପାଟର୍ନ କରି ଇଂଲିଶ ଭାଷା ମାଧ୍ୟମ ବିଦ୍ୟାଳୟ ପରି ମୋ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ଅଧିକା ପାସ୍ କରାଇବ। କାରଣ ଇଂଲିଶ ଶିକ୍ଷାଦେବୀଙ୍କ ପାଖରେ ମୋର ପତିଆରା କମିଯାଉଛି। କଳେବଳେକୌଶଳେ ପାସ୍ ହାର ଅଧିକରୁ ଅଧିକ କରିବ। ଫଳାଫଳରେ ସବୁବର୍ଷ ବିଭ୍ରାଟ କରାଇ, ପରେ ପିଲାଙ୍କୁ ପାସ୍ କରାଇବ, ଫଳରେ ମା' ଆମ ଡାକ ଡେରିରେ ହେଉପଛେ ଶୁଣିଲେ ବୋଲି କିଛି ଭକ୍ତ କୃତକୃତ୍ୟ ହେବେ। ମୋ ସହ ତୁମର ପତିଆରା ବଢ଼ିବ। ଭଲପିଲା ମଧ୍ୟ ସଂଶୋଧିତ ନମ୍ବରକୁ ପରିଶ୍ରମର ଫଳ ଭାବିବେନି, ମୋ ଦାନ ବୋଲି ଭାବିବେ। ତୁମେ ମୋର ଏହି ନୀତି, ଆଦର୍ଶ ଓ ଆଦେଶ ଅଚିରେ ପାଳନ କର। ଏତିକି କହି ସର୍ବଶିକ୍ଷା ଦେବୀ ଅଦୃଶ୍ୟ ହୋଇଗଲେ।

ଏହା ଚାରିଆଡ଼େ ସରକାରୀ, ବେସରକାରୀ ଗଣମାଧ୍ୟମରେ ପ୍ରଚାର କରାଗଲା। ସର୍ବତ୍ର ଏହି ନିୟମ ଲାଗୁ କରାଗଲା। ମଧ୍ୟାହ୍ନ ଭୋଜନକୁ କଡ଼ାକଡ଼ି ପାଳନ କରାଗଲା। କେତେ କେତେ ସଂସ୍ଥା ଗରିବମାନଙ୍କୁ ଖୁଆଇବାର ଗୁରୁଦାୟିତ୍ୱ ନେବାକୁ ଆଗେଇ ଆସିଲେ। ଅଭିଜ୍ଞମାନଙ୍କ ପୃଷ୍ଠପୋଷକତାରେ ପିଲାମାନେ ୧୦୦% ପାସ୍ ହେଲେ। ମା'ଙ୍କ ଡ୍ରେସ୍‌କୋଡ ଠିକ୍ ଭାବେ ପ୍ରବର୍ତ୍ତନ କରି ନ ପାରି ୫ଟି ହାଇସ୍କୁଲ୍‌ର ହେଡ୍‌ମାଷ୍ଟର ସସ୍‌ପେଣ୍ଡ୍ ହେଲେ, ୧୭ ଜଣଙ୍କର ବଦଳି ହେଲା। ମଧ୍ୟାହ୍ନଭୋଜନ ବ୍ୟତିକ୍ରମର ସମସ୍ତ ଦୋଷ ନେଇ ୧୫ ହେଡ୍‌ମାଷ୍ଟର ସସ୍‌ପେଣ୍ଡ ହେଲେ, ୨୧ ଜଣଙ୍କର ବଦଳି ହେଲା। ମା'ଙ୍କ ଆଦେଶ ପାଳନ କରି, କେତେକ ଅଞ୍ଚଳରେ ସ୍କୁଲ୍‌ରେ ନାହିଁ ନ ଥିବା ଛାତ୍ରୀଛାତ୍ର ଭିଡ଼ ଦେଖାଗଲା, ବିଶେଷକରି ଅଣ୍ଡା ଖାଇବା ଦିନ। ଅଧିକ ପାଠଛଡ଼ା ପିଲା ଆଡ୍‌ମିଶନ କରାଇ କେତେକ ପ୍ରଧାନଶିକ୍ଷକ ଦ୍ୱିତୀୟ ଶ୍ରେଣୀ ପାହ୍ୟାକୁ ପ୍ରମୋଶନ ପାଇ ଏକାବେଳେ ଜିଲା ଶିକ୍ଷାଧୀଶ ହୋଇଗଲେ। ପ୍ରଥମ ଶ୍ରେଣୀ ଦେଖି ନ ଥିବା ପିଲା ଅଷ୍ଟମ ପାସ୍ ସାର୍ଟିଫିକେଟ୍ ପାଇଲେ। ନାରୀଶିକ୍ଷା ମଧ୍ୟ ଆଗେଇଲା। ଅଷ୍ଟମ ପାସ୍ କରିଥିବା ବୋହୂ ଭାଗବତର ଛୋଟ ଅକ୍ଷର ଦେଖି କାନ୍ଦିଲା। ଏଣୁ ଏହି ଖବରଟିକୁ ଯିଏ ପଢ଼ିବେ ଅତିକମ୍‌ରେ ୫୦ ଜଣଙ୍କୁ ମା'ଙ୍କ ଅଭିଯାନର ସୁଫଳ ବିଷୟରେ ନ ବୁଝାଇଲେ ସେମାନଙ୍କ ପିଲା ମୂର୍ଖ ହେବେ। ଜୟ ସର୍ବଶିକ୍ଷା ମାତା ଓ ସର୍ବଗିଳା ପୂଜକ।

ମୋ- ୯୪୩୮୭୮୫୭୯୨

## ଏଇ ଭାରତରେ

ପରିବର୍ତ୍ତିତ ସମୟ ସହିତ ଲୋକଙ୍କ ରୁଚି ତଥା ପେସା ବଦଳିବାରେ ଲାଗିଛି। ଏବେ କେତେକ ଭିକ୍ଷାବୃତ୍ତିକୁ ନିଜର ପେସା ଭାବେ ଗ୍ରହଣ କରିବାକୁ ପସନ୍ଦ କରୁଛନ୍ତି। ଏଥିରେ ଅର୍ଥ ବିନିଯୋଗ କରିବାର ଆବଶ୍ୟକତା ନାହିଁ। କେବଳ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିପାରିଲେ ଏଥିରେ ବିପୁଳ ଆୟର ସୁଯୋଗ ରହିଛି। ଏପରି ଜଣେ ବ୍ୟକ୍ତି ହେଉଛନ୍ତି ଝାଡଖଣ୍ଡର ଛୋଟୁ ବୈରଖି। ସେ ଚକ୍ରଧରପୁର ରେଳଷ୍ଟେଶନରେ ପିଲାଦିନରୁ ଭିକ୍ଷାବୃତ୍ତି କରି ବର୍ତ୍ତମାନ ୪୦ବର୍ଷ ବୟସରେ ଉପନୀତ ହେଲେଣି। ପିଲାଦିନୁ ତାଙ୍କ ଶରୀର ଅଣ୍ଟାଠାରୁ ତଳକୁ କାମ କରୁନାହିଁ। ଏଭଳି ଅବସ୍ଥାରେ ସେ ଭିକ୍ଷାବୃତ୍ତିକୁ ନିଜର ପେସା ଭାବେ ଗ୍ରହଣ କରିଥିଲେ। ଏବେ ଭିକ୍ଷାକରି ଦୈନିକ ୧ହଜାରରୁ ୧୨ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଭିକ୍ଷାବୃତ୍ତି ତାଙ୍କର ମୁଖ୍ୟ ପେସା ହୋଇଥିବା ବେଳେ ସେ ବିଭିନ୍ନ ସ୍ୱାସ୍ଥ୍ୟ ଉତ୍ପାଦ ମଧ୍ୟ ବିକ୍ରି କରୁଛନ୍ତି। ଏହା ସହିତ ସମ୍ପୃକ୍ତ କମ୍ପାନୀର ସଦସ୍ୟ ସଂଖ୍ୟା ବଢ଼ାଇବା କାର୍ଯ୍ୟ କରୁଛନ୍ତି। ସେ ଭିକ୍ଷାବୃତ୍ତିରୁ ମିଳୁଥିବା ଅର୍ଥ ବିନିଯୋଗ କରି ସିମ୍‌ଡେଗା ଜିଲାରେ ଥିବା ନିଜ ଗାଁ ଓ୍ୱିଣ୍ଡିଠାରେ ଏକ ବାସନକୁସନ ଦୋକାନ କରିଛନ୍ତି। ଏହି ଦୋକାନ ଚଳାନ୍ତି ତାଙ୍କ ସ୍ତ୍ରୀ। ମନୋବଳ ଦୃଢ଼ ଥିଲେ ଯେ ଅସାଧ୍ୟ ସାଧନ କରିହୁଏ, ଏ କଥା ଜୀବନରେ ପ୍ରମାଣିତ କରିଛନ୍ତି ଛୋଟୁ।

### ଚିରନ୍ତନୀ

ଅସୀମ କାଳର ସ୍ରୋତେ
ମୋ ଜୀବନ-କାଳ ଯେତେ ସାନ
ହେଉ ପଛେ କ୍ଷୀଣତମ
କ୍ଷୁଦ୍ରତମ ବୁଦ୍‌ବୁଦ ସମାନ।
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୫ ମାର୍ଚ୍ଚ ୧୯୯୪

- ସୋମାଲିଆର ଦୁଇ ଯୁଦ୍ଧରତ ଗୋଷ୍ଠୀର ନେତାମାନଙ୍କ ମଧ୍ୟରେ ନାଇରୋବିଠାରେ ଏକ ଯୁଦ୍ଧବିରତି ରାଜିନାମା ସ୍ୱାକ୍ଷରିତ।
- ତୁର୍କୀରେ ଆସ୍ଥାଭାଜନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଜାତିସଂଘ ପକ୍ଷରୁ ଦିଆଯାଇଥିବା ପ୍ୟାକେଜ ପ୍ରସ୍ତାବକୁ ତୁର୍କୀର ସାଇପ୍ରିଅଟ ଗୋଷ୍ଠୀର ପ୍ରତ୍ୟାଖ୍ୟାନ।

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୧୭- ଗୋଆ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ କର୍କଟ ରୋଗରେ ୬୩ ବର୍ଷ ବୟସରେ ପରଲୋକ।

୧୮- ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ମୃତ୍ୟୁ ପରେ ରାଜ୍ୟ ବିଧାନସଭାର ବାଚସ୍ପତି ଥିବା ପ୍ରମୋଦ ସାୱନ୍ତଙ୍କୁ ଭାଜପା ବିଧାୟକ ଦଳର ନେତା ନିର୍ବାଚନ କରିଛି ଏବଂ ସେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି।

୧୯- ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ପିନାକୀ ଚନ୍ଦ୍ର ଘୋଷଙ୍କୁ ଭାରତର ପ୍ରଥମ ଲୋକପାଳ ଭାବେ ନିଯୁକ୍ତି ଦିଆଯାଇଛି।

୨୦- ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କରୁ ୧୩ ହଜାର କୋଟି ଟଙ୍କା ଠକେଇର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କୁ ଲଣ୍ଡନରେ ଗିରଫ କରାଯାଇଛି।

* ତେଲେଙ୍ଗନା କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡି.କେ. ଅରୁଣା ଭାଜପାରେ ଯୋଗ ଦେଇଛନ୍ତି।

୨୩- ଗୋଆ ମୁଖ୍ୟମନ୍ତ୍ରୀ ଭାବେ ନବନିଯୁକ୍ତ ପ୍ରମୋଦ ସାୱନ୍ତ ଆସ୍ଥା ଭୋଟରେ ଜିତିଲେ।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | | | | | E | D | | | | |
| | 8 | | | | 6 | 4 | | E | | | 3 | | | A |
| | | 2 | 9 | | | | | | A | | 4 | | 7 | |
| 7 | | | | 8 | | | | D | | 6 | B | 2 | | |
| | 4 | | | | 7 | | B | 0 | | | | E | 6 | 5 |
| | B | 3 | | | | | | | C | | | 8 | | E |
| | | | | | | 7 | 4 | | 8 | | | | | B |
| | 7 | | | 5 | A | | | | | 4 | | 0 | | |
| | | 0 | | | D | | | | 5 | | | | | |
| 6 | | | | | | B | | | | A | D | 7 | | |
| | | | C | 2 | | 5 | | 4 | | | | 1 | | 0 |
| 2 | A | | 0 | 4 | | 6 | | | 3 | | | D | E | |
| | | 9 | | | 8 | | 2 | | 1 | E | | | C | |
| | | | | D | | E | | B | | 8 | | 6 | | |
| | | B | | | 5 | 0 | | 3 | | 7 | 6 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | 8 | 7 | 5 | C | 4 | 3 | B | 2 | D | 0 | 1 | 6 | 9 |
| 2 | 5 | 3 | 6 | A | E | 1 | C | 9 | 7 | 8 | 4 | 0 | D | B |
| 7 | 0 | 4 | D | 1 | 9 | 8 | 2 | 5 | B | 6 | 3 | E | A | C |
| C | D | 6 | B | 4 | 2 | A | 0 | E | 9 | 1 | 5 | 3 | 7 | 8 |
| 9 | 1 | B | 0 | 8 | 3 | 6 | 7 | D | E | C | A | 5 | 4 | 2 |
| 6 | 9 | 0 | 3 | C | A | 7 | D | 4 | 1 | 5 | 2 | 8 | B | E |
| D | 2 | 7 | 5 | E | 4 | C | A | 3 | 6 | B | 8 | 9 | 1 | 0 |
| 8 | B | E | 2 | 7 | 6 | 9 | 1 | 0 | 3 | 4 | C | D | 5 | A |
| 4 | 3 | 5 | 1 | D | B | E | 6 | 8 | A | 0 | 9 | 2 | C | 7 |
| 1 | C | A | 8 | 9 | 0 | 5 | B | 2 | D | 7 | E | 6 | 3 | 4 |
| 5 | 7 | D | 4 | 0 | 1 | 2 | E | C | 8 | A | 6 | B | 9 | 3 |
| 3 | 4 | 9 | A | 2 | 8 | B | 5 | 6 | C | E | 1 | 7 | 0 | D |
| B | E | 1 | C | 3 | 5 | D | 8 | A | 0 | 9 | 7 | 4 | 2 | 6 |
| 0 | 8 | C | 9 | 6 | D | 3 | 4 | 7 | 5 | 2 | B | A | E | 1 |
| A | 6 | 2 | E | B | 7 | 0 | 9 | 1 | 4 | 3 | D | C | 8 | 5 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଜରାନିବାସର ନିୟମ

ମହାଶୟ,

ଜରା ଅବସ୍ଥାରେ ମଣିଷ ଅନ୍ୟର ସେବା ଉପରେ ନିର୍ଭର କରେ। ଜୀବନ ଯନ୍ତ୍ରଣାମୟ ହୋଇଉଠେ। ବହୁ ପରିବାରର ବୃଦ୍ଧାବୃଦ୍ଧମାନେ ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହୋଇ ଜରାନିବାସରେ ରହୁଛନ୍ତି। ଏ ବିଷୟରେ କେବଳ ଖବରକାଗଜରେ ପଢ଼ିଛି। ଆଖିରେ ଜରାଶ୍ରମ ଦେଖିନି କି ସେଠାକାର ନିୟମକାନୁନ ଜାଣିନି। ସେଠାରେ ବିନା ପଇସାରେ ରହିବାକୁ ପଡ଼େ ନା ପଇସା ଦେଇ ରହିବାକୁ ପଡେ, ସେଠାରେ ବୁଢ଼ୀବୁଢ଼ାଙ୍କର ସେବା କରାଯାଏ କି କ୍ରୂର ବ୍ୟବହାର କରାଯାଏ ? ମୋର ଜରାଶ୍ରମରେ ରହିବାକୁ ଇଚ୍ଛା। କାରଣ ମୁଁ ଅବିବାହିତ ଏବଂ ମୋର ଜରା ଅବସ୍ଥା। ଯଦି କେହି ନିୟମକାନୁନ ଜାଣିଥାନ୍ତି ଚିଠି ମାଧ୍ୟମରେ ଜଣାଇଲେ ଖୁସି ହୁଅନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱରରେ ବିଶେଷତଃ ଯୁବକମାନେ ଅତି ଦ୍ରୁତଗତିରେ ରାସ୍ତାର ଓଲଟା ଦିଗରେ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ଅନେକ ଦୁର୍ଘଟଣା ଘଟୁଛି। ଲୋକମାନଙ୍କର ରାସ୍ତା ନିୟମ ପ୍ରତି ବେଖାତିର ମନୋଭାବ, ରାସ୍ତାକଡ଼ରେ ଯାନବାହନ ପାର୍କିଂ କରାଯିବା, ଛକ ସ୍ଥାନମାନଙ୍କରେ ପାଦଚଲା ଓଭର ବ୍ରିଜ୍ କିମ୍ବା ଭୂତଳ ରାସ୍ତାର ଅଭାବ ଏବଂ ଟ୍ରାଫିକ ପୋଲିସ ପ୍ରଶାସନର ନିଷ୍କ୍ରିୟତା ଏହି ସମସ୍ୟାର ମୂଳ କାରଣ। ମୁଖ୍ୟ ରାସ୍ତାଗୁଡ଼ିକର ଉଭୟ ପାର୍ଶ୍ୱରେ ସାମାନ୍ୟ ଉଚ୍ଚତା ବିଶିଷ୍ଟ ପାଦଚଲା ରାସ୍ତା ନ ଥିବା ମଧ୍ୟ ଏକ ବଡ଼ ସମସ୍ୟା। ଏ ବିଷୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେସଙ୍ଗେ ଏହାର ଆଶୁ ସମାଧାନ ଆଶା କରୁଛି।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୁରୀରେ ସମ୍ବିତ୍‌ଙ୍କ ପାଇଁ ଚ୍ୟାଲେଞ୍ଜ

**ହେମନ୍ତ ନାୟକ**
**ପୁରୀ ଅଫିସ,୨୪।୩**

ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରୁଥିବା ପୁରୀ ସହରର ନିର୍ବାଚନୀ ପରିବେଶ ଧୀରେ ଧୀରେ ଉଷ୍ମ ହେବାରେ ଲାଗିଲାଣି। ଏଥର ପୁରୀ ଲୋକ ସଭା ଆସନକୁ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ଲାଗି ପଡିଛନ୍ତି। ନିର୍ବାଚନୀ ମଇଦାନକୁ କାହାକୁ ଛାଡିଲେ ସଫଳତା ମିଳିବ ସେ ନେଇ ତୁଙ୍ଗ ନେତୃତ୍ୱ ଭାବିଚିନ୍ତି ଗୋଟି ଚାଳନା କରୁଛନ୍ତି। ପ୍ରମୁଖ ତିନୋଟି ଦଳ ମଧ୍ୟରୁ କେବଳ ଭାଜପା ପ୍ରାର୍ଥୀ ଚୂଡାନ୍ତ ହୋଇସାରିଥିବା ବେଳେ ବିଜେଡି ଓ କଂଗ୍ରେସ କିଏ ପ୍ରାର୍ଥୀ ହେବେ ତାହା ଉପରେ ଏବେ ସମସ୍ତଙ୍କ ନଜର। ଏଥର ପୁରୀ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର। ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ରାଜନୈତିକ ଚର୍ଚ୍ଚା ଆଲୋଚନାରେ ଦଳ ବିରୋଧରେ କୌଣସି ଜଟିଳ ପ୍ରଶ୍ନର ଜବାବ୍ ଦେବାରେ ମାହିର ହେଉଛନ୍ତି ସମ୍ବିତ୍। କିନ୍ତୁ ପୁରୀ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ଆଲୋଚନା ହେଉଛି।


ସମ୍ବିତ୍ ପାତ୍ର

ପୁରୀକୁ ଫୋକସରେ ରଖିଛି ଭାଜପା। ପୂର୍ବୋଦୟରୁ ଭାରତର ବିକାଶ ନାରା ଦେଉଥିବା ଏହି ଜାତୀୟ ଦଳ ଗତ କିଛି ମାସ ମଧ୍ୟରେ ପୁରୀରେ ବଡ଼ ବଡ଼ ସଭା, ସମାବେଶ କରିଛି। ଜାତୀୟସ୍ତରୀୟ ନେତୃବୃନ୍ଦଙ୍କୁ ଶ୍ରୀକ୍ଷେତ୍ର ମାଟିରେ ଏକାଠି କରି ପରିବର୍ତ୍ତନର ଆହ୍ୱାନ ଦେଇଛି। ଯେଉଁଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରୁ ଲଢି ପୂର୍ବ ଭାରତରେ ଭାଜପା ସ୍ଥିତିକୁ ଆହୁରି ସୁଦୃଢ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଭୁବନେଶ୍ୱରରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରେ ଏହି ଚର୍ଚ୍ଚା ରାଜଧାନୀ ଦିଲ୍ଲୀରେ ବି ପହଞ୍ଚିଥିଲା। ଏପରି କି ରାଜ୍ୟ ଶାଖା ତରଫରୁ କୁହାଯାଇଥିଲା, ଏ ନେଇ ଏକ ସଂକଳ୍ପ ପାରିତ କରାଯାଇ କେନ୍ଦ୍ରୀୟ ଟିମ୍ ନିକଟକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଭାଜପା ସଭାପତି ମଧ୍ୟ ଏ ନେଇ ସକାରାତ୍ମକ ଆଭିମୁଖ୍ୟ ରଖିଥିଲେ। ପ୍ରତ୍ୟହ ରାତିରେ ଦଳ ପକ୍ଷରୁ ସ୍ଥିତି ସମ୍ପର୍କରେ ରିପୋର୍ଟ ନିଆଯାଉଥିବା କହିଥିଲେ। ହେଲେ ପୁରୀରୁ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ନେଇ ହେଉଥିବା ଚର୍ଚ୍ଚା ଏବେ ଥଣ୍ଡା ପଡିଯାଇଛି। ପୁରୀରୁ ନିର୍ବାଚନ ଲଢିବାକୁ ସମ୍ବିତଙ୍କୁ ଦଳ ଟିକେଟ ଦେବା ପରେ ଏହି ଚର୍ଚ୍ଚାରେ ପଡିଛି ପୂର୍ଣ୍ଣଚ୍ଛେଦ। କିନ୍ତୁ ସମ୍ବିତଙ୍କ ପାଇଁ ଏହା ସହଜ ହେବ ନାହିଁ ବୋଲି ଶୁଣିବାକୁ ମିଳୁଛି।

ସମ୍ବିତ ୨୦୧୨ରେ ଦିଲ୍ଲୀ ପୌର ନିର୍ବାଚନରେ କାସ୍‌ମେର ଗେଟ୍‌ରୁ ଭାଜପା ପ୍ରାର୍ଥୀ ଭାବେ ଲଢିଥିଲେ। ଏହାପୂର୍ବରୁ ୨୦୧୦ରେ ତାଙ୍କୁ ଦିଲ୍ଲୀ ଭାଜପା ୟୁନିଟ୍‌ର ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିଲା। ଏହାପରେ ରାଷ୍ଟ୍ରୀୟ ମୁଖପାତ୍ର ଭାବେ ତାଙ୍କୁ ଦାୟିତ୍ୱ ମିଳିଥିଲା। କଟକ ଏସ୍‌ସିବି ମେଡିକାଲ କଲେଜରୁ ସର୍ଜନରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ସମ୍ବିତ୍ ସମ୍ବଲପୁର ଭିଏସ୍‌ଏସ୍ ମେଡିକାଲ କଲେଜରେ ଏମ୍‌ବିବିଏସ୍ କରିଛନ୍ତି। ବର୍ତ୍ତମାନ ଓଏନ୍‌ଜିସିର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ଦେଖିବାକୁ ଗଲେ ସମ୍ବିତ୍‌ଙ୍କର ପୁରୀ ଉପରେ ଏତେଟା ଦଖଲ ନାହିଁ। ସେ ପୁରୀ ଜିଲାବାସୀ ମଧ୍ୟ ନୁହନ୍ତି। ତେଣୁ ତାଙ୍କ ପାଇଁ ଏଥର ନିର୍ବାଚନ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଭାଜପା ଏଠାରେ ତୃତୀୟ ସ୍ଥାନରେ ରହିଥିଲା। ଅର୍ଥାତ୍ ୨୦୧୪ରେ ବିଜେଡିର ପିନାକୀ ମିଶ୍ର ୫,୨୩,୧୬୧ ଭୋଟ ପାଇଥିବାବେଳେ କଂଗ୍ରେସର ସୁଚରିତା ମହାନ୍ତି ୨,୫୯,୮୦୦ ଏବଂ ଭାଜପାର ଅଶୋକ ସାହୁଙ୍କୁ ମିଳିଥିଲା ୨,୧୫,୭୬୩ ଭୋଟ। ପୁରୀରେ ଦଳର ସ୍ଥିତି ଏମିତି ରହିଥିବା ବେଳେ ଭାଜପା ସମ୍ବିତଙ୍କୁ ଗେମ୍ ଚେଞ୍ଜର ଭାବେ ଏଠାରେ ଅବତୀର୍ଣ୍ଣ କରାଇଛି। ସେ ଜଣେ ଭଲ ବକ୍ତା ଏବଂ ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ଭଳି ଦକ୍ଷତା ତାଙ୍କର ରହିଥିବା ଦଳ ଭାବୁଛି। କିନ୍ତୁ ପୁରୀ ଲୋକ ସଭା ଅଞ୍ଚଳବାସୀ କେତେଦୂର ତାଙ୍କୁ ଗ୍ରହଣ କରୁଛନ୍ତି ତାହା ଫଳାଫଳ ପ୍ରକାଶ ପାଇବା ପରେ ସ୍ପଷ୍ଟ ହେବ।

୨୦୧୪ ନିର୍ବାଚନରେ ପୁରୀ ଲୋକ ସଭା ଅଧୀନ ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟି ବିଜେଡି କବ୍‌ଜାରେ ରହିଛି। ପୁରୀ ଜିଲାର ୪ଟି(ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି) ଓ ନୟାଗଡ଼ ଜିଲାର ୨(ରଣପୁର, ନୟାଗଡ଼)ଟି ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହୋଇଥିବା ବେଳେ କେବଳ ଖୋର୍ଦ୍ଧା ଜିଲାର ଚିଲିକା ଆସନ ଭାଜପା ଦଖଲରେ ରହିଛି। ବିଜେଡି ଗଠନ ପରଠାରୁ ପୁରୀ ଲୋକ ସଭା ଆସନ ବିଜେଡିର ଏକ ଅଭେଦ୍ୟ ଦୁର୍ଗ ଭାବେ ରହିଆସିଛି। ଏଭଳି ସ୍ଥିତିରେ ସମ୍ବିତଙ୍କ ଆବିର୍ଭାବ ଭାଜପା ଆଶାକୁ କେତେଦୂର ସାକାର କରିବ ତାହା ଉପରେ ସମସ୍ତଙ୍କ ନଜର।

ଏ ସମ୍ପର୍କରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଲୋକ ସଭା ନିର୍ବାଚନରେ ସବୁବେଳେ ଜାତୀୟସ୍ତରୀୟ ପ୍ରସଙ୍ଗକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। ତେଣୁ ଏଥର ମୋଦି ଏବଂ ମୋଦି ବିରୋଧୀ ଲଢେଇ ହେଉଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ତା'ଛଡା ଅତୀତରେ ପୁରୀ ବାହାର ବ୍ୟକ୍ତି ଏଠାରୁ ଲୋକ ସଭା ପ୍ରାର୍ଥୀ ହୋଇ ଜିତିଛନ୍ତି। ଡା. ସମ୍ବିତ ପାତ୍ର ଜଣେ ଜାତୀୟ ସ୍ତରୀୟ ନେତା ହୋଇଥିବା କାରଣରୁ ତାଙ୍କୁ ଆଞ୍ଚଳିକତାବାଦ ଛୁଇଁପାରିବ ନାହିଁ।

## ନବୀନ ନିବାସରେ ଭିଡ଼






ନବୀନ ନିବାସରେ ରବିବାର ଟିକେଟ ଆଶାୟୀ, ପ୍ରାର୍ଥୀ ଓ ନେତାଙ୍କ ଭିଡ଼।


ବରଗଡ଼ ଜିଲାର କଂଗ୍ରେସ ନେତା ସାଧୁ ନେପାକ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।


କେନ୍ଦ୍ରାପଡ଼ାର ସଂଖ୍ୟାଲଘୁ ସମ୍ପ୍ରଦାୟର ଡ. ସଲିମ ଓ ଅନ୍ୟମାନେ ରବିବାର ନବୀନ ନିବାସରେ ବିଜେଡିରେ ଯୋଗଦେଇଛନ୍ତି।


ରବିବାର ବିଜେଡିରେ ଯୋଗଦେଇଥିବା କୋରାପୁଟ ଜିଲା ଲକ୍ଷ୍ମୀପୁରର କଂଗ୍ରେସ ନେତା ରାଜେନ୍ଦ୍ର ହିକ୍କା ଓ ସୁନ୍ଦରଗଡ଼ର କଂଗ୍ରେସ ନେତା ଜଟିଆ ମୁଣ୍ଡା।

# କଂଗ୍ରେସରେ ଭିମ୍‌ସାରର ପୂର୍ବତନ ନିର୍ଦ୍ଦେଶକ

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**

ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ର ପୂର୍ବତନ ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଦୀର୍ଘଦିନ ହେବ ଅଶ୍ୱିନୀ ରାଜନୀତିରେ ଯୋଗଦେଇ ପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଥିଲା। ସେ ପୂର୍ବରୁ ରାଜନୀତିକୁ ଆସିପାରନ୍ତି ବୋଲି ପରୋକ୍ଷରେ ଇଙ୍ଗିତ ଦେଇଥିଲେ। ହେଲେ ସେ କେଉଁ ଦଳକୁ ଯିବେ ସେନେଇ ସ୍ପଷ୍ଟ କରି ନ ଥିଲେ। କଂଗ୍ରେସରେ ଯୋଗଦେବା ପରେ ସେ କହିଛନ୍ତି ଯେ, କଂଗ୍ରେସ ହେଉଛି ଏକମାତ୍ର ଦଳ ଯିଏ ଭାରତରେ ଗଣତନ୍ତ୍ରକୁ ସୁରକ୍ଷାଦେବା ସହ ତଳେ ପଡ଼ିଥିବା ମଣିଷର ଉନ୍ନତି କଥା ଚିନ୍ତା କରିଥାଏ। ଜୀବନର ୩୩ବର୍ଷ ସେନାରେ କାର୍ଯ୍ୟକରି ଭାରତ ବର୍ଷର ଜନଗଣଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ପୁଣି ସେହି କାର୍ଯ୍ୟକରିବା ପାଇଁ କଂଗ୍ରେସରେ ଯୋଗଦେଇଛନ୍ତି ବୋଲି ଅଶ୍ୱିନୀ କହିଛନ୍ତି।

କଂଗ୍ରେସ ରାଜ୍ୟ ପ୍ରଭାରୀ ତଥା ଛତିଶଗଡ଼ର ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍.ସିଂଦେଓ ଅଶ୍ୱିନୀଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଉଦ୍‌ବୋଧନ ଦେଇ ପ୍ରଭାରୀ ସିଂହଦେଓ କହିଛନ୍ତି, ଚଳିତ ନିର୍ବାଚନରେ କଂଗ୍ରେସ ବିଜେଡି ଓ ଭାଜପା ସହ ତ୍ରିମୁଖୀ ଲଢ଼େଇରେ ରହିବ। ଛତିଶଗଡ଼ର ଯେଉଁ ପ୍ରସଙ୍ଗକୁ ନେଇ କଂଗ୍ରେସ ଲଢ଼ିଥିଲା ଓଡ଼ିଶାରେ ମଧ୍ୟ ଦଳ ସମାନ କଥାକୁ ଗୁରୁତ୍ୱ ଦେବ। କୃଷି ଓ କୃଷକ, ମହିଳା ଓ ଯୁବକମାନଙ୍କ ନିଯୁକ୍ତି ତଥା ଉନ୍ନତି ପାଇଁ କଂଗ୍ରେସ ସଂକଳ୍ପବଦ୍ଧ। ଏହି ପ୍ରସଙ୍ଗରେ କଂଗ୍ରେସ ଓଡ଼ିଶାରେ ଶାସନ କ୍ଷମତାକୁ ଆସିବ ବୋଲି ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିରଞ୍ଜନ କହିଛନ୍ତି, ଏଥର କଂଗ୍ରେସ ବରିଷ୍ଠ, ମହିଳା, ଯୁବକ ଓ ସମାଜର ହିତ ପାଇଁ କାର୍ଯ୍ୟକରୁଥିବା ବୁଦ୍ଧିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦଳୀୟ ଟିକେଟ ପ୍ରଦାନ କରିଛି। ତେଣୁ ରାଜ୍ୟରେ ଚଳିତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରି ସରକାର ଗଠନ କରିବାକୁ ସକ୍ଷମ ହେବ ବୋଲି ସେ କହିଛନ୍ତି।



କଂଗ୍ରେସରେ ଯୋଗ ଦେଇଥିବା ଭିମସାରର ପୂର୍ବତନ ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଉଛି।

## ୨୦୧୪ ନିର୍ବାଚନ ଖର୍ଚ୍ଚର ହିସାବ ଦେଲେନି
## ୬ ପ୍ରାର୍ଥୀ ନିର୍ବାଚନ ଲଢିବାକୁ ଅଯୋଗ୍ୟ ଘୋଷିତ

**ଯାଜପୁର ଅଫିସ,୨୪।୩**

୨୦୧୪ ସାଧାରଣ ନିର୍ବାଚନରେ ଅର୍ଥ ତଦାରଖ ପର୍ଯ୍ୟବେକ୍ଷକଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ କରି ପାରି ନ ଥିବା କାରଣରୁ ଯାଜପୁର ଜିଲାର ୬ଜଣ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଜନପ୍ରତିନିଧି ଆଇନ ୧୯୫୧ ଧାରା ୧୦(କ) ଅନୁଯାୟୀ ଭାରତର ନିର୍ବାଚନ କମିଶନ ଏଭଳି ପଦକ୍ଷେପ ନେଇଛନ୍ତି। କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ପରମାନନ୍ଦ ଜ୍ୟୋତିଷ, ଗୋପାଳକୃଷ୍ଣ ମହାନ୍ତି ଓ ବିଶ୍ୱନାଥ ସାହୁଙ୍କୁ ନିର୍ବାଚନ କମିଶନ ଗତ ୧୩।୯।୨୦୧୭ରେ ଅଯୋଗ୍ୟ ଘୋଷଣା କରିବା ସହ ଏହାର ସମୟ ଅବଧି ୧୩।୭।୨୦୨୦ ପର୍ଯ୍ୟନ୍ତ ଧାର୍ଯ୍ୟ କରିଛନ୍ତି। ସେହିପରି ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଚନ୍ଦ୍ରମଣି ନାୟକ ଓ ନିର୍ମଳ କୁମାର ରାଉତ ଏବଂ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ରାଜେନ୍ଦ୍ର ଧଳଙ୍କୁ କମିଶନ ଗତ ୨୫।୭।୨୦୧୮ରେ ଅଯୋଗ୍ୟ ଘୋଷଣା କରିବା ସହ ଏହି ସମୟ ସୀମା ୨୫।୭।୨୦୨୧ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଚଳିତ ନିର୍ବାଚନରେ ଉପରୋକ୍ତ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି କମିଶନ ଅବଗତ କରାଇଛନ୍ତି। ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀମାନେ ଏହି ଦିଗ ପ୍ରତି ଧ୍ୟାନ ଦେବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି।

# ଭାଜପାରେ ମିଶିବା ପରେ ବାସନ୍ତୀଙ୍କ ପୋଷ୍ଟର ପୋଡ଼ିଲେ ବିଜେଡି କର୍ମୀ



**ମୋହନା,୨୪।୩ (ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ନିର୍ବାଚନମଣ୍ଡଳୀ ବିଧାୟିକା ବାସନ୍ତୀ ମଲ୍ଲିକ ବିଜେଡି ଛାଡ଼ି ଭାଜପାରେ ମିଶିବା ପରେ ଏବେ ବିଜେଡି କର୍ମୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ଭାଜପାରେ ତାଙ୍କ ଯୋଗଦାନକୁ ମୋହନା ବିଜେଡି କର୍ମୀମାନେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ବ୍ଲକ ବିଜେଡି ସଭାପତି ରଞ୍ଜୀବ ଶବରଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଶନିବାର ବାସନ୍ତୀଙ୍କ ଫଟୋଚିତ୍ର ଧରି ବଜାର ପରିକ୍ରମା କରି ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଶେଷରେ ତାଙ୍କର ପୋଷ୍ଟର ପୋଡିଥିଲେ।

ଦଳୀୟ କର୍ମୀମାନଙ୍କ ଅଭିଯୋଗ ଯେ, ମୋହନାରେ କର୍ମୀମାନେ ହିଁ ତାଙ୍କୁ ସରପଞ୍ଚରୁ ବ୍ଲକ ଚେୟାରମ୍ୟାନ କରାଇଥିଲେ। ପରେ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ସେ ବିଜେଡିର ବିଧାୟିକା ହୋଇଥିଲେ। ମାତ୍ର ଦଳୀୟ ସଙ୍ଗଠନ ପ୍ରତି ଦୃଷ୍ଟି ଦେଲେନାହିଁ କିମ୍ବା କର୍ମୀଙ୍କୁ ପଚାରିଲେ ନାହିଁ। ଫଳରେ ଦଳ ତାଙ୍କୁ ଚଳିତ ନିର୍ବାଚନରେ ଟିକେଟ ଦେଲା ନାହିଁ। ମାତ୍ର ସେ ନିଜର ସ୍ୱାର୍ଥ ପାଇଁ ଏବେ ଭାଜପାରେ ମିଶିଛନ୍ତି। ତେଣୁ ଭାଜପାରେ ତାଙ୍କର ଯୋଗଦାନ ପରେ ମୋହନା ନିର୍ବାଚନମଣ୍ଡଳୀରେ କିଛି ଫରକ ପଡିବ ନାହିଁ ବୋଲି ବିଜେଡି ସଭାପତି କହିଛନ୍ତି। ଆଗାମୀ ନିର୍ବାଚନରେ ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ବରିଷ୍ଠ ନେତା ରଜେନ୍ଦ୍ର ନାୟକ କହିଛନ୍ତି। ଏଥିରେ ବିଜେଡ଼ି କର୍ମୀ ଶିବ ସାହୁ, ଦୀନବନ୍ଧୁ ସାହୁ, ବିଳାସ ନାୟକ, ଦେବା ନାୟକ, ଫିରୋଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେଡିରେ ଯୋଗଦେଲେ ପୂର୍ବତନ କଂଗ୍ରେସ ବିଧାୟକ ସାଧୁ
### ରୁଦ୍ର ସାମନ୍ତରାୟ ମଧ୍ୟ ସାମିଲ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

କଂଗ୍ରେସ ନେତା ତଥା ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ୨୦୦୯ରେ ବିଜେଡି ହେଭିୱେଟ୍ ଆନନ୍ଦ ଆଚାର୍ଯ୍ୟଙ୍କୁ ପରାସ୍ତ କରି ସାଧୁ ଚର୍ଚ୍ଚାକୁ ଆସିଥିଲେ। ୨୦୧୪ରେ ସାଧୁ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁତ୍ର ଦେବେଶ ଆଚାର୍ଯ୍ୟଙ୍କଠାରୁ ପରାସ୍ତ ହୋଇଥିଲେ। କିନ୍ତୁ ଆସନ୍ତା ନିର୍ବାଚନ ପାଇଁ କଂଗ୍ରେସ ତାଙ୍କୁ ଟିକେଟ ଦେଇ ନ ଥିଲା। ସେହିପରି ବିଷମ କଟକ ନିର୍ବାଚନମଣ୍ଡଳୀରୁ ପୂର୍ବରୁ ଭାଜପା ପ୍ରାର୍ଥୀ ହୋଇଥିବା ସାରଙ୍ଗଧର କାଡ୍ରେକା, ଲକ୍ଷ୍ମୀପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ କଂଗ୍ରେସର ରାଜେନ୍ଦ୍ର ହିକ୍‌କା ଓ ଟାଙ୍ଗରପାଲ୍ଲୀ ବ୍ଲକର କଂଗ୍ରେସ ନେତା ନିଜର ଶତାଧିକ କର୍ମୀମାନଙ୍କ ସହ ରବିବାର ବିଜେଡିରେ ସାମିଲ ହୋଇଛନ୍ତି।

ସେହିପରି ଅନ୍ୟ ଏକ ମିଶ୍ରଣ ପର୍ବରେ 'ଜୟ ଓଡ଼ିଶା'ର ସଭାପତି ତଥା ଇଂ. ରୁଦ୍ର ସାମନ୍ତରାୟ ଓ ତାଙ୍କ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ମାନେ ହେଉଛନ୍ତି– ସତ୍ୟଜିତ ଦାସ, ସୌରଭ କୁମାର, ରାଜା ନିର୍ମାଲ୍ୟ, ବିବେକ ପାଣ୍ଡେ, ତୃପ୍ତି ମହାନ୍ତି, ବୈଶାଳୀ ନନ୍ଦ, ଅରୁପା ରାୟ ଯୋଶୀ, ଡ. ଇନ୍ଦୁରେଖା ଦାସ, ଖାନ୍‌ସି ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ, ତନ୍ମୟ ଦାସ, ମିସ୍ ରେନୁ, ଶଶଧର ମିଶ୍ର, ମିସ୍ କିରନ, ମିସ ପଦ୍ମାଙ୍କ ସମେତ ସଂଖ୍ୟାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

# ପ୍ରକାଶ ଭାଜପା ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

**କଟକ ଅଫିସ, ୨୪।୩**

ରାଜ୍ୟର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ରବିବାର ଭାଜପାରେ ଯୋଗ ଦେଇଛନ୍ତି। ଅବସରପ୍ରାପ୍ତ ଏହି ବରିଷ୍ଠ ଆଇପିଏସ୍ ଅଧିକାରୀ ଜଣକ କଟକ ସଂସଦୀୟ କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଯଦିଓ ଭାଜପା ପକ୍ଷରୁ ଅଦ୍ୟାବଧି କଟକ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ ତଥାପି ପ୍ରକାଶଙ୍କ ନାମ ଆପାତତଃ ଚୂଡ଼ାନ୍ତ ହୋଇଥିବା ଭାଜପା କର୍ମୀ ଓ ନେତାଙ୍କ ମହଲରେ ଆଲୋଚନା ହେଉଛି। ପୂର୍ବରୁ କଟକ ସଂସଦୀୟ କ୍ଷେତ୍ରରୁ ଭାଜପା ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଡଭୋକେଟ ପୀତାମ୍ବର ଆଚାର୍ଯ୍ୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ଚାଲିଥିଲା। ଏପରି କି ଆଡଭୋକେଟ ଆଚାର୍ଯ୍ୟ ମଧ୍ୟ ଲୋକ ସଭା କ୍ଷେତ୍ର ଅଧୀନ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ଘନ ଘନ ଗସ୍ତ କରି ସଂଗଠନ ସଜାଡ଼ିବା କାର୍ଯ୍ୟରେ ଲାଗି ପଡ଼ିଥିଲେ। କିନ୍ତୁ ଗତ ଦୁଇଦିନ ହେବ ପ୍ରକାଶ ମିଶ୍ରଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ରବିବାର ସେ ପଦ୍ମ ଧରିଛନ୍ତି।

### କଟକ ଲୋକ ସଭା ଆସନ


ପ୍ରକାଶ ମିଶ୍ର

୨୦୧୪ ସାଧାରଣ ନିର୍ବାଚନ ସମୟରେ ପ୍ରକାଶ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦାୟିତ୍ୱରେ ରହି ନିର୍ବାଚନ ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ କରୁଥିଲେ। ନିର୍ବାଚନ ପରେ ପ୍ରକାଶ କେନ୍ଦ୍ର ଡେପୁଟେଶନରେ ଯାଇ ସିଆରପିଏଫ୍ ଡିଜି ଭାବେ ଦାୟିତ୍ୱ ନେଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ପ୍ରକାଶଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। କୁହାଯାଏ ଯେ ପ୍ରକାଶଙ୍କ ନାମ ସିବିଆଇ ନିର୍ଦ୍ଦେଶକ ତାଲିକାରେ ରହିବା ପରେ ତାଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା। ପ୍ରକାଶ ଭିଜିଲାନ୍ସ ମାମଲା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାକୁ ଖାରଜ କରିବା ପରେ ଭିଜିଲାନ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ମଧ୍ୟ ୨୦୧୫ ଅଗଷ୍ଟ ୧୮ରେ ଭିଜିଲାନ୍ସର ଆବେଦନକୁ ଖାରଜ କରିବା ସହିତ ମିଶ୍ରଙ୍କୁ କ୍ଲିନଚିଟ୍ ଦେଇଥିଲେ। ପରବର୍ତ୍ତୀ ସମୟରେ ପ୍ରକାଶ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲେ ମଧ୍ୟ ତାହା ରବିବାର ବାସ୍ତବରେ ପରିଣତ ହୋଇଛି। ଏହାପରେ ନିର୍ବାଚନ ଲଢ଼େଇକୁ ନେଇ ଆରମ୍ଭ ହୋଇଛି ଆଲୋଚନା। ଯଦିଓ ବିଜେଡି, କଂଗ୍ରେସ ଓ ଭାଜପା କଟକ ପାଇଁ ପ୍ରାର୍ଥୀ ଘୋଷଣା କରିନାହାନ୍ତି କିନ୍ତୁ ସମ୍ଭାବ୍ୟ ତାଲିକା ଅନୁଯାୟୀ କଂଗ୍ରେସରୁ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ଓ ବିଜେଡିରୁ ବର୍ତ୍ତମାନର ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନେକଙ୍କ ନାମ ଶୁଣାଯାଉଛି। ଭାଜପାରେ ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ ପ୍ରତିକ୍ରିୟା ଦେଇ ପଞ୍ଚାନନ କୁହନ୍ତି, ତାଙ୍କ ବିଚାର ଅନୁଯାୟୀ ଭାଜପାରେ ପ୍ରାର୍ଥୀ ହେବା ପାଇଁ କୌଣସି ଯୋଗ୍ୟ କର୍ମୀ ନାହାନ୍ତି। ଯେଉଁଥିପାଇଁ ଉକ୍ତ ଦଳ ଏବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ଉପରେ ନିର୍ଭରଶୀଳ। ଭୁବନେଶ୍ୱର ଓ କଟକକୁ ଦେଖିଲେ ଏହାର ପ୍ରମାଣ ମିଳୁଛି। ଭାଜପାର ଏଭଳି ନିଷ୍ପତ୍ତି ଉକ୍ତ ଦଳର କର୍ମୀମାନଙ୍କ ପ୍ରତି ଅବିଚାରପଣିଆକୁ ପଦାରେ ପକାଇଛି। ଯେଉଁ କର୍ମୀମାନେ ଦୀର୍ଘଦିନ ଧରି ଦଳର ସୁଖଦୁଃଖରେ ଥିଲେ ଓ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ଆଶା ବାନ୍ଧିଥିଲେ ଏବେ ସେମାନଙ୍କ ଆଶାରେ ଭାଜପା ପାଣି ଭରି ଦେଇଛି। ତେଣୁ ଏହି ସରକାରୀ କର୍ମଚାରୀମାନଙ୍କ ଯୋଗଦାନ ରାଜନୀତିରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ପଞ୍ଚାନନ କହିଛନ୍ତି। ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ ବିଜେଡି ନେତା ତଥା ଅବସରପ୍ରାପ୍ତ ପ୍ରଶାସକ ରବି ନାରାୟଣ ନନ୍ଦ କୁହନ୍ତି, ସମସ୍ତଙ୍କ ରାଜନୀତି କରିବାର ଅଧିକାର ଅଛି। କିଏ କେଉଁ ଦଳରେ ଯୋଗଦେବ ତାହା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରେ। କିନ୍ତୁ ତାଙ୍କ ଜାଣିବାରେ ପ୍ରକାଶଙ୍କ ଯୋଗଦାନ ବିଜେଡି ଉପରେ ସାମାନ୍ୟ ପ୍ରଭାବ ପକାଇବ ନାହିଁ। ଓଡ଼ିଶା ଲୋକେ ନବୀନଙ୍କୁ ଭଲପାଆନ୍ତି ଆଉ ବିଜେଡି ସହିତ ଅଛନ୍ତି। ଭାଜପା ରାଜ୍ୟ ଉପସଭାପତି ନୟନ ମହାନ୍ତିଙ୍କ ମତରେ ପ୍ରକାଶଙ୍କ ଯୋଗଦାନ ଭାଜପାକୁ ଅଧିକ ଶକ୍ତିଶାଳୀ କରିବ। ଖାସ୍‌କରି ଯଦି ସେ କଟକ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୁଅନ୍ତି ତେବେ ତାହା ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ।



"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚା'ବାଲାଙ୍କ ସହ ଥିବା ତାଙ୍କର ମଧୁର ସମ୍ପର୍କକୁ ଭୁଲିଯାଇ ଏବେ ଚୌକିଦାରମାନଙ୍କୁ ମନେପକାଉଛନ୍ତି। ରାଜନୈତିକ ଫାଇଦା ପାଇଁ ସେ ପରବର୍ତ୍ତୀ ସମୟରେ ଅନ୍ୟ କାହାକୁ ଫୋକସ୍ କରିପାରନ୍ତି।"
– କପିଲ ଶିବଲ, କଂଗ୍ରେସ ନେତା

## ସଂକ୍ଷେପରେ

### ସୀମାପାର ଗୁଳିରେ ଯବାନ ଶହୀଦ

**ଜମ୍ମୁ,୨୪।୩(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଛ୍ ଓ ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ରବିବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତୀୟ ସେନାର ଆଗୁଆ ଘାଟି ଉପରକୁ ଗୁଳିବର୍ଷଣ କରିବା ସହ ରକେଟ ମାଡ କରିଛି। ସେମାନଙ୍କ ଗୁଳିମାଡ଼ରେ ଜଣେ ଯବାନ ଶହୀଦ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଭାରତୀୟ ସେନାର ପାଲଟା ଜବାବରେ ପାକିସ୍ତାନ ସୈନ୍ୟବାହିନୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ପାକ୍ ସେନା ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିବା ଗ୍ରେନାଡିୟର ହରି ଭାକରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ପୂର୍ବରୁ ଗତ ୧୮ ତାରିଖରେ ପାକିସ୍ତାନୀ ସେନା ଗୁଳିରେ ରାଜୌରୀ ଜିଲାରେ ରାଇଫଲମ୍ୟାନ୍ କରମଜିତ ସିଂ ଶହୀଦ ହୋଇଥିଲେ। ୨୧ ତାରିଖରେ ଉକ୍ତ ସେକ୍ଟରର ଅନ୍ୟ ଜଣେ ରାଇଫଲମ୍ୟାନ ଯ୍ୟାଶ୍ ପାଲ୍ଙ୍କ ମୃତ୍ୟୁ ଘଟିଥିଲା।

### ଥାଇଲାଣ୍ଡ ନିର୍ବାଚନ ଶାସକ ଦଳ ଆଗରେ

**ବ୍ୟାଙ୍କକ୍,୨୪।୩:** ଥାଇଲାଣ୍ଡ ସାଧାରଣ ନିର୍ବାଚନରେ ଶାସକ ଜୁଣ୍ଟା ଦଳ ଆଗରେ ରହିଛି। ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମତ ଗଣନା ଶେଷ ସୁଦ୍ଧା ଏହି ଦଳକୁ ସର୍ବାଧିକ ଭୋଟ ମିଳିଛି। ତେଣୁ ସୈନ୍ୟବାହିନୀ ସମର୍ଥିତ ଶାସକ ଦଳ ଏକକ ସଂଖ୍ୟାଗରିଷ୍ଠ ହୋଇଥିବାରୁ ପ୍ରଧାନମନ୍ତ୍ରୀ ପ୍ରାୟୁଟ ଚାନ୍-ଓ-ଚା ପୁଣି କ୍ଷମତାକୁ ଫେରିବା ସମ୍ଭାବନା ରହିଛି। ୨୦୧୪ ବିଦ୍ରୋହ ପରେ ଏହା ଥିଲା ଦେଶର ପ୍ରଥମ ନିର୍ବାଚନ। ସୋମବାର ସକାଳେ ନିର୍ବାଚନ କମିଶନ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରିବେ। ରବିବାର ରାତି ସୁଦ୍ଧା ମିଳିଥିବା ଫଳାଫଳ ଅନୁଯାୟୀ ଶାସକ ଦଳକୁ ୭ ନିୟୁତ ଭୋଟ ମିଳିଥିବାବେଳେ ନିର୍ବାସନରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଥାକ୍ସିନ ଶିନାୱାତ୍ରାଙ୍କ ଫେଉ ଥାଇ ଦଳକୁ ୬.୬ ପ୍ରତିଶତ ଏବଂ ନବଗଠିତ ଫ୍ୟୁଚର ଫରୱାର୍ଡ ପାର୍ଟିକୁ ୪.୮ ନିୟୁତ ଭୋଟ ମିଳିଛି।

# ପାକ୍‌ରେ ୨ ହିନ୍ଦୁ ନାବାଳିକାଙ୍କୁ ଅପହରଣ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୪।୩(ପି.ଟି.)**



- ଧର୍ମ ପରିବର୍ତ୍ତନ କରାଇ ବିବାହ
- ରିପୋର୍ଟ ମାଗିଲେ ସୁଷମା
- ତଦନ୍ତ ନିର୍ଦ୍ଦେଶ ଦେଲେ ଇମ୍ରାନ୍

ହୋଲି ଅବସରରେ ପାକିସ୍ତାନର ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ଗୋଟକି ଜିଲାରେ ହିନ୍ଦୁ ସମ୍ପ୍ରଦାୟର ୨ ଜଣ ନାବାଳିକାଙ୍କୁ ଅପହରଣ କରିନେଇ ଜୋରଜବରଦସ୍ତ ଧର୍ମ ପରିବର୍ତ୍ତନ କରିଦିଆଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଇସ୍‌ଲାମାବାଦରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କୁ ସବିଶେଷ ରିପୋର୍ଟ ମାଗିଛନ୍ତି। ଅନ୍ୟ ପକ୍ଷରେ ୨ ହିନ୍ଦୁ ନାବାଳିକା ଅପହରଣ, ଧର୍ମପରିବର୍ତ୍ତନ ଓ କମ୍ ବୟସରେ ଜବରଦସ୍ତ ବିବାହ ଖବର ଉପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ତୁରନ୍ତ ପଦକ୍ଷେପ ନିଆଯାଉଥିବା ପାକ୍ ସୂଚନା ମନ୍ତ୍ରୀ ଫୱାଦ ଚୌଧୁରୀ କହିଛନ୍ତି। ଅପହରଣ ଖବରକୁ ନେଇ ସୁଷମା ସ୍ୱରାଜ ଏବଂ ଫୱାଦଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଛି। ସୁଷମାଙ୍କ ଟୁଇଟ୍‌ର ଜବାବ ଦେଇ ଚୌଧୁରୀ କହିଛନ୍ତି, ଏହା ପାକିସ୍ତାନର ଆଭ୍ୟନ୍ତରୀଣ ପ୍ରସଙ୍ଗ, ସଂଖ୍ୟାଲଘୁ ଅବହେଳିତ ହେଉଥିବା ମୋଦି ସରକାରଙ୍କ ଭାରତ ନୁହେଁ।

ହୋଲି ଦିନ ରବିନା (୧୩) ଏବଂ ରୀନା (୧୫)ଙ୍କୁ କେତେଜଣ ଲୋକ ସେମାନଙ୍କ ଘରୁ ଅପହରଣ କରିନେଇଥିଲେ। ଜଣେ ମୌଲବୀ ସେମାନଙ୍କର ବିବାହ କରାଉଥିବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ପ୍ରକାଶ ପାଇଛି। ତେବେ ଅନ୍ୟ ଏକ ଭିଡିଓରେ ସେମାନେ ସ୍ୱଇଚ୍ଛାରେ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା କଥା କହୁଥିବା ଦେଖାଯାଇଛି। ନାବାଳିକା ଅପହରଣ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ସହାୟତାର ହାତ ବଢ଼ାଇଲା ଭାରତ

**ବେଇରା(ମୋଜାମ୍ବିକ୍)୨୪।୩**

ଦକ୍ଷିଣ ଆଫ୍ରିକୀୟ ୩ଟି ରାଷ୍ଟ୍ରରେ ଘୂର୍ଣ୍ଣିବାତ୍ୟା ଜନିତ ମୃତ୍ୟୁସଂଖ୍ୟା ୭୬୧ରେ ପହଞ୍ଚିଛି। କେବଳ ମୋଜାମ୍ବିକ୍‌ରେ ମୃତ୍ୟୁସଂଖ୍ୟା ୪୪୬ ହୋଇଥିବାବେଳେ ଜିମ୍ବାୱେରେ ୨୫୯ ଏବଂ ମାଲାୱିରେ ୫୬ ଲୋକ ପ୍ରାଣ ହରାଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ଅଛି। ପ୍ରାୟ ୧ଲକ୍ଷ ୧୦ହଜାର ଲୋକ ବିଭିନ୍ନ ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି।

ଘୂର୍ଣ୍ଣିବାତ୍ୟା ପ୍ରଭାବିତ ମୋଜାମ୍ବିକ୍‌ରେ ଭାରତୀୟ ନୌସେନାର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନୌସେନା ଯବାନ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରିଛନ୍ତି। ଗତ ସପ୍ତାହରେ ଘୂର୍ଣ୍ଣିବାତ୍ୟା 'ଇଡାଇ' ପ୍ରଭାବରେ ପୂର୍ବ ଓ ଦକ୍ଷିଣ ଆଫ୍ରିକାର ମୋଜାମ୍ବିକ୍, ଜିମ୍ବାୱେ ଏବଂ ମାଲାୱିରେ ବ୍ୟାପକ ଧନଜୀବନ ନଷ୍ଟ ହୋଇଛି। ମୋଜାମ୍ବିକ୍‌ର ଅନୁରୋଧ ରକ୍ଷାକରି ଭାରତ ତୁରନ୍ତ ମାନବିକ ସହାୟତା ସ୍ୱରୂପ ୩ଟି ନୌସେନା ଜାହାଜ ବନ୍ଦର ନଗରୀ ବେଇରାକୁ ପଠାଇଥିଲା। ସପ୍ତାହେ ହେଲା ୩ଟି ଜାହାଜ ଆଇଏନ୍ଏସ୍ ସୁଜାତା, ଆଇସିଜିଏସ୍ ସାରଥୀ ଏବଂ ଆଇଏନ୍ଏସ୍ ଶାର୍ଦ୍ଦୁଳ ଭାରତୀୟ ଦୂତାବାସ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହାୟତାରେ ସହାୟତା ଜାରି ରଖିଛି। ଭାରତର ଚେତକ ହେଲିକପ୍ଟର ସାହାଯ୍ୟରେ ମୋଜାମ୍ବିକ୍‌ର ବିପର୍ଯ୍ୟୟ ପରିଚାଳନା ଅଫିସରମାନେ ଆକାଶମାର୍ଗରୁ ବିପନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ଖାଦ୍ୟ ସାମଗ୍ରୀ ଏବଂ ପାଣି ପ୍ୟାକେଟ୍ ପକାଉଛନ୍ତି। ଆଉ ଏକ ଜାହାଜ ଆଇଏନ୍ଏସ୍ ମଗରରେ ରିଲିଫ୍ ସାମଗ୍ରୀ ମହଜୁଦ କରି ମୋଜାମ୍ବିକ୍ ପଠାଯାଉଛି। ଘୂର୍ଣ୍ଣିବାତ୍ୟା ପରେ ଭାରତୀୟ ନୌସେନା ପ୍ରଥମେ ପହଞ୍ଚି ଦୁର୍ଗତ ଲୋକଙ୍କୁ ସହାୟତାର ହାତ ବଢ଼ାଇଥିଲା। ଇଡାଇ ପ୍ରଭାବିତ ଅନ୍ୟ ଦୁଇଟି ରାଷ୍ଟ୍ର ଜିମ୍ବାୱେ ଏବଂ ମାଲାୱିକୁ ମଧ୍ୟ ଭାରତ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି।



**ଦକ୍ଷିଣ ଆଫ୍ରିକାର ୩ ରାଷ୍ଟ୍ରରେ ଘୂର୍ଣ୍ଣିବାତ୍ୟା**
**ମୃତ୍ୟୁସଂଖ୍ୟା ୭୬୧**

### ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ବିରୋଧରେ ଆବେଦନ
# ଆଜି ଶୁଣାଣି

**ନୂଆଦିଲ୍ଲୀ,୨୪।୩(ପି.ଟି.)**

ଜଙ୍ଗଲ ଜମିରୁ ଆଦିବାସୀଙ୍କୁ ଉଚ୍ଛେଦ ନ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ସାନି ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର ଶୁଣାଣି କରିବେ। ବେଆଇନ ଭାବେ ଆଦିବାସୀଙ୍କ ଜମି ଅଧିଗ୍ରହଣ ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିବା ନିମନ୍ତେ ମଧ୍ୟ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୫ ତାରିଖରେ ଉକ୍ତ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ୧୧.୮ ଲକ୍ଷ ବନବାସୀଙ୍କୁ ଉଚ୍ଛେଦ କରିବା ଲାଗି ଫେବୃୟାରୀ ୧୩ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ୨୮ରେ ସ୍ଥଗିତାଦେଶ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମକୁ ବୁଣିଲେ କରମକୁ ଫଳେ**
**ଲାଉ ଲଗାଇଲେ ଚଲଣା ଫଳେ ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ଦଶା ବା ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଜିଣିଲେ ମରିବ,**
**ହାରିଲେ ମରିବ ।**

ମାରୀଚର ସଙ୍କଟରେ ପଡ଼ିବା କଥା। ଦୌଡ଼ରେ ଜିଣିଲେ ପ୍ରଭୁ ରାମଚନ୍ଦ୍ରଙ୍କ ତୀରରେ ମରିବ, ନ ହେଲେ ଧରାପଡ଼ିବ। ଉଭୟ କ୍ଷେତ୍ରରେ ମୃତ୍ୟୁ ସୁନିଶ୍ଚିତ। ଯେକୌଣସି ନିଷ୍ପତ୍ତି ବା ଘଟଣା ଯଦି ନିଜ ସପକ୍ଷରେ ନ ଯାଏ ତା' ହେଲେ ବ୍ୟକ୍ତିର ସଙ୍କଟ ଦ୍ୱିଗୁଣିତ ହୋଇଯାଏ। ଏପରିସ୍ଥଳେ ସେ ନିଜକୁ ଅସହାୟ ମଣିବା ଛଡ଼ା ଆଉ କିଛି ବାଟ ରହୁ ନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଫେରିଲେ ୫ ନାବିକ

**ମୁମ୍ବାଇ,୨୪।୩(ପି.ଟି)**

**ଗ୍ରୀକ୍ ଜେଲ୍‌ରେ ଥିଲେ ୧୪ ମାସ**



୫ଜଣ ଭାରତୀୟ ନାବିକ ୧୪ମାସ ଗ୍ରୀକ୍ ଜେଲ୍‌ରେ ରହିବା ପରେ ରବିବାର ସ୍ୱଦେଶ ଫେରିଛନ୍ତି। ସେମାନଙ୍କ ଜାହାଜରେ ବିସ୍ଫୋରକ ଦ୍ରବ୍ୟ ଥିବା ଅଭିଯୋଗରେ ସେମାନଙ୍କୁ ଅଟକ ରଖାଯାଇଥିଲା। ୨୦୧୮ ଜାନୁୟାରୀ ୯ରେ ଏମ୍‌ଭି ଆଣ୍ଡ୍ରୋମେଡାକୁ ଗ୍ରୀକ୍ ତଟରକ୍ଷୀଙ୍କ ଦ୍ୱାରା ଅଟକ ରଖାଯାଇଥିଲା। ବିସ୍ଫୋରକ ଦ୍ରବ୍ୟ ପ୍ରସ୍ତୁତ ପାଇଁ ଏଥିରେ କେବଳ କଞ୍ଚାମାଲ୍ ଥିଲା ବୋଲି ପ୍ରମାଣିତ ହୋଇଥିଲେ ହେଁ ଜାହାଜର ନାବିକମାନଙ୍କୁ ଦୀର୍ଘ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଜେଲ୍ ଜୀବନ କାଟିବାକୁ ପଡିଥିଲା। ୨୦୧୮ ଜାନୁୟାରୀ ୬ରେ ଉକ୍ତ ଜାହାଜ ତୁର୍କୀରୁ ବିସ୍ଫୋରକ ସାମଗ୍ରୀ ଆଣି ଜିବୁଟି ଅଭିମୁଖେ ଆସୁଥିବା ବେଳେ ମରାମତି ପାଇଁ ଗ୍ରୀକ୍ ଉପକୂଳକୁ ମୁହାଁଇଥିଲା ଏବଂ ଏଠାରେ ତଟରକ୍ଷୀ ଦ୍ୱାରା ଅଟକ ରଖାଯାଇଥିଲା। ବିସ୍ଫୋରକ ସାମଗ୍ରୀ ବୈଧ ଥିଲେ ହେଁ ସ୍ଥାନୀୟ କର୍ତ୍ତୃପକ୍ଷ ଆବଶ୍ୟକ କାଗଜପତ୍ର ଯାଞ୍ଚ୍ କରି ନ ଥିଲେ ବୋଲି ଫେରିଥିବା ଜନୈକ ଭାରତୀୟ ନାବିକ ଭୂପେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ଜେଲରେ ରହିବା ସମୟରେ ଭାରତୀୟ ଦୂତାବାସ କର୍ମଚାରୀମାନେ ସହାୟତା କରିବା ସହିତ ପ୍ରତ୍ୟେକ ଶୁଣାଣି ସମୟରେ ଉପସ୍ଥିତ ରହୁଥିଲେ। ସେମାନଙ୍କୁ କୌଣସି ପ୍ରକାର ଶାରୀରିକ ନିର୍ଯାତନା ଦିଆଯାଉ ନ ଥିଲା ବୋଲି ପଞ୍ଜାବର ଗୁରୁଦାସପୁର ବାସିନ୍ଦା ସିଂ ପ୍ରକାଶ କରିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୧୯.୭ |
| ଚାନ୍ଦବାଲି | ୩୪.୮ | ୨୧.୫ |
| କଟକ | ୩୭.୬ | ୨୧.୬ |
| ପାରାଦ୍ୱୀପ | ୩୨.୩ | ୨୩.୮ |
| ଭୁବନେଶ୍ୱର | ୩୮.୭ | ୨୧.୯ |
| ଗୋପାଳପୁର | ୩୨.୫ | ୨୩.୦ |
| ପୁରୀ | ୩୨.୮ | ୨୫.୦ |
| ଅନୁଗୋଳ | ୩୭.୧ | ୧୭.୦ |
| ବାରିପଦା | ୩୫.୦ | ୨୦.୪ |
| ଝାରସୁଗୁଡ଼ା | ୩୬.୧ | ୧୮.୪ |
| କେନ୍ଦୁଝର | ୩୩.୨ | ୧୭.୭ |
| ସମ୍ବଲପୁର | ୩୬.୧ | ୧୮.୩ |
| ସୁନ୍ଦରଗଡ଼ | ୩୫.୦ | ୧୬.୦ |
| ହୀରାକୁଦ | ୩୬.୫ | ୧୮.୬ |
| ତାଳଚେର | ୩୬.୫ | ୨୦.୫ |
| ଭବାନୀପାଟଣା | ୩୫.୮ | ୨୧.୦ |
| ବଲାଙ୍ଗୀର | ୩୭.୦ | ୨୨.୫ |
| କୋରାପୁଟ | ୩୫.୮ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୪୦.୦ | ୨୧.୦ |
| ସୋନପୁର | ୩୫.୮ | ୧୮.୦ |
| ଦାରିଙ୍ଗିବାଡ଼ି | ୩୨.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ମାର୍ଚ୍ଚ ୨୫ର ପ୍ରମୁଖ ଘଟଣା

୧୯୭୯ ୨୫ରେ ପ୍ରଥମ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ପେସ୍ ଶଟଲ୍ ଅର୍ବିଟର 'କଲମ୍ବିଆ' ଜନ୍ ଏଫ୍. କେନେଡି ସ୍ପେସ୍ ସେଣ୍ଟରକୁ ପଠାଯାଇଥିଲା। ଏହାକୁ ୧୯୮୧ ଏପ୍ରିଲ ୧୨ରେ ପ୍ରଥମ ଥର ପାଇଁ ମିଶନ୍ ଏସ୍‌ଟିଏସ୍-୧ ଯୋଗେ ଲଞ୍ଚ୍ କରାଯାଇଥିଲା। ସ୍ପେସ୍ ଶଟଲ୍ କାର୍ଯ୍ୟକ୍ରମର ଏହା ପ୍ରଥମ ଉଡାଣ। ଏହା ଦୀର୍ଘ ୨୨ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ଷମ ହୋଇଥିଲା।

୧୯୪୭ ମାର୍ଚ୍ଚ ୨୫ରେ ଇଲିନଏର ସେଣ୍ଟ୍ରାଲିଆରେ କୋଇଲାଖଣିରେ ବିସ୍ଫୋରଣ ଯୋଗୁ ୧୧୧ଜଣଙ୍କ ମୃତ୍ୟୁ ଘଟିଥିଲା। କୋଇଲା ଗୁଣ୍ଡରେ ଅକସ୍ମାତ୍ ନିଆଁ ଲାଗିଯିବାରୁ ବିସ୍ଫୋରଣ ଘଟିଥିବା ଆମେରିକାର ଖଣି ନିରାପତ୍ତା ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ବିସ୍ଫୋରଣ ସମୟରେ ୧୪୨ ଶ୍ରମିକ କାର୍ଯ୍ୟରତ ଥିଲେ।

# ଚର୍ଚ୍ଚାରେ ସପ୍ନା ଚୌଧୁରୀ



**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶ କଂଗ୍ରେସ ମୁଖ୍ୟ ରାଜ ବବର ହରିୟାଣାର ଗାୟିକା ତଥା ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀଙ୍କୁ ଦଳକୁ ସ୍ୱାଗତ କରିବାର କିଛି ସମୟ ପରେ ସପ୍ନା ଦଳରେ ଯୋଗ ଦେଇ ନ ଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ପ୍ରିୟଙ୍କା ଗାନ୍ଧୀଙ୍କ ସହିତ ଥିବା ତାଙ୍କର ଫଟୋକୁ ଏଥିପାଇଁ ବ୍ୟବହାର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବବର ଶନିବାର ରାତିରେ ଚୌଧୁରୀଙ୍କୁ ସ୍ୱାଗତ କରିବା ସହିତ ପୂର୍ବ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସ ଜେନେରାଲ ସେକ୍ରେଟାରି ପ୍ରିୟଙ୍କା ଗାନ୍ଧୀଙ୍କ ଫଟୋ ସହିତ ତାଙ୍କର ଏକ ଛବିକୁ ଟୁଇଟରରେ ପୋଷ୍ଟ କରିଥିଲେ। କଂଗ୍ରେସ ପରିବାର ସପ୍ନା ଚୌଧୁରୀଙ୍କୁ ସ୍ୱାଗତ କରେ ବୋଲି ବବର ଟୁଇଟ୍ କରିଥିଲେ। ଅପରପକ୍ଷରେ ଚୌଧୁରୀ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଲୋକ ସଭା ନିର୍ବାଚନରେ ସେ କୌଣସି ରାଜନୈତିକ ଦଳ ପାଇଁ ପ୍ରଚାର କରୁନାହାନ୍ତି। ଅପରପକ୍ଷରେ ବବରଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି, ଗାୟିକା ସପ୍ନା ୟୁ-ଟର୍ନ ନେଇଥିବା ଦୃଷ୍ଟିରୁ ଏଥିରେ କିଛି କହିବାର ନାହିଁ। ସପ୍ନା ଦଳରେ ଯୋଗ ଦେବାପାଇଁ ସଦସ୍ୟତା ଫର୍ମ ପୂରଣ କରିଥିବା ସେ ଦେଖାଇଥିଲେ।

**କଂଗ୍ରେସରେ ମିଶିବା ଖବରକୁ ଖଣ୍ଡନ କଲେ**

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

Office of the Chancellor
Odisha University of Agriculture & Technology
Raj Bhavan, Bhubaneswar

**No. 93 / SG (HE)** **Dated: 21.03.2019**

**Notification**

No.03-YY:- In exercise of powers conferred under Sub Section- 4 of Section 9 of the Odisha University of Agriculture & Technology Act, 1965, the Chancellor has been pleased to remove Prof. Surendra Nath Pasupalak from the Post of Vice Chancellor of Orissa University of Agriculture & Technology, Bhubaneswar with immediate effect.

By order of the Chancellor vide Order No. 92/ SG (HE) Dated 21.03.2019.

Sd./-
**Principal Secretary to the Chancellor**

41001/11/0004/1819

**CLASSIFIED DISPLAY**
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**GET INSTANT CASH AGAINST GOLD**
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ – ଫୋନ୍ କରନ୍ତୁ
9899587663
8743922900

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

■ ନୟାଗଡ଼ରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ

# ୨୧ ଲୋକ ସଭା ଆସନ ଜିତିବାର ଦମ୍ଭୋକ୍ତି

ନୟାଗଡ଼ ଅଫିସ,୨୪।୩



ନୟାଗଡ଼ ଷ୍ଟାଡ଼ିୟମଠାରେ ଆୟୋଜିତ କର୍ମୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣ ଦେଉଛନ୍ତି।

■ ସ୍ୱତନ୍ତ୍ର ପାହ୍ୟା ଦେବାରେ କେନ୍ଦ୍ର ଅବହେଳା କରିଛି
■ ବିଜେଡିର ହାଇକମାଣ୍ଡ ହେଉଛନ୍ତି ଓଡ଼ିଶାବାସୀ
■ ଆମ ରିମୋଟ୍ କଣ୍ଟ୍ରୋଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ହାତରେ

ଆଉ ମାତ୍ର ଦିନ କେଇଟା ପରେ ସାଧାରଣ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ସାହିତ୍ୟ ଓ ସଂସ୍କୃତିର ସାଧନା ପୀଠ ନୟାଗଡ଼ରୁ ବିଜେଡି ରବିବାର ନିଜର ପ୍ରଚାର ଆରମ୍ଭ କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଷ୍ଟାଡ଼ିୟମଠାରେ ଆୟୋଜିତ କର୍ମୀ ସମାବେଶରେ ଯୋଗଦେଇ ଦଳର ପ୍ରଚାର କରିଛନ୍ତି। ଜିଲା ବିଜେଡ଼ି ସଭାପତି ତଥା ରଣପୁର ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ଅପରପକ୍ଷେ ନୟାଗଡରେ ବିଧାନସଭା ଆସନ ପ୍ରାର୍ଥୀ କିମ୍ବା ପୁରୀ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ସଭାକୁ ଲୋକଦେଖାଣିଆ ବୋଲି ବିରୋଧୀ କହିଛନ୍ତି।

ପ୍ରଥମେ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ବିଷୟରେ ମା'ମାନଙ୍କୁ ଅବଗତ କରାଇ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମିଶନ ଶକ୍ତିର ମା' ପ୍ରମିଳା ବିଶୋୟୀଙ୍କୁ ଆସିକା ଲୋକ ସଭା ଆସନରୁ ପ୍ରାର୍ଥୀ କରିଥିବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଜେଡ଼ି ପ୍ରଥମ ଦଳ ଯିଏ ମହିଳାଙ୍କ ପାଇଁ ଲୋକ ସଭାରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। ମହିଳାଙ୍କ ଶକ୍ତି ବୃଦ୍ଧି ହେଲେ ଘର, ଗାଁ, ରାଜ୍ୟ ଓ ଦେଶର ଉନ୍ନତି ହେବ ବୋଲି କହିଥିଲେ। ଚଳିତ ନିର୍ବାଚନରେ ଓଡ଼ିଶାର ୨୧ରୁ ୨୧ ଲୋକ ସଭା ଆସନରେ ଶଙ୍ଖ କ୍ଲିନ୍ ସୁଇପ୍ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଜେଡିର ହାଇକମାଣ୍ଡ ହେଉଛନ୍ତି ଓଡ଼ିଶାବାସୀ। ଆମର ରିମୋଟ୍ କଣ୍ଟ୍ରୋଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ହାତରେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାଳିଆ ଯୋଜନାରେ ଯେପରି କୌଣସି ଚାଷୀ ବାଦ୍ ନ ପଡ଼ିବେ ସେ ବିଷୟରେ ସେ ଧ୍ୟାନ ଦେଉଥିବା କହିଥିଲେ। ୨୦୧୪ରେ ଭାଜପା ନିର୍ବାଚନୀ ଇସ୍ତାହାରରେ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତାରେ ଏକ ନମ୍ବରରେ ରଖିଥିଲା। ହେଲେ ନିର୍ବାଚନ ପରେ ଏହାକୁ ଭୁଲିଗଲା। କୋଇଲା ଓ ରେଳବାଇ କ୍ଷେତ୍ରରେ କେନ୍ଦ୍ର ଅବହେଳା କରିଥିବା କଥା ଉଠାଇଥିଲେ। କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ଚଳିତଥର କୌଣସି ଦଳକୁ ବହୁମତ ମିଳିବ ନାହିଁ, ଏ କ୍ଷେତ୍ରରେ ବିଜେଡ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ସଂଯୋଜନା କରି ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁନାଲଟିଠାରେ ୧୮୩ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ୟାରେଜ ନିର୍ମାଣ କରାଯାଉଛି। ଏହାଦ୍ୱାରା ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକର ୮୦୦୦ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି କହିଥିଲେ। ପୁରୀ ଏମ୍‌ପି ପିନାକୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସବୁବେଳେ ନୟାଗଡ଼ ଜିଲା ଉପରେ ନଜର ରଖିଥିବା ପ୍ରକାଶ କରିଥିଲେ। ଭାଜପା ନିର୍ବାଚନୀ ଇସ୍ତାହାର ପାଳନ କରୁନଥିବାବେଳେ ବିଜେଡ଼ି ଏହାକୁ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ। ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ୮ ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। ସମାବେଶରେ ବହୁ ସଂଖ୍ୟାରେ ମହିଳାପୁରୁଷ କର୍ମୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ବିରୋଧ କରି ଜିଲା କଂଗ୍ରେସ ସଭାପତି ରଣଜିତ ଦାସ କହିଛନ୍ତି ଯେ, ଏହା କେବଳ ଲୋକଦେଖାଣିଆ। ନୟାଗଡ଼ ଜିଲାର ବିଧାୟକମାନଙ୍କ ଟିକେଟ କଟାଯାଉଥିବାରୁ ସେମାନଙ୍କ ମଧ୍ୟରେ ଥିବା କନ୍ଦଳ ପ୍ରଶମିତ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ରଣଜିତ୍ କହିଛନ୍ତି।

■ ଦିଗପହଣ୍ଡି ବିଧାନସଭା କ୍ଷେତ୍ର

# ଭାଜପାରୁ ପିଙ୍କିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଧାରଣା

ବ୍ରହ୍ମପୁର ଅଫିସ,୨୪।୩

ଗଞ୍ଜାମ ଜିଲାର ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଓଡ଼ିଆ ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏହାକୁ ବିରୋଧ କରି ଦଳର କେତେଜଣ ବିଦ୍ରୋହୀ ସାଜିଛନ୍ତି। ଶନିବାର ମହନ୍ତ ଚିନ୍ମୟାନନ୍ଦ ଓ ତାଙ୍କ ସମର୍ଥକମାନେ ବ୍ରହ୍ମପୁର ଷ୍ଟେଶନରୋଡ ନିକଟ ଭାଜପାର ନିର୍ବାଚନୀ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ଦୀର୍ଘ ସମୟ ଧାରଣା ଦେଇଥିଲେ। ଦିଗପହଣ୍ଡି ପ୍ରାର୍ଥୀ ପରିବର୍ତ୍ତନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଅନ୍ୟ ଜଣେ ଆଶାୟୀ ଇଂ. ଉତ୍ତମ ପାଣିଗ୍ରାହୀ ମଧ୍ୟ ଘୋଷିତ ପ୍ରାର୍ଥୀ ତାଲିକାରୁ ପିଙ୍କିଙ୍କ ନାମ ବାଦଦେଇ ତାଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଉତ୍ତମ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିଥିଲେ। ସେଠାରୁ ନିରାଶ ହେବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଗପହଣ୍ଡି ଆସନରୁ ପ୍ରତିଦ୍ୱନ୍ଦିତା କରିବେ ବୋଲି ଚେତାବନୀ ଶୁଣାଇଛନ୍ତି ।

ସେହିପରି ଭାଜପାରୁ ଦିଗପହଣ୍ଡି ବିଧାନସଭା କ୍ଷେତ୍ରରେ ଲଢ଼ିବାକୁ ଆଉ ଜଣେ ଆଶାୟୀ ଥିବା ଶ୍ରୀକାନ୍ତ ପାଢ଼ୀଙ୍କ ସମର୍ଥକମାନେ ରବିବାର ବ୍ରହ୍ମପୁର ଆସି ନିର୍ବାଚନ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଶ୍ରୀକାନ୍ତଙ୍କୁ ପ୍ରାର୍ଥୀ କରିବା ପାଇଁ ସେମାନେ ନାରା ଦେଇଥିଲେ। ଏହି ସମୟରେ ପିଙ୍କି ଓ ଦଳର କେତେଜଣ ନେତା ସେଠାରେ ପହଞ୍ଚିଥିଲେ। ଦଳ ପକ୍ଷରୁ ପିଙ୍କିଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ତାହା ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି କେତେଜଣ ନେତା ଚରମବାଣୀ ଶୁଣାଇବାରୁ ଆନ୍ଦୋଳନକାରୀ ଫେରିଥିଲେ। ଆନ୍ଦୋଳନାକରୀଙ୍କ ମଧ୍ୟରୁ କେତେଜଣ ପିଙ୍କିଙ୍କ ସହ ସେଲ୍‌ଫି ନେଉଥିବା ଦେଖାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସରୋଜ ସାବତ କହିଛନ୍ତି, ସୋମବାର ପିଙ୍କି ବ୍ରହ୍ମପୁର ଉପଜିଲାପାଳଙ୍କ ଦପ୍ତରକୁ ଆସି ନାମାଙ୍କନପତ୍ର ଦାଖଲ କରିବା କାର୍ଯ୍ୟକ୍ରମ ରହିଛି । ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଥିବା ମହନ୍ତ ଓ ତାଙ୍କ ସମର୍ଥକମାନେ ପିଙ୍କିଙ୍କ ସହିତ ଦିଗପହଣ୍ଡି ଯାଇ ନିର୍ବାଚନୀ କାର୍ଯ୍ୟରେ ସାମିଲ ହୋଇଥିବା ସାବତ କହିଛନ୍ତି।

■ ବୀରମିତ୍ରପୁର ବିଧାନସଭା ଆସନ

# ଦିଲୀପଙ୍କୁ ନେଇ ଅଡୁଆରେ ବିଜେଡି

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ବିଜେଡି ପକ୍ଷରୁ ପ୍ରଥମ ଦୁଇ ପର୍ଯ୍ୟାୟ ପାଇଁ ୯ ଲୋକ ସଭା ଏବଂ ୬୧ ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ହେଲେ ସୁନ୍ଦରଗଡ଼ ଲୋକ ସଭା ଅନ୍ତର୍ଗତ ବୀରମିତ୍ରପୁର ପାଇଁ ରବିବାର ସୁଦ୍ଧା କୌଣସି ସହମତି ହୋଇପାରୁନାହିଁ। ସୁନ୍ଦରଗଡ଼ ଲୋକ ସଭାରେ ପୂର୍ବଥର ପ୍ରାର୍ଥୀ ହୋଇଥିବା ଦିଲୀପ ତିର୍କୀଙ୍କୁ ଏଥର ପ୍ରାର୍ଥୀ କରାଯାଇନାହିଁ। ତାଙ୍କ ବଦଳରେ କଂଗ୍ରେସରୁ ଆସିଥିବା ସୁନୀତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ଦିଲୀପଙ୍କୁ ବୀରମିତ୍ରପୁରରୁ ପ୍ରାର୍ଥୀ କରିବା ପାଇଁ ବିଜେଡି ନେତୃତ୍ୱ ଚେଷ୍ଟା କରୁଛି। ହେଲେ ସେଠାରେ ଆଶାୟୀ ଥିବା ଏକାଧିକ ପ୍ରାର୍ଥୀ ଏହାକୁ ବିରୋଧ କରୁଛନ୍ତି, ଯାହାକୁ ପ୍ରଶମିତ କରିବା ପାଇଁ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା ଜଣାପଡିଛି।

ପୁରୀ ଜିଲାର ସତ୍ୟବାଦୀ ନିର୍ବାଚନମଣ୍ଡଳୀ ପରି ବିଜେଡି ଏଠାରେ କେବେ ବି ଜିତିନାହିଁ। ୨୦୧୪ ନିର୍ବାଚନରେ ବିଜେଡି ଏଠାରେ ଚତୁର୍ଥ ଏବଂ ୨୦୦୯ରେ ତୃତୀୟ ସ୍ଥାନରେ ରହିଥିଲା। ତେଣୁ ଏହି ଆସନ ଜିତିବା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଦିଲୀପଙ୍କ ପ୍ରାର୍ଥିତ୍ୱ ବ୍ୟତୀତ ବିଜେଡିରୁ ରାଜେନ୍ଦ୍ର କୁଜୁର, ଇଗ୍ନା ଇକ୍କା, ପୂର୍ବତନ ବିଧାୟକ ନୀହାର ସୂରିନ୍ ଏବଂ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମୁକୁଲ ଏକ୍କାଙ୍କ ନାଁ ଚର୍ଚ୍ଚା ହେଉଛି। ଏମାନଙ୍କ ମଧ୍ୟରୁ ରାଜେନ୍ଦ୍ର କୁଜୁରଙ୍କୁ ନାମ ନେଇ ସର୍ବାଧିକ ଚର୍ଚ୍ଚା ହେଉଥିଲା। ହେଲେ କଂଗ୍ରେସ ଛାଡ଼ି ବିଜେଡିରେ ନବ ଦାସ ଯୋଗଦେବା ପରେ ସୁନ୍ଦରଗଡ଼ ବିଜେଡି ରାଜନୀତିରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି। ନବ ହିଁ ବିଜେଡି ନେତୃତ୍ୱକୁ ପ୍ରଭାବିତ କରି ଦିଲୀପଙ୍କ ବଦଳରେ ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା ଏବଂ ଯୋଗେଶଙ୍କୁ ବିଧାନସଭା ପାଇଁ ପ୍ରାର୍ଥୀ କରାଇ ପାରିଥିଲେ। ଏହାପରେ ଦିଲୀପଙ୍କୁ ଥଇଥାନ କରିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ବିଜେଡି ଯଦି ଦିନକ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ନେଇ ସହମତି ଆଣି ନ ପାରେ, ତେବେ ଦଳ ଆଉଥରେ ପରାଜିତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଦିଲୀପ ମୂଳତଃ ତଳସରା ଅଞ୍ଚଳର ହୋଇଥିବାରୁ ବୀରମିତ୍ରପୁରରେ ତାଙ୍କର ଗ୍ରହଣୀୟତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଂଗ୍ରେସ ଓ ଭାଜପା କିନ୍ତୁ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବାରେ ବିଜେଡିଠାରୁ ଢେର୍ ଆଗରେ। କଂଗ୍ରେସ ପକ୍ଷରୁ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ୍ ତିର୍କୀଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଭାଜପା ପକ୍ଷରୁ ଶଙ୍କର ଓରାମଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଆସନରେ ଜେଏମ୍ଏମ୍‌ର ମଧ୍ୟ ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ରହିଛି। ତେଣୁ ପ୍ରାର୍ଥୀ ଚୟନ ବିଜେଡି ପାଇଁ ଏତେଟା ସହଜ ନୁହେଁ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି।

# ଭାଜପାରେ ପ୍ରକାଶ ମିଶ୍ର

**ଯୋଗଦେଲେ ଦୁଇ ପୂର୍ବତନ ବିଧାୟକ**

ଭୁବନେଶ୍ୱର,୨୪।୩ (ବ୍ୟୁରୋ)



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ଡିଜି ପ୍ରକାଶ ମିଶ୍ରଙ୍କୁ ଦଳୀୟ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଉଛି।

ପୂର୍ବତନ ପୋଲିସ ଓ ସିଆରପିଏଫ୍ ଡିଜି ପ୍ରକାଶ ମିଶ୍ର ରବିବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଦାମୋଦର ରାଉତଙ୍କ ଉପସ୍ଥିତିରେ ପ୍ରକାଶ ଭାଜପାରେ ସାମିଲ ହୋଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଦୀର୍ଘଦିନ ହେବ ପ୍ରକାଶ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଲାଗି ରହିଥିଲା। ଏବେ ପ୍ରକାଶଙ୍କୁ ଭାଜପା କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରିପାରେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ପ୍ରକାଶଙ୍କ ସମେତ ଦୁଇ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଓ ବୃନ୍ଦାବନ ମାଝୀ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ଏହି ଦୁଇ ନେତାଙ୍କୁ ମଧ୍ୟ ଧର୍ମେନ୍ଦ୍ର ଉତ୍ତରୀୟ ଓ ଦଳୀୟ ଟୋପି ଦେଇ ଭାଜପାକୁ ସ୍ୱାଗତ କରିଛନ୍ତି।

ଦଳରେ ଯୋଗଦେବା ଅବସରରେ ପ୍ରକାଶ କହିଛନ୍ତି, ଦୀର୍ଘ ୪୧ବର୍ଷ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରିଛି । ସେଥିରୁ ଅଧା ସମୟ ଓଡିଶାରେ କଟିଯାଇଛି । ଗତ ୫ବର୍ଷରେ ଓଡିଶାର ଶାସନ ଅତ୍ୟନ୍ତ ନୀଚ ସ୍ତରକୁ ଚାଲିଯାଇଛି । ଓଡିଆଙ୍କ ଆତ୍ମ ସମ୍ମାନକୁ ଯେଉଁ ଆଘାତ ଦିଆଯାଉଛି, ତାହାର ପ୍ରତିକାର କରିବାର ସମୟ ଆସିଛି । ଅନ୍ୟପଟେ ମୋଦୀଙ୍କ ନେତୃତ୍ୱରେ ଦେଶର ବିକାଶ ହୋଇଛି। ମୋଦୀଙ୍କ ସହ କାର୍ଯ୍ୟ କରିବା ଅବସରରେ ଏହା ଅନୁଭବ କରିଛି। ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ପାଇଁ ଅତ୍ୟନ୍ତ ଚିନ୍ତିତ ଏବଂ ସେ ଦିଗରେ କାର୍ଯ୍ୟ କରୁଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛି ବୋଲି ପ୍ରକାଶ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରକାଶ ମିଶ୍ର ଭାଜପାରେ ଯୋଗଦାନ ପରେ ଓଡିଶାର କିଛି ଲୁଟେରା ଏବଂ ଦୁର୍ନୀତିଗ୍ରସ୍ତ ରାଜନେତାଙ୍କର ନିଦ ହଜିଯାଇଥିବ। ସେ ଯେତେବେଳେ ପୋଲିସ ଡିଜି ଥିଲେ ସେତେବେଳେ ରାଜ୍ୟରେ ହୋଇଥିବା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରିବା ଆରମ୍ଭ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଦୁର୍ନୀତିରେ ଛନ୍ଦି ହୋଇଯିବା ଭୟରେ ପ୍ରକାଶଙ୍କୁ ଦାୟୀତ୍ୱରୁ ହଟାଇ ଦେଇଥିଲେ। ଏପରିକି ୨୦୧୪ ନିର୍ବାଚନ ବେଳେ ବିଜେଡି ପୋଲିସ ଗାଡିରେ ଟଙ୍କା ବାଣ୍ଟିବା ପାଇଁ ତାଙ୍କୁ ବାଧ କରିଥିଲେ। ଯାହାକୁ ପ୍ରକାଶ ମାନି ନ ଥିଲେ। ଏଭଳି ଜଣେ ସ୍ୱଚ୍ଛ ପୋଲିସ ଅଧିକାରି ଭାଜପାରେ ଯୋଗଦେବା ଫଳରେ ଦଳ ଆହୁରି ଶକ୍ତିଶାଳି ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଦାମୋଦର ରାଉତ କହିଛନ୍ତି, ରାଜ୍ୟର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁକୁ ବିକି ବିଜେଡି ଶାସନ କରୁଛି। ମୁଖ୍ୟମନ୍ତ୍ରୀଙ୍କ ଚାରିପଟେ ବୁଲୁଥିବା କିଛି ନେତା ରାଜ୍ୟ ରାଜକୋଷକୁ ଲୁଟି ଚାଲିଛନ୍ତି । ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢିବାରେ ଲାଗିଛି। କାଳିଆ ଯୋଜନା କଳା ଯୋଜନାରେ ପରିଣତ ହୋଇଛି। ଚାଷୀ ନୁହେଁ ବରଂ ବିଜେଡି ଦଳର ନେତାମାନେ ଏହି ଯୋଜନାର ଲାଭ ଉଠାଇଛନ୍ତି । ଅନ୍ୟପଟେ କେନ୍ଦ୍ର ସରକାରଙ୍କ ଅନୁଦାନକୁ ରାଜ୍ୟ ସରକାର ଖର୍ଚ୍ଚ କରି ନ ପାରି ସବୁ ସମୟରେ କେନ୍ଦ୍ର ଉପରକୁ ଦୋଷ ଲଦି ଚାଲିଛନ୍ତି । ଏହାର ଜବାବ ଓଡିଶାବାସୀ ଦେବେ ବୋଲି ଦାମ କହିଛନ୍ତି।

■ କୋରାପୁଟ, ଲକ୍ଷ୍ମୀପୁର ବିଧାନସଭା ଆସନ

# ପୁରୁଣାଙ୍କୁ ଚେକ୍ ଦେବେ ନୂଆମୁହଁ

ଅମିତାଭ ବେହେରା
କୋରାପୁଟ,୨୪।୩



ତ୍ରିପୁରାରୀ ଗରଡ଼ା



କୃଷ୍ଣ କୁଲଦୀପ



ରଘୁରାମ ପଡ଼ାଲ



ପ୍ରଭୁ ଜାନୀ



କୈଳାସ କୁଲେସିକା



କୁମୁଦ ସାଉଁତା

କୋରାପୁଟ ଜିଲା ଅଧୀନ କୋରାପୁଟ ଓ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ନିଜ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। କୋରାପୁଟରେ କଂଗ୍ରେସ ଓ ଭାଜପା ନୂଆମୁହଁ ଦେଇଥିବା ବେଳେ ଲକ୍ଷ୍ମୀପୁରରେ ବିଜେଡି ଓ ଭାଜପା ନୂଆ ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛନ୍ତି। ଏହି ଦୁଇଟି ଆସନରେ ପୁରୁଣାଙ୍କୁ ଚେକ୍ ଦେବେ ଅନେକ ନୂଆ ଚେହେରା। ଉଭୟ ଆସନରେ ତ୍ରିମୁଖୀ ଲଢ଼େଇ ସମ୍ଭାବନା ରହିଛି। କୋରାପୁଟରେ ୩ ପ୍ରମୁଖ ଦଳ ପରସ୍ପର ଉପରେ ଭାରି ପଡ଼ିବେ। ଲକ୍ଷ୍ମୀପୁରରେ କଂଗ୍ରେସ ଓ ବିଜେଡି ଭିତରେ ମୁଖ୍ୟତଃ ଲଢ଼େଇ ହେବାକୁ ଥିବାବେଳେ ଭାଜପା ନିର୍ଣ୍ଣାୟକ ଭୂମିକା ନେବା ଅନୁମାନ କରାଯାଉଛି।

କୋରାପୁଟ ବିଧାନସଭା ଆସନ ପାଇଁ ବିଜେଡି, କଂଗ୍ରେସ ଓ ଭାଜପା ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେଡି ପ୍ରଥମେ ପ୍ରାର୍ଥୀ ଘୋଷଣା କରି କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କୁ ମଇଦାନକୁ ଓହ୍ଲାଇଥିଲା। ରଘୁରାମ କୋରାପୁଟ କ୍ଷେତ୍ର ପାଇଁ ପୁରୁଣା ଓ ରାଜନୀତିରେ ଅଭିଜ୍ଞ ହୋଇଥିବା ବେଳେ ସେ ପୂର୍ବରୁ ବିଧାୟକ ମଧ୍ୟ ନିର୍ବାଚିତ ହୋଇଛନ୍ତି। ୨୦୦୯ ନିର୍ବାଚନରେ ରଘୁରାମ କଂଗ୍ରେସ ଦଳର କୃଷ୍ଣଚନ୍ଦ୍ର ସଗରିଆଙ୍କୁ ପରାସ୍ତ କରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଯଦିଓ ୨୦୧୪ରେ ଆଶାୟୀ ଥାଇ ମଧ୍ୟ ସେ ଟିକେଟ୍‌ରୁ ବଞ୍ଚିତ ହୋଇଥିଲେ। ତାଙ୍କୁ ପୁଣିଥରେ ସୁଯୋଗ ଦେଇଛି ବିଜେଡି। ଅନ୍ୟପକ୍ଷରେ କଂଗ୍ରେସରୁ ପୂର୍ବତନ କୃଷ୍ଣ (କୃଷ୍ଣଚନ୍ଦ୍ର ସଗରିଆ)ଙ୍କ ପରିବର୍ତ୍ତେ ଜଣେ ନୂଆ କୃଷ୍ଣଙ୍କୁ ପ୍ରାର୍ଥୀ କରିଛି ଦଳ। ସେ ହେଲେ କୃଷ୍ଣ କୁଲଦୀପ। ଟିକେଟ୍ ପାଇଁ କୃଷ୍ଣ ଓ ତାଙ୍କ ପୁଅ ଟୋନକ କୁଲଦୀପ ଆଶାୟୀ ରହିଥିବା ବେଳେ କଂଗ୍ରେସ କୃଷ୍ଣଙ୍କୁ ସୁଯୋଗ ଦେଇଛି। କୃଷ୍ଣ ଜଣେ ଠିକାଦାର ଓ କଂଗ୍ରେସର ସକ୍ରିୟ କର୍ମୀ ଭାବେ କାମ କରିଆସୁଛନ୍ତି। ସେହିପରି ଭାଜପା ତ୍ରିପୁରାରୀ ଗରଡ଼ାଙ୍କୁ ପ୍ରାର୍ଥୀ କରିଛି। ସେ ବିଜେଡିର କୋରାପୁଟ ଜିଲା ଉପସଭାପତି ରହିବା ସହ ଦଳ ପାଇଁ ୮/୯ ବର୍ଷ କାମ କରିଥିଲେ। ସେ ୨୦୦୯ ଏବଂ ୨୦୧୪ରେ ବିଜେଡି ଟିକେଟ୍ ପାଇଁ ଆଶାୟୀ ଥାଇ ମଧ୍ୟ ପାଇନଥିଲେ। ଏଇ ନିକଟରେ ବିଜେଡି ମୋହ ତୁଟାଇ ପଦ୍ମ ଶିବିରରେ ସାମିଲ ହେବା ପରେ ଭାଜପା ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ସୁଯୋଗ ଦେଇଛି। ତ୍ରିପୁରାରୀ ଓ କୃଷ୍ଣ ନିର୍ବାଚନ ମଇଦାନରେ ନୂଆ ଚେହେରା। ତେବେ ଏହି ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ବିଶେଷଜ୍ଞ ଅନୁମାନ କରୁଛନ୍ତି।

ସେହିପରି ଲକ୍ଷ୍ମୀପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଭାବେ ବିଜେଡି ପ୍ରଭୁ ଜାନିଙ୍କ ନାମ ଘୋଷଣା କରିଛି। କୋରାପୁଟର ଜିଲା ପରିଷଦ ଅଧ୍ୟକ୍ଷ ଥିବା ପ୍ରଭୁ ବିଧାୟକ ପ୍ରାର୍ଥୀ ଭାବେ ନୂଆମୁହଁ। ସେହିପରି ଏଠାରେ ଭାଜପା ମଧ୍ୟ ଜଣେ ନୂଆମୁହଁକୁ ବିଧାୟକ ପ୍ରାର୍ଥୀ କରିଛି। ସେ ହେଲେ ଲକ୍ଷ୍ମୀପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ କୁମୁଦ ସାଉନ୍ତା। ରାଜନୀତିରେ କୁମୁଦଙ୍କ ପରିବାର ପଟିଆରା ରହିଛି। କୁମୁଦଙ୍କ ବାପା ମଧ୍ୟ ଜଣେ ରାଜନୈତିକ କର୍ମୀ। ଏକଦା ବିଜେଡି ଶିବିରରେ ଥିବା କୁମୁଦ ୨୦୧୫-୧୬ରେ ଭାଜପା ଶିବିରରେ ସାମିଲ ହୋଇଥିଲେ। କଂଗ୍ରେସ କିନ୍ତୁ ଏହି ଆସନରେ ପ୍ରାର୍ଥୀ ପରିବର୍ତ୍ତନ ନ କରି ଏଠାରୁ ବିଧାୟକ ଥିବା କୈଳାସ ଚନ୍ଦ୍ର କୁଲେସିକାଙ୍କୁ ପୁଣିଥରେ ଟିକେଟ୍ ଦେଇଛି। ବିଧାୟକ ପ୍ରାର୍ଥୀ ଭାବେ ୨ଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା କୈଳାସ ୨୦୦୯ରେ କଂଗ୍ରେସରେ ଥାଇ ମଧ୍ୟ ଟିକେଟ୍ ନ ମିଳିବାରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ତୃତୀୟ ସ୍ଥାନରେ ରହିଥିଲେ। ସେହିଥର ବିଜେଡିର ଝିନ୍ନ ହିକ୍କା ବିଧାୟକ ନିର୍ବାଚିତ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଥିଲେ କଂଗ୍ରେସର ହେମା ଗମାଙ୍ଗ। ୨୦୧୪ରେ ହେମା ଗମାଙ୍ଗ ବିଜେଡି ଶିବିରରେ ଯୋଗଦେଇ ଲକ୍ଷ୍ମୀପୁରରୁ ପ୍ରାର୍ଥୀ ହେବା ପରେ କଂଗ୍ରେସର ପ୍ରାର୍ଥୀ ହୋଇଥିଲେ କୈଳାସ କୁଲେସିକା। ହେମାଙ୍କୁ ୩୦,୯୫୬ ଭୋଟ୍ ମିଳିଥିବା ବେଳେ କୈଳାସ ୫୩,୪୨୯ ଭୋଟ୍ ପାଇଁ ବିଜୟୀ ହୋଇଥିଲେ। ୨୦୧୯ରେ ତୃତୀୟଥର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି କୈଳାସ।

# ବିଜେଡି ପରେ ଭାଜପା କହିଲା ୨୧ ଲୋକ ସଭା ଆସନ ଆମର

ଭୁବନେଶ୍ୱର,୨୪।୩ (ବ୍ୟୁରୋ)

ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ନୟାଗଡ଼ଠାରେ ଆୟୋଜିତ ଏକ ସମାବେଶରେ ଆସନ୍ତା ନିର୍ବାଚନରେ ବିଜେଡି ୨୧ ଲୋକ ସଭା ଆସନରେ ଜିତିବ ବୋଲି ନବୀନ କହିଛନ୍ତି। ନବୀନଙ୍କ ଏଭଳି ଦୃଢୋକ୍ତି ପରେ ଭାଜପା ମଧ୍ୟ ସମାନ କଥା ଦୋହରାଇଛି। ୨୧ ଲୋକ ସଭା ଆସନରୁ ଭାଜପାକୁ ଲୋକେ ସବୁ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାହୁଲ ଓ ନବୀନଙ୍କ ପରାମର୍ଶଦାତା ସାମ୍ ପିତ୍ରୋଡା । ଭାରତର ପାକିସ୍ତାନ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣକୁ ପିତ୍ରୋଡା ବିରୋଧ କରିଥିଲେ । ଶହୀଦ ପରିବାରକୁ ଜଣେ ବିଧାୟକ ଅପମାନ କରିବା ସତ୍ତ୍ୱେ ନବୀନ ନୀରବ । ଏହା ଓଡିଶାବାସୀଙ୍କୁ ଲଜ୍ଜିତ କରିଛି । ତେଣୁ କଂଗ୍ରେସ ରାସ୍ତାରେ ନବୀନ ମନ୍ତବ୍ୟ ଦେବା ସ୍ୱାଭାବିକ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଆଗାମୀ ନିର୍ବାଚନରେ ମୋଦିଙ୍କ ନେତୃତ୍ୱରେ ଭାଜପା ସମସ୍ତ ଆସନ ଜିତିବ। ମେ ମାସର ଶେଷ ସପ୍ତାହରେ କିଏ କେତେ ଆସନ ଜିତିବ ସ୍ପଷ୍ଟ ଜଣାପଡିଯିବ। ଓଡିଆ ଲୋକମାନେ ନରେନ୍ଦ୍ର ମୋଦିଙ୍କୁ ଭଲ ପାଇଲେଣି ୨୦୨୨ସୁଦ୍ଧା ସମସ୍ତ ଗରିବଙ୍କୁ ପକ୍କା ଘର ମିଳିବାର ଭରସା ନରେନ୍ଦ୍ର ମୋଦିଙ୍କ ଉପରେ ଓଡିଆ ଲୋକଙ୍କର ରହିଛି । ଜଣେ କୁହାଳିଆ ନେତା ଦୁଇଦିନ ତଳେ ଭାଜପାର ଟିକେଟ୍ କୁଆଡେ ଗଲା ବୋଲି ପ୍ରଶ୍ନ କରୁଥିଲେ । ବିଜେଡି ବାଣ୍ଟି ନ ଥିଲେ ଭାଜପା ପ୍ରାର୍ଥୀ ଦେଇ ପାରି ନ ଥାନ୍ତା ବୋଲି କହିଥିଲେ । ମାତ୍ର ଏବେ ବିଜେଡି ପ୍ରାର୍ଥୀ ଘୋଷଣା କରିପାରୁ ନାହିଁ ବୋଲି ଗଣମାଧ୍ୟମ କହୁଛି । ଏପରିକି ପ୍ରତିଦିନ ଅନେକ ନେତା ବିଜେଡି ଛାଡୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ବିଜେଡି ଏମ୍‌ପିମାନେ ପାର୍ଲାମେଣ୍ଟରେ ଓଡିଶାର ସମସ୍ୟା କଥା ନ ଉଠାଇ ପ୍ରତିରକ୍ଷା ଦଲାଲ ମିଶେଲ ମାମାର ଭୋଜି ଖାଉଛନ୍ତି । ସେହିପରି ଓଡିଆ ଲୋକଙ୍କୁ ରାଜ୍ୟ ସଭାରେ ଉପସଭାପତି ଦାୟିତ୍ୱ ମିଳିଥିଲା। ବିଜେଡି ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ରାଜ୍ୟ ସଭାର ଉପସଭାପତି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ପ୍ରସ୍ତାବରେ ସେ ମଧ୍ୟସ୍ଥ ସାଜିଥିଲେ, ହେଲେ ବିଜେଡି ଏହାକୁ ଗ୍ରହଣ କରି ନ ଥିଲା । ୩୩ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କଥା କହୁଥିବା ନବୀନଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଓଡିଶାର ମହିଳା ଦେଶରେ ସବୁଠୁ ଅସୁରକ୍ଷିତ ବୋଲି ସେ କହିଛନ୍ତି।

UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ଏକ ସୁରକ୍ଷିତ ଆର୍ଥିକ ଭବିଷ୍ୟତ ପାଇଁ ୫ଟି ମନ୍ତ୍ର



ମାର୍ଚ୍ଚ ମାସରେ ଆର୍ଥିକ ବର୍ଷର ସମାପ୍ତି ହୋଇଥାଏ। ଆପଣମାନଙ୍କ ମଧ୍ୟରୁ ଅନେକ ଏହା ଅନୁଭବ କରୁଥିବେ ଯେ ଟିକସ ସଞ୍ଚୟ କରିବା ପାଇଁ ଆପଣ ଯଥେଷ୍ଟ ପଦକ୍ଷେପ ନେଇନାହାନ୍ତି। ଆପଣ କେବଳ ନିଜ ଆର୍ଥିକ ସ୍ଥିତିକୁ ଠିକ୍ କରିବାକୁ ଚାହାନ୍ତି। ଏହାକୁ ହୃଦ୍‌ବୋଧ କରିବା ହିଁ ଏକ ଉତ୍ତମ ଆରମ୍ଭ ଅଟେ। ଆଶା ଓ ଉତ୍ତମ ଯୋଜନା ଉପାୟଗୁଡ଼ିକ ସହିତ ନୂଆ ଆର୍ଥିକ ବର୍ଷକୁ ସ୍ୱାଗତ ଜଣାଇବା ଲାଗି ପ୍ରସ୍ତୁତ ହେବା ପାଇଁ ମାର୍ଚ୍ଚ ହେଉଛି ପ୍ରକୃଷ୍ଟ ସମୟ।

**ଏହାପରେ କ'ଣ?**
ଯେବେ ଆପଣ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରନ୍ତି, ଆପଣଙ୍କ ରିଟର୍ନ ଉପରେ ଲାଗୁ ହେଉଥିବା ବିଭିନ୍ନ ଟିକସଗୁଡ଼ିକ ସମ୍ପର୍କରେ ମଧ ଆପଣ ଜାଣିରଖିବା ଆବଶ୍ୟକ। ଆପଣଙ୍କ ନିବେଶଗୁଡ଼ିକ ପାଇଁ ପ୍ରଯୁଜ୍ୟ ବିଭିନ୍ନ ଟିକସଗୁଡ଼ିକ ସମ୍ପର୍କରେ ଜାଣନ୍ତୁ ପରବର୍ତ୍ତୀ ଭାଗରେ!

ନୂଆ ଆର୍ଥିକ ବର୍ଷରେ ଆପଣ ଏହି ପାଞ୍ଚଗୋଟି ଆର୍ଥିକ ମନ୍ତ୍ରକୁ ଅନୁସରଣ କରିପାରିବେ:

### ମନ୍ତ୍ର ୧: ନିଜ ଆର୍ଥିକ ସ୍ଥିତିର ବିଶ୍ଳେଷଣ କରନ୍ତୁ

ଆପଣଙ୍କ ଆର୍ଥିକ ସ୍ଥିତି ସହ ଏକ ଦୀର୍ଘକାଳୀନ ବନ୍ଧୁତା ସ୍ଥାପନ କରିବା ଲାଗି, ଆପଣ ତାହାକୁ ଭଲ ଭାବେ ଜାଣିବା ଜରୁରୀ। ନିଜ ଆର୍ଥିକ ସ୍ଥିତିକୁ ବିଶ୍ଳେଷଣ କରିବା ଦ୍ୱାରା ଆପଣ ନିଜ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବାର ସାମର୍ଥ୍ୟ, ଆପଣଙ୍କ ସଞ୍ଚୟ ଏବଂ ଖର୍ଚ୍ଚ ଅଭ୍ୟାସର ସ୍ପଷ୍ଟ ଚିତ୍ର ପାଇପାରନ୍ତି।

ଟିପ୍: ନିଜର ପ୍ରତ୍ୟେକ ଖର୍ଚ୍ଚର ରେକର୍ଡ ରଖନ୍ତୁ। ନିଜ ଖର୍ଚ୍ଚଗୁଡ଼ିକର ବିଶ୍ଳେଷଣ କରନ୍ତୁ। କିଣାକିଣି ପାଇଁ ଯିବା ପୂର୍ବରୁ ସାମଗ୍ରୀଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ତାଲିକାରେ ଯାହା ଅଛି କେବଳ ସେହି ସାମଗ୍ରୀଗୁଡ଼ିକୁ କିଣନ୍ତୁ।

ମନ୍ତ୍ର ୧ର ପ୍ରଭାବ: "ମୁଁ ମୋ ସଞ୍ଚୟ, ନିବେଶ ଓ ଖର୍ଚ୍ଚ କରିବାର ସାମର୍ଥ୍ୟକୁ ଜାଣିଛି।"

### ମନ୍ତ୍ର ୨: ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ

ଆର୍ଥିକ ପରାମର୍ଶଦାତାମାନେ ଆପଣଙ୍କୁ ଠିକ୍ ସମୟରେ, ଠିକ୍ ନିବେଶ ନିଷ୍ପତ୍ତି ନେବାରେ ସହାୟତା କରିପାରିବେ। ଆର୍ଥିକ ପରାମର୍ଶ ଲୋଡ଼ିବା ଦ୍ୱାରା ଆପଣଙ୍କୁ ପକ୍ଷପାତିତାକୁ ଜୟ କରିବା ଓ ଭ୍ରାନ୍ତଧାରଣାକୁ ଦୂର କରିବାରେ ମଧ ସହାୟତା ମିଳିବ।

ଟିପ୍: ନିବେଶ ପୂର୍ବରୁ ଆର୍ଥିକ ସହାୟତା ଲୋଡ଼ନ୍ତୁ।

ମନ୍ତ୍ର ୨ର ପ୍ରଭାବ: "ମୁଁ ଜାଣିଛି ଯେ ମୁଁ ମୋ ଆର୍ଥିକ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଠିକ୍ ଦିଗରେ ଅଗ୍ରସର ହେଉଛି।"

### ମନ୍ତ୍ର ୩: ନିଜ ଟିକସ ଯୋଜନା ସଅଳ ପ୍ରସ୍ତୁତ କରନ୍ତୁ

ଟିକସର ଯୋଜନା ଶୀଘ୍ର ପ୍ରସ୍ତୁତ କରିବା ଦ୍ୱାରା ଆପଣ ନିଜର ଟିକସ ସଞ୍ଚୟ ଲକ୍ଷ୍ୟକୁ ଅନ୍ୟାନ୍ୟ ବିବିଧ ଆର୍ଥିକ ଲକ୍ଷ୍ୟ ସହିତ ଏକତ୍ରିତ କରିପାରିବେ। ଇଏଲ୍ଏସ୍ଏସ୍ (ଇକ୍ୱିଟି ଲିଙ୍କ୍ଡ ସେଭିଂସ୍ ସ୍କିମ୍) ଦ୍ୱାରା ଏହା ଦ୍ରୁତ କରାଯାଇପାରିବ। ହେଲେ, ଶେଷ ମୁହୂର୍ତ୍ତରେ ଟିକସ ଯୋଜନା କଲେ ଆପଣ ଏହି ସୁଯୋଗ ହାତଛଡ଼ା କରିପାରନ୍ତି।

ଟିପ୍: ନିଜ ଟିକସର ଯୋଜନା ସଅଳ ପ୍ରସ୍ତୁତ କରନ୍ତୁ। ନିଜର ଟିକସ ସଞ୍ଚୟ ପରିମାଣକୁ ୧୨ଟି ଏସ୍ଆଇପି (ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍)ରେ ବିଭାଜିତ କରନ୍ତୁ।

ମନ୍ତ୍ର ୩ର ପ୍ରଭାବ: "ଆର୍ଥିକବର୍ଷ ସମାପ୍ତିରେ ମୁଁ ଚିନ୍ତା-ମୁକ୍ତ। ମୁଁ ଯେ କେବଳ ଟିକସ ସଞ୍ଚୟ କରୁଛି ତାହା ନୁହେଁ, ବରଂ ମୋ ଲକ୍ଷ୍ୟଗୁଡ଼ିକୁ ମଧ ହାସଲ କରୁଛି।"

### ମନ୍ତ୍ର ୪: ମ୍ୟୁଚୁଆଲ ଫଣ୍ଡରେ ନିବେଶ କରନ୍ତୁ

ମ୍ୟୁଚୁଆଲ ଫଣ୍ଡ ଅନେକ ସ୍କିମ୍ ଅଫର୍ କରିଥାଏ। ପ୍ରତ୍ୟେକ ସ୍କିମ୍ ଆପଣଙ୍କ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ଲକ୍ଷ୍ୟକୁ ପୂରଣ କରିବା ପାଇଁ ପରିକଳ୍ପିତ ହୋଇଥାଏ। ଆପଣଙ୍କ ରିସ୍କ ପ୍ରୋଫାଇଲ୍‌କୁ ସୁହାଉଥିବା ଫଣ୍ଡ ଆପଣ ଚୟନ କରିପାରନ୍ତି। ରିଟର୍ନ ଅତିରିକ୍ତ, ମ୍ୟୁଚୁଆଲ ଫଣ୍ଡ ଆହୁରି ଅନେକ ଲାଭ ଯୋଗାଇଥାଏ ଯେପରିକି ଟଙ୍କା ମୂଲ୍ୟ ହାରାହାରୀକରଣ, କମ୍ପାଉଣ୍ଡିଂ, ନିବେଶ ଶୃଙ୍ଖଳା ଏବଂ ରିସ୍କ ବିବିଧକରଣ।

ଟିପ୍: ନିଜର ପ୍ରତ୍ୟେକ ଲକ୍ଷ୍ୟ ପାଇଁ ଏକ ପୃଥକ୍ ପୋର୍ଟଫୋଲିଓ ରଖନ୍ତୁ।

ମନ୍ତ୍ର ୪ର ପ୍ରଭାବ: "ମୁଦ୍ରାସ୍ଫୀତି ଭଳି ଅନିଶ୍ଚିତତା ସମ୍ପର୍କରେ ମୋତେ ଚିନ୍ତିତ ହେବାକୁ ପଡୁନାହିଁ। ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ଛତା ସଦୃଶ ଯାହା ବର୍ଷାଦିନରେ ଆପଣଙ୍କ ଟଙ୍କାକୁ ସୁରକ୍ଷା ଦେଇଥାଏ।"

### ମନ୍ତ୍ର ୫: ନିଜ ପୋର୍ଟଫୋଲିଓର ସମୀକ୍ଷା କରନ୍ତୁ

ବଜାର ଓ ସରକାରୀ ନୀତିଗୁଡ଼ିକ ସମୟ ସମୟରେ ବଦଳିଯାଇଥାଏ। ନିଜ ଲକ୍ଷ୍ୟ ନିକଟରେ ପହଞ୍ଚିବା ପାଇଁ ଆପଣ ଉପଯୁକ୍ତ ନିବେଶ କରୁଛନ୍ତି ଏ ସମ୍ପର୍କରେ ସୁନିଶ୍ଚିତ ରହିବା ବିଜ୍ଞତାର ପରିଚୟ। ତେଣୁ, ଆପଣଙ୍କୁ ନିୟମିତ ଭାବେ ନିଜ ପୋର୍ଟଫୋଲିଓର ସମୀକ୍ଷା କରିନେବା ଉଚିତ୍।

ଟିପ୍: ନିଜ ପୋର୍ଟଫୋଲିଓର ସମୀକ୍ଷା କିପରି କରାଯିବ ଯଦି ଆପଣ ଜାଣିନାହାନ୍ତି ତେବେ ଆର୍ଥିକ ପରାମର୍ଶଦାତାଙ୍କ ସହ ପରାମର୍ଶ କରନ୍ତୁ।

ମନ୍ତ୍ର ୫ର ପ୍ରଭାବ: "ମୁଁ ସହଜରେ ମୋର ଆର୍ଥିକ ଲକ୍ଷ୍ୟଗୁଡ଼ିକୁ ହାସଲ କରିପାରିବି। ଏବେ ମୁଁ ଆର୍ଥିକ ଭାବେ ସୁରକ୍ଷିତ ଅନୁଭବ କରୁଛି।"

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି। ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ଶେଷ-ମିନିଟ୍ ଟିକସ ଯୋଜନା ପାଇଁ ଟିପ୍ସ



ଆପଣ ଚାହୁଁ ନ ଥିଲେ ମଧ ନିଜକୁ ଶେଷ ମିନିଟ୍‌ରେ କେତେକ କାମ କରୁଥିବାର ଦେଖିବାକୁ ପାଇପାରନ୍ତି। ଶେଷ ମିନିଟ୍‌ରେ ନିଜ କାମ ସାରିବାର ରୋମାଞ୍ଚ ସମ୍ପର୍କରେ ଆପଣ ନିଜ ଯୁବାବସ୍ଥାରେ ଶିଖିଥାନ୍ତି। ଯେବେ ନିବେଶର କଥା ଆସେ ତେବେ, ଏହା ଆହ୍ୱାନପୂର୍ଣ୍ଣ ହୋଇପାରେ।

ତଳେ କେତେକ ଶେଷ-ମିନିଟ୍ ଟିକସ ସଞ୍ଚୟ ଟିପ୍ସ ଦିଆଗଲା:

**୧. ପରିସ୍ଥିତିକୁ ବିଶ୍ଳେଷଣ କରନ୍ତୁ**
- ଆପଣ ଠିକ୍ ଭାବେ ଆପଣଙ୍କ ଦ୍ୱାରା ପୈଠଯୋଗ୍ୟ ଟିକସର ହିସାବ କରିଛନ୍ତି କି?
- ଆପଣ ଧାରା ୮୦ସି ଅଧୀନରେ ସମସ୍ତ ବିଯୋଗଗୁଡ଼ିକର ଲାଭ ଉଠାଇଛନ୍ତି କି?
- ଆପଣ ଏନ୍‌ପିଏସ୍ (ଜାତୀୟ ପେନ୍‌ସନ ପ୍ରଣାଳୀ) ରେ ନିବେଶ କରିଛନ୍ତି କି?
- ଆପଣ ଏକ ବୀମା ଯୋଜନାରେ ବୀମାଭୁକ୍ତ କି?
- ଆପଣଙ୍କ ନିକଟରେ ଏଚ୍ଆର୍ଏ (ଘର ଭଡ଼ା ଭତ୍ତା), ଏଲ୍‌ଟିଏ (ଛୁଟି ଭ୍ରମଣ ଭତ୍ତା) ଏବଂ ଅନ୍ୟାନ୍ୟ ଟିକସ-ସମ୍ପର୍କିତ କାଗଜପତ୍ର ପ୍ରମାଣ ସଜଡ଼ା ହୋଇ ରହିଛି କି?

**୨. ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ**
- ଚଳିତ ଆର୍ଥିକ ବର୍ଷ ପାଇଁ ନିଜର ପୈଠଯୋଗ୍ୟ ଟିକସକୁ ହିସାବ କରିବା ପରେ ନିବେଶ ପାଇଁ ତୁରନ୍ତ ଆଗେଇ ଯାଆନ୍ତୁ ନାହିଁ।
- ନିଜର ଟିକସ ଯୋଜନା ଲକ୍ଷ୍ୟ ସହିତ ଆପଣଙ୍କ ଅନ୍ୟାନ୍ୟ ମଧ୍ୟମ-ମିଆଦୀ ଓ ଦୀର୍ଘ-ମିଆଦୀ ଲକ୍ଷ୍ୟଗୁଡ଼ିକର ତାଳମେଳ କରିବା ପାଇଁ ଜଣେ ଆର୍ଥିକ ପରାମର୍ଶଦାତାଙ୍କ ସହ ପରାମର୍ଶ କରନ୍ତୁ।
- ଆପଣଙ୍କ ଟିକସ ଯୋଜନା ନିବେଶ ଆପଣଙ୍କ ଉଚ୍ଚ ରିଟର୍ନ ନିବେଶ ହୋଇପାରିବ।

**୩. ଏକ ଏସ୍ଆଇପି ଆରମ୍ଭ କରନ୍ତୁ**
- ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ମୁଦ୍ରାସ୍ଫୀତି ଉପରେ ଓ ଉର୍ଦ୍ଧ୍ୱରେ ରିଟର୍ନ ଦେଇପାରିବ।
- ₹୧.୫ ଲକ୍ଷର ଏକ ଲକ୍ଷ୍ୟ-ଭିତ୍ତିକ ଏସ୍ଆଇପି ଆରମ୍ଭ କରନ୍ତୁ।
- ଆପଣ ପରବର୍ତ୍ତୀ ସମୟରେ ବିନା ଜରିମାନାରେ ଏସ୍ଆଇପି ପରିମାଣକୁ ବଦଳାଇପାରିବେ।
- ଚଳିତ ଆର୍ଥିକ ବର୍ଷ ପାଇଁ ଆପଣ ଟିକସ ସଞ୍ଚୟ କରିସାରିବା ପରେ, ନିଜ ଏସ୍ଆଇପିକୁ ଜାରି ରଖନ୍ତୁ।
- ପରବର୍ତ୍ତୀ ଆର୍ଥିକବର୍ଷ ପାଇଁ, ଆପଣ ନିଜର ₹୧.୫ ଲକ୍ଷର ଏସ୍ଆଇପିକୁ ୧୨ କିମ୍ବା ତଦୂର୍ଦ୍ଧ୍ୱ ଏସ୍ଆଇପିରେ ବିଭାଜିତ କରିପାରିବେ।

**୪. ଏକ ଏନ୍‌ପିଏସ୍ ଆରମ୍ଭ କରନ୍ତୁ**
- ଏନ୍‌ପିଏସ୍ ନିବେଶ ସହିତ, ଆପଣ ₹୫୦,୦୦୦ର ଅତିରିକ୍ତ ଟିକସ ଲାଭ ଦାବି କରିପାରିବେ। ଏହା ଆପଣଙ୍କ ₹୧.୫ ଲକ୍ଷର ଟିକସ ସଞ୍ଚୟକାରୀ ନିବେଶରୁ ଉପରେ ଓ ଉର୍ଦ୍ଧ୍ୱରେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି। ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏସ୍ଆଇପି ଆପଣଙ୍କ ସବୁ ଋତୁର ସାଥୀ ହୋଇପାରିବ**



ଟିକସ ଯୋଜନା ଲକ୍ଷ୍ୟକୁ ଆରମ୍ଭ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଏବେ ହିଁ ନିଜର ଏସ୍ଆଇପି ଆରମ୍ଭ କରନ୍ତୁ!

ଅଧିକ ଜାଣିବା ପାଇଁ ନିମ୍ନ ନମ୍ବରରେ ଏକ ମିସ୍‌ଡ କଲ୍ ଦିଅନ୍ତୁ
୮୬୫୫୦୧୯୯୪୦

### ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ଆର୍ଥିକ ପରାମର୍ଶଦାତାଙ୍କୁ କେଉଁ ପ୍ରଶ୍ନ ପଚରାଯିବା ଉଚିତ?
ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି

ସୁଧୀନ୍ଦ୍ର ଦାସ
ଆର୍ଥିକ ପରାମର୍ଶଦାତା

ଆପଣଙ୍କ ଆର୍ଥିକ କଲ୍ୟାଣ ପାଇଁ ଠିକ୍ ଆର୍ଥିକ ପରାମର୍ଶଦାତାଙ୍କ ଚୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଆପଣଙ୍କ ନିବେଶକୁ ନେଇ ଆପଣ ଯାହାଙ୍କ ଉପରେ ଭରସା କରିପାରିବେ, ଯେଉଁ ଉଚ୍ଚ-ବାଜିଯୁକ୍ତ ନିଷ୍ପତ୍ତି ଗ୍ରହଣ କରିବେ। ନିଜର ଗବେଷଣା କରନ୍ତୁ ଏବଂ ଆପଣ ଯେଉଁ ଧରଣର ବିଶେଷଜ୍ଞତା ସନ୍ଧାନରେ ଅଛନ୍ତି ତାହା କିଏ ଯୋଗାଉଛନ୍ତି ସେହି ଉପାଧିକୁ ଠାବ କରନ୍ତୁ, ଯେପରି କି ପ୍ରମାଣିତ ଆର୍ଥିକ ଯୋଜନାକାରୀ। ଅନେକ ପଦବୀ ଶୁଣିବାକୁ ଆକର୍ଷଣୀୟ ଲାଗିପାରେ, କିନ୍ତୁ ସେହି ପଦବୀ ପାଇବା ପାଇଁ ମାତ୍ର ଦୁଇ ତିନିଥର ଦୁଇ-ଘଣ୍ଟିଆ କ୍ଲାସ୍ ଆଟେଣ୍ଡ କରିବାକୁ ପଡ଼ିଥାଏ। ଜଣେ ନିବେଶକ ଭାବେ ଆପଣ ବୁଝିନେବା ଆବଶ୍ୟକ ଯେ ଆପଣଙ୍କୁ ପରାମର୍ଶ ଦେଉଥିବା ବ୍ୟକ୍ତି ସେହି ପରାମର୍ଶ ଦେବା ପାଇଁ ଯୋଗ୍ୟ କି, ଏବଂ ପରାମର୍ଶ ଦେବାର ସାମର୍ଥ୍ୟ ହାସଲ କରିବା ପାଇଁ ତାଙ୍କୁ କେତେ ପରିଶ୍ରମ ଓ ସମୟ ଖର୍ଚ୍ଚ କରିବାକୁ ପଡ଼ିଛି। ରାଜିନାମାରେ ସ୍ୱାକ୍ଷର କରିବା ପୂର୍ବରୁ ତାଙ୍କର ପ୍ରମାଣନକୁ ଯାଞ୍ଚ କରନ୍ତୁ। ତଥାପି, ପ୍ରମାଣନ ବିଶ୍ୱନୀୟତାର ସୂଚକ ମାତ୍ର, ଗ୍ୟାରେଣ୍ଟି ନୁହେଁ।

### ଗୁରୁ କୁହନ୍ତି

**ଆର୍ଥିକ ଯୋଜନା ଗୁରୁତ୍ୱପୂର୍ଣ୍ଣ କାହିଁକି?**

ଅନିଲ କୁମାର ମହାପାତ୍ର
ଆର୍ଥିକ ପରାମର୍ଶଦାତା

ଜଣେ ଭଲ ନିବେଶକ ହେବା ଏକ କଷ୍ଟକର କାମ ଅଟେ। ଅନେକ ବ୍ୟକ୍ତି ଭଲ ନିବେଶକ ହେବାରୁ ବିଫଳ ହୋଇଥାନ୍ତି କାରଣ ସେମାନେ ନିୟମିତ ଭାବେ ନିଜ ନିବେଶଗୁଡ଼ିକର ପର୍‌ଫର୍ମାନ୍ସକୁ ଟ୍ରାକ୍ କରି ନ ଥାନ୍ତି। ସେମାନେ ନିଜ ନିବେଶ ରିଟର୍ନକୁ ଉନ୍ନତ କରିବା ପାଇଁ ଉପାୟ ନ ଖୋଜି ଠେଲିଦେଇ କଳ୍ପନା ରାଇଜରେ ବାସ କରିବାରେ ଲାଗନ୍ତି, ନିବେଶଗୁଡ଼ିକୁ ଟ୍ରାକ୍ କରା ନ ଗଲେ ତାହା ଉତ୍ତମ ରିଟର୍ନ ଦେଇପାରିବ ନାହିଁ। ଏପରି ନିବେଶକଙ୍କ ପାଇଁ ଆର୍ଥିକ ଯୋଜନାକାରୀ ବା ଫାଇନାନ୍ସିଆଲ୍ ପ୍ଲାନର୍‌ଙ୍କ ସହାୟତା ନେବା ଉପାଦେୟ ହୋଇଥାଏ। ଜଣେ ଆର୍ଥିକ ଯୋଜନାକାରୀ ନିୟମିତ ଭିତ୍ତିରେ ଆପଣଙ୍କ ନିବେଶଗୁଡ଼ିକୁ ଟ୍ରାକ୍ କରିବା ଏବଂ ସଂଶୋଧନମୂଳକ ମାର୍ଗର ପ୍ରସ୍ତାବ ଦେବାରେ ସହାୟତା କରିଥାନ୍ତି। ସେ ଆପଣଙ୍କର ସମସ୍ତ ଆର୍ଥିକ ଲକ୍ଷ୍ୟ ପାଇଁ ନିବେଶ କରିବା ଓ ଧନ ସୃଷ୍ଟି କରିବାରେ ମଧ ସହାୟତା କରିପାରିବେ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantra2@swatantra.co.in ରେ
ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ। ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com




## ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ଉପରେ ଲାଗୁ ହେଉଥିବା ବିଭିନ୍ନ ଟିକସଗୁଡ଼ିକ କ'ଣ?

ମ୍ୟୁଚୁଆଲ ଫଣ୍ଡରେ ନିବେଶ କଲେ ଆପଣ ଡିଭିଡେଣ୍ଡ କିମ୍ବା କ୍ୟାପିଟାଲ୍ ଗେନ୍ ଭାବେ ଆୟ ଉପାର୍ଜନ କରିପାରିବେ। ଆହୁରି ମଧ, ଯେଉଁ ଆୟ ଥାଏ ସେଠାରେ ଆୟକର ଥାଏ। ଅଧିକନ୍ତୁ, ଯେହେତୁ ମାର୍ଚ୍ଚ ହେଉଛି (ଶେଷ ମିନିଟ୍) ଟିକସ ଯୋଜନା ପ୍ରସ୍ତୁତିର ମାସ, ତେଣୁ ଆସନ୍ତୁ ଆପଣଙ୍କ ମ୍ୟୁଚୁଆଲ ଫଣ୍ଡ ନିବେଶ ପାଇଁ ପ୍ରଯୁଜ୍ୟ ବିଭିନ୍ନ ଟିକସଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା।

### କ) ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ଟିକସ

ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ଟିକସ (ଡିଡିଟି) ଡିଭିଡେଣ୍ଡ ପୈଠ କରୁଥିବା ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ଉପରେ ଲାଗୁ କରାଯାଇଥାଏ। ଡିଭିଡେଣ୍ଡ ପୈଠ କରିବା ପୂର୍ବରୁ ଫଣ୍ଡ ହାଉସ୍ ଏହି ଟିକସକୁ ବିଯୋଗ କରିନେଇଥାଏ। ଏହାର ଅର୍ଥ ଆପଣଙ୍କୁ ଅତିରିକ୍ତ କିଛି ଟିକସ ଦେବାକୁ ପଡ଼ିବ ନାହିଁ। ଡିଡିଟି କାରଣରୁ କେବଳ ଆପଣଙ୍କ ପ୍ରକୃତ ରିଟର୍ନ ହ୍ରାସିତ ହେବ।

**ଅଣ-ଇକ୍ୱିଟି ଫଣ୍ଡ ଉପରେ ଡିଡିଟି:**
୨୫% (୨୯.୧୨%, ସର୍‌ଚାର୍ଜ ଓ ସେସ୍ ସମେତ)

**ଇକ୍ୱିଟି ଫଣ୍ଡ ଉପରେ ଡିଡିଟି:**
୧୦% (୧୧.୬୪୮%, ସର୍‌ଚାର୍ଜ ଓ ସେସ୍ ସମେତ)




### ଖ) କ୍ୟାପିଟାଲ୍ ଗେନ୍ସ ଟିକସ

ଆପଣଙ୍କ ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ଉପରେ ଆପଣ ଉପାର୍ଜିତ କରୁଥିବା କ୍ୟାପିଟାଲ୍ ଗେନ୍ସ ପାଇଁ ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ୟୁନିଟ୍‌ର ହୋଲ୍ଡିଂ ଅବଧି ଭିତ୍ତିରେ ଟିକସ ଲାଗୁ ହୋଇଥାଏ। ଏହା ସ୍ୱଳ୍ପ-ମିଆଦୀ କିମ୍ବା ଦୀର୍ଘ-ମିଆଦୀ ହୋଇପାରେ। ଅଧିକନ୍ତୁ, ଏହି ସମୟ ସୀମା ଭିତ୍ତିରେ ଆପଣ ନିମ୍ନ ଯେକୌଣସି ଟିକସ ପୈଠ କରିବାକୁ ହେବ:

**ସ୍ୱଳ୍ପ-ମିଆଦୀ କ୍ୟାପିଟାଲ ଗେନ୍ସ ଟିକସ (ଏସ୍‌ଟିସିଜି)**
**ଦୀର୍ଘ-ମିଆଦୀ କ୍ୟାପିଟାଲ ଗେନ୍ସ ଟିକସ (ଏଲ୍‌ଟିସିଜି)**

| ଫଣ୍ଡ | ସ୍ୱଳ୍ପ–ମିଆଦୀ | ଦୀର୍ଘ–ମିଆଦୀ |
|---|---|---|
| ଇକ୍ୱିଟି ଫଣ୍ଡ | ୧୨ ମାସରୁ କମ୍ | ୧୨ ମାସ କିମ୍ବା ତଦୂର୍ଦ୍ଧ୍ୱ |
| ବାଲାନ୍ସଡ୍ ଫଣ୍ଡ | ୧୨ ମାସରୁ କମ୍ | ୧୨ ମାସ କିମ୍ବା ତଦୂର୍ଦ୍ଧ୍ୱ |
| ଡେବ୍‌ଟ ଫଣ୍ଡ | ୩୬ ମାସରୁ କମ୍ | ୩୬ ମାସ କିମ୍ବା ତଦୂର୍ଦ୍ଧ୍ୱ |

ଏହାର ଅର୍ଥ, ଯଦି ଆପଣ ନିଜର ଇକ୍ୱିଟି ଫଣ୍ଡକୁ ୧୨ ମାସରୁ ଅଧିକ ସମୟ ପାଇଁ ଧରି ରଖନ୍ତି ତେବେ ଆପଣଙ୍କୁ ଏଲ୍‌ଟିସିଜି ଟିକସ ପୈଠ କରିବାକୁ ପଡ଼ିବ। ଅନ୍ୟପକ୍ଷରେ, ଆପଣ ୩୬ ମାସରୁ ଅଧିକ ସମୟ ପାଇଁ ନିଜ ଫଣ୍ଡକୁ ଧରି ରଖିଲେ ହିଁ ଡେବ୍‌ଟ ଫଣ୍ଡ ଉପରେ ଏଲ୍‌ଟିସିଜି ଟିକସ ପୈଠ କରିବେ।




### ଗ) ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟିକସ

ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ସିକ୍ୟୁରିଟିଗୁଡ଼ିକର କ୍ରୟ ଓ ବିକ୍ରୟ ଉପରେ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟିକସ (ଏସ୍‌ଟିଟି) ଲାଗୁ କରାଯାଇଥାଏ। ତେଣୁ, ଆପଣ ଯେବେ ଇକ୍ୱିଟି ଫଣ୍ଡ କିମ୍ବା ହାଇବ୍ରିଡ୍ ଇକ୍ୱିଟି ଫଣ୍ଡ ବିକ୍ରୟ କରନ୍ତି, ଆପଣଙ୍କୁ ଏସ୍‌ଟିଟି ମଧ ପୈଠ କରିବାକୁ ପଡ଼ିଥାଏ। ଏହା ୦.୦୦୧% ମାସ ହାରରେ ବିଯୁକ୍ତ ହୋଇଥାଏ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି। ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

MUTUALFUNDS Sahi Hai
UTI Mutual Fund
Haq, ek behtar zindagi ka

ଟ୍ୟାକ୍ସ ସଞ୍ଚୟ କରିବା ସହିତ ସମ୍ପତ୍ତି ସୃଷ୍ଟି କରନ୍ତୁ।



ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655019940 ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ।

ଇକ୍ୱିଟୀ ଲିଙ୍କ୍‌ଡ ସେଭିଂସ୍ ସ୍କିମ୍‌କୁ ଚୟନ କରି ସ୍ମାର୍ଟ୍ ନିବେଶ କରିବାର ନିଷ୍ପତ୍ତି ନିଅନ୍ତୁ। ଏହା କେବଳ ପୁଞ୍ଜି ବୃଦ୍ଧିର ଅବସର ପ୍ରଦାନ କରିନଥାଏ ଅଧିକନ୍ତୁ କର ସଞ୍ଚୟ ଲାଭ ବି ପ୍ରଦାନ କରେ।
- ଆୟକର ଅଧିନିୟମ 1961 ର ଧାରା 80ସି ଅନ୍ତର୍ଗତ କର ଛାଡ଼
- ପ୍ରତିବର୍ଷ ₹1,50,000 ର ନିବେଶ ଉପରେ ₹46,800 ପର୍ଯ୍ୟନ୍ତ ଟ୍ୟାକ୍ସ ବଞ୍ଚାଏ#
- ନିବେଶ ପାଇଁ ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ପରି ସାଧନ ବି ଉପଲବ୍ଧ

SMS "UTILTEF" to 5676756 | www.utimf.com

ୟୁଟିଆଇ ଲଙ୍ଗ୍ ଟର୍ମ୍ ଇକ୍ୱିଟୀ ଫଣ୍ଡ (ଟ୍ୟାକ୍ସ ସେଭିଂ)

ୟୁଟିଆଇ ଲଙ୍ଗ୍ ଟର୍ମ୍ ଇକ୍ୱିଟୀ ଫଣ୍ଡ (କର ସଞ୍ଚୟୀ) = ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟୀ ସଂଯୁକ୍ତ ସେଭିଂ ସ୍କିମ୍ 3 ବର୍ଷର ବିଧିବଦ୍ଧ ଲକ୍ ଇନ୍ ଓ କର ଲାଭ ସହିତ। #1961 ଆୟକର ଅଧିନିୟମର ଧାରା 80ସି ଅନ୍ତର୍ଗତ 30% ର ସର୍ବୋଚ୍ଚ କର ବ୍ରାକେଟ୍ ପାଇଁ ପ୍ରତି ବର୍ଷ ₹1,50,000 ର ନିବେଶ ଉପରେ କର ଛାଡ଼। (ପ୍ରଚଳିତ କର ନିୟମ ଅନୁସାରେ)।

ଏହି ଉତ୍ପାଦ ନିବେଶକଙ୍କ ପାଇଁ ଉପଯୁକ୍ତ ଯିଏ ଚାହାନ୍ତି:*
- ଦୀର୍ଘକାଳୀନ ପୁଞ୍ଜି ବୃଦ୍ଧି
- କମ୍ପାନୀର ଇକ୍ୱିଟୀ ଇନ୍‌ଷ୍ଟ୍ରୁମେଣ୍ଟସରେ ନିବେଶ ଯାହାର ବିକାଶ ସମ୍ଭାବନା ଥିବାର ବିଶ୍ୱାସ କରାଯାଏ

*ଉତ୍ପାଦ ତାଙ୍କ ପାଇଁ ଉପଯୁକ୍ତ ଅଟେ କି ନାହିଁ ସନ୍ଦେହ ଥିଲେ ନିବେଶକ ତାଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ ପରାମର୍ଶ କରିବା ଉଚିତ୍।



Scan this QR Code to know more about UTI Long Term Equity Fund (Tax Saving)

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ସ୍କିମ୍ ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

## ସ୍ୱତନ୍ତ୍ର କୁମାର ବୁଝାନ୍ତି: ସଦ୍ୟତମ ସ୍ମୃତିର ପକ୍ଷପାତିତା

ନିଷ୍ପତ୍ତି ନେବା ସମୟରେ ମନୁଷ୍ୟମାନେ ସାଧାରଣତଃ ସେମାନଙ୍କର କାର୍ଯ୍ୟକାରୀ ବା ସ୍ୱଳ୍ପ-ମିଆଦୀ ସ୍ମରଣଶକ୍ତି ଉପରେ ଭରସା କରିଥାନ୍ତି। ଉଦାହରଣ ସ୍ୱରୂପ - ଅଫିସ୍ ଯିବା ପାଇଁ ଆପଣ ନିକଟ ଅତୀତରେ 'ଏ' ବଦଳରେ 'ବି' ବାଟକୁ ଚୟନ କରିଛନ୍ତି। ଆପଣ 'ବି' ବାଟରେ ସବୁଦିନ ଯିବା ଆସିବା କରିବାକୁ ଲାଗିଲେ, କିନ୍ତୁ ଦିନେ ଅଫିସ୍ ପହଞ୍ଚୁ ପହଞ୍ଚୁ ବିଳମ୍ବ ହୋଇଗଲା। ଏବେ, ଆପଣଙ୍କୁ ଠିକ୍ ସମୟରେ ଅଫିସ୍ ପହଞ୍ଚିବା ପାଇଁ ଦ୍ରୁତତମ ବାଟର ବିକଳ୍ପ ବାଛିବାକୁ ହେବ। ଆପଣଙ୍କ ନିକଟରେ ଦୁଇଟି ବିକଳ୍ପ ଅଛି, ବାଟ 'ଏ' ଓ ବାଟ 'ବି'। ଯଦିଓ ଉଭୟ ବାଟ ସମାନ ସମୟ ନେଇଥାଏ କିନ୍ତୁ ଆପଣ ଅନୁଦ୍ଦିଷ୍ଟ ଭାବେ ବାଟ 'ବି'କୁ ଚୟନ କରନ୍ତି କାରଣ ଆପଣ ନିଜ କାର୍ଯ୍ୟକାରୀ ସ୍ମରଣଶକ୍ତି ଉପରେ ଭରସା କରନ୍ତି ଯାହା କୁହେ ଯେ, ଦୁଇଟି ମଧ୍ୟରୁ ବାଟ 'ବି' ସମ୍ଭବତଃ ଦ୍ରୁତତମ ବାଟ ଅଟେ। ଏହାକୁ ସଦ୍ୟତମ ସ୍ମୃତିର ପକ୍ଷପାତିତା କୁହାଯାଏ।

ନବୀନତା ପକ୍ଷପାତିତା ଆପଣଙ୍କ ନିବେଶ ନିଷ୍ପତ୍ତିକୁ ମଧ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ, ବଜାର ଉତ୍‌ଥାନ ସମୟରେ ଆମେ ଧାରା ସହିତ ବୋହିଯିବାର ଚେଷ୍ଟା କରୁ। ଆମେ ଅତୀତର ପତନକୁ ପ୍ରାୟତଃ ଭୁଲିଯାଉ। ଏହା ସାଧାରଣତଃ ଆମକୁ ବିଶ୍ୱାସ କରାଏ ଯେ ଆପଣଙ୍କ ଫଣ୍ଡରେ ଆସେଟ୍‌ଗୁଡ଼ିକର ମୂଲ୍ୟ ବଢ଼ିବା ଜାରି ରହିବ।

ନିବେଶ ସମୟରେ ସଦ୍ୟତମ ସ୍ମୃତିର ପକ୍ଷପାତିତାକୁ ଏଡ଼ାଇବା ପାଇଁ ତଳେ କେତେକ ଟିପ୍ସ ଦିଆଗଲା:

୧. ନିବେଶ କରିବା ପୂର୍ବରୁ ଫଣ୍ଡର ଅତୀତର ପର୍‌ଫର୍ମାନ୍ସ ଉପରେ ପର୍ଯ୍ୟାପ୍ତ ଗବେଷଣା କରନ୍ତୁ।
୨. ହେଲେ, ମନେରଖନ୍ତୁ ଅତୀତର ପର୍‌ଫର୍ମାନ୍ସ କେବଳ ଏକ ସୂଚକ ଅଟେ।
୩. ଦୀର୍ଘ-ମିଆଦ ପାଇଁ ଚିନ୍ତା କରନ୍ତୁ। ଏକ ଦୀର୍ଘମିଆଦୀ ନିବେଶ ରଣନୀତି ରଖନ୍ତୁ।
୪. ଆପଣଙ୍କ ଫଣ୍ଡର ପର୍‌ଫର୍ମାନ୍ସ ଅନୁଯାୟୀ ସମୟ ସମୟରେ ନିଜ ନିବେଶଗୁଡ଼ିକର ସମୀକ୍ଷା କରନ୍ତୁ।



*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି। ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ବିଶେଷଜ୍ଞ କୁହନ୍ତି

**୨୦୧୮-୧୯ରେ ଶିଖିଥିବା ନିବେଶଗତ ଶିକ୍ଷା**

ପ୍ରଶାନ୍ତ କୁମାର ଆଚାର୍ଯ୍ୟ
ଆର୍ଥିକ ପରାମର୍ଶଦାତା

ବିଭିନ୍ନ ଆର୍ଥିକ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ବ୍ୟକ୍ତିଙ୍କ ଲାଗି ନିବେଶ ଜରୁରୀ ଅଟେ। ବ୍ୟାଙ୍କରେ ଟିକସ ରିଟର୍ନ ଓ ପୋଷ୍ଟ ଅଫିସ୍ ଜମା କମିବାରେ ଲାଗିଛି। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ମ୍ୟୁଚୁଆଲ୍ ଫଣ୍ଡରେ ବିଭିନ୍ନ ଉତ୍ପାଦଗୁଡ଼ିକ ରହିଛି। ନିବେଶ ସ୍ୱଳ୍ପମିଆଦୀ କିମ୍ବା ଦୀର୍ଘମିଆଦୀ ହୋଇପାରେ। ଲୋକମାନେ ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘ ଅବଧି ପାଇଁ ନିବେଶ କରିବା ଆବଶ୍ୟକ, କାରଣ ମ୍ୟୁଚୁଆଲ ଫଣ୍ଡ ନିବେଶ ଟିକସ ଦକ୍ଷ ହେବା ସହିତ ଉଚ୍ଚ ରିଟର୍ନ ଯୋଗାଇଥାଏ। ଭଲ ରିଟର୍ନ ପାଇବା ଏବଂ ନିଜର ଉଚ୍ଚାକାଂକ୍ଷାକୁ ହାସଲ କରିବା ନିମନ୍ତେ ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘ ଅବଧି ପାଇଁ ନିବେଶ କରିବା ଲାଗି ମୁଁ ଯୁବପିଢ଼ିଙ୍କୁ ପରାମର୍ଶ ଦେଉଛି। ଗ୍ରାମୀଣ ଭାରତରେ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସଚେତନତା ଖୁବ୍ ମନ୍ଥର ଗତିରେ ବୃଦ୍ଧି ପାଉଛି। ଏପରି ଅଞ୍ଚଳରେ ଆର୍ଥିକ ପରାମର୍ଶଦାତାଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। କମ୍ ବ୍ୟୟ, ପାରଦର୍ଶିତା, ଲିକ୍ୱିଡିଟି ଏବଂ ଉତ୍ତମ ରିଟର୍ନ ପାଇଁ, ନିବେଶକମାନେ ଇକ୍ୱିଟି ଯୋଜନାରେ ନିବେଶ କରିବା ଆବଶ୍ୟକ।

### ଗୁରୁ କୁହନ୍ତି

**ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ପୂର୍ବରୁ କେଉଁ କଥାଗୁଡ଼ିକୁ ଧ୍ୟାନରେ ରଖାଯିବା ଉଚିତ?**

ସରୋଜ କୁମାର ଦାଶ
ଆର୍ଥିକ ପରାମର୍ଶଦାତା

ଆପଣ ଯେଉଁ ଉଦ୍ଦେଶ୍ୟ ପାଇଁ ନିବେଶ କରୁଛନ୍ତି ସେହି ଉଦ୍ଦେଶ୍ୟଟି ସ୍ୱଳ୍ପ-ମିଆଦୀ, ମଧ୍ୟମ-ମିଆଦୀ କିମ୍ବା ଦୀର୍ଘ-ମିଆଦୀ ତାହା ଆପଣଙ୍କୁ ସ୍ଥିର କରିନେବା ଆବଶ୍ୟକ। ଏକ ସ୍ୱଳ୍ପ-ମିଆଦୀ ଲକ୍ଷ୍ୟର ନିବେଶ ଦିଗ୍‌ବଳୟ ହେଉଛି ଏକ କିମ୍ବା ଦୁଇ ବର୍ଷ। ମଧ୍ୟମ-ମିଆଦୀ ଲକ୍ଷ୍ୟଗୁଡ଼ିକୁ ୩-୫ ବର୍ଷରେ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ଦୀର୍ଘ-ମିଆଦୀ ଲକ୍ଷ୍ୟଗୁଡ଼ିକ ପାଞ୍ଚବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ଆବଶ୍ୟକ କରିଥାଏ। ଆପଣଙ୍କ ଆର୍ଥିକ ଲକ୍ଷ୍ୟର ସମୟ ସୀମାକୁ ପରିଭାଷିତ କରିବା ଦ୍ୱାରା ଆପଣଙ୍କୁ ଠିକ୍ ଆସେଟ୍ କ୍ଲାସ୍‌ର ସେଟ୍ ବାଛିବାରେ ସହାୟତା ମିଳିଥାଏ, ଯାହା ଆପଣ ଆଶା କରୁଥିବା ରିଟର୍ନ ସୃଷ୍ଟିରେ ସହାୟକ ହେବ। ଆର୍ଥିକ ବିଶେଷଜ୍ଞମାନେ ପ୍ରାୟତଃ କୁହନ୍ତି ଯେ ନିବେଶକ କେତେ ରିଟର୍ନ ସୃଷ୍ଟି କରିବେ ତାହାକୁ ଆସେଟ୍ ଆବଣ୍ଟନ ନିର୍ଦ୍ଧାରଣ କରିଥାଏ, ବ୍ୟକ୍ତିଗତ ଫଣ୍ଡ ଚୟନ ନୁହେଁ। ନିଜ ନିବେଶ ପୋର୍ଟଫୋଲିଓରେ ଆସେଟ୍ କ୍ଲାସ୍‌ଗୁଡ଼ିକର ବିବିଧକରଣ ରହିବା ସର୍ବଦା ଭଲ ହୋଇଥାଏ। ଏହାଦ୍ୱାରା ବଜାର ଅସ୍ଥିରତା ମାମଲାରେ ମଧ ଆପଣ ସ୍ଥିର ରିଟର୍ନ ପାଇବାରେ ସକ୍ଷମ ହୋଇପାରନ୍ତି।

f LIVE ନିଜ ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି କିପରି ଆଣିବେ ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ, ୨୮ ମାର୍ଚ୍ଚ ୨୦୧୯ ଅପରାହ୍ନ ୫.୦୦ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଏବଂ 'ସୁସ୍ଥ ଓ ଧନୀ ହେବା ବିଜ୍ଞତାର ପରିଚୟ' ଉପରେ ଲାଇଭ୍ ଶୋ' ଦେଖନ୍ତୁ।

ପରବର୍ତ୍ତୀ ସଂସ୍କରଣରେ: ଶାରୀରିକ ସୁସ୍ଥତା ସହ ଆର୍ଥିକ ସୁସ୍ଥତା ମଧ ଗୁରୁତ୍ୱପୂର୍ଣ୍ଣ।
ପରବର୍ତ୍ତୀ ସଂସ୍କରଣରେ, ପର୍ଫେକ୍ଟ ଫାଇନାନ୍ସିଆଲ୍ ଡାଏଟ୍ ପ୍ଲାନ୍ ମାଧ୍ୟମରେ ଏହା କିପରି ହାସଲ କରିହେବ ସେ ସମ୍ପର୍କରେ ଜାଣିବା।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ।

MUTUALFUNDS Sahi Hai
UTI Mutual Fund
Haq, ek behtar zindagi ka

ଆପଣଙ୍କ ସମ୍ପତ୍ତି ସୃଜନକୁ ଗତି ଦିଅନ୍ତୁ, ନିବେଶ କରନ୍ତୁ
ଉପସ୍ଥାପନ କରୁଛୁ
ୟୁଟିଆଇ ପାଓ୍ୱର ଅଫ୍ ଥ୍ରୀ~



ୟୁଟିଆଇ ମାଷ୍ଟରଶେୟର୍ ୟୁନିଟ୍ ସ୍କିମ୍~
ଭାରତର ପ୍ରଥମ* ଲାର୍ଜ୍ କ୍ୟାପ୍ ଫଣ୍ଡ

ୟୁଟିଆଇ ଭାଲ୍ୟୁ ଅପର୍ଚୁନେଟିଜ୍ ଫଣ୍ଡ^
ଭାଲ୍ୟୁ ଫଣ୍ଡ

ୟୁଟିଆଇ ଇକ୍ୱିଟୀ ଫଣ୍ଡ‡
ମଲ୍ଟି କ୍ୟାପ୍ ଫଣ୍ଡ

- 60 ଲକ୍ଷରୁ ଅଧିକ ନିବେଶକଙ୍କ ଭରସା#
- ମୋଟ ପ୍ରଦତ୍ତ ଲାଭାଂଶ** ₹5700 କୋଟି

ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ଆଜି ହିଁ ସମ୍ପର୍କ କରନ୍ତୁ ବା 8655019940 ରେ ମିସ୍‌ଡ଼ କଲ୍ ଦିଅନ୍ତୁ।

ପ୍ରସ୍ତୁତ ହେଉଛି, ୟୁଟିଆଇ ପାଓ୍ୱର ଅଫ୍ ଥ୍ରୀ, ତିନୋଟି ବିଭିନ୍ନ ଇକ୍ୱିଟୀ ଫଣ୍ଡ୍‌ସର ଅନନ୍ୟ ସମ୍ମିଶ୍ରଣ ଯାହା ଆପଣଙ୍କୁ ଏକ ପ୍ରମାଣିତ ଟ୍ରାକ୍ ରେକର୍ଡ଼ ଓ ଲକ୍ଷାଧିକ ନିବେଶକଙ୍କ ବିଶ୍ୱସନୀୟତା ସହିତ ଲାର୍ଜ୍ କ୍ୟାପ୍, ଭାଲ୍ୟୁ ଓ ମଲ୍ଟି କ୍ୟାପ୍ ଫଣ୍ଡର ସନ୍ତୁଳନ ପ୍ରଦାନ କରେ। ୟୁଟିଆଇ ପାଓ୍ୱର ଅଫ୍ ଥ୍ରୀ ସହିତ ଆଜି ହିଁ ଆପଣଙ୍କ ଇକ୍ୱିଟୀ ପୋର୍ଟଫୋଲିଓକୁ ପ୍ରୋତ୍ସାହିତ କରନ୍ତୁ।
SMS "UTIPT" to 5676756 | Visit www.utimf.com

ୟୁଟିଆଇ ପାଓ୍ୱର ଅଫ୍ ଥ୍ରୀ

~ୟୁଟିଆଇ ପାଓ୍ୱର ଅଫ୍ ଥ୍ରୀ କେବଳ ସଂପ୍ରେଷଣର ଏକ ମାଧ୍ୟମ ଅଟେ ଯାହା ୟୁଟିଆଇ ଏମ୍ଏଫ୍ ନିବେଶ ମାଧ୍ୟମ ଉପରେ ଲାଗୁ ଅଟେ। ଏଠାରେ ଗୋଟିଏ ହିଁ ଆବେଦନ ଫର୍ମ୍ ଅଛି, ଯେଉଁଠି ନିବେଶକ ୟୁଟିଆଇ ପାଓ୍ୱର ଅଫ୍ ଥ୍ରୀ ପାଇଁ ବିଶେଷ ରୂପେ ବନା ଯାଇଥିବା ସୂଚନା ପତ୍ର ଅନୁସାରେ ଏକ ବା ତତୋଧିକ ଯୋଜନାରେ ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ବା ମୋଟାମୋଟି ରାଶି ମାଧ୍ୟମରେ ନିବେଶ କରିପାରନ୍ତି। ପରିଶୋଧ ଉକ୍ତ ଯୋଜନା ଅନ୍ତର୍ଗତ ଅଲଗା-ଅଲଗା ଯୋଜନା ପାଇଁ ତାଙ୍କ ସମ୍ବନ୍ଧିତ ଅଲଗା-ଅଲଗା ଚେକ୍ ମାଧ୍ୟମରେ କରାଯିବ।
*ପ୍ରାରମ୍ଭ ତାରିଖ 15 ଅକ୍ଟୋବର 1986। #60 ଲକ୍ଷ–1.5 ଲକ୍ଷ ନିବେଶକ ୟୁଟିଆଇ ମାଷ୍ଟରଶେୟର ୟୁନିଟ୍ ସ୍କିମ୍ ପାଇଁ ପ୍ରାରମ୍ଭ ତାରିଖ 15 ଅକ୍ଟୋବର 1986 ଅନୁସାରେ (ବର୍ତ୍ତମାନର ନିବେଶକ –5 ଲକ୍ଷରୁ ଅଧିକ 28 ଫେବ୍ରୁୟାରୀ 2019 ସୁଦ୍ଧା) + 1.3 ଲକ୍ଷ ନିବେଶକ ୟୁଟିଆଇ ଭାଲ୍ୟୁ ଅପର୍ଚୁନେଟିଜ୍ ଫଣ୍ଡ ପାଇଁ ପ୍ରାରମ୍ଭ ତାରିଖ 20 ଜୁଲାଇ 2005 ଅନୁସାରେ (ବର୍ତ୍ତମାନ ନିବେଶକ – 5 ଲକ୍ଷରୁ ଅଧିକ 28 ଫେବ୍ରୁୟାରୀ 2019 ସୁଦ୍ଧା) + 60 ଲକ୍ଷ ନିବେଶକ ୟୁଟିଆଇ ଇକ୍ୱିଟୀ ଫଣ୍ଡ ପାଇଁ ପ୍ରାରମ୍ଭ ତାରିଖ 18 ମଇ 1992 ଅନୁସାରେ (ବର୍ତ୍ତମାନ ନିବେଶକ – 11 ଲକ୍ଷରୁ ଅଧିକ 28 ଫେବ୍ରୁୟାରୀ 2019 ସୁଦ୍ଧା)। **ୟୁଟିଆଇ ମାଷ୍ଟରଶେୟର ୟୁନିଟ୍ ସ୍କିମ୍, ୟୁଟିଆଇ ଭାଲ୍ୟୁ ଅପର୍ଚୁନେଟିଜ୍ ଫଣ୍ଡ ଓ ୟୁଟିଆଇ ଇକ୍ୱିଟୀ ଫଣ୍ଡରେ ମୋଟ ପ୍ରଦତ୍ତ ଲାଭାଂଶ, ଫେବୃୟାରୀ 2003 ରୁ 28 ଫେବ୍ରୁୟାରୀ 2019 ପର୍ଯ୍ୟନ୍ତ। ବିଗତ ପ୍ରଦର୍ଶନ ଭବିଷ୍ୟତରେ ଅପରିବର୍ତ୍ତିତ ରହିପାରେ ଏବଂ ନରହି ବି ପାରେ। ଲାଭାଂଶ ପରିଶୋଧ ପାଇଁ ଯୋଜନା ସମ୍ବନ୍ଧିତ ବିକଳ୍ପର ଏନ୍ଏଭି ପରିଶୋଧ ଓ ବୈଧାନିକ ପ୍ରଭାର (ଯଦି ଲାଗୁ …

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ସମସ୍ତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।



“ମଣିଷର ପ୍ରକୃତି ଯାହା ଉପର ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବ। ଛାତକୁ ଚଢ଼ି ସାରିଲାପରେ ଶିଢ଼ି କଥା ମନେଥାଏ କି?
- ମାର୍କ ଟ୍ୱାଇନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଲୁପ୍ତପ୍ରାୟ ଲୋକକଳା ସନ୍ଧ୍ୟା, ମୁକ୍ତ ମଞ୍ଚ, ଭାରତୀୟ ବିଦ୍ୟାଭବନ, ୟୁନିଟ-୩, ସନ୍ଧ୍ୟା ୬ଟା ୩୦।

**ପୁରୀ**
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**ବାଲିଅନ୍ତା**
- ପଞ୍ଚବଟୀ ଦୋଳ ମେଳନର ରୋଶଣି ଶୋଭାଯାତ୍ରା, ତ୍ରିନାଥ ବଜାର ଛକ, ରାତି ୧୨ଟା।

# ବିଦ୍ୟୁତ୍ ତାରରେ ଲାଗିଲା ପିକ୍‌ନିକ୍ ବସ୍

## ଦୁର୍ଘଟଣାରୁ ବର୍ତ୍ତିଲେ ୬୦ ଛାତ୍ରୀଛାତ୍ର

**ବ୍ରହ୍ମଗିରି, ୨୪।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଲଙ୍କ ଗ୍ରାମରେ ରବିବାର ଏକ ପିକ୍‌ନିକ୍ ବସ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଏହି ସମୟରେ ବସ୍‌ରେ ଥିବା ୬୦ ଛାତ୍ରୀଛାତ୍ର ଏକ ନିଶ୍ଚିତ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ରବିବାର ସାକ୍ଷୀଗୋପାଳ ଆଚାର୍ଯ୍ୟ ହରିହର ଶିଶୁ ଭବନର ଛାତ୍ରୀଛାତ୍ର ବଣଭୋଜି କରିବା ପାଇଁ ମା'ବାଲିହରଚଣ୍ଡୀଙ୍କ ପୀଠକୁ ଆସିଥିଲେ। ପୁରୀ-ସାତପଡା ଜାତୀୟ ରାଜପଥର କାଠଆରେଡି ଛକଠାରୁ ବସ୍‌ଟି ହରଚଣ୍ଡୀଙ୍କ ପୀଠକୁ ଯାଉଥିଲା। ପଲଙ୍କ ଗ୍ରାମ ଭିତରେ ଯାଉଥିବାବେଳେ ହଠାତ୍ ଗାଡିର ଛାତରେ ବିଦ୍ୟୁତ୍ ତାର ଲାଗି ଯାଇଥିଲା। ଗାଡିରେ ଭିଡିହୋଇ ବିଦ୍ୟୁତ୍ ଖୁଣ୍ଟଟି ଗାଡି ଉପରେ ପଡ଼ିଯାଇଥିଲା। ବିଦ୍ୟୁତ୍ ଖୁଣ୍ଟର ତିନୋଟି ତାର ହଠାତ୍ ବସ୍‌ରେ ଲାଗିଯାଇ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ କଟି ଯାଇଥିଲା। ଫଳରେ କୌଣସି ଦୁର୍ଘଟଣା ଘଟି ନ ଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ହେବ ଗ୍ରାମରେ ବିଦ୍ୟୁତ୍ ତାର ଓହଳି ରହିଛି। ଏ ନେଇ ବିଦ୍ୟୁତ୍ ସେକ୍ସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବର୍ଷ ତମାମ ରାଜ୍ୟର ବିଭିନ୍ନ ସ୍ଥାନରୁ ମା'ବାଲିହରଚଣ୍ଡୀଙ୍କ ପୀଠକୁ ବଣଭୋଜି କରିବାକୁ ପର୍ଯ୍ୟଟକମାନେ ଆସିଥାନ୍ତି। କାଠଆରେଡି ଛକଠାରୁ ପର୍ଯ୍ୟଟକମାନେ ପଲଙ୍କ ଓ ଚଣ୍ଡିପୁଟ ଗ୍ରାମ ଦେଇ ଯାଇଥାନ୍ତି। ଗ୍ରାମଗୁଡ଼ିକରେ ବିଦ୍ୟୁତ୍ ତାର ଓହଳି ରହିଛି। ବସ୍ ଓ ଟ୍ରକ୍ ଯିବା ସମୟରେ ବାରମ୍ବାର ବିଦ୍ୟୁତ୍ ସଂସ୍ପର୍ଶରେ ଗାଡିଗୁଡିକ ଲାଗି ତାର ଛିଡି ପଡିବାର ନଜିର ରହିଛି। ବିଦ୍ୟୁତ୍ ବିଭାଗ ଉଭୟ ଗ୍ରାମରେ ଓହଳିଥିବା ତାରକୁ ଉଚ୍ଚକୁ ଉଠାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ମହାରଣାଙ୍କୁ ପଚାରିବାରେ ଏହି କାର୍ଯ୍ୟ ଫେଡ୍‌କୋ କରିବା କଥା। ହେଲେ ସେମାନେ ଠିକ୍ ସମୟରେ ନ କରିବାରୁ ସେସୁ ପକ୍ଷରୁ ଚଣ୍ଡିପୁଟ ଗ୍ରାମରେ ଓହଳିଥିବା ତାରକୁ ଉପରକୁ ଉଠାଯାଉଛି। ୨ଦିନ ଭିତରେ ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଥିଲେ।

### ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟଣା

# ଅନୁଧ୍ୟାନ କଲେ ଆର୍‌ପିଏଫ୍ ସିକ୍ୟୁରିଟି କମିଶନର

**ପୁରୀ ଅଫିସ, ୨୪।୩**



ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରାଯାଉଛି।

ପୁରୀ ରେଳଷ୍ଟେଶନରେ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟଣାକୁ ଇତିମଧ୍ୟରେ ଦୁଇଦିନ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ କାରଣ ସ୍ପଷ୍ଟ ହୋଇପାରିନାହିଁ। କିପରି ଟ୍ରେନ୍‌ରେ ନିଆଁ ଲାଗିଲା, ତାହାର ଖୋଳତାଡ଼ ଜାରି ରହିଛି। ରବିବାର ଆର୍‌ପିଏଫ୍‌ର ବରିଷ୍ଠ ସିକ୍ୟୁରିଟି କମିଶନର ପି. ଶଙ୍କର କୁଚ୍ଚେ ପୁରୀ ଷ୍ଟେଶନ ଆସି ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରିଛନ୍ତି। ଏଥିସହ ଷ୍ଟେଶନର ସୁରକ୍ଷା ବ୍ୟବସ୍ଥା କିପରି ରହିଛି ତାହା ବୁଲି ଦେଖିଛନ୍ତି।

ଗତ ୪ ବର୍ଷ ମଧ୍ୟରେ ପୁରୀ ରେଳଷ୍ଟେଶନରେ ତିନୋଟି ବଡ଼ଧରଣର ଅଗ୍ନିକାଣ୍ଡ ହୋଇଛି। ତେଣୁ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏହାକୁ ଗୁରୁତର ସହ ନିଆଯାଇଛି। ଅପରାହ୍ନରେ ଆର୍‌ପିଏଫ୍‌ର ବରିଷ୍ଠ ସିକ୍ୟୁରିଟି କମିଶନର କୁଚ୍ଚେ ଏବଂ ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ବରୁଣ ବେହେରା ଷ୍ଟେଶନରେ ପହଞ୍ଚି ଅଗ୍ନିକାଣ୍ଡର ଅନୁଧ୍ୟାନ କରିଥିଲେ। କେଉଁ ପରିସ୍ଥିତିରେ ଏବଂ ଏହା ପଛର କାରଣ କ'ଣ ହୋଇଥାଇପାରେ ସେନେଇ ଦୀର୍ଘ ସମୟ ଧରି ତର୍ଜମା କରିଥିଲେ। ଏହାପରେ ଷ୍ଟେଶନର ସୁରକ୍ଷା ବ୍ୟବସ୍ଥା କିପରି ରହିଛି ସେନେଇ ପାରିପାର୍ଶ୍ୱିକ ସ୍ଥିତିକୁ ବୁଲି ଦେଖିଥିଲେ। ଷ୍ଟେଶନ ସମ୍ମୁଖଭାଗକୁ ଯାଇ ପାଚେରି, ଅଟୋ ପାର୍କିଂ ସ୍ଥଳ ଆଦି ବୁଲିଥିଲେ। ତେବେ ସୁରକ୍ଷା ବ୍ୟବସ୍ଥାକୁ କିପରି ଆହୁରି କଡ଼ାକଡ଼ି କରାଯାଇପାରିବ ସେ ଦିଗରେ ଆର୍‌ପିଏଫ୍ କର୍ମଚାରୀଙ୍କ ସହ କଥା ହୋଇଥିଲେ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳ। ଏଠାକୁ ଦେଶ, ବିଦେଶର ଯାତ୍ରୀ ଆସୁଛନ୍ତି। ପ୍ରାୟ ସବୁ ସମୟରେ ପୁରୀ ଷ୍ଟେଶନରେ ଯାତ୍ରୀଙ୍କ ଗହଳି ଲାଗିଥାଏ। ହେଲେ ଏକାଧିକଥର ଟ୍ରେନ୍‌ରେ ଅଗ୍ନିକାଣ୍ଡ ଏଠାକାର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛି। ତିନୋଟି ଘଟଣାର କାରଣ ସ୍ପଷ୍ଟ ହୋଇପାରି ନାହିଁ, ଯାହାକି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ସୂଚନାଥାଉ କି, ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ ଶୁକ୍ରବାର ସକାଳେ ପୁରୀରେ ପହଞ୍ଚି ୪ନଂ. ପ୍ଲାଟ୍‌ଫର୍ମରେ ଠିଆ ହୋଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ୫୦ରେ ହଠାତ୍ ସ୍ଲିପର କୋଚ୍ ଏସ୍-୪(୦୧୮୨୪୫)ରେ ପ୍ରଥମେ ନିଆଁ ଲାଗିଥିଲା। ପରେ ପରେ ଏସ୍-୩ (୦୧୮୨୦୩) ଏବଂ ଏସ୍-୫(୧୫୨୩୨)କୁ ନିଆଁ ବ୍ୟାପି ଥିଲା। ଏସ୍-୪ ବଗି ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିବା ବେଳେ ଅନ୍ୟ ୨ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ଏହାର ଯାଞ୍ଚ କରିବା ସହ ନମୁନା ସଂଗ୍ରହ କରିଥିବା ବେଳେ ଜିଆର୍‌ପି ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲକାଟୀ, ୨୪।୩(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ବାଲକାଟୀସ୍ଥିତ ପୁରୀ ମୁଖ୍ୟ କେନାଲରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ଶହୀଦ ନଗର ଥାନା ୟୁନିଟ-୯ ଅଞ୍ଚଳର ରବିନ ଦାଶ(୩୫)। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ରବିନ ତାଙ୍କ ଅନ୍ୟ ଦୁଇ ବନ୍ଧୁଙ୍କ ସହ ବାଲିଅନ୍ତାସ୍ଥିତ ମୁଖ୍ୟ କେନାଲରେ ଗାଧୋଉଥିବା ବେଳେ ଅସାବଧାନତାରୁ ସମସ୍ତେ ଭାସିଯାଇଥିଲେ। ତିନିଜଣ ଭାସିଯାଉଥିବା ଦେଖି ସେଠାରେ ଥିବା ଅନ୍ୟ ଲୋକେ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ରବିନଙ୍କର କୌଣସି ପତ୍ତା ମିଳି ନ ଥିଲା। ମାତ୍ର ସକାଳେ ବାଲାକାଟୀ ବସନ୍ତ ପେଡ଼ିସ୍ଥିତ ପୁରୀ ମୁଖ୍ୟ କେନାଲରେ ଏକ ଯୁବକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ସହ ରବିନଙ୍କ ପରିବାର ଲୋକେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ବାଲକାଟୀ ଫାଣ୍ଡି ପୋଲିସ ପାଣିରୁ ରବିନଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏ ନେଇ ରବିନଙ୍କ ବାପା ଦାମୋଦର ଦାଶଙ୍କ ଅଭିଯୋଗକୁ ଭିତ୍ତି କରି ନଂ ୭/୧୯ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ରବିନ ଓ ତାଙ୍କ ବନ୍ଧୁମାନେ ବାଲିଅନ୍ତାସ୍ଥିତ ଏକ ପ୍ଲଟରେ ଶନିବାର ଭୋଜିଭାତ କରି ଖାଇସାରିବା ପରେ ଗାଧୋଇବା ପାଇଁ କେନାଲକୁ ଆସିଥିଲେ।

## ରାସ୍ତାପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲିଅନ୍ତା, ୨୪।୩(ଡି.ଏନ୍.ଏ.):** ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ତ୍ରିନାଥ ବଜାର ନିକଟ ରାସ୍ତାରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ବଡମ୍ବା ଥାନା ଅଧୀନ ସଙ୍ଖାନାଳୀ ଗ୍ରାମର ସନ୍ତୋଷ କୁମାର ସାହୁ। ସକାଳ ୮ଟା ବେଳେ ବଜାରର ବିଶ୍ୱଶାନ୍ତି ସରୋବର ସମ୍ମୁଖ ରାସ୍ତାପାର୍ଶ୍ୱରେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପାହାଳ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଯୁବକଙ୍କ ମୃତଦେହ ଜବତ କରିବାବେଳେ ଦେହରେ କୌଣସି କ୍ଷତ ଚିହ୍ନଟ ନ ଥିବା ଫାଣ୍ଡି ଅଧିକାରୀ କାଶୀନାଥ ହାଂସଦା କହିଛନ୍ତି। ତେବେ ଯୁବକଙ୍କ ମୃତ୍ୟୁ ଦୁର୍ଘଟଣାରେ ହୋଇଛି ନା ଅନ୍ୟ କିଛି କାରଣ ଅଛି ସେନେଇ ପୋଲିସ ତଦନ୍ତ ଚଳାଇଛି। ଏ ନେଇ ପୋଲିସ ୮/୧୯ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।




# ନୃତ୍ୟାଭିନୟରେ କୃଷ୍ଣଙ୍କ ବାଲ୍ୟଲୀଳା ବଖାଣିଲେ ଶିଳ୍ପୀ

**ଭୁବନେଶ୍ୱର, ୨୪।୩(ବ୍ୟୁରୋ)**

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ 'ରଙ୍ଗପ୍ରବେଶ' ରବିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଚାଇନା ସାଂଘାଇର ଓଡ଼ିଶୀ ନୃତ୍ୟଶିଳ୍ପୀ ଉ କାନ୍‌ଙ୍କ ମଞ୍ଚପ୍ରବେଶ ଲାଗି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାନ୍ ଓଡ଼ିଶୀ ମଙ୍ଗଳାଚରଣ ଓ ମୋକ୍ଷ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ପ୍ରାରମ୍ଭରେ ସେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ନିର୍ଦ୍ଦେଶନା ଓ ଗୁରୁ ବିଜୟ ଜେନାଙ୍କ ସଙ୍ଗୀତ ସଂଯୋଜନାରେ ମଙ୍ଗଳାଚରଣରେ 'ବିଷ୍ଣୁ ବନ୍ଦନା' ପରିବେଷଣ କରିଥିଲେ। ଦ୍ୱିତୀୟ ପ୍ରସ୍ତୁତିରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ସଂଯୋଜିତ ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ସଂଯୋଜିତ ଆରବୀ ପଲ୍ଲବୀ ମଞ୍ଚସ୍ଥ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା ପ୍ରସିଦ୍ଧ ଓଡ଼ିଆ କବି ବନମାଳୀଙ୍କ ରଚନାରୁ ଉଦ୍ଧୃତ ଉ କାନ୍‌ଙ୍କ ନୃତ୍ୟାଭିନୟ 'ତୋ ଲାଗି ଗୋପଦାଣ୍ଡ'। ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ସଂଯୋଜନା ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ସଂଯୋଜନାରେ ଶିଳ୍ପୀ ପ୍ରଭୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଅଭିନୟ ମାଧ୍ୟମରେ ଅତି ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ପରେ ପରେ ନବଦୁର୍ଗାଙ୍କୁ ବର୍ଣ୍ଣନା କରି ସେ ଭଗବତୀ ସ୍ତୋତ୍ରୋମ୍ ପରିବେଷଣ କରିଥିଲେ। ଗୁରୁ ରତିକାନ୍ତ ମହାପାତ୍ର ଏହାର ନୃତ୍ୟ ସଂଯୋଜନା କରିଥିବା ବେଳେ ସଙ୍ଗୀତରେ ସଜାଇଥିଲେ ସତ୍ୟବ୍ରତ। ଶେଷରେ ଭଗବାନଙ୍କୁ ସମର୍ପଣ କରି ଉ କାନ୍ 'ମୋକ୍ଷ' ମଞ୍ଚସ୍ଥ କରିଥିଲେ। ଶିଳ୍ପୀଙ୍କୁ ବାଦ୍ୟଯନ୍ତ୍ର ମର୍ଦ୍ଦଳରେ ଗୁରୁ ରତିକାନ୍ତ ମହାପାତ୍ର, କଣ୍ଠ ସଙ୍ଗୀତରେ ରୂପକ କୁମାର ପରିଡ଼ା, ବେହେଲାରେ ଅଗ୍ନିମିତ୍ର ବେହେରା, ବଂଶୀରେ ଶ୍ରୀନିବାସ ଶତପଥୀ ଓ ମିରାରେ ଏକଲବ୍ୟ ମୁଦୁଲି ସହଯୋଗ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ଅରୁଣା ମହାନ୍ତି, ଡ. ଏସ୍.କେ. ତାମୋଟିଆ, କୋଲକାତାସ୍ଥିତ ଚାଇନା କନ୍‌ସୁଲେଟ୍ ଜେନେରାଲର ଡେପୁଟି କନ୍‌ସୁଲ୍ ଜେନେରାଲ ୟୁ ଜିଓଙ୍ଗ୍, କନ୍‌ସୁଲ୍ ୱାଙ୍ଗ୍ ଲାଇଫିଙ୍ଗ୍ ଓ 'ସୃଜନ'ର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଆଗାମୀ ଦିନରେ ଚାଇନାରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରିବେ ବୋଲି ଉ କାନ୍ ଏହି ଅବସରରେ କହିଥିଲେ।

### ରୁକୁଣା ରଥଯାତ୍ରା

## ରଥଖଳାରେ ପହଞ୍ଚିଲା ପହି, ବଦଳିଆ ପାଇଁ ଚିରଟ କାଠ

**ପୁରୁଣା ଭୁବନେଶ୍ୱର, ୨୪।୩ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ପାଇଁ ରଥଖଳାରେ ଶନିବାର ସନ୍ଧ୍ୟାରେ ରଥ ଚକ ପାଇଁ ଉଦ୍ଦିଷ୍ଟ ଚିରଟ କାଠ ଆସି ପହଞ୍ଚିଛି। ପ୍ରତ୍ୟେକ ଚକ ପାଇଁ ୨ଟି ପହି ଏବଂ ୨ଟି ବଦଳିଆ ହିସାବରେ ୪ ଚକ ପାଇଁ ଆବଶ୍ୟକ ଚିରଟ କାଠ ଶ' ମିଲ୍‌ରୁ ଆସିଛି। ରବିବାର ଚକର ଅନ୍ୟ କାର୍ଯ୍ୟ ଶେଷ କରାଗଲା ପରେ ସୋମବାରଠାରୁ ଚକରେ ପହି ବଦଳିଆ କାମ ଆରମ୍ଭ ହେବ ବୋଲି ମହାରଣା ସେବାୟତ କହିଛନ୍ତି। ଏହି ଅବସରରେ ୪୦ରୁ ଊର୍ଦ୍ଧ୍ୱ ମହାରଣା ରଥଖଳାରେ କାର୍ଯ୍ୟ କରୁଛନ୍ତି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ରବିବାର ମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।

### କଲରାପତରିଆ ବାଘ ଚମଡ଼ା ଜବତ ଘଟଣା

# ଆଉ ୩ ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୨୪।୩(ବ୍ୟୁରୋ)**



ଗିରଫ ୩ ଅଭିଯୁକ୍ତ।

ସମ୍ବଲପୁର ଜିଲା କୁଚିଣ୍ଡାରୁ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ରବିବାର ଆଉ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଲଇକେରାର ନରେନ୍ଦ୍ର ପିଙ୍ଗ୍, ଦେବଗଡ଼ ରିଆମାଳର ମାନ୍‌ଫୁଲ ପ୍ରଧାନ ଓ ଜମାଖେରାର ଅକ୍ଷୟ ଭୋଇ। ଏମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି। ଏହି ୩ ଅଭିଯୁକ୍ତଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଏସ୍‌ଟିଏଫ୍ ୭ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ବନ କର୍ମଚାରୀ ଓ ଜଣେ ସେନା ଅଧିକାରୀ ଥିବା ଜଣାପଡ଼ିଥିଲା। ସେମାନେ ବିକ୍ରି କରିବା ଉଦ୍ଦେଶ୍ୟରେ ବାଘଛାଲ ପାଖରେ ରଖିଥିଲେ। ଏସ୍‌ଟିଏଫ୍ ଗିରଫ ୭ଜଣଙ୍କ ମଧ୍ୟରୁ ୬ଜଣଙ୍କୁ ୩ ଦିନ ରିମାଣ୍ଡରେ ନେଇଥିଲା। ସେମାନଙ୍କଠାରୁ ମିଳିଥିବା ତଥ୍ୟକୁ ଆଧାର କରି ପୁଣିଥରେ ଚଢ଼ାଉ କରିଥିଲା। ଏ ସମ୍ପର୍କରେ ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର କହିଛନ୍ତି, ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପରେ ଆମକୁ କିଛି ନୂଆ ଲିଙ୍କ୍ ମିଳିଥିଲା। ଏ ଦିଗରେ ତଦନ୍ତ କରିବା ବେଳେ ଆଉ ୩ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ସେମାନେ ବେଆଇନ ଭାବେ କଲରାପତରିଆ ବାଘ ଚମଡ଼ା ବେପାର କରନ୍ତି। ଅଧିକ ତଥ୍ୟ ସଂଗ୍ରହ ପାଇଁ ସେମାନଙ୍କୁ ରିମାଣ୍ଡରେ ନେବାକୁ ଚେଷ୍ଟା କରିବୁ। ଅନ୍ୟପକ୍ଷରେ ଏହି ର୍‍ୟାକେଟ୍ ପଛରେ ଆଉ କାହାର ହାତ ରହିଛି ଓ ଏହାର ଚେର କେତେ ଦୂର ଲମ୍ବିଛି, ସେ ଦିଗରେ ଖୋଳତାଡ଼ କରାଯାଉଛି।

## ପୁରୀ ପଠାଗଲା ୨୯ ଖଣ୍ଡ ରଥକାଠ



ପୁରୀ ଅଭିମୁଖେ ବାହାରିଥିବା ରଥକାଠ ବୋଝେଇ ଟ୍ରକ୍।

**ଦଶପଲ୍ଲା, ୨୪।୩(ଡି.ଏନ.ଏ.):** ଦଶପଲ୍ଲା ବନାଞ୍ଚଳ ଚଢେଆପଲ୍ଲୀ ସେକ୍ସନରୁ ରବିବାର ୧୨ ଓ ୨୦ ଫୁଟିଆ ୨୯ଖଣ୍ଡ ଅସନ, ଧଉରା କାଠ ଟ୍ରକ ଯୋଗେ ପୁରୀ ପଠାଯାଇଛି। ଚଳିତବର୍ଷ ତିନି ରଥ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷର ୧୯୫ ଖଣ୍ଡ କାଠ ବଳକା ରହିଛି। ରଥ ନିର୍ମାଣ ପାଇଁ ଆଉ ୬୭୦ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ନୟାଗଡ ବନଖଣ୍ଡ ଅଧୀନ ବିଭିନ୍ନ ଜଙ୍ଗଲରୁ ପର୍ଯ୍ୟାୟକ୍ରମେ କାଠ କଟାଯାଉଛି। ପ୍ରଥମ ପର୍ଯ୍ୟାୟରେ ଦୁଇଟି ଟ୍ରକ ଯୋଗେ ୫୭ ଖଣ୍ଡ କାଠ ବଡଦାଣ୍ଡ ରଥଖଳାରେ ପହଞ୍ଚିଥିଲା। ପରେ ୨ୟ, ୩ୟ ଓ ୪ର୍ଥ ପର୍ଯ୍ୟାୟରେ ରଥଖଳା ଓ ଖପୁରିଆ ସ' ମିଲକୁ କାଠ ପଠାଯାଇଥିଲା। ରବିବାର ୫ମ ପର୍ଯ୍ୟାୟରେ ୨୯ ଖଣ୍ଡ ଅସନ ଓ ଧଉରା କାଠ ପଠାଯାଇଥିବା ବନାଞ୍ଚଳ ଅଧିକାରୀ ସୋମନାଥ ନାୟକ ପ୍ରକାଶ କରିଛନ୍ତି।

# ପ୍ରଦର୍ଶିତ ହେବ ମହାପ୍ରଭୁଙ୍କ ବ୍ୟବହୃତ ସାମଗ୍ରୀ

**ପୁରୀ ଅଫିସ, ୨୪।୩**

### ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ

**ପୁରୀରୁ ଗଲା ଲାଗି ଲୁଗା, ପୁରୁଣା ଶେଯ, ପଟି ଦିଅଁ**

ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ତରଫରୁ ପ୍ରତିଷ୍ଠା କରାଯାଇଛି ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ। ଗତବର୍ଷ ମାର୍ଚ୍ଚ ମାସରେ ଉଦ୍‌ଘାଟିତ ଏହି ସଂଗ୍ରହାଳୟରେ ମହାପ୍ରଭୁଙ୍କ ବ୍ୟବହୃତ ସାମଗ୍ରୀ ପ୍ରଦର୍ଶିତ ହେବ। ଖୁବ୍‌ଶୀଘ୍ର ଏହି ସାମଗ୍ରୀ ହସ୍ତଶିଳ୍ପ ସଂଗ୍ରହାଳୟରେ ସ୍ଥାନ ପାଇବ ବୋଲି ଜଣାପଡିଛି। ଏହି ସ୍ୱତନ୍ତ୍ର ଗ୍ୟାଲେରିର ନାମ ରହିଛି ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରି। ଏଥିପାଇଁ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଥିଲା। ଗତବର୍ଷ ବୟନିକାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ତତ୍କାଳୀନ ନୀତି ପ୍ରଶାସକ ପ୍ରଦୀପ କୁମାର ଦାଶଙ୍କୁ ସାକ୍ଷାତ୍ କରିଥିଲେ। ମହାପ୍ରଭୁଙ୍କ କେଉଁ ବେଶ ଓ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦର୍ଶିତ ହେବ ସେ ବିଷୟରେ ବିଶଦ୍ ଆଲୋଚନା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ପର୍ଯ୍ୟାୟରେ ମହାପ୍ରଭୁଙ୍କ ଲାଗି ଲୁଗା, ପାଟ, ପୁରୁଣା ଶେଯ, ପଟିଦିଅଁ, ଗୁଆ ଖୋଳପା, ଚନ୍ଦନ କାଠ, ଖଟୁଲି, ରଥ ଦଉଡ଼ି, ରଥ କନା ଏବଂ ଦାରୁବିଗ୍ରହଙ୍କ ଭୋଗରେ ବ୍ୟବହାର ହେଉଥିବା ବିଭିନ୍ନ ସାଇଜର ହାଣ୍ଡି କୁଡ଼ୁଆ ଇତ୍ୟାଦି ପ୍ରଦାନ କରାଯାଇଛି।

ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କ ବ୍ୟବହାରରେ ଲାଗୁଥିବା ପିତ୍ତଳ ଓ ରୁପା ପାତ୍ର ସଜ (ଯେଉଁଗୁଡ଼ିକ ଭବିଷ୍ୟତରେ ବ୍ୟବହାରଯୋଗ୍ୟ ନୁହେଁ) ମଧ୍ୟ ଉକ୍ତ ଗ୍ୟାଲେରିରେ ପ୍ରଦର୍ଶନ କରିବା ନିମନ୍ତେ ଆବେଦନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାରୁବିଗ୍ରହଙ୍କ ବ୍ୟବହୃତ ପିତ୍ତଳ ସଜ ଯଥା ଝରି, ଗରା, ବଟା, ଥାଳି, ପରଖ, ଘଣ୍ଟି, ବଇଠି, ଦର୍ପଣ, ଆଳତି କାଠି, ରୁପାର ପିଙ୍ଗଣ, ରୁପାବଟା, ରୁପା ଆଳତି କାଠି ମହଜୁଦ୍ ରହିଛି। ଏହିସବୁ ସାମଗ୍ରୀ ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରିରେ ପ୍ରଦର୍ଶିତ ହେବା ଲାଗି ପ୍ରଦାନ ନିମନ୍ତେ ଗତ ୧୫ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯାଇଥିଲା। ଏହାକୁ କମିଟି ଅନୁମୋଦନ ଦେଇଥିବା ଜଣାପଡିଛି। ଏହାଦ୍ୱାରା ମ୍ୟୁଜିୟମ୍‌କୁ ବୁଲି ଆସୁଥିବା ପ୍ରତ୍ୟେକ ଦେଖଣାହାରି ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅଧିକ ଜାଣିପାରିବେ।



ପୁରୀ ଦୋଳବେଦିଠାରେ ରବିବାର ଅନୁଷ୍ଠିତ ବାଦୀପାଲା।



ମନୁଷ୍ୟ ନିଜର ଓ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ, ସିଏ ଚୋର ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ବରପୁତ୍ରଙ୍କ ପାଇଁ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର

**ଭୁବନେଶ୍ୱର, ୨୪।୩(ବ୍ୟୁରୋ):** ନିର୍ବାଚନ ସମୟରେ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ନିର୍ମାଣକର୍ତ୍ତାଙ୍କ ପ୍ରତିମୂର୍ତ୍ତିଙ୍କୁ ଯଥାଚିତ ସମ୍ମାନ ଦିଆଯାଏ ନାହିଁ। କେଉଁ ଦଳ ପ୍ରତିମୂର୍ତ୍ତି ଉପରେ ପତାକା ଲଗାଏ ପୁଣି କେଉଁ ଦଳ ନିଜ ବ୍ୟାନରରେ ବରପୁତ୍ରମାନଙ୍କୁ ଘୋଡ଼େଇ ଦିଅନ୍ତି। ତେଣୁ ଚଳିତ ନିର୍ବାଚନ ସମୟରେ ଏହି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ କୌଣସି ରାଜନୈତିକ ଦଳ ବା ସ୍ୱାଧୀନ ପ୍ରାର୍ଥୀମାନେ ଯେପରି ପତାକା କିମ୍ବା ବ୍ୟାନର ଲଗାଇ ନ ପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ସେହିଭଳି ଆଚରଣ ବିଧି ଲାଗିଥିବା ସମୟରେ ଉତ୍କଳ ଦିବସ ପଡୁଛି। ଆଚରଣ ବିଧି ଆଳରେ ଉତ୍କଳ ଦିବସ ପାଳନ ପାଇଁ ଯେପରି ପ୍ରତିବନ୍ଧକ ନ ଲାଗେ ସେସମ୍ପର୍କରେ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଗୁରୁବାର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ମହେଶ୍ୱର ବିଶ୍ୱାଳ ଓ ଅକ୍ଷୟ ଜେଠୀ ପ୍ରମୁଖ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ରାମଚନ୍ଦ୍ର ଯାଦବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

### ପାଚେରି ଭାଙ୍ଗିଲେ ହାତୀପଲ

**ନରାଜ/କଟକ ଅଫିସ, ୨୪।୩:** ବାରଙ୍ଗ ବ୍ଲକ ଅନ୍ତର୍ଗତ ସିଆଇଏସ୍‌ଏଫ୍ ନିକଟବର୍ତ୍ତୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପଛପଟେ ଶନିବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ବାଙ୍କୀ-କଟକ ମୁଖ୍ୟରାସ୍ତାର ଏହି ସ୍ଥାନକୁ ଚନ୍ଦକା ଡମପଡା ଅଭୟାରଣ୍ୟରୁ ୧୨ ହାତୀ ଆସିଥିଲେ। ଏହାକୁ ଦେଖି ସେଠାରେ କାମ କରୁଥିବା ଶ୍ରମିକମାନେ ଭୟଭିତ ହୋଇପଡିଥିଲେ। ଖବରପାଇ ଡମପଡା ରେଞ୍ଜର, ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀପଲକୁ ଘଉଡାଇଥିଲେ। ମାତ୍ର ହାତୀପଲ ଜଙ୍ଗଲକୁ ଯିବା ପରିବର୍ତ୍ତେ ନରାଜ ଅଭିମୁଖେ ଯାଇଥିଲେ। ରାତି ପ୍ରାୟ ୨ଟାରେ ହାତୀପଲ ନରାଜ ଗ୍ରାମର ଜୟନ୍ତ ସାହୁ, ଶେଷଦେବ ଦାସ ଓ ପ୍ରଭୁନା ଦାସଙ୍କ ଘର ପାଚେରି ଭାଙ୍ଗିଥିବା ଜଣାପଡ଼ିଛି।

### ଆଜି ଦାରୁଠେଙ୍ଗର ପଞ୍ଚୁଦୋଳ ମହୋତ୍ସବ

**ବାରଙ୍ଗ,୨୪।୩(ଡି.ଏନ୍.ଏ.):** ଆଜି ଆରମ୍ଭ ହେବାକୁ ଯାଉଛି ଦାରୁଠେଙ୍ଗ ଗ୍ରାମର ପ୍ରସିଦ୍ଧ ପରମେଶ୍ୱର ଦେବଙ୍କ ପଞ୍ଚୁଦୋଳ ମହୋତ୍ସବ। ୧୫୭ବର୍ଷରେ ପଦାର୍ପଣ କରିଥିବା ଏହି ମହୋତ୍ସବ ସୋମବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇ ସକାଳ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ଦାରୁଠେଙ୍ଗ ଗ୍ରାମ। ଏହି ପଞ୍ଚୁଦୋଳ ମହୋତ୍ସବରେ ଥାନପତି ପରମେଶ୍ୱର ଦେବ ହୋଇଥିବାବେଳେ ଗୋପାଳ ଜିଉ, ଚନ୍ଦ୍ରଶେଖର, ରାଧାଗୋବିନ୍ଦ ଓ କଣ୍ଟାବାଡର ଗୋପୀନାଥ ଜିଉ ସାମିଲ ହେବେ। ଏହି ପାଞ୍ଚଦୋଳ ପ୍ରଧାନସାହି, ତଳ ସାହି, ନୂଆଗଡ ସାହି, ଜେଠୀ ସାହି, ବାହୁବଳେନ୍ଦ୍ର ସାହି, ପାଟଣା ସାହି, ମଠସାହି ପରିକ୍ରମା କରିବେ। ଏହି ସାହିଗୁଡ଼ିକ ତରଫରୁ ଥାନପତି ପରମେଶ୍ୱରଙ୍କୁ ନିମନ୍ତ୍ରଣ କରାଯିବାର କାର୍ଯ୍ୟକ୍ରମ ରହିଛି। ପରମ୍ପରା ଅନୁଯାୟୀ ସାହିରୁ ଶୋଭାଯାତ୍ରାରେ ଆସିବାକୁ ଥିବା ବୃଷଭ ପ୍ରଥମେ ଆସି ପରମେଶ୍ୱର ମନ୍ଦିର ଆଗରେ ପହଞ୍ଚିବେ। ସେଠାରେ ବୃଷଭଗୁଡିକୁ ପଣା ଖୁଆଇବା ସହ ଆଜ୍ଞାମାଳ ନେଇ ସାରିବାପରେ ଠାକୁର ଗ୍ରାମ ପରିକ୍ରମା ପାଇଁ ବାହାରିବେ। ଏହାପୂର୍ବରୁ ପାଞ୍ଚଦୋଳ ଆସି ପରମେଶ୍ୱର ମନ୍ଦିର ପାଖରେ ପହଞ୍ଚିଯାଇଥିବେ। ଏହାସହ ଶୋଭାଯାତ୍ରାରେ ବାହୁବଳେନ୍ଦ୍ର ସାହିର କଣ୍ଢେଇ ନାଚ, ମଠସାହିର ନାଗାନାଚ ସହ ପାରମ୍ପରିକ ବାଦ୍ୟ ସହ ଆଧୁନିକ ବାଦ୍ୟ, ରଙ୍ଗବେରଙ୍ଗର ସୁସଜ୍ଜିତ ଆଲୋକ ଓ ଆତସବାଜି ଏହି ମହୋତ୍ସବର ଶୋଭା ଦ୍ୱିଗୁଣିତ କରିଥାଏ। ଏହି ମହୋତ୍ସବରେ ଠାକୁରଙ୍କ ନୀତି ପାଇଁ ୩୬ନିୟୋଗୀ ନିୟୋଜିତ ହୋଇଥାନ୍ତି। ସକାଳବେଳକୁ ପାଞ୍ଚଦୋଳ ମେଳଣ ପଡିଆରେ ପହଞ୍ଚି ଯିବେ। ସେଠାରେ ସୁସଜ୍ଜିତ ମଣ୍ଡପରେ ଅବସ୍ଥାନ ପରେ ଦଶଦୋଳ ଦିନ ହରିହର ଭେଟ ହେବା ସହ ଅଭିର ଖେଳ ହୋଇଥାଏ। ଏହାପରେ ସମସ୍ତ ଠାକୁର ନିଜନିଜ ଜାଗାକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। କିନ୍ତୁ ଥାନପତି ପରମେଶ୍ୱର ଜମୁନା ସ୍ନାନ କରି ମେଣ୍ଢାକୁଡିଆ ପୋଡି ଦୋଳବିମାନରେ ଝୁଲିବା ସହ ସରଲବଣିଖାଇ ମନ୍ଦିରକୁ ଯାଇଥିବାର ପରମ୍ପରା ରହିଥିବା ଗ୍ରାମବାସୀ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମେଡିକାଲ କଲେଜ ଉପରେ ବଢୁଛି ରୋଗୀଙ୍କ ଭାର

# ଅଡିଟ୍ ହେବ ଉପକଣ୍ଠ ଡାକ୍ତରଖାନାର ଚିଠା

**କଟକ ଅଫିସ, ୨୪।୩**

ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକ ଉପରେ ରୋଗୀଙ୍କ ଭାର ବୃଦ୍ଧି ପାଉଛି। ଏପରି କି ଜ୍ୱର, ଝାଡ଼ା ଓ ସାଧାରଣ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କୁ ପେରିଫେରି (ଉପକଣ୍ଠ) ଡାକ୍ତରଖାନାର ଡାକ୍ତରମାନେ ମେଡିକାଲ କଲେଜକୁ ରେଫର କରିଦେଉଛନ୍ତି, ଯେଉଁଥିପାଇଁ ସାଧାରଣ ରୋଗୀମାନେ ମେଡିକାଲ କଲେଜରେ ଭିଡ଼ ଜମାଉଛନ୍ତି। ଏଭଳି ସମସ୍ୟାରୁ ଜାତୀୟ ସ୍ତରୀୟ ଚିକିତ୍ସା ପ୍ରତିଷ୍ଠାନ ଦିଲ୍ଲୀର ଏମ୍‌ସ, ଚଣ୍ଡିଗଡ଼ର ପିଜିଆଇଏମ୍‌ଇଆର୍ ଓ ପଣ୍ଡିଚେରିର ଜେଆଇପିଏମ୍‌ଇଆର୍ ଭଳି ମେଡିକାଲ କଲେଜଗୁଡ଼ିକ ବାଦ୍ ପଡୁନାହିଁ। ଏହିସବୁ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକର ମୂଳ ଲକ୍ଷ୍ୟ ହେଉଛି ମେଡିକାଲ ଶିକ୍ଷା ପ୍ରଦାନ କରିବା ସହିତ ବିଶ୍ୱସ୍ତରୀୟ ରୋଗ ଗବେଷଣା ଓ ସ୍ୱତନ୍ତ୍ର ଡାକ୍ତରୀ ସେବା ପ୍ରଦାନ କରିବା। ମାତ୍ର ଉପକଣ୍ଠସ୍ତରୀୟ ଡାକ୍ତରଖାନାଗୁଡ଼ିକରୁ ଅଧିକାଂଶ ରୋଗୀ ସାଧାରଣ ରୋଗରେ ଆକ୍ରାନ୍ତ ହୋଇ ଏଠାକୁ ଆସୁଥିବାରୁ ଏବେ ସମସ୍ୟା ଉପୁଜିଛି। ଏଭଳି ସ୍ଥିତିର ସମୀକ୍ଷା କରିବା ନିମନ୍ତେ ଉପରୋକ୍ତ ମେଡିକାଲ କଲେଜଗୁଡ଼ିକ ପକ୍ଷରୁ ଏକ ଅଡିଟ୍ କରାଯାଇଥିଲା। ଯେଉଁ ରୋଗୀମାନେ ଉପକଣ୍ଠସ୍ତରୀୟ ଡାକ୍ତରଖାନା ଯଥା ପ୍ରାଥମିକ, ଗୋଷ୍ଠୀ ଓ ଜିଲା ଡାକ୍ତରଖାନାରୁ ରେଫର ହୋଇ ମେଡିକାଲ କଲେଜକୁ ଆସୁଛନ୍ତି ସେମାନଙ୍କ ଚିଠାର ଅଡିଟ୍ କରାଯାଇଥିଲା। ଏହି ରୋଗୀମାନେ କେଉଁ ରୋଗରେ ଆକ୍ରାନ୍ତ ଅଛନ୍ତି ତା'ର ଚିକିତ୍ସା ଓ ଚିକିତ୍ସକ ସମ୍ପୃକ୍ତ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଅଛି କି ନାହିଁ ତାହା ଉପରେ ଖୋଳତାଡ଼ କରାଯାଇଥିଲା। ଖୋଳତାଡ଼ରୁ ଜଣାପଡ଼ିଥିଲା ଯେ, ଅଧିକାଂଶ ରୋଗୀଙ୍କୁ ବିନା କାରଣରେ ଉକ୍ତ ମେଡିକାଲଗୁଡ଼ିକ ମେଡିକାଲ କଲେଜକୁ ରେଫର କରିଦେଉଛନ୍ତି, ଯେଉଁଥିପାଇଁ ମେଡିକାଲ କଲେଜଗୁଡ଼ିକରେ ରୋଗୀ ଭାର ବୃଦ୍ଧି ପାଇବା ସହିତ ସମସ୍ୟା ଉପୁଜୁଛି। ତେଣୁ ଏହାର ସତ୍ୟାସତ୍ୟ ଜାଣିବା ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗତ ଜାନୁୟାରୀ ଶେଷ ସପ୍ତାହରେ ଦେଶର ସମସ୍ତ ମେଡିକାଲ କଲେଜଗୁଡ଼ିକୁ ଏକ ଚିଠି କରାଯାଇଛି।

**ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନୂଆ ନିୟମ**

ଚିଠିରେ ଦର୍ଶାଯାଇଛି ଯେ, ଏମ୍‌ସ ଓ ଅନ୍ୟ ମେଡିକାଲ କଲେଜଗୁଡ଼ିକ ଭଳି ଉପକଣ୍ଠ ଡାକ୍ତରଖାନାଗୁଡ଼ିକରୁ ଆସୁଥିବା ରୋଗୀମାନଙ୍କ ଚିଠାକୁ ଅଡିଟ୍ କରିବା ପାଇଁ। ଉକ୍ତ ଚିଠି ଏସ୍‌ସିବି ମେଡିକାଲରେ ପହଞ୍ଚିବା ପରେ ଏବେ ଅଡିଟ୍ ଆରମ୍ଭ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଏସ୍‌ସିବିର ଜଣେ ଅଧିକାରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି, ଉପକଣ୍ଠ ଡାକ୍ତରଖାନାଗୁଡ଼ିକରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ଜାଣିଶୁଣି ରୋଗୀମାନଙ୍କୁ ମେଡିକାଲ କଲେଜକୁ ପଠାଇ ଦେଉଛନ୍ତି। ଉପକଣ୍ଠ ଡାକ୍ତରଖାନାଗୁଡ଼ିକରେ ଅନେକ ଦକ୍ଷ ସ୍ପେଶାଲିଷ୍ଟମାନଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ ସେମାନେ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେବା ପାଇଁ ମୁଣ୍ଡବିନ୍ଧା ରୋଗୀଙ୍କୁ ମଧ ମେଡିକାଲ କଲେଜକୁ ପଠାଇ ଦେଉଛନ୍ତି, ଯଦ୍ୱାରା ସାଧାରଣ ରୋଗରେ ଆକ୍ରାନ୍ତ ରୋଗୀଟିଏ ମେଡିକାଲ କଲେଜକୁ ଆସି ଅଯଥାରେ ଖର୍ଚ୍ଚାନ୍ତ ହେବା ସହିତ ଭିଡ଼ ମଧ ଜମାଉଛନ୍ତି। ତେଣୁ ଏଭଳି ପଦକ୍ଷେପ ଉଭୟ ରୋଗୀ ଓ ମେଡିକାଲ କଲେଜ ପାଇଁ ଆବଶ୍ୟକ ବୋଲି ସମ୍ପୃକ୍ତ ଅଧିକାରୀ ଜଣକ କହିଛନ୍ତି।

# 'କମ୍ୟୁନିଟି ରେଡିଓ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି'

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ରାଜ୍ୟରେ ଗୋଷ୍ଠୀ ବେତାର (କମ୍ୟୁନିଟି ରେଡିଓ) ପ୍ରତି ଲୋକଙ୍କ ଆଗ୍ରହ ବଢିଛି। ଏହାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ସଂଯୋଜକଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ପରିବର୍ତ୍ତିତ ସମାଜରେ ରେଡିଓକୁ କିପରି ଲୋକାଭିମୁଖୀ କରାଯାଇପାରିବ, ସେ ନେଇ କର୍ମଶାଳାରେ ଯୋଗଦେଇଥିବା ପ୍ରଶିକ୍ଷକମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ପ୍ରଶିକ୍ଷଣ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିବାର ସାମାଜିକ କର୍ମୀ ବି.ଏନ୍. ଦୁର୍ଗା ଏବଂ ଆକାଶବାଣୀ କଲିକତାର ନିର୍ଦ୍ଦେଶକ ସୁହାସ ମହାନ୍ତି ସଂଯୋଜକମାନଙ୍କୁ ପ୍ରଶିକ୍ଷିତ କରିଥିଲେ। ଶନିବାର ଓୟୁଏଟି ନିକଟ ଇମେଜ୍ ପରିସରରେ ଏହି କର୍ମଶାଳା ଶୁଭାରମ୍ଭ ହୋଇଥିଲା।

ଓଡ଼ିଶାର ୧୫ଟି କମ୍ୟୁନିଟି ରେଡିଓ କେନ୍ଦ୍ରରୁ ୩୦ ଜଣ ସଂଯୋଜକ ଏହି ତାଲିମ ଶିବିରରେ ଯୋଗ ଦେଇଛନ୍ତି। ଭାରତୀୟ ଗୋଷ୍ଠୀ ବେତାର ମହାସଂଘର ସଭାପତି ଏନ୍.ଏ.ଶାହ ଅନସାରୀ, ୟୁନିସେଫର କାର୍ଯ୍ୟକ୍ରମ ଅଧିକାରୀ ଅଲକା ଗୁପ୍ତା, ଲୋପାମୁଦ୍ରା ତ୍ରିପାଠୀ, ଗାନ୍ଧିବାଦୀ ପ୍ରବକ୍ତା ଏସ୍.ଏ. ସଫିକ୍, ଓଡ଼ିଶା ଗୋଷ୍ଠୀ ବେତାର ମହାସଂଘର ସଭାପତି ଡ. ଶିଶିର ଦାଶ, ସଂପାଦକ ମହମ୍ମଦ ନିୟାଜ ପ୍ରମୁଖ ଯୋଗଦେଇ ସଂଯୋଜକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅଧିବେଶନରେ ଭାରତୀୟ ଜନସଞ୍ଚାର ସଂସ୍ଥାନ(ଆଇଆଇଏମ୍‌ସି)ଅଧ୍ୟାପକ ଡ. ଜ୍ୟୋତିପ୍ରକାଶ ମହାପାତ୍ର, କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ବିଦ୍ୟୁଭୂଷଣ ଦାଶ, ୟୁନିସେଫର ପରାମର୍ଶଦାତା ରୁଦ୍ରପ୍ରସନ୍ନ ରଥ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରିଥିଲେ। କର୍ମଶାଳାଟିକୁ ଯୁବ ଗବେଷକ ଅନ୍ଦାଜ ଆରନ ପରିଚାଳନା କରିଥିଲେ।



ରବିବାର ଏକାମ୍ର ପଦଯାତ୍ରାରେ ସାମିଲ ହୋଇଥିବା ମିଳିତ ଜାତିସଂଘର ବରିଷ୍ଠ ଅଧିକାରୀ, ପର୍ଯ୍ୟଟକ ଓ ଛାତ୍ରୀଛାତ୍ର।

# ବିଭିନ୍ନ ବିଷୟରେ ଅବଗତ ହେଉଛନ୍ତି ପର୍ଯ୍ୟଟକ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ଯୁଗଳବନ୍ଦୀ ସାଙ୍ଗକୁ ଐତିହ୍ୟ କୀର୍ତ୍ତିରାଜିର ଅନେକ ଅଜଣା କଥା। ଓଡ଼ିଶାର କିମ୍ବଦନ୍ତୀ ଓ ଇତିହାସ। ରାଜ୍ୟର ଉତ୍କୃଷ୍ଟ ହସ୍ତଶିଳ୍ପ ଓ ହସ୍ତତନ୍ତର ଝଲକ ସାଙ୍ଗକୁ କିଛି ଅକୁହା କଥା। ରାଜ୍ୟ ତଥା ଦେଶ ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ ଏଭଳି ଅନେକ ବିଷୟ ଜାଣିବାର ସୁଯୋଗ ଦେଇଥିଲା ଏକାମ୍ର ଏବଂ ମ୍ୟୁଜିୟମ୍ ୱାକ୍। ମିଳିତ ଜାତିସଂଘର ବରିଷ୍ଠ ଅଧିକାରୀଙ୍କ ସହ ରାଜ୍ୟ ବାହାରର କେତେଜଣ ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କୁ ରବିବାର ଏକାମ୍ର ଐତିହ୍ୟ ପଦଯାତ୍ରା ଏବଂ କଳାଭୂମିରେ ଅନୁଷ୍ଠିତ ସଂଗ୍ରହାଳୟ ପଦଯାତ୍ରାରେ ଦେଖିବାକୁ ମିଳିଥିଲା। ଶନିବାର ଖଣ୍ଡଗିରି-ଉଦୟଗିରିରେ ଅନୁଷ୍ଠିତ ଜୈନ ପଦଯାତ୍ରାରେ ବହୁ ସଂଖ୍ୟକ ପର୍ଯ୍ୟଟକ ଓଡ଼ିଶାରେ ଜୈନଧର୍ମର ଉପସ୍ଥିତି ସମ୍ପର୍କରେ ଜାଣିବା ପରେ ରବିବାର ଉତ୍କଳର ପ୍ରାଚୀନ ମନ୍ଦିର ନିର୍ମାଣକଳା ବିଷୟରେ ଅବଗତ ହୋଇଥିଲେ।

**ଐତିହ୍ୟ ଓ ସଂଗ୍ରହାଳୟ ପଦଯାତ୍ରା**

ମୁକ୍ତେଶ୍ୱର, ପର୍ଶୁରାମେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର, କୋଟିତୀର୍ଥେଶ୍ୱର, ବିନ୍ଦୁସାଗର, ଦୁଧୱାଲା ଧର୍ମଶାଳା, ଗୌରୀଶଙ୍କର, ଲିଙ୍ଗରାଜ ମନ୍ଦିର ସହ ସାରୀ ଦେଉଳର ଐତିହାସିକ କାହାଣୀ ଶୁଣିବା ସହିତ ପର୍ଯ୍ୟଟକ ଏକାମ୍ର ବନରେ ଔଷଧୀୟ ବୃକ୍ଷ ବୁଲି ଦେଖିଥିଲେ। ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ୟୁନିସେଫ୍ ଓଡ଼ିଶାର ମୁଖ୍ୟ କ୍ଷେତ୍ର ଅଧିକାରୀ ମୋନିକା ନେଲ୍‌ସନ ୧୧୮ତମ ଏକାମ୍ର ପଦଯାତ୍ରାରେ ଅଂଶଗ୍ରହଣ କରି ପୁରୁଣା ଭୁବନେଶ୍ୱରର ଐତିହ୍ୟ, କୀର୍ତ୍ତିରାଜିର ନିର୍ମାଣଶୈଳୀ ଓ ସ୍ଥାପତ୍ୟକଳାର ପ୍ରଶଂସା କରିଥିଲେ। ଆଧୁନିକ ସମୟରେ ବି ଏଠାକାର ଲୋକେ ନିଜ କଳା, ସଂସ୍କୃତିକୁ ଜାବୁଡ଼ି ଧରିବା ଏକ ବଡ଼କଥା। ବିଶ୍ୱର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଓଡ଼ିଶା ନିକଟରେ ସମସ୍ତ ଉପାଦାନ ରହିଥିବା ସେ କହିଥିଲେ। ଏହି ଅବସରରେ ଗୁରୁ ଇଲିଆନା ଚିତାରିସ୍ତିଙ୍କ ନେତୃତ୍ୱରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଆର୍ଟ ଭିଜନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିଭଳି ଐତିହ୍ୟ କୋଳରେ ପରିବେଷିତ ଓଡ଼ିଶୀ ସଙ୍ଗୀତ ସକାଳର ପ୍ରମୁଖ ଆକର୍ଷଣ ସାଜିଥିଲା। ସେପଟେ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂଗ୍ରହାଳୟ 'କଳାଭୂମି'ରେ ଅନୁଷ୍ଠିତ ସଂଗ୍ରହାଳୟ ପଦଯାତ୍ରାରେ ସିଇଟି ଏବଂ କିଟ୍‌ରୁ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଶ୍ୱେତାଶ୍ରୀ



ଶିବାଙ୍ଗୀ



ନିହାରିକା



ଜନ୍ମେଜୟ



ଲିପି



ଜ୍ଞାନରଞ୍ଜନ



ଚିନୁ



ଅବିନାଶ



ମନୁଷ୍ୟର ପ୍ରଥମ ମାନସିକ ଆବେଗ ହେଲା ଜାଣିବାର ଇଚ୍ଛା।
- ଏଡ୍‌ମଣ୍ଡ ବର୍କ



## ସଂକ୍ଷେପରେ

### ଓଡ଼ିଆ ଫିଲ୍ମଫେୟାର ଆୱାର୍ଡ ଉତ୍ତମ ମହାନ୍ତି ପାଇବେ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର,୨୪।୩(ବ୍ୟୁରୋ):** ହ୍ୱାଇଟ୍ କାନ୍‌ଭାସ ପକ୍ଷରୁ ୯ମ ଓଡ଼ିଆ ଫିଲ୍ମଫେୟାର ଆୱାର୍ଡ ମାର୍ଚ୍ଚ ୩୦ରେ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଓଡ଼ିଆ ଫିଲ୍ମ କ୍ଷେତ୍ରରେ ଅବଦାନ ଲାଗି ଚଳିତବର୍ଷ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀର କମେଡି କିଙ୍ଗ୍ କୁହାଯାଉଥିବା ଜନି ଲିଭର ଓ ମିସ୍ ଏସିଆ ଟାଇଟଲ୍ ବିଜୟିନୀ ନିବେଦିତା ବିଶ୍ୱାଳ ଯୋଗଦେବେ ବୋଲି ଓଡ଼ିଆ ଫିଲ୍ମଫେୟାର ଆୱାର୍ଡସ୍‌ର ସଭାପତି ବାପୁ ଲେଙ୍କା ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୋଟ ୨୬ଟି ବିଭାଗରେ ଓଡ଼ିଆ ଫିଲ୍ମଫେୟାର ଆୱାର୍ଡ ପ୍ରଦାନ କରାଯିବାକୁ ଥିବାବେଳେ ପ୍ରଥମ ଥର ପାଇଁ ଜଣେ ମହିଳା ହାସ୍ୟ ଅଭିନେତ୍ରୀଙ୍କୁ ପୁରସ୍କୃତ କରାଯିବ।

### ଶ୍ରୀମନ୍ଦିରରେ ଭକ୍ତଙ୍କୁ ଲୁଟ୍, ଜଣେ ଗିରଫ

**ପୁରୀ ଅଫିସ, ୨୪।୩:** ଜଣେ ଭକ୍ତଙ୍କୁ ଶ୍ରୀମନ୍ଦିରରେ ଲୁଟ୍ କରାଯାଇଛି। ସିଂହଦ୍ୱାର ପୋଲିସ ଏକ ମାମଲା (ନଂ.୨୦/୧୯) ରୁଜୁ କରି ବାଲିସାହି ବାନାମ୍ଭର ଲେନ୍‌ର ରାକେଶ କୁମାର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ଆଇଆଇସିଙ୍କ ସୂଚନା ମୁତାବକ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ଭଜନା ବଳ ଠାକୁରଙ୍କୁ ଦର୍ଶନ କରୁଥିବା ସମୟରେ ରାକେଶ ତାଙ୍କ ମନିପର୍ସ ଲୁଟ୍ କରିଥିଲେ। ଏହା ଜାଣିପାରି ଭଜନା ପାଟି କରିବାରୁ ପୋଲିସ ରାକେଶଙ୍କୁ ଧରି ଥାନାକୁ ଆଣିଥିଲା। ତାଙ୍କଠାରୁ ମନିପର୍ସ ଜବତ କରାଯାଇଥିଲା। ସେହିପରି ତାଙ୍କଠାରୁ ଅନ୍ୟ ଏକ ପର୍ସ ମଧ୍ୟ ଜବତ ହୋଇଛି। ସେଥିରେ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ମହାରଣା କହିଛନ୍ତି।

### ତେନ୍ତୁଳିମୂଳ ଗୁଳିମାଡ଼ ଘଟଣା ଜେଲ ଗଲେ ୪ ଅଭିଯୁକ୍ତ

**ଖୋର୍ଦ୍ଧା ଅଫିସ,୨୪।୩:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ତେନ୍ତୁଳିମୂଳ(ମଶାଣିଆ ନୂଆସାହି) ଗାଁ ଗୁଳିମାଡ ଘଟଣାରେ କୁରୁମପଡାର ଧୀରେନ ଛୋଟରାୟ ଓରଫ ଲିଟୁ (୨୩), ହାଡପଦାର ସୁବାସ ମହାରଣା(୨୯), ବାରଘରପାଟଣାର ପ୍ରମୋଦ ମାନସିଂ(୩୮), ତେନ୍ତୁଳିମୂଳ ଗାଁର କାଳୁ ସାମନ୍ତରା(୩୨) ଗିରଫ ହୋଇଛନ୍ତି। ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଧୀରେନ୍‌ଙ୍କଠାରୁ ଏକ ଜୀବନ୍ତ ଗୁଳି, ମାଉଜର ଓ ୨ ବାଇକ୍ ଜବତ ହୋଇଛି। ଅଭିଯୋଗ ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ଭାଜପା ସମର୍ଥକ ଧୀରେନ ଛୋଟରାୟଙ୍କ ଗୁଳିମାଡରେ ବିଜେଡି ସମର୍ଥକ ୱାର୍ଡମେମ୍ବରଙ୍କ ଦେଢ଼ଶୁର ଯୁଧିଷ୍ଠିର ପାଇକରାୟ(୫୫) ଗୁରୁତର ଆହତ ହୋଇଥିଲେ। ୱାର୍ଡମେମ୍ବର ତଥା ତେନ୍ତୁଳିମୂଳ ଗାଁର ଝିଲି ମହାପାତ୍ରଙ୍କ ଅଭିଯୋଗ ଅନୁସାରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## ସୁଧୁରୁନି ଟ୍ରାଫିକ ପରିଚାଳନା ବ୍ୟବସ୍ଥା

# ସହରରେ ଡିଜିଟାଲ ସିଗ୍‌ନାଲ ଫେଲ୍

- ଅଧିକାଂଶ ସମୟରେ ହଟହଟା ହେଉଛନ୍ତି ଯାତ୍ରୀ
- ଭୁଲ୍ ସିଗ୍‌ନାଲ ପାଇଁ ଘଟୁଛି ଦୁର୍ଘଟଣା

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**



ରାଜ୍ୟର ବିଭିନ୍ନ ସହରରେ ରହିଛି ଡିଜିଟାଲ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା। ଟ୍ରାଫିକ୍ ପରିଚାଳନାକୁ ଶୃଙ୍ଖଳିତ ତଥା ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଏବାବଦରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ଏଥିପ୍ରତି ଲୋକଙ୍କୁ ମଧ୍ୟ ସଚେତନ କରାଯାଉଛି। ମାତ୍ର ଲୋକେ ଅଭ୍ୟସ୍ତ ହେବାବେଳକୁ ଡିଜିଟାଲ ଟ୍ରାଫିକ ବ୍ୟବସ୍ଥା ଫେଲ୍ ମାରୁଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ ଆଦି ସହରଗୁଡିକରେ ରହିଥିବା ଏଭଳି ଡିଜିଟାଲ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି।

କମିଶନରେଟ ପୋଲିସ ଇଲାକା କଟକ ଓ ଭୁବନେଶ୍ୱରର ଛକ ଏବଂ ପ୍ରମୁଖ ସ୍ଥାନରେ ଡିଜିଟାଲ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା ରହିଛି। ଅଧିକାଂଶ ସ୍ଥାନରେ ଏହା ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ସିଗ୍‌ନାଲ ଅନୁଯାୟୀ ଲୋକେ ଯାତାୟାତ କରୁଥିବାବେଳେ ହଠାତ୍ ତାହା ଅଚଳ ହୋଇପଡୁଛି। କେତେବେଳେ ନିର୍ଦ୍ଦିଷ୍ଟ ସିଗ୍‌ନାଲ ଘଣ୍ଟାଘଣ୍ଟା ଧରି ସେମିତି ରହୁଥିବାରୁ ଲୋକେ ଜାଣି ନ ପାରି ହଇରାଣ ହେଉଛନ୍ତି। ଆଉ କେତେବେଳେ ସିଗ୍‌ନାଲ ଲାଇଟ୍ ଧପ୍ ଧପ୍ ହେଉଛି ତ ପୁଣି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ଅନେକ ସମୟରେ ଟ୍ରାଫିକ୍ ପୋଲିସ କର୍ମଚାରୀମାନେ ନିଜେ ମରାମତି ପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ଏପରି ଭୁଲ୍ ସିଗ୍‌ନାଲ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ପ୍ରାୟତଃ ରାତି ୯ଟା ପରେ ଓ ସକାଳ ୬ଟା ମଧ୍ୟରେ ଟ୍ରାଫିକ ବ୍ୟବସ୍ଥା ସବୁଠୁ ଅଧିକ ବିପର୍ଯ୍ୟସ୍ତ ହୋଇପଡୁଛି।

ସିଗ୍‌ନାଲ ଲାଇଟ୍ ଅବ୍ୟବସ୍ଥାକୁ ନେଇ ଟ୍ରାଫିକ୍ ପୋଲିସ ନିଜ ଉପରୁ ଦୋଷ ଛଡାଇ ଦେଉଛନ୍ତି। ଡିଜିଟାଲ ଟ୍ରାଫିକ ସିଗ୍‌ନାଲ ପରିଚାଳନା ଦାୟିତ୍ୱ ଏକ ଘରୋଇ ସଂସ୍ଥା ସମ୍ଭାଳୁଛି। ସିଗ୍‌ନାଲ୍ ଫେଲ୍ ହେଲେ ଉକ୍ତ ସଂସ୍ଥାକୁ ଜଣାଇ ଦିଆଯାଇଥାଏ। କିନ୍ତୁ କିପରି ତୁରନ୍ତ ମରାମତି ହେବ ଓ ସବୁବେଳେ ଏହି ବ୍ୟବସ୍ଥା ସ୍ୱାଭାବିକ ଭାବେ କାର୍ଯ୍ୟ କରିବ ସେନେଇ ଟ୍ରାଫିକ ପୋଲିସ ମୁଣ୍ଡ ଖେଳାଉନାହିଁ। ଏପରିସ୍ଥିତିରେ ଅଧିକାଂଶ ସମୟରେ ଟ୍ରାଫିକ ପୋଷ୍ଟଗୁଡିକରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେଉଛି। ଗତ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ରାମ ମନ୍ଦିର ଛକରେ ଲାଗିଥିବା ଟ୍ରାଫିକ୍ ସିଗ୍‌ନାଲରେ ତ୍ରୁଟି ଦେଖାଦେଇଥିଲା। ସେଠାରେ ଗୋଟିଏ ସିଗ୍‌ନାଲ ଦୀର୍ଘ ସମୟ ଧରି ଗ୍ରୀନ୍ ରହିଥିଲା। ଫଳରେ ଅନ୍ୟ ପାର୍ଶ୍ୱଗୁଡିକରେ ଯାତ୍ରୀମାନେ ଅଟକି ରହି ହଟହଟା ହୋଇଥିଲେ। ଏଥିଯୋଗୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଟ୍ରାଫିକ୍ ପୋଲିସ ଉକ୍ତ ପାର୍ଶ୍ୱରୁ ଆସୁଥିବା ଲୋକଙ୍କୁ ହାତ ଦେଖାଇ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗ୍ରୀନ୍ ସିଗ୍‌ନାଲ ଥିବାରୁ କେହି ରହି ନ ଥିଲେ। ଶେଷରେ ଟ୍ରାଫିକ୍ ପୋଲିସ ରାସ୍ତା ମଝିରେ ଠିଆ ହୋଇ ଅଟକାଇବା ପରେ ଅନ୍ୟପାର୍ଶ୍ୱର ଲୋକେ ଯାତାୟାତ କରିଥିଲେ। ସେହିଭଳି କିଛିଦିନ ତଳେ ପାୱାର ହାଉସ୍ ଛକରେ ତ୍ରୁଟିପୂର୍ଣ୍ଣ ସିଗ୍‌ନାଲ ଯୋଗୁ ଏକ ଅଟୋକୁ ଅନ୍ୟ ଦିଗରୁ ଆସୁଥିବା କେତେକ ଗାଡି ଧକ୍କା ଦେଇଥିଲା। ଏଥିରେ ଅଟୋ ଚାଳକ ଗୁରୁତର ଆହତ ହୋଇଥିଲେ। କେବଳ ରାଜଧାନୀ ନୁହେଁ, ଅନ୍ୟ ସହରରେ ଥିବା ଡିଜିଟାଲ ଟ୍ରାଫିକ ପରିଚାଳନାରେ ଏଭଳି ସମସ୍ୟା ବାରମ୍ବାର ଦେଖାଦେଉଛି।

ଏନେଇ ଭୁବନେଶ୍ୱର ଟ୍ରାଫିକ୍ ଥାନା ଏସିପି କେ.କେ ପାଣିଗ୍ରାହୀ କହିଛନ୍ତି, ଯେଉଁଠି ଟ୍ରାଫିକ ସିଗ୍‌ନାଲ ଖରାପ ହେଉଥିବା ଅଭିଯୋଗ ଆସୁଛି ତୁରନ୍ତ ଆମେ ଦାୟିତ୍ୱରେ ଥିବା ଠିକା ସଂସ୍ଥାକୁ ଫୋନ୍‌ରେ ଜଣାଉଛୁ। ସଂସ୍ଥାର କର୍ମଚାରୀମାନେ ଆସି ଠିକ୍ କରୁଛନ୍ତି। ତେବେ ସହରରେ କିପରି ଡିଜିଟାଲ ଟ୍ରାଫିକ ବ୍ୟବସ୍ଥାକୁ ସ୍ୱାଭାବିକ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

## ଏନ୍‌ଏଲ୍‌ୟୁରେ ବ୍ରିଟିଶ୍ ସଂସଦୀୟ ବକ୍ତୃତାମାଳା




**କଟକ ଅଫିସ,୨୪।୩**

ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁ)ରେ ଦୁଇଦିନ ଧରି ଚାଲିଥିବା ବ୍ରିଟିଶ ସଂସଦୀୟ ବକ୍ତୃତାମାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଇଆଇଟି ଖଡଗପୁର ଓ କଲିକତାର ଏନ୍‌ୟୁଜେଏସ୍ ବିଶ୍ୱବିଦ୍ୟାଳୟ ଯୁଗ୍ମ ଚାମ୍ପିୟନ ହୋଇଥିଲେ। ଯୁଗ୍ମ ଚାମ୍ପିୟନ ଦଳକୁ ମୋଟ୍ ଏକ ଲକ୍ଷ ୧୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ମୋଟ୍ ୩୦ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମୁକାବିଲା ୪ଟି ଦଳ ମଧ୍ୟରେ ହୋଇଥିଲା। ଛତିଶଗଡ଼ର ହିଦୟତୁଲ୍ଲା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଆଇଆଇଟି ଖଡଗପୁର ଏବଂ ଅନ୍ୟଏକ ଫାଇନାଲରେ କଲିକତାର ଏନୟୁଜେଏସ୍ ଓ ଜାଭିୟର୍ସର ପ୍ରତିଯୋଗୀ ସାମ୍ନାସାମ୍ନି ହୋଇଥିଲେ। ଆଇଆଇଟି ଖଡଗପୁର ଓ ଏନ୍‌ୟୁଜେଏସ୍ ପ୍ରତିଯୋଗୀ ବିଜୟୀ ପଏଣ୍ଟ ହାସଲ କରିଛନ୍ତି। ନୂଆଦିଲ୍ଲୀ ଶ୍ରୀରାମ କଲେଜର ଅନସୂୟା ରାଧିକା, ହାଇଦ୍ରାବାଦ ନଲସାର ବିଶ୍ୱବିଦ୍ୟାଳୟର ବରୁଣ ବାଲିଗା, ବେଙ୍ଗାଲୁରୁ ଜାତୀୟ ଆଇନ ସ୍କୁଲର ଓଶୋ ଚିର ପ୍ରତିଯୋଗିତାର ସଂଯୋଜକ ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କୁଳପତି କ୍ରିଷ୍ଣା ଦେବ ରାଓ ଓ ଆକାଶ କୁମାର ଉପସ୍ଥିତ ଥିଲେ।

## ଆଜି ଉତ୍କଳ ବିଶ୍ୱବିଦ୍ୟାଳୟରେ ଉପାଧି ପ୍ରଦାନ ଉତ୍ସବ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ଉପାଧି ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ୨୦୧୬-୧୭ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି, ଡିଲିଟ୍, ଡିଏସ୍‌ସି ଉପାଧି ତଥା ବିଭିନ୍ନ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ ବିଭିନ୍ନ ବିଷୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିବା ପିଲାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। କୁଳାଧିପତିଙ୍କ ଅନୁମତି କ୍ରମେ ଆୟୋଜନ ହେବାକୁ ଥିବା ଏହି ଉତ୍ସବରେ ଭାରତ ସରକାରଙ୍କ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବାୟୋରିସୋର୍ସ ଆଣ୍ଡ ସଷ୍ଟେନେବୁଲ ଡେଭେଲପ୍‌ମେଣ୍ଟ ନିର୍ଦ୍ଦେଶକ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରଫେସର ଦୀନବନ୍ଧୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେବେ। କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ପ୍ରଫେସର ସାହୁ ୭୪ଜଣଙ୍କୁ ସ୍ୱର୍ଣ୍ଣପଦକ ଏବଂ ୩୨୯ଜଣଙ୍କୁ ପିଏଚ୍‌ଡି ଓ ଡିଲିଟ୍ ଉପାଧି ପ୍ରଦାନ କରିବେ। ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଏହି ଉତ୍ସବ ଅନୁଷ୍ଠିତ ହେବ।

## ‘ପୁଲ୍‌ୱାମା ଶହୀଦ ସ୍ମୃତି ପାର୍କ’ ଉଦ୍‌ଘାଟିତ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ବାଇକିଂ କମ୍ୟୁନିଟି ଅଫ୍ ଇଣ୍ଡିଆ(ବିସିଆଇ), ଭୁବନେଶ୍ୱର ପକ୍ଷରୁ ରବିବାର ଔଷଧ ନିରୋଧ ଓ ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏକ ବାଇକ୍ ରାଲି ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ବାଇକିଂ କ୍ଲବ୍, ୱି ଦ ରୋଡ୍ କୁଇନ୍‌ସ ଓ ଇଣ୍ଡିଭିଜୁଆଲ ସୋସିଆଲ ରେସ୍‌ପନ୍ସିବିଲିଟି(ଆଇଏସ୍‌ଆର୍)ର ମିଳିତ ଉଦ୍ୟମରେ ଆୟୋଜିତ ଏହି ରାଲିର ଥିମ୍ ଥିଲା ‘ରଙ୍ଗ୍ ଦେ ବସନ୍ତୀ’। ସୈନିକ ସ୍କୁଲ ନିକଟରୁ ସକାଳ ପ୍ରାୟ ସାଢ଼େ ୬ଟାରେ ଏହି ରାଲିକୁ ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଏୟାର କମୋଡର ଟି.କେ. ରଥ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପାଖାପାଖି ୭୦ କିଲୋମିଟର ଯାତ୍ରା କରି ଏହି ରାଲି କଟକ ନିଆଳିର ବାଇକର୍ସ ପାର୍କରେ ପହଞ୍ଚିଥିଲା। ‘ଇନ୍‌କ୍ଲବ୍ ଜିନ୍ଦାବାଦ୍’, ‘ଶହୀଦ ଯବାନ ଅମର ରହେ’ ସ୍ଲୋଗାନ ଦେଇ ବାଇକର୍‌ମାନେ ରାଲିରେ ଯାଇଥିଲେ। ମୋଟ ୧୦୦ଜଣ ବାଇକର୍ ଏଥିରେ ସାମିଲ ହୋଇଥିଲେ। ଏହାପରେ ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନ ମନୋଜ ବେହେରାଙ୍କ ଗ୍ରାମ ନିଆଳି ବ୍ଲକ ଗଜାବରରେ ‘ପୁଲ୍‌ୱାମା ଶହୀଦ ସ୍ମୃତି ପାର୍କ’କୁ ଉଦ୍‌ଘାଟନ କରାଯାଇଥିଲା। ପୁଲ୍‌ୱାମା ଆକ୍ରମଣର ୧୧ଦିନରେ ଆଇଏସ୍‌ଆର୍ ପକ୍ଷରୁ ଏହି ପାର୍କରେ ୪୦ଟି ଚାରା ରୋପଣ କରାଯାଇଥିଲା। ଶହୀଦ ମନୋଜଙ୍କ ସ୍ତ୍ରୀ ଇଲା ବେହେରା ଏହି ସ୍ମୃତି ପାର୍କକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆଇଏସ୍‌ଆର୍‌ର ଅଂଶୁମାନ କର, ବିସିଆଇ ଭୁବନେଶ୍ୱର କୋ-ଆଡ୍‌ମିନ ଅନନ୍ତ ନାରାୟଣ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିସିଆଇ ପକ୍ଷରୁ ରବିବାର ସାରା ଭାରତରେ ପ୍ରାୟ ୭୦ ସହରରେ ‘ରଙ୍ଗ୍ ଦେ ବସନ୍ତୀ’- ୱାନ୍ ଲାଇଫ୍ ଡ୍ରଗ୍ ଫ୍ରି ଥିମ୍‌ରେ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ପ୍ରାୟ ୬ହଜାର ବାଇକର୍ ଏଥିରେ ସାମିଲ ହୋଇଥିଲେ।




ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ମନୋଜ ବେହେରାଙ୍କ ଉଦ୍ଦେଶ୍ୟରେ ତାଙ୍କ ଗ୍ରାମ କଟକ ଜିଲା ନିଆଳି ବ୍ଲକ୍ ରତନପୁର ପଞ୍ଚାୟତ ଗଜାବରଠାରେ ସ୍ମୃତି ପାର୍କ ଉଦ୍‌ଘାଟନ ପୂର୍ବରୁ ଭୁବନେଶ୍ୱର ସୈନିକ ସ୍କୁଲ ପରିସରରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

## ୩ଲକ୍ଷ ଟଙ୍କା ଲୁଟ୍ ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ଫେରାର

**ନିରାକାରପୁର,୨୪।୩(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ କେରାଣ୍ଡିଟାଙ୍ଗୀସ୍ଥିତ ପେଟ୍ରୋଲ ପମ୍ପର ୨ କର୍ମଚାରୀଙ୍କଠାରୁ ଗତ ୧୧ ତାରିଖରେ ୩ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ ହୋଇଥିଲା। ଏନେଇ ପେଟ୍ରୋଲ ପମ୍ପ ମ୍ୟାନେଜର ଲକ୍ଷ୍ମୀଧର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିରାକାରପୁର ପୋଲିସ ଏନେଇ କେସ୍ ନଂ ୨୧/୧୯ରେ ତଦନ୍ତ କରିଥିଲା। ଶନିବାର ପୋଲିସ ଚଢ଼ାଉ କରି ରାମେଶ୍ୱର ପଞ୍ଚାୟତ ଖଜୁରୀପଡା ମୁସଲମାନ ସାହିର ସେକ୍ ରସିଦ୍ ଓରଫ(ଡବ୍ଲୁ-୧୯)ଙ୍କୁ ଜଟଣୀ ମାଛ ବଜାରରୁ ମାଛ ବିକ୍ରି କରୁଥିବା ସମୟରେ ଗିରଫ କରିଛି। ତା ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ପୋଲିସ ଜବତ କରିଛି। ଏ ଘଟଣାରେ ଖଜୁରୀପଡାର ଅନ୍ୟ ୨ ଅଭିଯୁକ୍ତ ସୁଲେମାନ୍ ଖାଁ ଓ ସେକ୍ ଜମିଦ୍ ଫେରାର୍ ଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ପେଟ୍ରୋଲ୍ ପମ୍ପର ୨ କର୍ମଚାରୀ ଉକ୍ତ ଟଙ୍କା ଏସ୍‌ବିଆଇ ବ୍ୟାଙ୍କରେ ଜମା କରିବାକୁ ଆସୁଥିଲେ। ତେବେ ଏ ସମୟରେ ଏକ ବାଇକ୍‌ରେ ୩ ଯୁବକ ଆସି ନୂଆ ଜଗନ୍ନାଥ ଜାତୀୟ ରାଜପଥ ଉପରେ କର୍ମଚାରୀଙ୍କ ଗାଡି ଅଟକାଇ ଆକ୍ରମଣ କରିବା ସହ ଟଙ୍କା ଲୁଟି ନେଇଥିଲେ। ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ରହିଥିବା ଏସ୍‌ଆଇ ଶରତ ପାଇକରାୟ ସୂଚନା ଦେଇଛନ୍ତି।

## ପଥର ବିସ୍ଫୋରଣ ବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଲୋକେ ଜାଳି ଦେଲେଣି ୨ ଜେସିବି



ଉତ୍ତ୍ୟକ୍ତ ଲୋକେ ପୋଡ଼ିଦେଇଥିବା ଜେସିବି।

**ଖୋର୍ଦ୍ଧା ଅଫିସ,୨୪।୩**

ଖୋର୍ଦ୍ଧା ତହସିଲ ମଳିପଡା ନିକଟସ୍ଥ କଳିଙ୍ଗ ପାହାଡରେ ଶୁକ୍ରବାର ହୋଲି ଉତ୍ସବର ପୂର୍ବାହ୍ନରେ ବିସ୍ଫୋରଣ ପରେ ମାଧବ ପ୍ରଧାନ(୩୦) ନାମକ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ଶ୍ରମିକଙ୍କ ମୃତ୍ୟୁ ପରେ ଖୋର୍ଦ୍ଧା ସଦର ଥାନା ପୋଲିସ ୩୦୪(ଏ) ଦଫାରେ ନଂ. ୪୫/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଭଳିସ୍ଥଳେ ଏହି ଘଟଣାକୁ କେନ୍ଦ୍ରକରି ଖୋର୍ଦ୍ଧା ସଦର ଥାନା ଚିଙ୍ଗୁଡି ମୁଣ୍ଡିଆ ପାଦ ଦେଶରେ ଥିବା ଛତ୍ରମା ମୌଜାର ଏକ କ୍ରଶରରେ ଶୁକ୍ରବାର ରାତିରେ ଏକ ଜେସିବି ପୋଡା ଯାଇଥିଲା। ସେହିଭଳି ଶନିବାର ଅନୁରୂପ ଭାବେ ଏକ ଜେସିବି କେତେଜଣ ଲୋକ ସ୍ଥାନୀୟ ମୁଣ୍ଡିଆରୁ ନେଇ ଯାଇଥିଲେ। ପରେ ରାତିରେ ପୋଡି ଦେଇଥିଲେ। ଉକ୍ତ ଦୁଇ ମେଶିନ୍ ବେଆଇନ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିଲା ବୋଲି କୁହାଯାଉଛି।

## ଗୋଇନ୍ଦା ରିପୋର୍ଟ ମାମଲା

# ଥାନାରେ ହାଜର ହେଲେ ଟଙ୍କଧରଙ୍କ ଓକିଲ

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**

**ବ୍ୟକ୍ତିଗତ ହାଜର ପାଇଁ ୩ ଭାଜପା ନେତାଙ୍କୁ ନୋଟିସ୍**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ଲଢିଲେ ହାରିଯିବା ନେଇ ଭାଜପା ଗୋଇନ୍ଦା ରିପୋର୍ଟ ଦେଖାଇ ଟାର୍ଗେଟ କରିଥିଲା। ମାତ୍ର ଉକ୍ତ ରିପୋର୍ଟ ଜାଲ ଥିବା ନେଇ ପୋଲିସ ଡିଜି ଟୁଇଟ୍ କରି ସ୍ପଷ୍ଟ କରିଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ଆସିବା ପରେ ଖାରବେଳନଗର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ମାମଲାରେ ପୂର୍ବରୁ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ଗୋଲକ ମହାପାତ୍ର ଓ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କୁ ନୋଟିସ କରିଥିଲା। ପୂର୍ବରୁ ସମୀର ଓ ଗୋଲକ ନିଜେ ନ ଆସି ସେମାନଙ୍କ ଓକିଲ ଥାନାରେ ହାଜର ହୋଇଥିଲା। ରବିବାର ଟଙ୍କଧର ଥାନାରେ ହାଜର ହେବାକୁ ନୋଟିସ ହୋଇଥିଲା। ହେଲେ ଅନ୍ୟ ଦୁଇ ନେତାଙ୍କ ପରି ଟଙ୍କଧର ମଧ୍ୟ ଥାନାରେ ହାଜର ହୋଇ ନ ଥିଲେ। ତାଙ୍କ ଓକିଲ ଥାନାରେ ପହଞ୍ଚି ଟଙ୍କଧରଙ୍କ ପକ୍ଷ ରଖିଥିଲେ। ଟଙ୍କଧର କ’ଣ ପାଇଁ ଥାନାରେ ହାଜର ହୋଇପାରିଲେ ନାହିଁ ତାହାର କାରଣ ଜଣାଇଥିଲେ। ଏହାସହ ଟଙ୍କଧରଙ୍କ ଓକିଲ ଗୋଇନ୍ଦା ରିପୋର୍ଟ ସଂକ୍ରାନ୍ତ କିଛି କାଗଜପତ୍ର ପୋଲିସକୁ ଦେଇଥିଲେ। ପୋଲିସ ମଧ୍ୟ ତାଙ୍କୁ କିଛି ସମୟ ପଚରାଉଚରା କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ବ୍ୟକ୍ତିଗତ ଭାବେ ଥାନାରେ ହାଜର ହେବାକୁ ଏହି ୩ଜଣ ଭାଜପା ନେତାଙ୍କୁ ପୋଲିସ ପୁଣି ନୋଟିସ କରିଛି। ସିଆର୍‌ପିସି ୧୬୦ ଅନୁଯାୟୀ ସେମାନଙ୍କୁ ୨୫, ୨୬ ଓ ୨୭ ତାରିଖରେ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି।

ଏନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ସିଆର୍‌ପିସି ୯୧ ଜରିଆରେ ଟଙ୍କଧର ତ୍ରିପାଠୀଙ୍କୁ ନୋଟିସ କରାଯାଇଥିଲା। ହେଲେ ଅନ୍ୟ ଦୁଇ ନେତାଙ୍କ ଭଳି ସେ ହାଜର ନ ହୋଇ ନିଜ ଓକିଲଙ୍କ ଜରିଆରେ ପକ୍ଷ ରଖିଛନ୍ତି। ତେବେ ବ୍ୟକ୍ତିଗତ ହାଜର ପାଇଁ ସେମାନଙ୍କୁ ନୋଟିସ କରାଯାଇଛି। ଯଦି ସେମାନେ ହାଜର ନ ହୁଅନ୍ତି ତେବେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସିମ୍ ବକ୍ସଗୁଡ଼ିକର ବେଆଇନ ବ୍ୟବହାର ଅଭିଯୋଗ

# ଏକାଧିକ କଲ୍ ସେଣ୍ଟରରେ ଏସ୍‌ଟିଏଫ୍ ଚଢ଼ାଉ

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**

- ରାଜନୈତିକ, ଆପରାଧିକ ଉଦ୍ଦେଶ୍ୟରେ କଲ୍ କରାଯାଉଛି
- ଯାଞ୍ଚ ଜାରି ରଖିବ ଟେଲି ଯୋଗାଯୋଗ ବିଭାଗ

ରାଜ୍ୟରେ ଥିବା କଲ୍ ସେଣ୍ଟରଗୁଡ଼ିକ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରୁଛନ୍ତି। ସିମ୍ ବକ୍ସଗୁଡିକୁ ମନଇଚ୍ଛା ବ୍ୟବହାର କରୁଛନ୍ତି। ଏହାକୁ ରାଜନୈତିକ ତଥା ଆପରାଧିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ ଆସିବା ପରେ ରବିବାର ଭୁବନେଶ୍ୱର ଓ କଟକର ଏକାଧିକ କଲ୍ ସେଣ୍ଟରେ ଚଢ଼ାଉ ହୋଇଛି। ପୂର୍ବାହ୍ନ ୧୧ଟାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ (ଡିଓଟି) ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ ଆରମ୍ଭ ହୋଇଥିଲା। ଯାଞ୍ଚବେଳେ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ସିମ୍ ବକ୍ସଗୁଡ଼ିକର ଅପବ୍ୟବହାର ଓ କେତେକ ଅନିୟମିତତା ହୋଇଥିବା ଜଣାପଡିଛି ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି।

ତାଙ୍କ କହିବାନୁସାରେ, ଗଠିତ ୪ଜଣିଆ ଟିମ୍ ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା କଲ୍ ସେଣ୍ଟର ଭାରତ ମାଟ୍ରିମୋନି, ବିବିଏସ୍‌ଆର୍ ୟୁନିଟ୍, ରାଧିକା ଟାୱାର, କଟକ ରୋଡ୍ ସମେତ କଟକର କେତେକ ସ୍ଥାନରେ ଚଢ଼ାଉ କରିଥିଲା। କଲ୍ ସେଣ୍ଟରଗୁଡିକର ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ପଚରାଉଚରା କରାଯାଇଥିଲା। କେତେକ କଲ୍ ସେଣ୍ଟରରୁ କିଛି କାଗଜପତ୍ର ଜବତ କରାଯିବା ସହ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯାଇଛି। କେତେକ ସିମ୍ ବକ୍ସଗୁଡ଼ିକର ପଞ୍ଜୀକରଣ ଠିକ୍ ନ ଥିବା ଯାଞ୍ଚବେଳେ ଜଣାପଡିଛି। ଆଗାମୀ ଦିନରେ ଡିଓଟି ପକ୍ଷରୁ ନିୟମିତ ଚଢ଼ାଉ ଓ ଯାଞ୍ଚ ଜାରି ରହିବ। ଆବଶ୍ୟକ ପଡ଼ିଲେ ଏଥିରେ ଏସ୍‌ଟିଏଫ୍ ସହଯୋଗ କରିବ। ତେବେ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପାଧ୍ୟାୟ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ନିର୍ବାଚନ ପାଇଁ ବହୁ ରାଜନୈତିକ ଦଳ କଲ୍ ସେଣ୍ଟରଗୁଡିକୁ ବ୍ୟବହାର କରୁଛନ୍ତି। ଉକ୍ତ କଲ୍ ସେଣ୍ଟରଗୁଡିକ ଆଇନ ଓ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ଗ୍ରାହକଙ୍କୁ ପ୍ରଭାବିତ କରୁଛନ୍ତି। ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାକୁ କୁହାଯାଉଛି। ଅଧିକାଂଶ କଲ୍ ସେଣ୍ଟର ନାମରେ ଏପରି ଅନେକ ଅଭିଯୋଗ ରହିଛି। ସେହିଭଳି କଲ୍ ସେଣ୍ଟର ସହାୟତାରେ ସିମ୍ ବକ୍ସଗୁଡ଼ିକୁ ଅପରାଧୀମାନେ ବେଆଇନ ଭାବେ ବ୍ୟବହାର କରୁଥିବା ମଧ୍ୟ ଆଶଙ୍କା କରାଯାଉଛି। ତେବେ ନିର୍ବାଚନ ସମୟରେ ଏଭଳି ଚଢ଼ାଉକୁ ନେଇ ନାନା ଚର୍ଚ୍ଚା ଚାଲିଛି।



"ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।"
-ଫ୍ରନ୍‌ସିସ୍ ବାକନ



## ସଂକ୍ଷେପରେ

### ଯୁବକଙ୍କୁ ଛୁରାମାଡ଼ ଘଟଣା: ୩ ଗିରଫ

**ଭୁବନେଶ୍ୱର,୨୪।୩ (ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶହୀଦନଗର ଥାନା ଟଙ୍କପାଣି ବ୍ରିଜ୍ ଉପରେ ଶନିବାର ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବାଙ୍କୁଆଳ ଗ୍ରାମର ହରିଶ ସାହାଣୀ(୧୯), ପ୍ରିୟଦର୍ଶୀ ସାହାଣୀ (୨୨) ଓ ବିପନ ସାହାଣୀ(୩୯)। ବାଙ୍କୁଆଳ ଗ୍ରାମର ସୁବ୍ରତ ଦାଶଙ୍କ ସହ ଉକ୍ତ ଗ୍ରାମର ଅନ୍ୟ ଏକ ଗୋଷ୍ଠୀର ଶତ୍ରୁତା ରହିଥିଲା। ରାତି ୭ଟାରେ ସୁବ୍ରତ ଟଙ୍କପାଣି ବ୍ରିଜ୍ ଉପରେ ଛିଡା ହୋଇଥିବାବେଳେ ଦୁଇଟି ବାଇକ୍‌ରେ ୫ଜଣ ଯୁବକ ପହଞ୍ଚି ତାଙ୍କୁ ପ୍ରଥମେ ଗାଳିଗୁଲଜ କରିବାସହ ଯୁବକମାନେ ଛୁରିରେ ସୁବ୍ରତଙ୍କ ପେଟ, ପିଠି ଓ ହାତକୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ୧୩୯/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

### ପୋଲିସ ଗାଡ଼ି ଭଙ୍ଗାରୁଜା ଘଟଣା
### ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୪।୩ (ବ୍ୟୁରୋ)- ହୋଲି ଖେଳକୁ ନେଇ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ହାଉସିଂବୋର୍ଡ କଲୋନୀର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗୋଟିଏ ଗୋଷ୍ଠୀର ଭୋଜି ଚାଲିଥିବାବେଳେ ଅନ୍ୟ ଏକ ଗୋଷ୍ଠୀର ସଂଘବଦ୍ଧ ଆକ୍ରମଣରେ ୮ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଶନିବାର ପୋଲିସ ମୁଖ୍ୟ ଅଭିଯୁକ୍ତ ଦୀପକ ସ୍ୱାଇଁଙ୍କୁ ଗିରଫ କରିଥିବାବେଳେ ରବିବାର ଆଉଜଣଙ୍କୁ ଗିରଫ କରିଛି। ସେ ହେଲେ ବରମୁଣ୍ଡା ଅଞ୍ଚଳର ବାସୁଦେବ ସାହୁ। ସୂଚନା ମୁତାବକ, ବରମୁଣ୍ଡା ହାଉସିଂବୋର୍ଡ ସରସ୍ୱତୀ ଶିଶୁ ମନ୍ଦିର ନିକଟ ମଝି ସାହିରେ ହୋଲି ଖେଳକୁ ନେଇ ଶୁକ୍ରବାର ମଧ୍ୟାହ୍ନରେ ଦୀପକ ସ୍ୱାଇଁ ଓ ଟୁଲୁ ନାମକ ଜଣେ ଯୁବକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଅପରାହ୍ନ ପ୍ରାୟ ଗୋଟାଏରେ ସିଆର୍‌ପିଏଫ୍ କ୍ୟାମ୍ପସ ପଛ ଗେଟ୍ ପାର୍ଶ୍ୱରେ ଥିବା ସିଦ୍ଧିବିନାୟକ ଟିଫିନ୍ ସେଣ୍ଟରରେ ଗୋଟିଏ ଗୋଷ୍ଠୀର ଭୋଜି ଚାଲିଥିବାବେଳେ ଦୀପକ ଓ ୨୦ରୁ ଊର୍ଦ୍ଧ୍ୱ ସହଯୋଗୀ ହାତରେ ବନ୍ଧୁକ ଓ ଖଣ୍ଡା ଧରି ସେଠାରେ ପହଞ୍ଚି ଆକ୍ରମଣ କରିଥିଲେ। ଏଥିସହ ପୋଲିସ ଗାଡି, ଗୋଟିଏ କାର୍ ସହ ବ୍ୟାପକ ଭଙ୍ଗାରୁଜା କରିବା ସହ ଟେକାପଥର ଓ ବିୟରବୋତଲ ମାଡ଼ କରି ଆତଙ୍କ ଖେଳାଇଥିଲେ। ଏନେଇ ନୟାପଲ୍ଲୀ ଥାନାରେ ଆହତ ଦୀପକ ମିଶ୍ର ଅଭିଯୋଗ କରିବା ପରେ ପୋଲିସ ୧୫୬/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ଚୋରି ମୋବାଇଲ ଫୋନ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୪।୩ (ବ୍ୟୁରୋ):** ମୋବାଇଲ୍ ଫୋନ୍ ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଙ୍କିଆ ଥାନା ଅଞ୍ଚଳର ଦିଲୀପ ନାୟକ(୨୬)। ତାଙ୍କଠାରୁ ଏକ ଚୋରି ମୋବାଇଲ୍ ଫୋନ୍ ଜବତ କରିଛି ପୋଲିସ। ଗତ ୧୬ ତାରିଖରେ ୟୁନିଟ-୬ ଅଞ୍ଚଳରେ ରହୁଥିବା ଗିରିଧାରି ଲାଲ୍ ଷଡଙ୍ଗୀଙ୍କ ଘରୁ ମୋବଇଲ ଫୋନ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୯୬/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତେବେ ଗିରଫ ଦିଲୀପଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ରାଜଧାନୀରୁ ରନ୍ଧା ମଦ, ପୋଚ ଜବତ: ୯ ଗିରଫ

**କଟକ ରୋଡ, ୨୪।୩(ଡି.ଏନ୍.ଏ.):** ଭୁବନେଶ୍ୱର ଅବକାରୀ ବିଭାଗ, କଟକ ଫ୍ଲାଇଂ ସ୍କ୍ୱାଡ୍ ଓ କମିଶନରେଟ୍ ପୋଲିସ ମିଳିତ ଭାବେ ରାଜଧାନୀର ନୟାପଲ୍ଲୀ ଥାନା ସାଲିଆ ସାହି ଅଞ୍ଚଳରେ ଚଢ଼ାଉ କରି ୯ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଲିକା ଟୁଡୁ, ସୁନନ୍ଦା ମାରାଣ୍ଡି, ନାମି ମୁଣ୍ଡା, ପୁଙ୍ଗୁ ହାଁସଦା, ରାନି କିସ୍‌କୁ, ସୁଖଲତା ମୁର୍ମୁ, ପାହାଳ ମାରାଣ୍ଡି, ମାଳତୀ ଚଲାର ଓ ସୁହାଗମଣି ମୁର୍ମୁ। ଏମାନଙ୍କ ନିକଟରୁ ୧୪୪୦ଲିଟର ରନ୍ଧାମଦ ଓ ୧୪୬୦୦ଲିଟର ପୋଚ ଜବତ ହୋଇଛି। ଜବତ ନିଶା ସାମଗ୍ରୀ ମୂଲ୍ୟ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ପୃଥକ ଭାବେ ୯ଟି ମାମଲା ରୁଜୁ ହୋଇଛି।

## ■ ଯୋଜନାରୁ ମିଳୁନି ସୁଫଳ
# ଭିଟାମାଟି ଛାଡୁଛନ୍ତି ଶ୍ରମିକ

**ଖୋର୍ଦ୍ଧା ଅଫିସ,୨୪।୩**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଠାରୁ ଆରମ୍ଭ କରି ଅନେକ ଲୋକ ହିତକର ଯୋଜନା ଖୋର୍ଦ୍ଧା ଜିଲାରେ କାର୍ଯ୍ୟକାରୀ ହେଉଛି। ହେଲେ ଏହାର ସୁଫଳ ଶ୍ରମିକ ପାଉନାହାନ୍ତି। ପ୍ରକୃତ ଶ୍ରମିକ ଭିଟାମାଟି ଛାଡୁଥିବାବେଳେ ନିଯୁକ୍ତି ନାଁରେ କେତେଜଣ ଜବ୍‌କାର୍ଡଧାରୀ କର୍ମକୁଣ୍ଠ ହେଉଥିବା ଅନୁରୂପ ଅଭିଯୋଗ ହୋଇଆସୁଛି। ସାଧାରଣରେ ପ୍ରଶ୍ନ ଉଠୁଛି, ଗାଁରେ ଏତେ କାର୍ଯ୍ୟ ହେଉଥିବାବେଳେ ଦିନକୁଦିନ ଦାଦନଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢୁଛି କିପରି। ବର୍ଷେ ଭିତରେ ୫୬୭ ଶ୍ରମିକ ଦାଦନ ଖଟିବାକୁ ଯାଇଥିବା ବେସରକାରୀ ସର୍ଭେରୁ ଜଣାପଡିଛି। ସରକାରୀ କଳର ଆବଶ୍ୟକ ସମୀକ୍ଷା, ଲୋକଙ୍କ ସଚେତନତା ଅଭାବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ନିଷ୍କ୍ରୀୟତା ଯୋଗୁ ଦାଦନ ଶ୍ରମିକଙ୍କ ସଂଖ୍ୟା ଦିନକୁଦିନ ବଢି ଚାଲିଛି। ପୁଣି କେତେଜଣ ଦଲାଲଙ୍କ ମିଥ୍ୟା ପ୍ରତିଶ୍ରୁତି ଓ ଦାଦନଙ୍କ ସହର ବୁଲିବା ନିଶା ଏହାକୁ ବୃଦ୍ଧି କରାଉଥିବା ଅନ୍ୟତମ କାରଣ। ସେହିପରି ଶ୍ରମ ବିଭାଗର ଦୂରଦୃଷ୍ଟି ଅଭାବ ଯୋଗୁ ଦଲାଲମାନଙ୍କୁ ଆଖିଦୃଷ୍ଟିଆ ଦଣ୍ଡ ବିଧାନ କରାଯାଉନାହିଁ। ଫଳରେ ସେମାନେ କାର୍ଯ୍ୟଧାରା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସର ଅନୁଯାୟୀ, କାର୍ଯ୍ୟ ନ ମିଳିଲେ ଜବ୍‌କାର୍ଡଧାରୀମାନଙ୍କୁ ବେରୋଜଗାରୀ ଭତ୍ତା ମିଳିବାର ସରକାରୀ ବ୍ୟବସ୍ଥା ରହିଛି। ଆଇନରେ ଏତେ କଟକଣା ସତ୍ତ୍ୱେ ଉପେକ୍ଷିତ ହୋଇପଡୁଛନ୍ତି ଜିଲାର ଜବ୍‌କାର୍ଡଧାରୀମାନେ। ଜିଲାରେ ଏ ଯୋଜନା ଚାଲୁ ରହିଥିଲେ ହେଁ ଏହା ଜବ୍‌କାର୍ଡଧାରୀଙ୍କୁ ଦାଦନ ଯିବାରେ ରୋକିପାରୁନାହିଁ। ଜିଲାର ଖୋର୍ଦ୍ଧା, ବୋଲଗଡ, ବେଗୁନିଆ, ବାଣପୁର, ଟାଙ୍ଗୀ, ଚିଲିକା, ଜଟଣୀ ଆଦି ବ୍ଲକ ଅଞ୍ଚଳରେ ଜେସିବି, ଟ୍ରାକ୍ଟର ଆଦି ଯନ୍ତ୍ର ଲାଗୁଥିବା ଅଭିଯୋଗ ରହିଛି। ତେବେ କାଗଜପତ୍ରରେ ଜବକାର୍ଡଧାରୀ କାର୍ଯ୍ୟ କରୁଛନ୍ତି ବୋଲି ଚତୁରତାର ସହ ମିଛ ଶ୍ରମ ଦିବସ ସୃଷ୍ଟି କରାଯାଉଛି। ପ୍ରମାଣପତ୍ରକୁ ଦେଖିଲେ ଜିଲାରେ ସବୁ କିଛି ଠିକ୍ ଠାକ ଚାଲୁଥିବା ଜଣାପଡିଛି। ପ୍ରଶାସନ ମଧ୍ୟ ଏଯାବତ୍ ଜିଲାରେ ମେଶିନ କାର୍ଯ୍ୟ କରୁଥିବା କଥାକୁ ସ୍ୱୀକାର ନ କରି ସବୁ କିଛି ଠିକ୍‌ଠାକ ଚାଲୁଥିବା ଡିଣ୍ଡିମ ପିଟୁଛି। ଅନ୍ୟପକ୍ଷେ ଏହି ଯନ୍ତ୍ରଗୁଡିକୁ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଅଧିକାଂଶ ସ୍ଥାନରେ ଲଗାଇ ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଖୋର୍ଦ୍ଧାର ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର କୁହନ୍ତି, ପ୍ରାୟତଃ ସବୁ ସ୍ଥାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ମେଶିନ କରୁଛି। ଏହା ସମସ୍ତଙ୍କ ଦେହସୁହା ହୋଇଯିବାରୁ ଅଭିଯୋଗ ହେଉନାହିଁ। ଖଜୁରି ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ନୀତିରେ ଏଠି ସମସ୍ତେ ଜାଣି ଅଜଣା। ପୁଣି ଅଧିକାଂଶ ରାଜନୈତିକ ବ୍ୟକ୍ତି ନିଜ ନିଜ ସମର୍ଥକଙ୍କ ନାମରେ ଜବକାର୍ଡ କରାଇ ନିଜ ଖର୍ଚ୍ଚ ସହ ଜବ୍‌କାର୍ଡଧାରୀଙ୍କ ଘରେ ବସି ଟଙ୍କା ରୋଜଗାର କରିବାରେ ବ୍ୟସ୍ତ। ଏଣୁ ଏ ନେଇ ଅଭିଯୋଗ କଲେ କିଛି ସୁଫଳ ମିଳୁନି। ଖୋର୍ଦ୍ଧାର ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଯୋଜନାର ଲକ୍ଷ୍ୟ କାଗଜକଲମରେ ପୂରଣ ହେଉଛି। ଜିଲାରୁ ଦାଦନ ଶ୍ରମିକଙ୍କ ସମସ୍ୟା ପୂର୍ବ ପରି ଲାଗି ରହିଛି। କେବଳ ଯାହା ପଞ୍ଚାୟତସ୍ତରୀୟ ନେତା, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ମାଲାମାଲ ହେଉଛନ୍ତି। ନିଯୁକ୍ତି ନାଁରେ ଲୋକଙ୍କୁ କର୍ମକୁଣ୍ଠ କରାଯାଉଛି। ଚିଲିକା ଅଞ୍ଚଳର ପ୍ରମୋଦ ପ୍ରଧାନ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ୍‌କାର୍ଡ ମିଳିବାରେ ରାଜନୀତି ଚାଲିଛି। ଏଥିରେ ସାମିଲ ହେଲେ ପରିବାର ପ୍ରତିପୋଷଣ ହୋଇପାରିବ ନାହିଁ, ବରଂ କର୍ମକୁଣ୍ଠ ହୋଇଯିବ। ଅନ୍ୟପକ୍ଷେ କାମ ନ କରି ୧୦ ପ୍ରତିଶତ ଟଙ୍କା ମିଳୁଛି,ଯେଉଁଥିରେ ପରିବାର ଚଳିବା ସମ୍ଭବ ନୁହେଁ। ଠିକ କରି ରୋଜଗାର କରିବା ଅପେକ୍ଷା ପରିବାର ଭରଣପୋଷଣ ଉଦ୍ଦେଶ୍ୟରେ ପେଟ ଚାଖଣ୍ଡକ ପାଇଁ ଭିଟାମାଟି ଛାଡିବାକୁ ପଡୁଛି। ସେ ବର୍ଷେ ହେଲା ବାହାରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି।



ଡ. ବାବାଜୀ ଚରଣ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଉଛି।

## ଡ. ବାବାଜୀ ଚରଣ ପଟ୍ଟନାୟକଙ୍କୁ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ

**କଟକ ଅଫିସ, ୨୪।୩**

ପ୍ରଖ୍ୟାତ ସାରସ୍ୱତ ସାଧକ ବାଗ୍ମୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ରବିବାର ସନ୍ଧ୍ୟାରେ କଟକ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଅଧ୍ୟାପନା ଓ ସାରସ୍ୱତ ସୃଷ୍ଟି ସହିତ ନୂତନ ଲେଖକ ସୃଷ୍ଟି କରିବାରେ ଡ. ମହାନ୍ତି ଥିଲେ ଅଗ୍ରଗଣ୍ୟ। ଏଥିରେ ସ୍ମୃତି ସଂସଦର ସଭାପତି ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରି କହିଥିଲେ, ଫକୀର ମୋହନଙ୍କ ସାହିତ୍ୟକୁ ଉପଯୁକ୍ତ ମୂଲ୍ୟାୟନ କରିବାରେ ଡ. ମହାନ୍ତିଙ୍କ ଅବଦାନ ଅତୁଳନୀୟ। ମୁଖ୍ୟବକ୍ତା ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ କହିଥିଲେ, ପ୍ରଫୁଲ୍ଲ ବାବୁଙ୍କ ସୃଷ୍ଟି ସକଳରୁ ତାଙ୍କର ମୌଳିକ ଚିନ୍ତନ ଓ ସୂକ୍ଷ୍ମ ଦୃଷ୍ଟିକୋଣ ପରିଲକ୍ଷିତ ହୁଏ। ସମ୍ମାନିତ ଅତିଥି ଖବରଦାତା ଅରୁଣ କୁମାର ପଣ୍ଡା କହିଥିଲେ, କବି, ସୁଲେଖକ ଓ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ଡ. ମହାନ୍ତି ସୁଖ୍ୟାତି ଅର୍ଜନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ କହିଥିଲେ, ଓଡ଼ିଆ ସମାଲୋଚନା ସାହିତ୍ୟକୁ ମାର୍ମିକ ରୂପ ଦେବାରେ ଡ. ମହାନ୍ତିଙ୍କ ଭୂମିକା ଉଲ୍ଲେଖନୀୟ। ଏହି ଅବସରରେ ଡ. ବାବାଜୀ ଚରଣ ମହାନ୍ତିଙ୍କୁ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, କ୍ଷୀରାବ୍ଧି ତନୟା ମହାନ୍ତି ବିବରଣୀ ପାଠ ଓ ଡ. କବିତା ମିଶ୍ର ମାନପତ୍ର ପାଠ କରିଥିଲେ। ଇଂ. କ୍ଷୀରୋଦ ଚନ୍ଦ୍ର ମହାପାତ୍ର, ଯତିକାନ୍ତ ମହାନ୍ତି, ଆଲୋକ ମହାନ୍ତି, ଡ. ଭାଗବତ ଶୁକ୍ଳ, ଇଂ. ରମାକାନ୍ତ ପ୍ରଧାନ, ବଂଶୀଧର ରାଉତ, ସୁରେଶ ଚନ୍ଦ୍ର ଦାସ, ବନଶ୍ରୀ ମହାପାତ୍ର ପ୍ରମୁଖ ଡ. ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭୁ ପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶତ୍ରୁଜିତା ମହାନ୍ତି ଧନ୍ୟବାଦ ଦେଇଥିଲେ।





ଦୋଳମଣ୍ଡପରେ ସୁସଜ୍ଜିତ ହୋଇ ରହିଥିବା ଦୋଳ ବିମାନ।

## ଦୋଳ ମେଳଣରେ ଯୋଗଦେଲେ ୧୧ ବିମାନ

**ବାଲିଅନ୍ତା,୨୪।୩(ଡି.ଏନ୍.ଏ.)**

ବାଲିଅନ୍ତାର ଆରାଧ୍ୟ ଦେବତା ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କ ପ୍ରସିଦ୍ଧ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତି ୧୨ଟାରୁ ମେଳନର ରୋଶଣି ଶୋଭାଯାତ୍ରା ମହାତ୍ମା ସେତୁ ନିକଟରୁ ଆରମ୍ଭ ହୋଇଥିଲା। ଏଥିରେ ୧୧ଟି ଦୋଳ ବିମାନ ଯୋଗ ଦେଇଥିଲେ। ମେଳର ଥାନପତି ମଞ୍ଚେଶ୍ୱର ଗ୍ରାମର ପ୍ରଭୁ ମଞ୍ଚନାଥ ଦେବଙ୍କ ଦୋଳ ମେଳଣ ପ୍ରଥମେ ରୋଶଣି ଶୋଭାଯାତ୍ରାରେ ବାହାରି ଥିଲା। ତାଙ୍କ ପଛକୁ ରସୁଲଗଡ଼ର ଗୋପୀନାଥ, ଜୟପୁରର ନୀଳକଣ୍ଠେଶ୍ୱର, ନହରକଣ୍ଟାର ଗୋପୀନାଥ, ହରିଦାସପୁରର ସପ୍ତେଶ୍ୱର, ହଂସପାଳ ଗ୍ରାମର ରାଧା ମାଧବ, ନୂଆ ଗାଁର ଗୋପୀନାଥ ଓ ରାଧାମାଧବ ଏବଂ ଭୁବନେଶ୍ୱରର ନୃସିଂହନାଥ ଶୋଭାଯାତ୍ରା ବାହାରି ହାଟସ୍ଥିତ ମେଳନ ପଡ଼ିଆକୁ ଆସିଥିଲେ। ସନ୍ଧ୍ୟାରେ ବିଭିନ୍ନ ଗ୍ରାମର ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଏହାସହ ବିଭିନ୍ନ ଗ୍ରାମର ଯାଦବ ଭାଇମାନଙ୍କ ପକ୍ଷରୁ ପାରମ୍ପରିକ ଲଉଡି ଖେଳ ଆୟୋଜିତ ହୋଇଥିଲା। ଏହି ଅବସରରେ ବାଲିଅନ୍ତା ବଜାର ଛକ ଲକ୍ଷ୍ମୀ ମଣ୍ଡପରେ ଭଜନ ସମାରୋହ ଓ ରାତିରେ ଆତସବାଜି ପ୍ରଦର୍ଶନ ହୋଇଥିଲା।

## ମେମ୍ବର ସେକ୍ରେଟାରୀଙ୍କ ନନ୍ଦନକାନନ ପରିଦର୍ଶନ

**ବାରଙ୍ଗ,୨୪।୩(ଡି.ଏନ୍.ଏ.)**

କେନ୍ଦ୍ରୀୟ ଚିଡିଆଖାନା ପ୍ରାଧୀକରଣର ମେମ୍ବର ସେକ୍ରେଟାରୀ ଓ ବାଘ ସଂରକ୍ଷଣ ପ୍ରାଧୀକରଣ ଅନୁପ କୁମାର ନାୟକ (ଆଇଏଫ୍‌ଏସ୍) ଶନିବାର ନନ୍ଦନାକାନନ ପରିଦର୍ଶନ କରି ଫେରିଛନ୍ତି। ଏହି ସମୟରେ ସେ ନନ୍ଦନକାନନର ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର, ଫିଡିଂ ସେଣ୍ଟର, କ୍ୱାରେଣ୍ଟାଇନ, ଉଦ୍ଧାର ହୋଇଆସୁଥିବା ଜୀବଜନ୍ତୁଙ୍କ ରହିବା ଘର ଆଦି ଦେଖିଥିଲେ। ସେକ୍ରେଟାରୀ ନାୟକ ଅପରାହ୍ନ ୩ଟାରେ ନନ୍ଦନକାନନରେ ପହଞ୍ଚିଥିଲେ। ନନ୍ଦନକାନନକୁ ସେ ପୂର୍ବାହ୍ନ୧୧ଟାରେ ଆସିବାକୁ ଥିବାରୁ ନନ୍ଦନକାନନ କର୍ତ୍ତୃପକ୍ଷ ସଜାଗ ହୋଇରହିଥିଲେ। କେନ୍ଦ୍ରୀୟ ଚିଡିଆଖାନାର ନିୟମକୁ କିଭଳି ପାଳନ କରାଯାଉଛି ଏହାକୁ ତନ୍ନତନ୍ନ କରି ଅନୁଧ୍ୟାନ କରିଥିଲେ। ଏହାପରେ ସେ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ,ଏସିଏଫ ଅମୂଲ୍ୟ କୁମାର ପରିଡା, ଏସିଏଫ ଅଞ୍ଜନ କୁମାର ମହାନ୍ତି, ପ୍ରଶାନ୍ତ କୁମାର ପଣ୍ଡା, ଅଶୋକ କୁମାର ଦାସ, ମିଳନ ପଣ୍ଡାଙ୍କ ସମେତ ସମସ୍ତ ରେଞ୍ଜରମାନେ ଉପସ୍ଥିତିରେ ବିଭିନ୍ନ ଆଲୋଚନା କରିଥିଲେ। ଏ ସମ୍ପର୍କରେ ସେକେଟ୍ରାରୀ ନାୟକ କୁହନ୍ତି,ଏହା ଏକ ସୌଜନ୍ୟମୂଳକ ପରିଦର୍ଶନ। ଦେଶରେ ଥିବା୧୦ଟି ବଡ ଚିଡିଆଖାନା ମଧ୍ୟରେ ନନ୍ଦନକାନନ ରହିଛି। ଏଣୁ କେନ୍ଦ୍ରୀୟ ଚିଡିଆଖନାର ନିୟମ ଅନୁଯାୟୀ ହୋଇଥିବା କାର୍ଯ୍ୟ ବିଷୟରେ ବୁଝିଥିଲି। ନନ୍ଦନକାନନର ମାଷ୍ଟରପ୍ଲାନର ସଂଗ୍ରହ ଯୋଜନାରେ ଆନାକୁଣ୍ଡା ଆଣିବା ବିଷୟ ଉଲ୍ଲେଖ ନାହିଁ। ତେଣୁ ସଂଗ୍ରହଯୋଜନାକୁ ସଂଶୋଧନ କରି ପଠାଇବାକୁ କୁହାଯାଇଛି। ମହୀଶୂରରୁ ଜିରାଫ ଆସିବା ପାଇଁ କେନ୍ଦ୍ରୀୟ ଚିଡିଆଖନା ସ୍ୱୀକୃତି ଦେଇସାରିଛି। ଆଉ ଯଦି କୌଣସି ଅସୁବିଧା ଅଛି ସେ ବିଷୟରେ ମୁଁ ଆଲେଚାନା କରିବି ବୋଲି କହିଥିଲେ। ସନ୍ଧ୍ୟାରେ ସେକ୍ରେଟାରୀ ନାୟକ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଡିଭାଇନ୍ ଟ୍ୟାଲେଣ୍ଟ ହଣ୍ଟ-୨୦୧୯

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ଡିଭାଇନ୍ ଡ୍ୟାନ୍ସ ଓ ମ୍ୟୁଜିକ୍ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ 'ଡିଭାଇନ୍ ଟ୍ୟାଲେଣ୍ଟ ହଣ୍ଟ-୨୦୧୯' ରବିବାର ସ୍ଥାନୀୟ ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିତ୍ରାଙ୍କନ, ରାଇମ୍‌ସ, ସାଧାରଣ ଜ୍ଞାନ, ପ୍ରବନ୍ଧ ରଚନା, ଲଘୁ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଆଧୁନିକ ନୃତ୍ୟ, ଫ୍ୟାଶନ ଶୋ' ଭଳି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଜଣାଶୁଣା ନୃତ୍ୟଶିଳ୍ପୀ ପୁଷ୍ପିତା ମିଶ୍ର ଓ ଲେସ୍‌ଲି ବିଚାରକ ଭାବେ ଯୋଗଦେଇଥିବା ବେଳେ ଆଧୁନିକ ନୃତ୍ୟ ବିଭାଗରେ ବିଚାରକ ଭାବେ କୋରିଓଗ୍ରାଫର କବୀର, ମଦନ, ଆର୍ଯ୍ୟନ, ରାଜେଶ, ଶାଳିନୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଫ୍ୟାଶନ ଶୋ'ରେ ମିସେସ୍ ଇଣ୍ଡିଆ ଗ୍ଲୋବାଲ ପୁପୁଲ ଭୂୟାଁ ଓ ଲିପ୍‌ସା ପଣ୍ଡା ବିଚାରକ ଥିଲେ। ଆସନ୍ତା ଏପ୍ରିଲ ୪ରେ ପ୍ରତିଯୋଗିତାର ଫଳାଫଳ ଘୋଷଣା ହେବ ଏବଂ କୃତୀ ପ୍ରତିଯୋଗୀଙ୍କୁ ୬ ତାରିଖ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜନ ହେବାକୁ ଥିବା ଅନୁଷ୍ଠାନର ୧୯ଶ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରିକା ଦାଶ ଓ ଡିଭାଇନ୍ ଟ୍ରଷ୍ଟ ଫର୍ ଭିଜନ୍ ଆଣ୍ଡ୍ ଭାଲ୍ୟୁଜ୍‌ର ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ପ୍ରଦୋଷ କୁମାର ଦାଶ, ମନୋଜ ମହାପାତ୍ର, ମୁନା ପଟ୍ଟନାୟକ, ତପନ କୁମାର ସାହୁ, ଭାରତୀ ମହାପାତ୍ର, ଲିର୍ଲିପ୍ତା ମହାପାତ୍ର, ଉପାଲି ଅପରାଜିତା ପ୍ରମୁଖ ସହଯୋଗ କରିଥିବା ବେଳେ ଆରାଧନା ମଞ୍ଚ ପରିଚାଳନା କରିଥିଲେ।

## କାର୍ଯ୍ୟରେ ଯୋଗଦେଲେ ୨୦ କର୍ମଚାରୀ

**ବାରଙ୍ଗ,୨୪।୩(ଡି.ଏନ.ଏ.)**

ଆନ୍ଧାରୁଆଠାରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ୨୦ଜଣ କର୍ମଚାରୀ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିଥିବାବେଳେ ଶନିବାର ଧାରଣା ପ୍ରତ୍ୟାହୃତ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ଗତ ୬ଦିନ ଧରି କର୍ମଚାରୀମାନେ ପ୍ରତିଷ୍ଠାନ ଆଗରେ ଧାରଣାରେ ବସିଥିଲେ। ଦୁଇଜଣ କର୍ମଚାରୀଙ୍କୁ ପ୍ରତିଷ୍ଠାନର ନିର୍ଦ୍ଦେଶକ ଲାବରେଟୋରିରେ ହୋଇଥିବା ଭଙ୍ଗାରୁଜା ଘଟଣାରେ ସନ୍ଦେହକରି ୧୬ତାରିଖ ଦିନ ଗେଟ ଭିତରକୁ ନ ପୂରାଇଦେବା ପ୍ରତିବାଦରେ କର୍ମଚାରୀମାନେ ଧାରଣାରେ ବସିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଅକ୍ଷୟ କୁମାର ମିଶ୍ର ଶନିବାର ଧାରଣାରେ ବସିଥିବା କର୍ମଚାରୀମାନଙ୍କ ପାଖକୁ ଆସି ଦାବିପୂରଣ ଦିଗରେ ସହଯୋଗ କରିବାର ପ୍ରତିଶ୍ରୁତି ଦେବା ସହ ୩୦ଦଫା ସମ୍ବଳିତ ଲିଖିତ ଦାବିପତ୍ରକୁ ବିଜ୍ଞାନ ଓ କାରିଗର ବିଭାଗର ଶାସନ ସଚିବଙ୍କ ପାଖକୁ ପଠାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହାପରେ କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇଥିଲେ ବୋଲି ଧାରଣାରେ ବସିଥିବା ସୁଧାକର ସାହୁ, ଦିଲୀପ କୁମାର ମିଶ୍ର, ସସ୍ମିତା ପଣ୍ଡା ପ୍ରମୁଖ କହିଛନ୍ତି।

## ଏକାମ୍ର ହାଟରେ ବିଶ୍ୱ କବିତା ଦିବସ

**ଭୁବନେଶ୍ୱର, ୨୪।୩(ବ୍ୟୁରୋ)**

ଏକାମ୍ର ହାଟ ପରିସରରେ ଗୁରୁବାର ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। କବି କମଳ କୁମାର ମହାନ୍ତି ଓ ବିଭୂତି ପାଣିଗ୍ରାହୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମାରୋହରେ ଯୁବ କବି ଗିରିଜା ପ୍ରସାଦ ମିଶ୍ର ଓ ବ୍ୟଙ୍ଗକବି ଶ୍ରୀ ଶ୍ରୀ ହୁଗୁଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ କ୍ଷୀରୋଦ ପରିଡ଼ା, ଅକ୍ଷୟ ବେହେରା, ଶତ୍ରୁଜିତ୍, କମଳ ମହାନ୍ତି, ବିଭୂତି ପାଣିଗ୍ରାହୀ, ମିନତି ମିଶ୍ର, ମାନିନୀ ମିଶ୍ର, ଚମକ ଚାନ୍ଦିନୀ ଦାଶ, ଯୋଗେନ୍ଦ୍ର ନାୟକ, ଶ୍ରୀ ଶ୍ରୀ ହୁଗୁଳା, ନିରୁପମା କର ପ୍ରମୁଖଙ୍କ ସମେତ ବହୁ କବି ଅଂଶ ଗ୍ରହଣ କରିଥିଲେ।

## 'ନିଷାର୍ଦ୍ଧ ଶାଳଭଞ୍ଜିକା' ଲୋକାର୍ପିତ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ସମ୍ରାଟ ଖାରବେଳଙ୍କ ସମ୍ପର୍କିତ ଅନେକ ଅକୁହା ଓ ରୋଚକ କଥାକୁ ନେଇ ଇନ୍ଦ୍ରମଣି ଜେନାଙ୍କ ଗବେଷଣାମୂଳକ ଉପନ୍ୟାସ 'ନିଷାର୍ଦ୍ଧ ଶାଳଭଞ୍ଜିକା' ଲୋକାର୍ପିତ ହୋଇଯାଇଛି। ରବିବାର ଗୀତଗୋବିନ୍ଦ ସଦନଠାରେ ଲୋକାର୍ପିତ ଏହି ପୁସ୍ତକ ଉଭୟ ଲୋକକଥା ଓ ଐତିହାସିକ ପୃଷ୍ଠଭୂମିର ତଥ୍ୟଭିତ୍ତିରେ ରଚନା ହୋଇଛି। ୨ ହଜାର ବର୍ଷ ତଳର ସମୃଦ୍ଧ କଳିଙ୍ଗର ଇତିହାସ ଏବଂ ପାଷାଣ ଗୁମ୍ଫାର ଜୀବନ୍ତ କାରୁକାର୍ଯ୍ୟର ଝଲକ ଏଥିରେ ରହିଛି। ଏହାସହ ଖାରବେଳଙ୍କ ଭଳି ସ୍ୱାଭିମାନୀ ପୁରୁଷଙ୍କ ଜୀବନଧାରା ବିଷୟରେ ପୁସ୍ତକରେ ବର୍ଣ୍ଣନା କରାଯାଇଛି। ସେହିଭଳି ଦୁଇ ଯମଜ ପାହାଡ଼ରେ ଅନେକ ଗୁପ୍ତଧନ ଲୁଚିରହିବାଠାରୁ ଆରମ୍ଭ କରି ପାହାଡ଼ ଉପରେ ସାପ ଉଡ଼ିବା ଓ ନିଶାର୍ଦ୍ଧରେ ବିମାନ ଆସି ପହଞ୍ଚିବା ଭଳି ଅନେକ ରୋଚକ କଥା ସମ୍ପର୍କରେ ପୁସ୍ତକରେ ଉଲ୍ଲେଖ ରହିଥିବା ଲେଖକ ସୂଚନା ଦେଇଛନ୍ତି।

ଅଭିନେତା ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକର ଲୋକାର୍ପଣ କରିବା ସହ ଖାରବେଳଙ୍କ ସମ୍ପର୍କିତ ଅନେକ ଅଜଣା କଥାକୁ ଏହି ପୁସ୍ତକ ପରିପ୍ରକାଶ କରିଥିବା କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଖାରବେଳ ଓଡ଼ିଆ ଜାତିର ସ୍ୱାଭିମାନକୁ ପୁନଃ ପ୍ରତିଷ୍ଠା କରିଥିଲେ। ଯଦି ଏ କ୍ଷେତ୍ରରେ ରାଜ୍ୟର କୌଣସି ଐତିହାସିକ ନେତୃତ୍ୱ ନିଅନ୍ତି, ତା'ହେଲେ ଖୁବ୍‌ଶୀଘ୍ର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅଭିନ୍ନ ସାହୁ, କଥାକାର ଗୌରହରି ଦାସ, ପ୍ରଫେସର ପ୍ରସନ୍ନ କୁମାର ମିଶ୍ର ଓ ପୁସ୍ତକର ଲେଖକ ଇନ୍ଦ୍ରମଣି ଜେନା ଉପସ୍ଥିତ ଥିଲେ।

## ଧଉଳି ଗ୍ରାମ୍ୟ ଜଙ୍ଗଲ ବାଣ୍ଟି ନେଲେ

**ପୁରୁଣା ଭୁବନେଶ୍ୱର,୨୪।୩(ଡି.ଏନ.ଏ.)**



ଗ୍ରାମ୍ୟ ଜଙ୍ଗଲ ଜମିରେ ନିର୍ମାଣ କରାଯାଉଥିବା ରାସ୍ତା।

**ପ୍ରଶାସନ ନୀରବ**

ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଥିବା ବିସ୍ତୀର୍ଣ୍ଣ ଗ୍ରାମ୍ୟ ଜଙ୍ଗଲ ସମ୍ପ୍ରତି ନିଶ୍ଚିହ୍ନ ହେବାକୁ ବସିଲାଣି। ଗୋପୀନାଥପୁର ମୌଜାରେ ଥିବା ପ୍ରାୟ ୩ ଏକର ଗ୍ରାମ୍ୟ ଜଙ୍ଗଲର ହିସାବ ଏବେ ମିଳୁନାହିଁ। ପାଦ ଦେଶରେ ବିଲଡରମାନେ ନିଜ ଜାଗାକୁ ରାସ୍ତା କରିବା ନେଇ ଧଉଳି-୩୧୬ ନଂ. ଜାତୀୟ ରାଜପଥ ରାସ୍ତାରୁ ବାଟ କରାଯାଉଛି। ଧୀରେ ଧୀରେ ଏହି ଗ୍ରାମ୍ୟ ଜଙ୍ଗଲକୁ ମୋରମ, ମାଟିରେ ପୋତି ନିଜ ଜାଗାକୁ ପ୍ଲଟିଂ କରୁଥିବା ଜମି ମାଫିଆମାନଙ୍କୁ କୌଣସି ରୋକ ଲଗାଯାଉନାହିଁ। କୌଶଳକ୍ରମେ ଜମି ମାଫିଆମାନେ ନିଜ ଜାଗାରେ ଗ୍ରାମ୍ୟ ଜଙ୍ଗଲକୁ ମିଶାଇବା ସହ ବିକ୍ରିବଟା କରୁଥିବା ଦେଖାଦେଇଛି। ୨୦୧୨-୧୩ରେ ଗ୍ରାମ୍ୟ ଜଙ୍ଗଲ ଉପରେ ବିଲ୍‌ଡରଙ୍କ ରାସ୍ତା ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳର ସଭାନେତ୍ରୀ ରଶ୍ମିପ୍ରଭା ସାମନ୍ତରାୟ ଗ୍ରାମବାସୀ ଓ ପ୍ରଶାସନକୁ ଅବଗତ କରାଇବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହା ପରେ ବିକ୍ରି ବଟା ବନ୍ଦ ହୋଇଯାଇଥିଲା। ପୁଣି ଜବରଦଖଲକାରୀମାନେ ସକ୍ରିୟ ହେବା ସହ ପ୍ରଶାସନିକ ଅଧିକାରୀଙ୍କୁ ସଲାସୁତରା କରି ଜମି ହାତଉଛନ୍ତି। ଏହି ଗ୍ରାମ୍ୟ ଜଙ୍ଗଲଟି ବନ ବିଭାଗ ଅଧୀନରେ ଥିବାବେଳେ ଏହା ଭୁବନେଶ୍ୱର ତହସିଲ ଅଧୀନରେ କାର୍ଯ୍ୟ କରୁଛି। ତୁରନ୍ତ ଗ୍ରାମ୍ୟ ଜଙ୍ଗଲର ପରିସୀମା ମାପ ଚୁପ୍ କରିବା ସହ ବେଆଇନ ରାସ୍ତାକୁ ହଟେଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ସିଟି ଡିଏଫଓ ଅଶୋକ ମିଶ୍ରଙ୍କୁ ପଚାରିବାରୁ ଗ୍ରାମ୍ୟ ଜଙ୍ଗଲଟି ରାଜସ୍ୱ ବିଭାଗ ଅଧୀନରେ ରହିଛି। ପ୍ରଥମେ ବିଭାଗ ପ୍ରକୃତ ଗ୍ରାମ୍ୟ ଜଙ୍ଗଲର ପରିସୀମା ନିର୍ଦ୍ଧାରଣ କରି ଚିହ୍ନଟ କରି ବନ ବିଭାଗକୁ ହସ୍ତାନ୍ତର କଲେ ଆମେ ସେଠାରେ ପ୍ଲାଣ୍ଟେସନ୍ କରିପାରିବୁ। ଯଦ୍ୱାରା ମୃତ୍ତିକା ସଂରକ୍ଷଣ ସହ ପରିବେଶ ସୁନ୍ଦର ରହିବ, ପର୍ଯ୍ୟଟକମାନେ ଏଠାରେ ଆନନ୍ଦ ଉଠାଇ ପାରିବେ।



# ନିମ୍ନତାପ ଚିକିତ୍ସା



ଡା. ନିତ୍ୟାନନ୍ଦ ସ୍ୱାଇଁ



ପ୍ରତ୍ୟେକ ବର୍ଷ ଶୀତଋତୁରେ ବରଫ ପଡ଼ିଲେ ଆମେରିକାରେ ଦେଖିବାକୁ ମିଳୁଥିବା ଏକ ଜାତିର ବେଙ୍ଗ ପତର ଗଦେଇ ତା' ତଳେ ବସା ତିଆରି କରେ। ସେତେବେଳେ ତା' ଶରୀରର ତାପମାତ୍ରା ଏତେ କମିଯାଏ ଯେ ଶରୀରର ତିନିଭାଗରୁ ଏକଭାଗ ପାଲଟିଯାଏ ବରଫ। ଆଖି ଦୁଇଟି ବି ଦେଖାଯାଏ ବରଫ ଭଳି ଧଳା। ଗୋଡ଼ଗୁଡ଼ିକ ପପରା ହୋଇପଡ଼େ। ବାସ୍, ଏମିତି ଅବସ୍ଥାରେ ରହି ସେ କଟେଇଦିଏ ଶୀତଋତୁଟା। ଶୀତ ପରେ ଆସି ପହଞ୍ଚିଯାଏ ବସନ୍ତ। ବସନ୍ତ ଆସିଗଲେ ବରଫ ପାଲଟି ଯାଇଥିବା ତା' ଶରୀରର ଅଂଶମାନ ତରଳିବାକୁ ଆରମ୍ଭ କରେ। ଫଳରେ ପୁନର୍ବାର ସେ ସକ୍ରିୟ ହୋଇଉଠେ। ତାକୁ ଲକ୍ଷ୍ୟକରି ବୈଜ୍ଞାନିକମାନେ କହୁଛନ୍ତି ଯେ, ଦିନ ଆସିବ ଯେତେବେଳେ ମଣିଷ ଦେହର ତାପମାତ୍ରାକୁ ସେମାନେ ଯଥେଷ୍ଟ କମେଇ ଦେଇପାରିବେ। ଜିଅନ୍ତା ମଣିଷକୁ ରଖିଦେବେ ହିମୀକୃତ କରି।

ଉତ୍ତର ଆମେରିକାର ସେହି ବେଙ୍ଗଠାରେ ପରିଲକ୍ଷିତ ହେଉଥିବା ପ୍ରକ୍ରିୟାର ଅନୁରୂପ ପରିଲକ୍ଷିତ ହୋଇଥାଏ ଗାର୍ଟର ସ୍ନେକ ନାମକ ସାପ ଏବଂ ଏକ ଜାତିର କଇଁଛଠାରେ। ଅତି ହିମ ପରିବେଶରେ ଏମାନେ ନିଜ ନିଜ ଶରୀରର ଜୀବକୋଷ ଭିତରେ ରହିଥିବା ରାସାୟନିକ ଉପାଦାନଗୁଡ଼ିକର ସନ୍ତୁଳନକୁ ପରିବର୍ତ୍ତିତ କରିଦିଅନ୍ତି। ଉଦାହରଣ ସ୍ୱରୂପ, ବେଙ୍ଗ ତା ଶରୀରରେ ଖୁବ୍ ବଢ଼େଇଦିଏ ଗ୍ଲିସେରଲର ମାତ୍ରା। ଗ୍ଲିସେରଲର ରହିଛି ଏପରି ଗୁଣ, ଯାହା ଜଳକୁ ବରଫ କରେଇଦେବାରେ ବାଧା ଦିଏ। ତେଣୁ ବରଫ ପାଲଟିଗଲେ ଜୀବକୋଷଗୁଡ଼ିକର ଯେଉଁ ପ୍ରକାର କ୍ଷତି ହୋଇଥାନ୍ତା ତାହା ଆଉ ହୋଇପାରେ ନାହିଁ କି ଜୀବକୋଷମାନ ଅକାମୀ ହୋଇ ପଡ଼ନ୍ତିନି। ଆମ ଶିରା ଭିତରେ ସେତିକି ପରିମାଣର ଗ୍ଲିସେରଲ୍ କମିଗଲେ ଆମର ମୃତ୍ୟୁ ହୋଇଯିବା ନିଶ୍ଚିତ।

ସେହିପରି ମେରୁ ଅଞ୍ଚଳ ତ ସମ୍ପୂର୍ଣ୍ଣ ଢାଙ୍କି ହୋଇ ରହିଥାଏ ବରଫରେ। ପୁଣି ଢାଙ୍କି ହୋଇ ରହିଥାଏ ବର୍ଷସାରା। ମାତ୍ର ସେଠାରେ ବି ତ ପୋକଜୋକ ଅଛନ୍ତି, ଅଛନ୍ତି ମାଛ ଓ ଉଭୟଚର ପ୍ରାଣୀ। ହେଲେ ଏଭଳି ହିମଶୈତ୍ୟ ପରିବେଶରେ ସେଗୁଡ଼ିକ ପୁଣି ନିଜକୁ ସୁରକ୍ଷିତ ରଖିପାରିଥାନ୍ତି କିପରି? ସେମାନେ ନିଜ ଶରୀରରେ ତିଆରି କରିଥାନ୍ତି ପ୍ରତିହିମ ଉପାଦାନ ବା ପ୍ରତିହିମ ପ୍ରୋଟିନ୍। ଏହାକୁ ବିଜ୍ଞାନର ଭାଷାରେ 'ଆଣ୍ଟିଫ୍ରିଜ ପ୍ରୋଟିନ୍' ବୋଲି କୁହାଯାଏ। ଏହି ପ୍ରୋଟିନ୍‌ର ଉପସ୍ଥିତି ଯୋଗୁ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଗଲେ ମଧ୍ୟ ସେମାନଙ୍କ ଜୀବକୋଷ ଅଭ୍ୟନ୍ତରସ୍ଥ ଉପାଦାନଗୁଡ଼ିକର କାର୍ଯ୍ୟ ବିଶେଷ ବାଧାପ୍ରାପ୍ତ ହୋଇ ନ ଥାଏ। କେତେକ ଜାତିର ପୋକଜୋକ ପଲିତଲ ନାମକ ଶର୍କରାଜାତୀୟ ଉପାଦାନକୁ ନିମ୍ନତାପ ସୁରକ୍ଷାକାରୀ ବା କ୍ରାୟୋପ୍ରୋଟେକ୍ଟାଣ୍ଟ (ତୀବ୍ର ଶୀତଳତାକୁ କୁହାଯାଏ 'କ୍ରାୟୋ') ଭାବରେ ବ୍ୟବହାର କରିଥାଆନ୍ତି। ମେରୁ ଅଞ୍ଚଳରେ ରହୁଥିବା ସାଲାମାଣ୍ଡର ନାମକ ଉଭୟଚର ପ୍ରାଣୀ ଏହି ଉଦ୍ଦେଶ୍ୟରେ। ତେବେ ନିମ୍ନତାପମାତ୍ରାକୁ ଏବେ ବିନିଯୋଗ କରାଗଲାଣି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ। କୌଣସି ସ୍ଥାନରେ ଆଘାତ ବାଜିଲେ କି ଗଣ୍ଠିରେ ମାଡ଼ ବାଜି ସ୍ପ୍ରେନ୍ ବା ଜଖମ ହେଲେ ଆକ୍ରାନ୍ତ ସ୍ଥଳରେ ବରଫ ଦେବା ପାଇଁ ଡାକ୍ତରମାନେ କହିଥାନ୍ତି। ଏହାକୁ କୁହାଯାଏ ଆଇସ୍‌ପ୍ୟାକ୍ ଥେରାପି। ଆଇସ୍‌ପ୍ୟାକ୍ ଥେରାପି ମଧ୍ୟ ଏକ ଧରଣର ନିମ୍ନତାପ ଚିକିତ୍ସା ପଦ୍ଧତି ବା କ୍ରାୟୋଥେରାପି। ବରଫ ଲଦିଲେ ଆକ୍ରାନ୍ତ ସ୍ଥଳରୁ ତାପ ଅପସାରିତ ହୋଇଯାଏ। ସଙ୍କୁଚିତ ହୋଇପଡ଼େ ରକ୍ତନଳୀ। ତନ୍ତୁକୋଷିକାଗୁଡ଼ିକରେ ହ୍ରାସ ପାଇଯାଏ ଚୟାପଚୟ ତଥା ଏନଜାଇମ୍ କ୍ରିୟାର ହାର। ଏହିସବୁ ପରିବର୍ତ୍ତନ ଅସୁସ୍ଥତା ଉପଶମରେ ବେଶ୍ ସହାୟକ ହୋଇଥାଏ।

"ଏବେ ଡାକ୍ତରମାନେ ରୋଗୀଠାରେ ରୋଗାକ୍ରାନ୍ତ ସ୍ଥାନର ତାପମାତ୍ରାକୁ ଯଥେଷ୍ଟ କମେଇଦେଇ ଜଟିଳ ଅପରେସନ ସବୁ କରିପାରୁଛନ୍ତି ଓ ଅପରେସନ ସରିଗଲାପରେ ତାପମାତ୍ରାକୁ ପୁନର୍ବାର ଉଷ୍ମ ଅବସ୍ଥାକୁ ନେଇଆସୁଛନ୍ତି। ଅପରେସନ କରିପାରୁଛନ୍ତି ହୃତ୍‌ପିଣ୍ଡରେ ଏବଂ ମସ୍ତିଷ୍କରେ ମଧ୍ୟ। ବିଶେଷକରି ମସ୍ତିଷ୍କରେ ଅପରେସନ କଲାବେଳେ କ୍ଷେତ୍ର ବିଶେଷରେ ମସ୍ତିଷ୍କକୁ ରକ୍ତ ସରବରାହରେ ବାଧା ସୃଷ୍ଟି କରିବା ଦରକାର ପଡ଼େ। ଶରୀରରୁ ଅତ୍ୟଧିକ ରକ୍ତକ୍ଷୟ ନିବାରଣ କରିବା ଆବଶ୍ୟକ ହୁଏ।"

ଏବେ ଡାକ୍ତରମାନେ ରୋଗୀଠାରେ ରୋଗାକ୍ରାନ୍ତ ସ୍ଥାନର ତାପମାତ୍ରାକୁ ଯଥେଷ୍ଟ କମେଇଦେଇ ଜଟିଳ ଅପରେଶନ ସବୁ କରିପାରୁଛନ୍ତି ଓ ଅପରେଶନ ସରିଗଲା ପରେ ତାପମାତ୍ରାକୁ ପୁନର୍ବାର ଉଷ୍ମ ଅବସ୍ଥାକୁ ନେଇଆସୁଛନ୍ତି। ଅପରେଶନ କରିପାରୁଛନ୍ତି ହୃତ୍‌ପିଣ୍ଡରେ ଏବଂ ମସ୍ତିଷ୍କରେ ମଧ୍ୟ। ବିଶେଷକରି ମସ୍ତିଷ୍କରେ ଅପରେଶନ କଲାବେଳେ କ୍ଷେତ୍ର ବିଶେଷରେ ମସ୍ତିଷ୍କକୁ ରକ୍ତ ସରବରାହରେ ବାଧା ସୃଷ୍ଟି କରିବା ଦରକାର ପଡ଼େ। ଶରୀରରୁ ଅତ୍ୟଧିକ ରକ୍ତକ୍ଷୟ ନିବାରଣ କରିବା ଆବଶ୍ୟକ ହୁଏ। କିନ୍ତୁ ତାପମାତ୍ରା କମେଇଦେଲେ ଜୀବକୋଷଗୁଡ଼ିକର କ୍ରିୟା ମନ୍ଥର ହୋଇପଡ଼ିବା ସଙ୍ଗେସଙ୍ଗେ ହ୍ରାସ ପାଇଯାଏ ମସ୍ତିଷ୍କର ଅମ୍ଳଜାନ ଆବଶ୍ୟକତା।

ଜୀବକୋଷଗୁଡ଼ିକ ହିମଶୀତଳ ତାପମାତ୍ରାରେ ସଂରକ୍ଷିତ ହୋଇ ପରେ କ୍ରିୟାଶୀଳ ହୋଇପାରୁଥିବାରୁ ବ୍ୟକ୍ତି ମରିଯିବା ପରେ ତା'ର ମୃତଦେହକୁ ଅତି ନିମ୍ନ ତାପମାତ୍ରାରେ ସାଇତି ରଖିବା ନିମନ୍ତେ ପଦକ୍ଷେପ ନିଆଗଲାଣି। ଯେଉଁ ରୋଗରେ ଆକ୍ରାନ୍ତ ହୋଇ ବ୍ୟକ୍ତିଟି ମୃତ୍ୟୁବରଣ କରିଥାଏ, ସେହି ରୋଗର ଚିକିତ୍ସା ପଦ୍ଧତି ଭବିଷ୍ୟତରେ ଉଦ୍ଭାବିତ ହୋଇଗଲେ ମୃତଦେହକୁ ସ୍ୱାଭାବିକ ତାପମାତ୍ରାକୁ ଫେରାଇ ଆଣି ତାକୁ ପୁନରୁଜ୍ଜୀବିତ କରାଯାଇପାରିବ ବୋଲି ବୈଜ୍ଞାନିକମାନଙ୍କର ବିଶ୍ୱାସ। ତେବେ ନିମ୍ନ ତାପମାତ୍ରାରେ ସଂରକ୍ଷଣ କରି ମୃତଦେହର ଜୀବନଦାନ ପ୍ରଚେଷ୍ଟାକୁ ଅନେକ କଠୋର ଭାବରେ ସମାଲୋଚନା କରିଆସୁଛନ୍ତି। ଏହାସତ୍ତ୍ୱେ ପୁନର୍ଜୀବିତ କରାଇପାରିବାର ଲକ୍ଷ୍ୟରେ ଅତି ନିମ୍ନତାପମାତ୍ରାରେ ମୃତଦେହ ସଂରକ୍ଷଣ ନିମନ୍ତେ ପଦକ୍ଷେପ ନିଆଯାଇଛି। କେତୋଟି ମୃତଦେହ ମଧ୍ୟ ସଂରକ୍ଷିତ ହୋଇରହିଛି ଏହି ଉଦ୍ଦେଶ୍ୟରେ। ୧୯୯୨ ମସିହାରେ ଏପରି ଭାବରେ ୬୦ଟି ମୃତଦେହ ସଂରକ୍ଷଣ କରି ରଖାଯାଇଥିଲା। ମାତ୍ର ଏଯାବତ୍ କୌଣସି ଜଣକୁ ମଧ୍ୟ ପୁନର୍ଜୀବନ ଦିଆଯାଇପାରି ନାହିଁ। ହେଲେ ପ୍ରାଣୀମାନଙ୍କ ଉପରେ କରାଯାଇଥିବା ଏଭଳି ପରୀକ୍ଷାର ଫଳାଫଳ ରହିଆସିଛି ବେଶ୍ ଉତ୍ସାହଜନକ।

-ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

❖ କେତେକେ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ପାଳନ କରି ନ ଥାନ୍ତି। ରୋଗରୁ ଆରୋଗ୍ୟ ମିଳିବା ମାତ୍ରେ ଔଷଧ ଖାଇବା ବନ୍ଦ କରିଦେବା, ଡାକ୍ତର ସୂଚିତ କରିଥିବା ପରୀକ୍ଷା ନ କରିବା ନିଜର ବୋକାମି ବ୍ୟତୀତ ଆଉ କିଛି ନୁହେଁ। କାରଣ ରୋଗୀର ଅବସ୍ଥାକୁ ଦେଖି ଜଣେ ଡାକ୍ତର କେତେଦିନ ଔଷଧ ଖାଇବ, ଆରୋଗ୍ୟ ଲାଭ କରିବା ପରେ ମଧ୍ୟ କି କି ପରୀକ୍ଷା କରାଇବାକୁ ପଡ଼ିବ ସେ ସମ୍ପର୍କରେ ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି। ତାହାକୁ ଅନୁସରଣ କରନ୍ତୁ।

❖ ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୋଟିନ ଚେକ୍‌ଅପ ପାଇଁ ସମୟ ବାହାର କରନ୍ତୁ।

❖ କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ବିଳମ୍ବ ନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

❖ ଅନେକେ ଜଣାତରେ ନିଜର ଖାଦ୍ୟପେୟ ପ୍ରତି ଆବଶ୍ୟକ ମୁତାବକ ନଜର ଦେଇ ନ ଥାନ୍ତି। ଖାଦ୍ୟପେୟରେ ଅନିୟମିତତା ଦେଖାଦେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକିଆଣିଥାଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଇବାକୁ ଭୁଲନ୍ତୁ ନାହିଁ।

❖ ନିଜକୁ ସୁସ୍ଥ ରଖିବା ପାଇଁ ଚାହୁଁଛନ୍ତି କି? ତେବେ ପ୍ରଥମେ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।

❖ କୌଣସି ରୋଗ ବିଷୟରେ ଡାକ୍ତର ଆପଣଙ୍କୁ ଯାହା ପଚାରୁଛନ୍ତି, ନିଃସଙ୍କୋଚରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତୁ। ଯଦି କୌଣସି କାରଣକୁ ଆପଣ ପ୍ରକାଶ ନ କରନ୍ତି ତେବେ ତାହା ଆପଣଙ୍କ ପାଇଁ ସମସ୍ୟାକୁ ଡାକିଆଣିଥାଏ।



## କଫ ସମସ୍ୟାରୁ ଉପଶମ ପାଇଁ..

ଅତ୍ୟଧିକ ଥଣ୍ଡା ହେଲେ ଛାତିରେ କଫ ଜମିବା ଆଶଙ୍କା ଅଧିକ ଥାଏ। ଏହା ଦ୍ୱାରା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ। ଏପରି ସମସ୍ୟାରୁ ଉପଶମ ପାଇବାର କେତେକ ଘରୋଇ ଉପାୟ ରହିଛି। ଏଗୁଡିକୁ ଆପଣେଇପାରନ୍ତି...



★ ଅଧା କପ୍ ଉଷୁମ ପାଣିରେ ଏକ ଚାମଚ ହଳଦୀଗୁଣ୍ଡ ଭଲ ଭାବେ ମିଶାଇ ଦିଅନ୍ତୁ। ତା'ପରେ ଏଥିରେ ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଉଷୁମ କରି ପିଅନ୍ତୁ। ନିୟମିତ କିଛିଦିନ ଏହାକୁ ପିଇଲେ କଫ ସମସ୍ୟା ଦୂର ହୋଇଥାଏ।

★ ଅଦାକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। ପରେ ଏହାକୁ ପାଣିରେ ମିଶାଇ ଭଲଭାବେ ଫୁଟାନ୍ତୁ। ଏହାକୁ ଉଷୁମ ଅବସ୍ଥାରେ ପିଇଲେ କଫରୁ ଉପଶମ ମିଳିଥାଏ।

★ ଦୁଇ ଚାମଚ ଲେମ୍ବୁରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ।

★ ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ କେବଳ କଫ ନୁହେଁ, ଥଣ୍ଡାଜନିତ ସମସ୍ୟା ମଧ୍ୟ ଦୂର ହୋଇଥାଏ।




## ସହଜରେ ଠାବ ହେବ ରେଟିନାଲ ସେଲ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ଜିନିଷ ଉଦ୍ଭାବନ ଚାଲୁ ରହିଛି। ନିକଟରେ ଲଣ୍ଡନ ୟୁନିଭର୍ସିଟିର ଚକ୍ଷୁ ବିଶେଷଜ୍ଞମାନେ ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟାର କେତେକାଂଶରେ ସମାଧାନ କରାଯାଇପାରିବ। ଏଭଳି ନୂଆ ଡିଭାଇସ୍ ସମ୍ପର୍କରେ ସୂଚନା ଦେଇ ଏହି ଗବେଷଣାର ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ଏଲିଜାବେଥ ଭର୍ସିଗ କହନ୍ତି, 'ଆଜିକାଲି ରେଟିନାଜନିତ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ଏହାର ଚିକିତ୍ସା ପାଇଁ ନୂଆ ଡିଭାଇସ୍ ଅନେକାଂଶରେ ସାହାଯ୍ୟ କରିପାରିବ। ଚକ୍ଷୁରେ ଏହାକୁ ସଂଯୋଗ କରିବା ପରେ ଏହାଦ୍ୱାରା ରେଟିନାଲ ସେଲ୍‌କୁ ସହଜରେ ଠାବ କରାଯାଇପାରିବ ଏବଂ ତା'ପରେ ଏହାର ଚିକିତ୍ସା କରିବା ଆହୁରି ସହଜ ହେବ।' ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ଏବଂ ଏହାକୁ କିପରି ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେନେଇ ଚେଷ୍ଟା ଚାଲିଛି।



## ଆଜ୍‌ମା: ସତର୍କତା

ଆଜ୍‌ମା ଏକ ଶ୍ୱାସଜନିତ ସମସ୍ୟା। ଏହାଦ୍ୱାରା ଆକ୍ରାନ୍ତ ହେଲେ ବ୍ୟକ୍ତି ଜଣକ ସହଜରେ ନିଃଶ୍ୱାସ ନେଇପାରନ୍ତି ନାହିଁ। ଫଳରେ ଏହାର ତୁରନ୍ତ ଚିକିତ୍ସା କରାଇବାକୁ ପଡିଥାଏ। ବେଳେବେଳେ ରୋଗୀର ଅବସ୍ଥା ଦେଖି ତାକୁ ଆସିୟୁରେ ଆଡ୍‌ମିଶନ କରାଯାଇ ଚିକିତ୍ସା କରାଯାଏ। ଆଜ୍‌ମାରୁ ଉପଶମ ପାଇବା ପାଇଁ କେତେକ ଔଷଧ ଧୀରେ ଧୀରେ କାମ କରେ ଏବଂ କେତେକରୁ ଶୀଘ୍ର ଫଳ ମିଳିଥାଏ। ହେଲେ ଔଷଧ କେତେ ପରିମାଣର ଏବଂ କେତେ ବ୍ୟବଧାନରେ ଖାଇବାକୁ ପଡିବ, ତାହା ଡାକ୍ତରଙ୍କ ପରାମର୍ଶ ଉପରେ ନିର୍ଭର କରିଥାଏ। ଏହି ସମସ୍ୟା ଗମ୍ଭୀର ହେଲେ ରୋଗୀକୁ ଇନ୍‌ହେଲରର ସାହାଯ୍ୟ ନେବାକୁ ପଡେ। ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ଯେତେବେଳେ ଧୂଳି ଉଡୁଛି କି ଘର ସଫା ହେଉଛି ସେତେବେଳେ ଏଭଳି ପ୍ରଦୂଷିତ ଧୂଳିକଣାଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ଏସବୁ ଶ୍ୱାସକ୍ରିୟା ଦ୍ୱାରା ଶରୀର ଭିତରକୁ ଗଲେ ତାହା ଆଜ୍‌ମା ସମସ୍ୟାକୁ ବଢ଼ାଇ ଦେଇଥାଏ। ଘରେ ଯଦି କୌଣସି ପ୍ରାଣୀ ପୋଷିଛନ୍ତି ତେବେ ସେମାନଙ୍କ ଲୋମ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଆଜ୍‌ମା ରୋଗୀ ଧୂମପାନ ଅଭ୍ୟାସକୁ ତୁରନ୍ତ ପରିହାର କରିବା ଆବଶ୍ୟକ। ଏହା ବ୍ୟତୀତ ପ୍ରଦୂଷିତ ସ୍ଥାନ, ଥଣ୍ଡାଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ଯଦି ଇନ୍‌ହେଲର ବ୍ୟବହାର କରୁଛନ୍ତି, ତେବେ ବ୍ୟାୟାମ କରିବାର ୧୦-୧୫ ମିନିଟ୍ ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଡୋଜ୍ ନିଅନ୍ତୁ।

## ସକାରାତ୍ମକ ଚିନ୍ତାଧାରା ବଢ଼ାଇବାର ସହଜ ଉପାୟ

ମନପସନ୍ଦର ସଙ୍ଗୀତ ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲ୍‌କା କରିଥାଏ। ସେଥିପାଇଁ ଅନେକେ ମନପସନ୍ଦର ସଙ୍ଗୀତ ଶୁଣିବାକୁ ଉଚିତ ମଣିଥାଆନ୍ତି। ହେଲେ ଏପରି ଅଭ୍ୟାସ ସଂପୃକ୍ତ ବ୍ୟକ୍ତିଙ୍କର ସକାରାତ୍ମକ ଚିନ୍ତାଧାରାକୁ ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ। ୱାଶିଂଟନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ କରିଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମନପସନ୍ଦର ଗୀତ ଶୁଣନ୍ତି, ତେବେ ଏହାଦ୍ୱାରା ତାଙ୍କର କାର୍ଯ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। 'ସକାରାତ୍ମକ ଚିନ୍ତାଧାରା ଏବଂ ସଙ୍ଗୀତ' ବିଷୟ ଉପରେ ସେମାନେ ଏହି ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ର ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ତାଙ୍କ ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।





କ୍ଷମତାକୁ ଆସିଲେ ଜିଏସ୍‌ଟି ପ୍ରତ୍ୟାହାର ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ବ୍ୟବସାୟୀଙ୍କୁ ବଳୀର ବୋଦା ବନାଯାଉଥିବାରୁ ଏହାକୁ ବିରୋଧ କରୁଛୁ।
– ପ୍ରଭୀନ ଖଣ୍ଡେଲୱାଲ, ସଭାପତି, ସର୍ବଭାରତୀୟ ବ୍ୟବସାୟୀ ମହାସଂଘ



ଘରୋଇ ବଜାରରେ ଅଭିବୃଦ୍ଧି ଲାଗି ବିତରଣ ବ୍ୟବସ୍ଥାର ଦୃଢୀକରଣ ଏବଂ ଉତ୍ପାଦର ନୂତନତ୍ୱ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।
– ମାଧଭନ ମେନନ, ଅଧ୍ୟକ୍ଷ, ଥୋମାସ କୁକ ଇଣ୍ଡିଆ

## ସଂକ୍ଷେପରେ

### ଛୁଟି ପାଳନ, ମହଙ୍ଗା ଟୁର୍ ଯିବାରେ ଭାରତୀୟ ସର୍ବାଗ୍ରେ

**ନୂଆଦିଲ୍ଲୀ,୨୪-୩:** ଛୁଟି ପାଳନ ଓ ମହଙ୍ଗା ଟୁର୍ ଯିବା କଥା ଉଠିଲେ ଭାରତ ବିଶ୍ୱରେ ସର୍ବାଗ୍ରେ ରହିଛି। ଭାରତୀୟମାନେ ମହଙ୍ଗା ଟୁର୍ ଯିବାରେ ମେକ୍ସିକୋ, ଥାଇଲାଣ୍ଡ, ସ୍ପେନ, ତୁର୍କୀ, ଆମେରିକା ଓ ଚାଇନା ସମେତ ବିଶ୍ୱର ଅନ୍ୟ ଦେଶକୁ ପଛରେ ପକାଇ ଦେଇଛନ୍ତି। ଓ୍ୱାର୍ଲ୍ଡ ଟ୍ରାଭେଲ ଆଣ୍ଡ ଟ୍ୟୁରିଜମ୍ କାଉନସିଲ୍ (ଡବ୍ଲ୍ୟୁଟିଟିସି)ର ଇକୋନୋମିକ ଇମ୍ପାକ୍ଟ ୨୦୧୯ ରିପୋର୍ଟରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି। ସୂଚନାଥାଉ କି, ଡବ୍ଲ୍ୟୁଟିଟିସି ଇକୋନୋମିକ ଇମ୍ପାକ୍ଟ ଟ୍ରାଭେଲ ଓ ଟ୍ୟୁରିଜମ୍ କ୍ଷେତ୍ରର ଗ୍ଲୋବାଲ ପ୍ରାଇଭେଟ ସେକ୍ଟରକୁ ପ୍ରତିନିଧିତ୍ୱ କରୁଛି। ଏହା ପ୍ରତ୍ୟେକ ଦେଶର ଟ୍ରାଭେଲ ଓ ଟ୍ୟୁରିଜମ୍‌ର ଜିଡିପିରେ ଯୋଗଦାନ ସମ୍ପର୍କରେ ତର୍ଜମା କରିଥାଏ। ରିପୋର୍ଟରେ କୁହାଯାଇଛି ଯେ, ଭାରତ ଏ କ୍ଷେତ୍ରରେ ଜିଡିପିର ୯୪.୮ ପ୍ରତିଶତ ଖର୍ଚ୍ଚ କରିଛି। ସେହିପରି ଆମେରିକା ଓ ଚାଇନା ଟ୍ରାଭେଲ ଓ ଟ୍ୟୁରିଜମ୍‌ରେ କ୍ରମଶଃ ୭୧.୩% ଓ ୮୧.୪% ଖର୍ଚ୍ଚ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଭାରତୀୟଙ୍କ ପରେ ମେକ୍ସିକୋ, ଥାଇଲାଣ୍ଡ, ସ୍ପେନ ଓ ବ୍ରାଜିଲବାସୀ ମହଙ୍ଗା ଟ୍ରିପ୍ ବାବଦରେ ଅଧିକ ଖର୍ଚ୍ଚ କରିଥାନ୍ତି। ତେବେ କାମ ଅଥବା ବ୍ୟବସାୟ ସଂକ୍ରାନ୍ତରେ ଭାରତୀୟମାନେ ୫% ଅଧିକ ଖର୍ଚ୍ଚ କରନ୍ତି। ୨୦୧୮ରେ ଭାରତ ୨୪୭.୩ ବିଲିୟନ ଟଙ୍କାର ମୋଟ ମୂଲ୍ୟ ସହ ଟ୍ରାଭେଲ ଓ ଟ୍ୟୁରିଜମ୍ କ୍ଷେତ୍ର ଦେଶର ଜିଡିପିରେ ୯.୨% ଯୋଗଦାନ ଦେଉଛି। ତେବେ ଘରୋଇ ଯାତ୍ରାରେ ୮୭% ମହଙ୍ଗା ଛୁଟି ଅତିବାହିତ କରାଯାଇଛି। ଅବଶିଷ୍ଟ ଅନ୍ତର୍ଜାତୀୟ କ୍ଷେତ୍ରରେ ହୋଇଛି। ଡବ୍ଲ୍ୟୁଟିଟିସି ଅଧକ୍ଷ ତଥା ସିଇଓ ଗ୍ଲୋରିୟା ଗ୍ୱେରା କହିଛନ୍ତି ଯେ, ଗତ ଏକ ଦଶନ୍ଧି ମଧରେ ଭାରତୀୟ ଟ୍ରାଭେଲ ଓ ଟ୍ୟୁରିଜମ୍ ସେକ୍ଟରରେ ଅଭୁତପୂର୍ବ ଅଭିବୃଦ୍ଧି ଦେଖାଯାଇଛି।

### ଏଲ୍ଆଇସିର ନୂଆ ନବଜୀବନ ପ୍ଲାନ

**ମୁମ୍ବାଇ,୨୪-୩:** ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ପକ୍ଷରୁ ନୂଆ ନବଜୀବନ ପ୍ଲାନର ଶୁଭାରମ୍ଭ ହୋଇଛି। ଏହା ଏକ ନନ୍ ଲିଙ୍କଡ, ପାର୍ଟିସିପେଟିଂ ଏଣ୍ଡାଓମେଣ୍ଟ ଲାଇଫ ଆସ୍ୟୁରାନ୍ସ ପ୍ଲାନ। ଏହା ଗ୍ରାହକଙ୍କୁ ଉଭୟ ସେଭିଂ ଏବଂ ସୁରକ୍ଷା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରିମିୟମ ପ୍ରଦାନ କରିବା କ୍ଷେତ୍ରରେ ଗ୍ରାହକଙ୍କ ଲାଗି ବିକଳ୍ପ ରହିଛି। ୬୫ ବର୍ଷ ପର୍ଯ୍ୟନ୍ତ ବୟସ୍କ ବ୍ୟକ୍ତିବିଶେଷ ଏହି ପ୍ଲାନ ନେଇ ପାରିବେ। ଏହାକୁ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ମୋଡରେ କ୍ରୟ କରାଯାଇ ପାରିବ।

### ଆମ୍‌ୱେର ଇଟ୍ ହାର୍ଡ ଇଟ୍ ସ୍ମାର୍ଟ ଅଭିଯାନ

**ଭୁବନେଶ୍ୱର,୨୪-୩:** ଆମ୍‌ୱେ ଇଣ୍ଡିଆ ପକ୍ଷରୁ ଇଟ୍ ହାର୍ଡ ଇଟ୍ ସ୍ମାର୍ଟ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏକ ସ୍ୱାସ୍ଥ୍ୟକର ଜୀବନଶୈଳୀ ପାଇଁ ସନ୍ତୁଳିତ ପୋଷଣ ଗ୍ରହଣ କରିବାର ଲାଭକୁ ସମର୍ଥନ କରିବା ଏବଂ ପ୍ରଚାର କରିବା ପାଇଁ ଏହା ହାତକୁ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ଏହା ଠିକ୍ ଓ ପର୍ଯ୍ୟାପ୍ତ ପୋଷଣ ଉପରେ ପର୍ଯ୍ୟବସିତ। ପୋଷଣରେ ରହୁଥିବା ଅନ୍ତର ଦୂର କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ଜୀବନଯାପନ ପାଇଁ ଲୋକଙ୍କୁ ସହାୟତା କରିବା ଦର୍ଶନ ଉପରେ ଏହି ଅଭିଯାନ ପର୍ଯ୍ୟବସିତ। ଏହି ଅବସରରେ କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁନ୍ଦୀପ ଶାହ କହିଛନ୍ତି ଯେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ସ୍ୱାସ୍ଥ୍ୟକର ଏବଂ ସନ୍ତୁଳିତ ଆହାର ଖାଇବା ଜରୁରୀ।

### ସାମ୍‌ସଙ୍ଗର ନୂଆ ସ୍ମାର୍ଟଫୋନ

**ଭୁବନେଶ୍ୱର,୨୪-୩:** ସାମ୍‌ସଙ୍ଗ୍ ପକ୍ଷରୁ ପରବର୍ତ୍ତୀ ପିଢିର ନୂତନ ଗ୍ୟାଲେକ୍ସି ଏ-୧୦ ମୋବାଇଲ୍ ବଜାରକୁ ଆସିଛି। ଏହାର ବଜାର ଦର ୮୪୯୦ ଟଙ୍କା ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ସ୍ମାର୍ଟଫୋନ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବ। ଏହି ସ୍ମାର୍ଟଫୋନ୍‌ରେ ୬.୨ ଇଞ୍ଚ ଏଚ୍‌ଡି ପ୍ଲସ୍ ସ୍କ୍ରିନ୍, ଇନଫିନିଟି-ଭି ଡିସପ୍ଲେ, ଏଫ-୨.୦ ଆପରେଚର ବିଶିଷ୍ଟ ୫ ଏମପି ସମ୍ମୁଖ କ୍ୟାମେରା, ଏଫ୍‌୧.୯ ଆପରେଚର ବିଶିଷ୍ଟ ୧୩ ଏମ୍‌ପି ପଛ କ୍ୟାମେରା, ୩,୪୦୦ ଏମ୍ଏଏଚ୍ ବ୍ୟାଟେରି ରହିଛି। ଏଥିରେ ୨ ଜିବି ରାମ୍ ୩୨ ଜିବି ରାମ୍, ୫୧୨ ବର୍ଦ୍ଧିତ ମେମୋରୀ ଭଳି ବୈଶିଷ୍ଟ୍ୟ ରହିଛି।

## ■ ବକେୟା ବିଜୁଳି ବିଲ୍ ଦେଉନାହାନ୍ତି ରାଜ୍ୟ

# ଏନ୍‌ପିଏ ହୋଇପାରେ ୩ ଲକ୍ଷ କୋଟି



**ନୂଆଦିଲ୍ଲୀ,୨୪-୩**

ରାଜ୍ୟ ସରକାରଗୁଡ଼ିକ ବିଜୁଳି ବିଲ୍ ବାବଦରେ ବକେୟା ପ୍ରଦାନ କରୁ ନ ଥିବାରୁ ପ୍ରାୟ ଏକ ଡଜନ ବିଦ୍ୟୁତ ପ୍ରକଳ୍ପରେ ୩ ଲକ୍ଷ କୋଟି ଟଙ୍କାର ଘରୋଇ ନିବେଶ ଏବେ ସଙ୍କଟଗ୍ରସ୍ତ ହୋଇଛି। ଏହି ପରିମାଣ ଅର୍ଥ ଏବେ ଏନ୍‌ପିଏ ବା ଅନାଦାୟ ଋଣ ହେବାକୁ ବସିଛି, ଯାହା ଋଣ ପ୍ରଦାନକାରୀ ବ୍ୟାଙ୍କଗୁଡ଼ିକ ପାଇଁ ଶୁଭଙ୍କର ନୁହେଁ।

କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ପ୍ରାପ୍ତି ପୋର୍ଟାଲରୁ ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଜିଏମ୍‌ଆର୍ ଓ ଆଦାନୀ ଗ୍ରୁପ୍ କମ୍ପାନୀ ବ୍ୟତୀତ ରାଷ୍ଟ୍ରାୟତ୍ତ ଏନ୍‌ଟିପିସି କମ୍ପାନୀ ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟ ସରକାରଗୁଡ଼ିକଠାରୁ ବିଜୁଳି ବିଲ୍ ବାବଦରେ ପ୍ରାୟ ୪୧,୭୩୦ କୋଟି ଟଙ୍କା ପାଇବେ। ରାଜ୍ୟରେ ବିଦ୍ୟୁତ ବିତରଣ କରୁଥିବା କମ୍ପାନୀଗୁଡ଼ିକ ଏହି ବକେୟା କରିଛନ୍ତି। ଆଜି ସୁଦ୍ଧା ଏହା ବଢ଼ି ବଢ଼ି ପ୍ରାୟ ୬୦ ହଜାର କୋଟି ଟଙ୍କାରେ ପହଞ୍ଚି ସାରିଲାଣି। ତନ୍ମଧ୍ୟରୁ ଅର୍ଦ୍ଧେକ ଅର୍ଥ ଘରୋଇ ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀମାନେ ଅସୁଲ କରିବା ଅପେକ୍ଷାରେ ରହିଛନ୍ତି। ଭାଜପା ଶାସିତ ଉତ୍ତରପ୍ରଦେଶରେ ସର୍ବାଧିକ ୬,୪୯୭ କୋଟି ଟଙ୍କା ବକେୟା ପଡ଼ି ରହିଥିବା ବେଳେ ୬୧୭୯ କୋଟି ଟଙ୍କା ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ତାମିଲନାଡୁ, କର୍ନାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଜମ୍ମୁ-କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ପଞ୍ଜାବ ବକେୟା ବିଜୁଳି ବିଲ୍ ବୃଦ୍ଧି କରିବାରୁ ପରିସ୍ଥିତି ଜଟିଳ ହୋଇଛି। ପ୍ରାପ୍ତି ପୋର୍ଟାଲ ଅନୁଯାୟୀ, ଉତ୍ତର ପ୍ରଦେଶ ନିଜର ବକେୟା ପରିଶୋଧ କରିବା ଲାଗି ୫୪୪ ଦିନ ସମୟ ନେଉଥିବା ବେଳେ ମହାରାଷ୍ଟ୍ର ଏଥିପାଇଁ ୫୮୦ ଦିନ ସମୟ ନେଇଥାଏ। ଦେଶର ସବୁଠାରୁ ଅଧିକ ଔଦ୍ୟୋଗିକ ରାଜ୍ୟ କୁହାଯାଉଥିବା ମହାରାଷ୍ଟ୍ର ଓ ତାମିଲନାଡୁ ମୋଟ ବକେୟାର ୮୦ ପ୍ରତିଶତ ଦେଉନାହାନ୍ତି। ସେମାନେ ଅଧିକ ବିଜୁଳି ବ୍ୟୟ କରିଥାନ୍ତି। ଶୀର୍ଷ ୧୦ ରାଜ୍ୟ ବକେୟା ବିଜୁଳି ବିଲ୍ ପ୍ରଦାନ କରିବାକୁ ହାରାହାରି ୫୬୨ ଦିନ ସମୟ ନେଉଛନ୍ତି। ବିଳମ୍ବରେ ବିଦ୍ୟୁତ ଦେୟ ମିଳୁଥିବାରୁ ଘରୋଇ ବିଜୁଳି ଉତ୍ପାଦକଙ୍କ ପାଇଁ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡୁଛି। ଅର୍ଥର ଅଭାବ କାରଣରୁ ଉତ୍ପାଦନ ଉପରେ ସଙ୍କଟ ସୃଷ୍ଟି ହେଲାଣି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ବଜାଜ୍ ଗ୍ରୁପ୍ ଅଧୀନ ଲଳିତପୁଟ ପାଓ୍ୱାର ଜେନେରେଶନ କମ୍ପାନୀ ଉତ୍ତର ପ୍ରଦେଶର ବିଦ୍ୟୁତ୍ ବିତରଣକାରୀ କମ୍ପାନୀଙ୍କଠାରୁ ବକେୟା ବାବଦରେ ୨୧୮୫ କୋଟି ଟଙ୍କା ନ ପାଇବାରୁ ପ୍ରାୟ ୩ ହଜାର କର୍ମଚାରୀଙ୍କୁ ବେତନ ଦେଇପାରୁ ନାହିଁ। ଖାଲି ଏତିକି ନୁହେଁ ଅର୍ଥର ଅଭାବ କାରଣରୁ ଏହା ଆବଶ୍ୟକ କୋଇଲା ଗଚ୍ଛିତ ରଖିବାରେ ମଧ୍ୟ ବିଫଳ ହୋଇଛି। ୪୧,୭୩୦ କୋଟି ଟଙ୍କାର ବକେୟା ବିଜୁଳି ବିଲ୍ ମଧ୍ୟରେ ଆଦାନି ଗ୍ରୁପ୍ ୭୪୩୩.୪୭ କୋଟି ଟଙ୍କା, ଜିଏମ୍‌ଆର ଗ୍ରୁପ୍ ୧୭୮୮.୧୮ କୋଟି ଟଙ୍କା ରହିଛି। ସେହିପରି ସେମ୍ବକର୍ପ ୧୪୯୭.୦୭ କୋଟି ଟଙ୍କା, ଏନ୍‌ଟିପିସି ୧୭,୧୮୭ କୋଟି ଟଙ୍କା ବକେୟା ବାବଦରେ ପାଇବ।

- ■ ସଙ୍କଟରେ ୧୨ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ନିବେଶ
- ■ ରାଜ୍ୟଗୁଡ଼ିକ ଉପରେ ଶକ୍ତି କମ୍ପାନୀଗୁଡ଼ିକର ୪୧,୭୩୦ କୋଟି ବକେୟା
- ■ ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ବକେୟା ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ

# ଏସ୍‌ବିଆଇ ନ୍ୟୁମେରୋ ୟୋନୋର ବିଜେତା ପୁରସ୍କୃତ




**ମୁମ୍ବାଇ,୨୪-୩**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର କ୍ୱିଜ ପ୍ରତିଯୋଗିତା 'ନ୍ୟୁମେରୋ ୟୁନୋ ୨୦୧୯'ର ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ମୁମ୍ବାଇଠାରେ ଅନୁଷ୍ଠିତ ଚୂଡାନ୍ତ ପର୍ଯ୍ୟାୟରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ ଦଳ ଜାତୀୟ ସ୍ତରର ବିଜେତା ହେବା ସହ ୫.୭୬ ଲକ୍ଷ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ବିଜେତା ଦଳକୁ ପୁରସ୍କୃତ କରିଛନ୍ତି। ଏଥିରେ କିଟ୍ ଭୁବନେଶ୍ୱର ଦଳ ପୂର୍ବ ଜୋନର ବିଜେତା ହେବା ସହ ଫାଇନାଲରେ ତୃତୀୟ ଶ୍ରେଷ୍ଠ ଦଳ ବିବେଚିତ ହୋଇ ପାରିଛି। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ପୂର୍ବ ଜୋନର ବିଜେତା ସଦସ୍ୟଙ୍କୁ ଏହି ଅବସରରେ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦେଶର ୧୭ଟି ସ୍ଥାନରେ ଥିବା ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଏଭଳି କ୍ୱିଜ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୫୪ ଦଳ ମଧ୍ୟରୁ କିଟ୍ ଭୁବନେଶ୍ୱର ଦଳ ଚୂଡାନ୍ତ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବା ସହ ମୁମ୍ବାଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲା।

# ବ୍ରାଜିଲ, ମେକ୍ସିକୋରୁ ତେଲ ଆମଦାନୀ ବଢ଼ାଇବ ଭାରତ

**ନୂଆଦିଲ୍ଲୀ,୨୪-୩**

ଆମେରିକା କଟକଣା ଯୋଗୁ ଭେନେଜୁଏଲାରୁ ଭାରତ ଅଶୋଧିତ ତୈଳ ଆମଦାନୀ କରିପାରୁନି। ବ୍ରାଜିଲ ଓ ମେକ୍ସିକୋରୁ ଅଧିକ ତୈଳ ଆମଦାନୀ କରି ଭାରତ ଏହାର ଭରଣା କରିବାକୁ ଚାହୁଁଛି। ସୂଚନାଥାଉ କି, ସୌଦି ଆରବ, ଇରାକ ଓ ଇରାନ ପରେ ଭେନେଜୁଏଲା ଚତୁର୍ଥ ରାଷ୍ଟ୍ର ଭାବେ ଭାରତକୁ ଅଶୋଧିତ ତେଲ ଯୋଗାଇଥାଏ। ୨୦୧୭-୧୮ରେ ଘରୋଇ ଚାହିଦାର ୧୧% ଅର୍ଥାତ୍ ୧୮ ମିଲିୟନ ଟନ ତେଲ ଭେନେଜୁଏଲା ଯୋଗାଉଥିଲା। ତେବେ ଭେନେଜୁଏଲା ଉପରେ ଆମେରିକା କଟକଣା ଲାଗୁ ହେବା ଯୋଗୁ ଭାରତକୁ ବିକଳ୍ପ ସନ୍ଧାନ କରିବାକୁ ପଡୁଛି। କୂଟନୈତିକ ସୂତ୍ରରୁ ପ୍ରକାଶ ଯେ, ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଏବେ ବ୍ରାଜିଲ ଓ ମେକ୍ସିକୋ ଭାରତକୁ ଅଧିକ ଅଶୋଧିତ ତେଲ ବିକିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଭାରତ ଏହାର ତର୍ଜମା ଆରମ୍ଭ କରିଦେଇଛି। ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ତୈଳ ବିତରଣକାରୀ କମ୍ପାନୀଙ୍କ ମତାମତ ନେବା ପରେ ଭାରତ ଏ ସମ୍ପର୍କରେ ନିଷ୍ପତ୍ତି ନେବ। ଉଲ୍ଲେଖ କରାଯାଇପାରେ ଯେ, ବ୍ରାଜିଲ ଓ ମେକ୍ସିକୋରୁ ଭାରତ ପୂର୍ବରୁ ଅଶୋଧିତ ତେଲ ଆମଦାନୀ କରୁଛି। ତେବେ ୨୦୧୩ରୁ ଏହା ଧୀରେ ଧୀରେ ହ୍ରାସ ପାଇଛି।

## ସୁନା ଆମଦାନୀ ୫.୫% ହ୍ରାସ

**ନୂଆଦିଲ୍ଲୀ,୨୪-୩:** ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ଦେଶରେ ସୁନା ଆମଦାନୀ ୫.୫% ହ୍ରାସ ପାଇ ୨୯.୫ ବିଲିୟନ ଡଲାରରେ ପହଞ୍ଚିଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୭-୧୮ର ସମାନ ଅବଧିରେ ସୁନା ଆମଦାନୀ ୩୧.୨ ବିଲିୟନ ଡଲାର ଥିଲା। ବିଶେଷଜ୍ଞଙ୍କ କହିବାନୁଯାୟୀ, ବିଶ୍ୱ ବଜାରରେ ସୁନା ମୂଲ୍ୟ ହ୍ରାସ ପାଇବା କାରଣରୁ ଆମଦାନୀ କମିଛି। ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବରରେ କ୍ରମାଗତ ୩ ମାସ ଧରି ସୁନାର ଆମଦାନୀ କମିଛି। ଚଳିତ ବର୍ଷ ଜାନୁୟାରୀରେ ଏହା ୩୮.୧୬ ପ୍ରତିଶତ ବୃଦ୍ଧି ପାଇ ୨.୩୧ ବିଲିୟନ ଡଲାରରେ ପହଞ୍ଚିଯାଇଛି। ତେବେ ଫେବୃୟାରୀରେ ଏହା ୧୦.୮ ପ୍ରତିଶତ ବୃଦ୍ଧି ପାଇ ୨.୫୮ ବିଲିୟନ ଡଲାର ହୋଇଛି। ସୂଚନାଥାଉ କି, ଦେଶର ଗହଣା ଶିଳ୍ପରେ ସୁନାର ଚାହିଦା ବଢୁଥିବାରୁ ଏହି ମୂଲ୍ୟବାନ ଧାତୁ ଆମଦାନୀ କ୍ଷେତ୍ରରେ ଭାରତ ସର୍ବାଗ୍ରେ ରହିଛି। ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ ଗତ ୧୧ ମାସରେ ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନି ୬.୩% ହ୍ରାସ ପାଇ ୨୮.୫ ବିଲିୟନ ଡଲାର ହୋଇଛି।




## ହ୍ୟୁଣ୍ଡାଇର ମେଗା ଏକ୍ସପେରିଏନ୍ସ କ୍ୟାମ୍ପ

**ନୂଆଦିଲ୍ଲୀ,୨୪-୩**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମେଗା ଏକ୍ସପେରିଏନ୍ସ ହ୍ୟୁଣ୍ଡାଇ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ନୂଆ କାର କିମ୍ବା ଗ୍ରାହକଙ୍କ ନିକଟରେ ଥିବା କାରର ବିଭିନ୍ନ ସର୍ଭିସ ଆବଶ୍ୟକତାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ଏହା ଦେଶର ୩୪୩ ସହରର ୫୭୪ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହା ଦ୍ୱାରା ଗ୍ରାହକମାନେ ସେମାନଙ୍କ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଯାନର ପର୍ସନାଲାଇଜଡ କେୟାର ଲାଭ କରିବାକୁ ସକ୍ଷମ ହୋଇଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ସେବା ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀ ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ ସୂଚନା ଦେଇଛନ୍ତି। ସେହିଭଳି ବ୍ରାଣ୍ଡ ପ୍ରତି ଗ୍ରାହକଙ୍କର ବିଶ୍ୱାସକୁ ଆହୁରି ଦୃଢ଼ କରିବା ଦିଗରେ ପଦକ୍ଷେପ ଜାରି ରହିଥିବା ସେ କହିଛନ୍ତି। ଯାନର ନିୟମିତ ସର୍ଭିସ ଉପରେ ଏଠାରେ ଗ୍ରାହକଙ୍କୁ ବିଭିନ୍ନ ସୂଚନା ଦିଆଯାଇଥିଲା।

# ବିଏସ୍‌ଏନ୍‌ଏଲ୍‌ର ବିଦ୍ୟୁତ୍ ସଂଯୋଗ କାଟନି

**ନୂଆଦିଲ୍ଲୀ,୨୪-୩**

### ରାଜ୍ୟ ସରକାରଙ୍କୁ ଡିଓଟିର ଅନୁରୋଧ

ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଓ ମହାନଗର ଟେଲିଫୋନ ନିଗମ ଲିମିଟେଡ (ଏମ୍‌ଟିଏନ୍‌ଏଲ୍)ର ବିଦ୍ୟୁତ ସଂଯୋଗ ନ କାଟିବାକୁ ଟେଲିକମ ବିଭାଗ (ଡିଓଟି) ପକ୍ଷରୁ ରାଜ୍ୟ ସରକାରଗୁଡ଼ିକୁ ଅନୁରୋଧ କରାଯାଇଛି। ବିଭାଗର ଅନୁରୋଧ ସଂକ୍ରାନ୍ତରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖାଯାଇଛି। ଏହି ଦୁଇଟି କମ୍ପାନୀ ବିଲ୍ ବାବଦରେ ବକେୟା ପୈଠ କରୁ ନ ଥିବାରୁ ବିଦ୍ୟୁତ ସଂଯୋଗ କାଟି ଦେବାକୁ ଚେତାବନୀ ଦିଆଯାଇଛି। ମୁଖ୍ୟ ସଚିବଙ୍କୁ ଲେଖାଯାଇଥିବା ପତ୍ରରେ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦେଶରେ ଏବେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲର ବିଦ୍ୟୁତ ସଂଯୋଗ କାଟିବା ଯଥାର୍ଥ ହେବନାହିଁ। ବିଏସ୍‌ଏନ୍‌ଏଲ୍ ଇତିମଧ୍ୟରେ ୯୦ ପ୍ରତିଶତ ବକେୟା ବିଲ୍ ଦେଇସାରିଛି। ଅବଶିଷ୍ଟ ୧୦% ଆସନ୍ତା ୧୦ରୁ ୧୫ ଦିନ ଭିତରେ ପୈଠ କରିବ। ଟେଲିକମ କ୍ଷେତ୍ରରେ ପ୍ରବଳ ପ୍ରତିଯୋଗିତା କାରଣରୁ ବିଏସ୍‌ଏନ୍‌ଏଲ୍ ଏବେ ଆର୍ଥିକ ସଙ୍କଟର ସାମ୍ନା କରୁଛି। ଏଣୁ ବିଜୁଳି ବିଲ୍ ପୈଠ କରିବାରେ ବିଳମ୍ବ ହେଉଛି। ଏହାଛଡ଼ା ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ ଏବେ ନିର୍ବାଚନ ପ୍ରକ୍ରିୟାରେ ଟେଲିକମ ସେବା ଯୋଗାଉଛି। ବିଦ୍ୟୁତ ସଂଯୋଗ କାଟି ଦେବା ଦ୍ୱାରା ପ୍ରକ୍ରିୟାରେ ବାଧା ଉପୁଜିବ। ସୂଚନାଥାଉ କି, କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ପରେ ବିଏସ୍‌ଏନ୍‌ଏଲ ଓ ଏମ୍‌ଟିଏନ୍‌ଏଲ୍ କର୍ମଚାରୀଙ୍କୁ ଫେବୃୟାରୀ ଦରମା ଦିଆଯାଇପାରିଥିଲା।

## ଅଧିକ କ୍ଷମତା ଚାହୁଁଛି ସେବି

**ମୁମ୍ବାଇ,୨୪-୩**

### ତାଲିକାଭୁକ୍ତ କମ୍ପାନୀଙ୍କ ଯାଞ୍ଚ

ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ଆର୍ଥିକ ଠକେଇ ରୋକିବା ଲାଗି କେନ୍ଦ୍ର ସରକାରଙ୍କଠାରୁ ଅଧିକ କ୍ଷମତା ଚାହୁଁଛି। ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ଗଭୀର ଯାଞ୍ଚ ପାଇଁ ଏହାକୁ ଅଧିକ କ୍ଷମତା ଦେବାକୁ ପଡିବ ବୋଲି ସେବି ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଆର୍ଥିକ ଅନୀୟମିତତାରେ ଲିପ୍ତ ଥିବା କମ୍ପାନୀ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ମିଳୁ ବୋଲି ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ରେକର୍ଡ ଓ ଦସ୍ତାବିଜରେ ହେରଫେର କରାଯାଇଥିଲେ ସମ୍ପୃକ୍ତ କମ୍ପାନୀଠାରୁ ବଡ଼ ଧରଣର ଜରିମାନା ଆଦାୟ ପାଇଁ କ୍ଷମତା ମିଳିବା ଆବଶ୍ୟକ ବୋଲି ସେବି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଆର୍ଥିକ ଅନୀୟମିତତା, ଅନୁଚିତ ବାଣିଜ୍ୟ ବ୍ୟବହାର ସମ୍ବନ୍ଧିତ ବ୍ୟବସ୍ଥାର ଉଲ୍ଲଂଘନ କ୍ଷେତ୍ରରେ ସେବିକୁ ଯାଞ୍ଚ କରିବାର ଅଧିକାର ମିଳିଛି। ନିଜର ଏହି ଅଧିକାରକୁ ଆହୁରି ବ୍ୟାପକ କରି ଯେକୌଣସି ପ୍ରତିଭୂତି ଆଇନ ଉଲ୍ଲଂଘନ କ୍ଷେତ୍ରରେ ତାଲିକାଭୁକ୍ତ କମ୍ପାନୀର ଆକାଉଣ୍ଟସ ଯାଞ୍ଚ କରିବାର ଅଧିକାର ଚାହୁଁଛି ସେବି।

## ■ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା

# ଏପ୍ରିଲ ସୁଦ୍ଧା ୧ କୋଟି ପଞ୍ଜୀକରଣ ସମ୍ଭାବନା

**ନୂଆଦିଲ୍ଲୀ,୨୪-୩**

ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ ଏପ୍ରିଲ ସୁଦ୍ଧା ୧ କୋଟି ଶ୍ରମିକ ପଞ୍ଜୀକରଣ କରିସାରିବେ ବୋଲି କେନ୍ଦ୍ର ସରକାର ଅନୁମାନ କରୁଥିବା ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ପେନସନ ଦେବାର ବ୍ୟବସ୍ଥା ରହିଛି। ଗତ ମାସରେ ଏହି ଯୋଜନା ଆରମ୍ଭ କରାଯାଇଛି। ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିନେଶ ତ୍ୟାଗୀ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୨୫.୩୬ ଲକ୍ଷ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇସାରିଛି। ଦୈନିକ ପ୍ରାୟ ୧ ଲକ୍ଷ ଲୋକ ପଞ୍ଜୀକରଣ କରୁଛନ୍ତି। ସେ କହିଛନ୍ତି ଯେ, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦ୍ୱାରା ପଞ୍ଜୀକରଣ ହାର ଦିନକୁ ଦିନ ବଢ଼ିବ ବୋଲି ଆଶାକରାଯାଉଛି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ଯୋଜନାରେ ୫ କୋଟି ଓ ଆସନ୍ତା ୫ ବର୍ଷରେ ୧୦ କୋଟି ପଞ୍ଜୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି।



# ବେଆଇନ ଅର୍ଥ କାରବାର ଉପରେ ନଜର

**ନୂଆଦିଲ୍ଲୀ,୨୪-୩**



### ସାଧାରଣ ନିର୍ବାଚନ ୨୦୧୯

- ■ ସତର୍କ ରହିବାକୁ ଫିଲ୍ଡ ଅଧିକାରୀଙ୍କୁ ସିବିଆଇସିଙ୍କ ନିର୍ଦ୍ଦେଶ
- ■ ମୋବାଇଲ ସ୍କ୍ୱାଡ୍, ସ୍ୱତନ୍ତ୍ର ଟିମ୍ ଗଠନ

ଦେଶରେ ସାଧାରଣ ନିର୍ବାଚନ ଏପ୍ରିଲ ୧୧ରୁ ଆରମ୍ଭ ହେଉଛି। ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାର, ମଦ ଏବଂ ସୁନା ବ୍ୟବହାର ଉପରେ କଟକଣା ଲାଗି ପଦକ୍ଷେପ ନିଆଯାଇଛି। ପରୋକ୍ଷ ଟିକସର ସର୍ବୋଚ୍ଚ ସଂସ୍ଥା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଏହାର ଫିଲ୍ଡ ଅଧିକାରୀଙ୍କୁ ଏଭଳି ପ୍ରସଙ୍ଗ ଉପରେ ନଜର ରଖିବାକୁ କହିଛି। ବିଭିନ୍ନ ଗୋଇନ୍ଦା ତଥ୍ୟ ଏବଂ ଜବତ ହୋଇଥିବା ସାମଗ୍ରୀ କିମ୍ବା ଅର୍ଥର ତଥ୍ୟ ଠିକ୍ ସମୟରେ ଅନ୍ୟ ସରକାରୀ ଏଜେନ୍ସିଗୁଡ଼ିକୁ ପ୍ରଦାନ କରିବା ଉପରେ ସିବିଆଇସି ଗୁରୁତ୍ୱାରୋପ କରିଛି। ଏଭଳି କାର୍ଯ୍ୟ ଦ୍ୱାରା ତ୍ୱରାନ୍ୱିତ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସିବିଆଇସି ଗୁରୁତ୍ୱ ଦେଇଛି। ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ଏହା ମେ ମାସ ୧୯ ଯାଏ ଚାଲିବ। ମେ ୨୩ରେ ଭୋଟ ଗଣନା ହେବ।

ସିବିଆଇସି ଏହି ନିର୍ଦ୍ଦେଶ ଜାରି କରିବା ପୂର୍ବରୁ ନିର୍ବାଚନ କମିଶନ ଚଳିତ ମାସ ବିଭିନ୍ନ ବିଭାଗଗୁଡ଼ିକର ଏକ ବୈଠକ ଡାକିଥିଲେ। ନିର୍ବାଚନ ସମୟରେ ହେଉଥିବା ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଏହାକୁ ରୋକିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହା ମଧ୍ୟରେ ବେଆଇନ ଟଙ୍କା ଚାଲାଣକୁ ଠାବ କରିବା, ଜବତ କରିବା, ମଦ, ସୁନା, ଜାଲ ନୋଟ ଭଳି ଅନ୍ୟ ବେଆଇନ ସାମଗ୍ରୀ ବ୍ୟବହାର ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଲୋଚନା ହୋଇଥିଲା। ଦେଶ ମଧ୍ୟରେ ତଥା ସୀମାନ୍ତ ଅଞ୍ଚଳରେ ଗାଡ଼ି, ଟ୍ରେନ, ବ୍ୟକ୍ତିଗତ ଚାର୍ଟର୍ଡ ଫ୍ଲାଇଟ ଏବଂ କମର୍ସିଆଲ ଫ୍ଲାଇଟଗୁଡ଼ିକ ଉପରେ ମଧ୍ୟ ନଜର ରଖିବାକୁ କୁହାଯାଇଛି। ଏ ନେଇ ଏକ ଭିଜିଲାନ୍ସ ମେକାନିଜମ ଗଠନ ନେଇ ପରାମର୍ଶ ଦିଆଯାଇଛି। ସେହିଭଳି ମୋବାଇଲ ସ୍କ୍ୱାଡ୍ ଏବଂ ସ୍ୱତନ୍ତ୍ର ଟିମ ଗଠନ ଦ୍ୱାରା କାର୍ଯ୍ୟକ୍ରମକୁ ରୂପରେଖ ଦିଆଯିବାକୁ ଯୋଜନା ରହିଛି।

"ମୋତେ କ୍ରିସ୍ ଗେଲ୍ଙ୍କ ସହିତ ତୁଳନା କରା ନ ଯାଉ କ୍ରିକେଟରେ ମୁଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହେଁ ।
-ନିକୋଲାସ ପୁରନ, ୱେଷ୍ଟଇଣ୍ଡିଜ ଖେଳାଳି



"ଷ୍ଟିଭ୍ ସ୍ମିଥ୍ ଜଣେ କ୍ୱାଲିଟି ଖେଳାଳି ହୋଇପାରନ୍ତି, ମାତ୍ର ତାଙ୍କ ପାଇଁ ସଫଳ ପ୍ରତ୍ୟାବର୍ତ୍ତନ ସହଜ ହୋଇ ନ ପାରେ ।
-ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ



## ସଂକ୍ଷେପରେ

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ ଆରମ୍ଭ

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି):** ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ(ପୁରୁଷ) ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ୨ଟି ଇଭେଣ୍ଟ(ଟ୍ୟାକ୍ଲ ଓ ଫ୍ଲାଗ୍)ରେ ଖେଳାଯିବ। ଫ୍ଲାଗ୍ ଇଭେଣ୍ଟରେ ୧୨ ଓ ଟ୍ୟାକ୍ଲ ଇଭେଣ୍ଟରେ ୮ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଟ୍ୟାକ୍ଲ ବିଭାଗରେ ଏସଆରଏମ ଓ ଯାଦବପୁର ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛନ୍ତି। ସେହିପରି ଫ୍ଲାଗ୍ ବିଭାଗରେ ମନିପାଲ, ବାଙ୍ଗାଲୋର ସେଣ୍ଟ୍ରାଲ୍, ଯାଦବପୁର ଏବଂ ବି.ଆର. ଆମ୍ବେଦକର ବିଶ୍ୱବିଦ୍ୟାଳୟ ଦଳ ବିଜୟ ହାସଲ କରିଛନ୍ତି।

### ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ସ୍ଥଗିତ

**କଟକ ଅଫିସ, ୨୪।୩:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଏପ୍ରିଲ ୩ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୧୬ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି । ନିର୍ବାଚନ ସମୟ ଯୋଗୁ ଟୁର୍ନାମେଣ୍ଟ ଆୟୋଜନ କରିବାରେ ସମସ୍ୟା ଉପୁଜିବ ବୋଲି ବିଚାର କରି ଓସିଏ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।

### ଟେନିସ ବଲ୍ କ୍ରିକେଟ: ଫେଡେରେଶନ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର,୨୪।୩(ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ଆସନ୍ତା ୨୭ରୁ ୨୯ ତାରିଖ ମଧ୍ୟରେ ୩ ଦିନ ଧରି ୨୯ତମ ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଟେନିସ ବଲ୍ କ୍ରିକେଟ ସଂଘ ପକ୍ଷରୁ ରବିବାର ଏକ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଚକ୍ରଧର ମାଝିଙ୍କୁ କୋଚ୍ ଓ ମ୍ୟାନେଜର ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଓଡ଼ିଶା ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ଶିଥିଳ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଓଡ଼ିଶା ଦଳ ୨୬ ତାରିଖରେ ପ୍ରୟାଗରାଜ ଯାତ୍ରା କରିବ। ଓଡ଼ିଶା ଦଳ: ଶେଖ୍ ଘୋଷ (ଅଧିନାୟକ), ଅନିଲ ପାତ୍ର, ଦୀପ୍ ସୁନା ଖୁରା, ରାକେଶ କୁମାର ମେହର, ସଞ୍ଜୟ କୁମାର ପାତ୍ର, ସୁନୀଲ କୁମାର ଯାଦବ, ଜିସତିଶ, ଚନ୍ଦନ କୁମାର ରାଉତ, ରୋହିତ କୁମାର ମହନ୍ତ, ଦିବ୍ୟପ୍ରକାଶ ସାହୁ, ବିଶ୍ୱଜିତ୍ ପ୍ରଧାନ, ସିବନ ବେହେରା, ଯୋଗେନ୍ଦ୍ର ଦାସ ଓ ସିଲନ କୁମାର ନାୟକ।

### ଫ୍ରେଣ୍ଡ୍ସ ପାରାଡାଇଜ୍ ବିଜୟୀ

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି):** ପୋଖରୀପୁଟ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ ୨-୦ ଗୋଲରେ କଟକର ୟଙ୍ଗ ଉତ୍କଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରଶାନ୍ତ ନାୟକ ଓ ବିକାଶ ନାୟକ ଗୋଲ ସ୍କୋର କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ସୁଦୀପ ଦାସ, ରାଜୁ ବାରିକ। ସୋମବାର ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ୍ ଓ ଆରବିଆଇ, ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

### ଜ୍ଞାନରଞ୍ଜନ ବାସ୍କେଟବଲ ଫେଡେରେଶନର କାଉନସିଲ ମେମ୍ବର

**କଟକ ଅଫିସ,୨୪।୩:** ଓଡ଼ିଶା ବାସ୍କେଟବଲ ଆସୋସିଏଶନ(ଓବିଏ)ର ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ା ଜାତୀୟ ସଂଘର କାଉନସିଲ ମେମ୍ବର ଭାବେ ମନୋନୀତ ହୋଇଛନ୍ତି। ରବିବାର ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆର ବୈଠକ ଅବସରରେ ଏହି ଘୋଷଣା କରାଯାଇଛି । ଜ୍ଞାନ ରାଜ୍ୟ କ୍ରୀଡ଼ା ବିଭାଗର ପୂର୍ବତନ ସ୍ୱତନ୍ତ୍ର ଅଧିକାରୀ ଭାବେ ନିକଟ ଅତୀତରେ ଅବସର ଗ୍ରହଣ କରିଥିଲେ । ରାଜ୍ୟ ବାସ୍କେଟବଲ କ୍ରୀଡ଼ା କ୍ଷେତ୍ରରେ ସେ ଜଣେ ଦକ୍ଷ ସଙ୍ଗଠକ ଭାବେ ବେଶ ପରିଚିତ । ବିଭିନ୍ନ ବର୍ଗରୁ ଜ୍ଞାନରଞ୍ଜନଙ୍କୁ ଶୁଭେଚ୍ଛା ଜଣାଯାଇଛି ।

# ଭାରତ- କୋରିଆ ମ୍ୟାଚ୍ ଡ୍ର

## ଆଜଲାନ ଶାହ କପ୍ ହକି

**ଇପୋ(ମାଲେସିଆ),୨୪।୩ (ପି.ଟି.)**

ଭାରତୀୟ ହକି ଦଳର ପୁରୁଣା ତଥା ଚିରାଚରିତ ସମସ୍ୟାର ପୁନରାବୃତ୍ତି ହୋଇଛି। ଶେଷ ମିନିଟରେ ଗୋଲ ବରଣ କରି ଭାରତ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଜୟ ହାସଲରୁ ବଞ୍ଚିତ ହୋଇଛି। ଏଠାରେ ଚାଲିଥିବା ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟରେ ଭାରତ ରବିବାର ଖେଳାଯାଇଥିବା କୋରିଆ ବିପକ୍ଷ ମ୍ୟାଚ୍‌ରେ ଶେଷ ମିନିଟରେ ଗୋଲ ବରଣ କରି ବିଜୟ ହାତଛଡ଼ା କରିଛି। ଏହି ମ୍ୟାଚ୍ ଶେଷରେ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଶନିବାର ୨-୦ ଗୋଲରେ ଜାପାନକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା।

କୋରିଆ ବିପକ୍ଷରେ ମନଦୀପ ସିଂ ୨୮ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଭାରତୀୟ ଡିଫେନ୍ସରେ କେତୋଟି ତ୍ରୁଟି ଦେଖିବାକୁ ମିଳିଥିଲା। ଭାରତୀୟ ଡିଫେନ୍ସ ଦୁର୍ବଳତାର ଫାଇଦା ଉଠାଇ ଜାପାନର ଜୋନଘିୟୁନ ଜାଙ୍ଗ୍ ମ୍ୟାଚ୍ ଶେଷ ହେବାକୁ ଆଉ ମାତ୍ର ୨୨ ସେକେଣ୍ଡ ବାକିଥିବା ବେଳେ ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇଥିଲେ। ଫଳରେ ମ୍ୟାଚ ଶେଷରେ ଡ୍ର ରହିଥିଲା। ଜବରଦସ୍ତ ବର୍ଷା ହେବା କାରଣରୁ ଚତୁର୍ଥ କ୍ୱାର୍ଟରରେ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ସେତେବେଳକୁ ମ୍ୟାଚ୍ ଆଉ ୮ ମିନିଟ ବାକିଥିଲା। ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମିଡ ଫିଲ୍ଡର ବିବେକ ସାଗର ପ୍ରସାଦ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ କୋରିଆ ଡିଫେଣ୍ଡର ଏହାକୁ ପ୍ରତିହତ କରିଥିଲେ। କୋରିଆ ଖେଳାଳିମାନେ ଭାରତୀୟ ସର୍କଲରେ ପ୍ରବେଶ କରି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଡିଫେଣ୍ଡର ସୁରେନ୍ଦ୍ର କୁମାର ସେମାନଙ୍କୁ ଅଟକାଇଥିଲେ। ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲରେ ଦେବାରେ ସଫଳ ହୋଇ ନ ଥିଲ। ଦଶମ ମିନିଟରେ ଭାରତ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ହୋଇ ପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଦ୍ୱିତୀୟ ପେନାଲ୍ଟି କର୍ନର ପାଇଥିଲା। ତେବେ କୋରିଆ ଗୋଲକିପର ଏହାକୁ ପଣ୍ଡ କରିବାରେ ସମର୍ଥ ହୋଇଥିଲେ। ଗ୍ରୀନ୍ କାର୍ଡ କାରଣରୁ କୋରିଆ ୩ଜଣ ଖେଳାଳିଙ୍କୁ ହରାଇଥିଲା ଓ ଦଳର ଖେଳାଳି ସଂଖ୍ୟା ୮କୁ କମିଥିଲା। ଏହାର ଫାଇଦା ଉଠାଇ ମନଦୀପ ୨୮ତମ ମିନିଟରେ ଭାରତ ପାଇଁ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ କୋରିଆ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ତେବେ ଅମିତ ରୋହିଦାସ ଏହାକୁ ପଣ୍ଡ କରିଥିଲେ। ବର୍ଷା ପରେ କୋରିଆ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। କ୍ରମାଗତ ପେନାଲ୍ଟି କର୍ନର ହାସଲ କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ମ୍ୟାଚ୍ ଆଉ ୫୩ ସେକେଣ୍ଡ ବାକିଥିବା ବେଳେ କୋରିଆ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଭାରତୀୟ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍ ଏହାକୁ ଅଟକାଇଥିଲେ। ରେଫରାଲ ନେବା ପରେ କୋରିଆ ଆଉ ଏକ ପେନାଲ୍ଟି କର୍ନର ହାସଲ କରିଥିଲା ଓ ଏହାକୁ ଜାଙ୍ଗ୍ ଗୋଲରେ ପରିଣତ କରି ମ୍ୟାଚ ଅମୀମାଂସିତ ରଖିଥିଲେ। ଗୋଟିଏ ଦିନର ବିଶ୍ରାମ ପରେ ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ମଙ୍ଗଳବାର ଆୟୋଜକ ମାଲେସିଆକୁ ଭେଟିବ।



ଭାରତ ପକ୍ଷରୁ ଏକମାତ୍ର ଗୋଲ କରିଥିବା ମନଦୀପ ସିଂ ।

# କାନାରା ବ୍ୟାଙ୍କ ଚାମ୍ପିୟନ



ଚାମ୍ପିୟନ କାନାରା ବ୍ୟାଙ୍କ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ବନ୍ତ,୨୪।୩(ଡି.ଏନ୍.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନି ଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲରେ ସେରସା ଆଦ୍ରାକୁ ହରାଇ କାନାରା ବ୍ୟାଙ୍କ, ବାଙ୍ଗାଲୋର ଚାମ୍ପିୟନ ହୋଇଛି। କାନାରା ବ୍ୟାଙ୍କ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ସେରସା ଆଦ୍ରା ନିର୍ଦ୍ଧାରିତ ୨୦ ଓଭରରେ ରାଜୁ କୁମାର ୩୦ ଓ କେଶବ କୁମାରଙ୍କ ୨୪ ରନ୍ ସହାୟତାରେ ୮ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ରାଜୁ ଭଟ୍ଟକଲ ୪ ଓ କେପି ଅପର୍ଣ୍ଣା ୨ଟି ଉଇକେଟ ଅକ୍ତିଆର କରିଥିଲେ। ୧୩୨ ରନ ବିଜୟ ଲକ୍ଷ୍ୟକୁ ପିଛା କରି କାନାରା ବ୍ୟାଙ୍କ ୯ ଓଭରରେ ଭରତ ଚିପିଲ୍‌ଙ୍କ ୭୩ ରନ୍ ସହାୟତାରେ ୩ ଉଇକେଟ ହରାଇ ୧୩୨ ରନ୍ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ସାଗରବାଳା ରାଉଳ ସ୍ମାରକୀ ଟ୍ରଫି ଓ ରନର୍ସଅପ୍ ଦଳକୁ ପ୍ରଭାସିନୀ ସାହୁ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରାଜୁ ଭଟ୍ଟକଲଙ୍କୁ ପ୍ରଫୁଲ୍ଲ ଦାସ ସ୍ମାରକୀ ପ୍ଲେୟର ଅଫ ଦି ଇୟର, ପ୍ରଦୀପ ନାୟକଙ୍କ ସ୍ମୃତିରେ ସୁମିତ୍ କୁମାରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ଓ ଇମର୍ଜିଂ ପ୍ଲେୟର ପୁରସ୍କାର, ନିଶାକର ବେହୁରାଙ୍କୁ ଶ୍ରେଷ୍ଠ ବୋଲର, ଭୋଳାନାଥ ବେହେରାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ତାମିଲନାଡୁକୁ ହରାଇଲା ଓଡ଼ିଶା



ଲୁଇସା ଦାସ ଓ ପୁନମ ନାୟକ ।

**କଟକ ଅଫିସ,୨୪।୩**

ସୁରଟର ସି.କେ. ପିଠୱାଲା ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଲିଗ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ୭୪ରନରେ ତାମିଲନାଡୁକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ଦ୍ୱିତୀୟ ବିଜୟ। ଏଲିଟ ଗ୍ରୁପ- ଏ ଓ ବିରେ ସ୍ଥାନ ପାଇଥିବା ଓଡ଼ିଶା ୪ଟି ମ୍ୟାଚରୁ ୨ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ଟେବୁଲର ୧୦ମ ସ୍ଥାନରେ ରହିଛି। ୨୬ରେ କର୍ନାଟକ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ରବିବାର ମ୍ୟାଚ୍‌ରେ ଭ୍ରମଣକାରୀ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ରଶ୍ମିତା ଚିନ୍ନାରା ଓ ଅଞ୍ଜଳି ସିଂ ଓପନିଂ ଉଇକେଟ ଭାଗୀଦାରିରେ ୫୯ରନ ସଂଗ୍ରହ କରିଥିଲେ। ରଶ୍ମିତା ୧୯ରନରେ ଓ ଅଞ୍ଜଳି ୩୫ରନରେ ଆଉଟ ହେବା ପରେ ପୁନମ ନାୟକ ଅପରାଜିତ ୫୮ ଓ ସୁଶ୍ରୀ ଦିବ୍ୟଦର୍ଶନୀଙ୍କ ୪୮ରନ ବଳରେ ଓଡ଼ିଶା ୪ ଉଇକେଟ ବିନିମୟରେ ୨୦୦ରନ କରିଥିଲା। ରାଣୀ ଟୁଡୁ ୧୬ରନରେ ଆଉଟ ହୋଇଥିଲେ। ତାମିଲନାଡୁ ପକ୍ଷରୁ ଯୋଗ୍ୟା କୌଶୁରୀଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ତାମିଲନାଡୁ ୧୨୬ରନରେ ଅଲଆଉଟ ହୋଇଥିଲା। ଏସ. ଅନୁଷା ସଂଘର୍ଷପୂର୍ଣ୍ଣ ୭୧ରନର ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଲୁଇସା ଦାସ ୪ଟି ଓ ଇନ୍ଦ୍ରାଣୀ ଛତ୍ରିଆ ୩ଟି ଉଇକେଟ ଅକ୍ତିଆର କରିବା ସହ ଦଳ ବିଜୟରେମୁଖ୍ୟଭୂମିକାଗ୍ରହଣକରିଥିଲେ।



ଜାତୀୟ ସଫ୍ଟ ଟେନିସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

# ଜାତୀୟ ସଫ୍ଟ ଟେନିସ୍: ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୨୪ ।୩(କ୍ରୀଡ଼ା ପ୍ରତିନିଧି)**

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚଳିତମାସ ୨୭ରୁ ୩୧ ପର୍ଯ୍ୟନ୍ତ ୧୬ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ରବିବାର ଓଡ଼ିଶା ଦଳ ଉତ୍ତର ପ୍ରଦେଶ ଯାତ୍ରା କରିଛି। ଏହି ଅବସରରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମହମ୍ମଦ ଆଜାମ, କିସ୍‌ର ସହକାରୀ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ(ମହିଳା):** କରିଶ୍ମା କିଷାନ(ଅଧିନାୟିକା), ଅନମ ଆଲମାସ, ମୋନାଲିସା ନାୟକ, ଚୂଡ଼ାମଣି ସୋରେନ, ଗୌରୀରାଣୀ ମୁଣ୍ଡା, କୁମାରୀ ହିମିରିକା, ଅମିଷ ମିନିଜ, ଅନୁସୟା ବାରିକ।

**ଓଡ଼ିଶା ଦଳ (ପୁରୁଷ):** ଶିବରାମ ସ୍ୱାଇଁ(ଅଧିନାୟକ), ଦିପ୍ତ ରଞ୍ଜନ ବେହେରା, ରବୀନ୍ଦ୍ର ହାଂସଦା, ଅଜିତ ସାବାର, ଲଛମନ ମୀନାକା, ବଳଦେବ କିସାନୀ, ବିକାଶ କୁମାର ମହାପାତ୍ର, ଲକ୍ଷ୍ମୀଧର ନାୟକ। କୋଚ୍: ମହମ୍ମଦ ଆଜାମ, ମ୍ୟାନେଜର: ଜ୍ୟୋତ୍ସ୍ନା ରାୟ। ଅମ୍ପାୟର: କୁନାଶ ବିଶ୍ୱାଳ, ମହମ୍ମଦ ଅନସାର ଉଲ୍ ହକ୍।

# ଅର୍ଚ୍ଚନାଙ୍କୁ ରୌପ୍ୟ, ସାଥିୟାଁଙ୍କୁ ବ୍ରୋଞ୍ଜ

**ମସ୍କଟ, ୨୪।୩ (ପି.ଟି.)**

ଆଇଟିଟିଏଫ୍ ଚ୍ୟାଲେଞ୍ଜ ପ୍ଲସ ଓମାନ ଓପନ୍ ପ୍ରତିଯୋଗିତାରେ ଭାରତୀୟ ଟେବୁଲ ଟେନିସ୍ ଖେଳାଳି ଜି. ସାଥିୟାଁ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ ହାରିଯାଇଛନ୍ତି। ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ୨୧ ବର୍ଷରୁ କମ୍ ବୟସ ବର୍ଗରେ ମହିଳା ସିଙ୍ଗଲ୍ସ ଫାଇନାଲରେ ପରାସ୍ତ ହୋଇ ଅର୍ଚ୍ଚନା କାମାଥ୍ ରୌପ୍ୟ ପଦକ ଲାଭ କରିଛନ୍ତି। ଚତୁର୍ଥ ସିଡ୍ ସାଥିୟାଁ ତାଙ୍କ ସେମିଫାଇନାଲ ମ୍ୟାଚରେ ମାଟିଆସ୍ ଫ୍ଲାକ୍‌ଙ୍କୁ କଡ଼ା ଟକ୍କର ଦେଇଥିଲେ। ମାତ୍ର ସେ ଟପ୍ ସିଡ୍ ତଥା ସ୍ୱିଡେନର ଏହି ଖେଳାଳିଙ୍କଠାରୁ ୮-୧୧, ୧୧-୭, ୯-୧୧, ୧୧-୯, ୯-୧୧, ୧୧-୯, ୧୦-୧୨ରେ ହାରିଯାଇଥିଲେ। ଅନ୍ୟପକ୍ଷରେ ୨୧ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସରେ ଭଲ ପ୍ରଦର୍ଶନ କରି ଆସୁଥିବା ଅର୍ଚ୍ଚନା କାମାଥ ଫାଇନାଲରେ ଜାପାନର ସାତ୍‌ସୁକି ଓଡୋଙ୍କଠାରୁ ୭-୧୧, ୮-୧୧, ୬-୧୧ ପରାସ୍ତ ହୋଇଯାଇଥିଲେ।

# ମିରାକ୍ଲଙ୍କୁ ଟାଇଟଲ୍

## ସ୍କୁଲ ଓପନ ଚେସ୍

**ଭୁବନେଶ୍ୱର, ୨୪ ।୩(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ ଓପନ ଚେସ୍‌ରେ ମିରାକ୍ଲ ପଣ୍ଡା ଟାଇଟଲ ହାସଲ କରିଛନ୍ତି। ଏଥିରେ ୧୯ ସ୍କୁଲ୍‌ରୁ ମୋଟ ୮୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୬ ଅନ୍ତର୍ଜାତୀୟ ରେଟେଡ ଖେଳାଳି ସାମିଲ ଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ମିରାକ୍ଲ ଓ ଶେଖ୍ ଇଜାଜ ଅହମଦ ୬.୫ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୀର୍ତ୍ତି ଅନୁରାଗ, ପ୍ରତ୍ୟୁଷ ନାୟକ, ଆରିନ ଅନ୍ୱେଷ ସ୍ୱାଇଁ, ପ୍ରଭାଂଶୁ ଦାସ, ଡି.ଆଦିତ୍ୟ, ବିକାଶ କୁମାର ଲେଙ୍କା, ଅଭିନନ୍ଦନ ପଣ୍ଡା, ଶୁଭସୁନ୍ଦର ବେହେରା, ଦୀପ୍ତିମୟୀ ସାହୁ, ଶ୍ରୀଶ ରଞ୍ଜନ ସାହୁ, ଅବିନାଶ ଆଚାର୍ଯ୍ୟ, ତ୍ରିଦେବ ତୀର୍ଥଙ୍କର ଓ ଶାଶ୍ୱତ ସାହୁ ଟପ୍-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ୫ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡାଇରେକ୍ଟର ପ୍ରତିମା ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ସଂଯୋଜକ ଭାରତୀ ଦାସ ଓ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ଓ ମାନପତ୍ର ସହ କୃତୀ ଚେସ୍ ପ୍ରତିଯୋଗୀ।

# ଅନିଲଙ୍କ ଶତକ: ଜୁଭେନାଇଲ ଚାମ୍ପିୟନ

## ରାମେଶ୍ୱର କପ୍ ଜୁନିୟର କ୍ରିକେଟ

**ଭୁବନେଶ୍ୱର, ୨୪ ।୩(କ୍ରୀଡ଼ା ପ୍ରତିନିଧି)**

ଅନିଲ ପରିଡ଼ାଙ୍କ ଅପରାଜିତ ଶତକ ସହାୟତାରେ କଟକର ଜୁଭେନାଇଲ କ୍ଲବ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଜୁଭେନାଇଲ ୨ ଉଇକେଟରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି।

ଟସ୍ ଜିତି ଜୁଭେନାଇଲ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାମେଶ୍ୱର ସ୍ପୋର୍ଟିଂ ପ୍ରକାଶ କୁମାର ବାରିକଙ୍କ ଦ୍ରୁତ ୬୨(୪୯ ବଲ) ଓ ମନଜିତ ମହାନ୍ତିଙ୍କ ୩୫ ରନ ବଳରେ ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୨୨୦ ରନ କରିଥିଲା। ପ୍ରତିପକ୍ଷ ଦଳର ପଙ୍କଜ ସେନାପତି ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ଜୁଭେନାଇଲ ୩୯.୪ ଓଭରରେ ୮ ଉଇକେଟ ହରାଇ ୨୨୨ ରନ କରି ମ୍ୟାଚ ଜିତିଥିଲା। ଦଳ ପକ୍ଷରୁ ଅନିଲ ପରିଡ଼ା ୧୦୮ ବଲ୍‌ରୁ ୧୨୧ ରନରେ ଅପରାଜିତ ରହି ଦଳର ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିଲେ। ଜାଭେଦ ଖାଁ ଦ୍ୱିତୀୟ ସର୍ବାଧିକ ୨୬ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ତୋଫାନ ଗୌଡ଼ା ୨୭ ରନରେ ୪ଟି ଏବଂ ପ୍ରକାଶ ବାରିକ ୪୪ ରନରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅନିଲ ପରିଡ଼ା ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବିନିତ ମହାନ୍ତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ତୋଫାନ ଗୌଡ଼ା ଶ୍ରେଷ୍ଠ ବୋଲର, କୃଷ୍ଣ ଚନ୍ଦ୍ର ବାରିକ ଶ୍ରେଷ୍ଠ ଉଇକେଟ କିପର, ପ୍ରକାଶ କୁମାର ବାରିକ ଶ୍ରେଷ୍ଠ ସିକ୍ସର ପୁରସ୍କାରଲାଭ କରିଥିଲେ।

ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାମେଶ୍ୱର ସ୍ପୋର୍ଟିଂ ସଭାପତି ସୁରେଶ ଚନ୍ଦ୍ର ରାଉତରାୟ, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅରୁପ ପଟ୍ଟନାୟକ, ଓଡ଼ିଶା କ୍ରିକେଟ ଆସୋସିଏଶନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଦ୍ୟୁତ କୁମାର ନାୟକ, ଯୁବ ନେତା ରଞ୍ଜିତ ମହାପାତ୍ର, ରାମେଶ୍ୱର ସ୍ପୋର୍ଟିଂ କ୍ଲବର ପରାମର୍ଶଦାତା ରାଧାନାଥ ମହାପାତ୍ର, ରାଜେନ୍ଦ୍ର ସମର୍ଥା, ପ୍ରମୋଦ ମହପାତ୍ର, ଆୟୋଜକ ଏଚ୍‌ଆଇଏଲର ଓଡ଼ିଶା ମୁଖ୍ୟ ସୂର୍ଯ୍ୟକାନ୍ତ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚଳିତ ସିଜନରେ ରାଜ୍ୟଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରାମେଶ୍ୱର ସ୍ପୋର୍ଟିଂ ଖେଳାଳି ରାଜେଶ ମହାନ୍ତି, ବିଶ୍ୱଜିତ ଭୂୟାଁ, ବିଶ୍ୱଜିତ ମଲିକ, ଆଶୁତୋଷ ସାହୁ ଓ ସାରାଂଶ କୁମାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାମେଶ୍ୱର ସ୍ପୋର୍ଟିଂର ସମ୍ପାଦକ ଦୀପକ ମଙ୍ଗରାଜ ଏବଂ କ୍ଲବର ବରିଷ୍ଠ ସଦସ୍ୟ ପରେଶ ପଟେଲ, ପ୍ରିୟବ୍ରତ ପ୍ରଧାନ, ଆଲୋକ ଦାସ, ପୂର୍ଣ୍ଣ ମହାରଣା, ତନ୍ମୟ ମହାପାତ୍ର, ରାଜେଶ ମହାପାତ୍ର, ଦିବ୍ୟରଞ୍ଜନ ବେହେରା ଓ ସୂର୍ଯ୍ୟ ନାୟକ ପ୍ରମୁଖ ଉଦ୍‌ଯାପନୀ ଉତ୍ସବକୁ ପରିଚାଳନା କରିଥିଲେ।



ଚାମ୍ପିୟନ ଜୁଭେନାଇଲ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ।

> ମ୍ୟାଚରେ ଅଧିକ ରନ ସ୍କୋର ହେଲେ ସେତେବେଳେ ପିଚ୍ ବିରୋଧରେ କେହି ପ୍ରଶ୍ନ ଉଠାଇ ନ ଥାନ୍ତି।
> **-ହରଭଜନ ସିଂ, ଭେଟେରାନ ସ୍ପିନର**



> ବିଶ୍ୱ ର୍‍ୟାଙ୍କିଙ୍ଗ ଦୃଷ୍ଟିକୋଣରୁ ବିଚାର କଲେ ପୁରୁଷ ଦଳ ତୁଳନାରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଉନ୍ନତ।
> **-ସୁନୀଲ ଛେତ୍ରୀ,ଭାରତୀୟ ଫୁଟ୍‌ବଲ ଅଧିନାୟକ**



## ଆଜିର ମ୍ୟାଚ

ରାଜସ୍ଥାନ ରୟାଲ୍ସ
ବନାମ
କିଙ୍ଗ୍ସ ଇଲେଭେନ ପଞ୍ଜାବ



ପ୍ରସାରଣ
ସ୍ଥାନ : ଜୟପୁର,
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଫ୍ଲଡ ଲାଇଟ୍ ସମସ୍ୟା: ୧୨ ମିନିଟ ଖେଳ ବନ୍ଦ

**କୋଲକାତା,୨୪।୩(ପି.ଟି.):** କୋଲକାତା ନାଇଟ ରାଇଡର୍ସ- ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍ ଅବସରରେ ଇଡେନ ଗାର୍ଡେନର ଫ୍ଲଡ ଲାଇଟ୍ ଶର୍ଟ ସର୍କିଟ ଯୋଗୁ ୧୨ ମିନିଟ ବନ୍ଦ ରହିଥିଲା। ଫଳରେ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ସନ୍ଧ୍ୟା ୭.୧୮ ମିନିଟ୍‌ରେ ଏହି ସମସ୍ୟା ଦେଖାଦେଇଥିଲା। ସେତେବେଳେ ହାଇଦ୍ରାବାଦ ସ୍ପିନର ରସିଦ ଖାଁ ୧୬ତମ ଓଭରର ତୃତୀୟ ବଲ ପକାଇବାକୁ ଯାଉଥିଲେ ଓ ନୀତିଶ ରାଣା ୬୮ ରନ କରି ବ୍ୟାଟିଂ କରୁଥିଲେ। ଏହି କାରଣରୁ ମୁମେଣ୍ଟମ ହରାଇଥିଲି ଓ ଶେଷରେ ଆଉଟ ହୋଇଥିଲି ବୋଲି ରାଣା ମ୍ୟାଚ ପରର ଖବରଦାତା ସମ୍ମିଳନୀରେ କହିଥିଲେ। ଷ୍ଟାଡିୟମର ଇ ବ୍ଲକ ଟାୱାରରେ ଶର୍ଟ ସାର୍କିଟ ହୋଇଥିଲା ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଇଡେନ ଗାର୍ଡେନରେ ପୂର୍ବରୁ ମଧ ଏକାଧିକ ବାର ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୬ରେ ନ୍ୟୁଜିଲାଣ୍ଡ - ବାଂଲାଦେଶ ବିଶ୍ୱକପ୍ ଟି୨୦ ମ୍ୟାଚ୍, ୨୦୦୯ ଡିସେମ୍ବର ୨୪ରେ ଭାରତ- ଶ୍ରୀଲଙ୍କା ଚତୁର୍ଥ ଦିନିକିଆ, ୨୦୦୮ରେ ଡେକାନ ଚାର୍ଜର୍ସ- କୋଲକାତା ମ୍ୟାଚ୍ ଅବସରରେ ଫ୍ଲଡ ଲାଇଟ୍‌ରେ ବ୍ୟାଘାତ ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା।

### ସନରାଇଜର୍ସ ହାଇଦ୍ରାବାଦର ନେତୃତ୍ୱ ନେଲେ ଭୁବନେଶ୍ୱର

**କୋଲକାତା,୨୪।୩(ପିଟି):** ସନରାଇଜର୍ସ ହାଇଦ୍ରାବାଦ ଦଳର ନିୟମିତ ଅଧିନାୟକ କେନ ୱିଲିୟମସନ ଏହି ମ୍ୟାଚ୍‌ରେ କୌଣସି କାରଣରୁ ଖେଳି ପାରି ନାହାନ୍ତି। ଏଣୁ ଭାରତୀୟ ପେସର ଭୁବନେଶ୍ୱର କୁମାରଙ୍କୁ ସନରାଇଜର୍ସ ହାଇଦ୍ରାବାଦ ଦଳର ନେତୃତ୍ୱ ଦିଆଯାଇଛି। ପ୍ରଥମ ଥର ପାଇଁ ଉତ୍ତର ପ୍ରଦେଶ ବୋଲରଙ୍କୁ କୌଣସି ଦଳର ନେତୃତ୍ୱ ନେବାର ସୁଯୋଗ ମିଳିଛି। ଏଠାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ ସନରାଇଜର୍ସ ଦଳ ପାଇଁ ଭୁବନେଶ୍ୱର ଗୁରୁଦାୟିତ୍ୱ ତୁଲାଇଛନ୍ତି। ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଏକ ବର୍ଷ ବାସନ୍ଦ ରହିବା ପରେ ପ୍ରଥମ ଥର ପାଇଁ ଆଇପିଏଲ ମ୍ୟାଚ୍ ଖେଳିଛନ୍ତି।

# ରସେଲ, ରାଣା କୋଲ୍‌କାତାକୁ ଜିତାଇଲେ

କୋଲ୍‌କାତା,୨୪।୩(ପି.ଟି.)

ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର୍) ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଏକ ଚମତ୍କାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓପନର ନୀତୀଶ ରାଣା ଓ ଆନ୍ଦ୍ରେ ରସେଲଙ୍କ ଧୂଆଁଧାର ବ୍ୟାଟିଂ ବଳରେ କେକେଆର ରବିବାର ସ୍ଥାନୀୟ ଇଡେନ୍ ଗାର୍ଡେନ ଗ୍ରାଉଣ୍ଡରେ ଅନୁଷ୍ଠିତ ଆଇପିଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୨ଟି ବଲ୍ ବାକି ରଖି ୬ ଉଇକେଟରେ ଭୁବନେଶ୍ୱର କୁମାରଙ୍କ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଅନ୍ତିମ ୩ ଓଭରରେ ବିଜୟ ପାଇଁ ୫୩ ରନ୍ ଆବଶ୍ୟକ ଥିଲେ ମଧ କୋଲକାତା ଘରୋଇ ପରିବେଶର ଫାଇଦା ଉଠାଇ ନାଟକୀୟ ଢଙ୍ଗରେ ବିଜୟ ହାସଲ କରିଛି। ଶେଷ ଓଭରରେ ସ୍ପିନର ସାକିବ ଅଲ ହାସନଙ୍କୁ ଦୁଇଟି ଛକା ମାରି ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ କୋଲକାତାକୁ ଜିତାଇଥିଲେ। ଟସ୍ ଜିତି କୋଲକାତା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ଦୀର୍ଘଦିନ ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ଓପ୍‌ନର ଡେଭିଡ ୱାର୍ନରଙ୍କ ଧୂଆଁଧାର ପ୍ରଦର୍ଶନ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୯.୪ ଓଭରରେ ୪ ଉଇକେଟ ହରାଇ ୧୮୩ ରନ୍ କରି ବିଜୟୀ ହୋଇଛି। ଦ୍ରୁତ ଅପରାଜିତ ୪୯ ରନ୍ କରିବା ସହ ୨ ଉଇକେଟ ଅକ୍ତିଆର କରି ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ରସେଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୨ ରନ୍‌ର ଚ୍ୟାଲେଞ୍ଜିଂ ଟାର୍ଗେଟ୍‌ର ପିଛାକରି କୋଲକାତା ଆରମ୍ଭରୁ ଓପ୍‌ନର କ୍ରିସ୍ ଲିନ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିନ୍ ୭ ରନ୍ କରି ସାକିବଙ୍କ ବଲ୍‌ରେ ରସିଦ୍ ଖାଁଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ରବିନ ଉଥାପ୍ପା ୨୭ ବଲରୁ ୩ ଚୌକା ଓ ୧ ଛକା ସହ ୩୫ ରନ୍ କରି ସିଦ୍ଧାର୍ଥ କାଉଲଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଅଧିନାୟକ ଦୀନେଶ କାର୍ତ୍ତିକ ୨ ରନ୍ କରି ସନ୍ଦୀପ ଶର୍ମାଙ୍କ ବଲ୍‌ରେ ଭୁବନେଶ୍ୱର କୁମାରଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ତେବେ ନୀତୀଶ ରାଣା ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ଦ୍ରୁତ ୬୮ ରନ୍ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ ଓ ରସିଦଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ଉଥାପ୍ପା ଓ ରାଣା ୮୦ ରନ୍ ସଂଗ୍ରହ କରିଥିଲେ। ପଞ୍ଚମ ଉଇକେଟ ଯୋଡ଼ିରେ ରସେଲ ଓ ଶୁବମନ ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ଦ୍ରୁତ ତଥା ଅପରାଜିତ ୬୫ ରନ୍ କରି ଦଳକୁ ଜିତାଇଥିଲେ। ୧୯ଟି ବଲ୍ ଖେଳି ୪ ଚୌକା ଓ ୪ ଛକା ସହ ଅପରାଜିତ ୪୯ ରନ୍ କରି ରସେଲ କୋଲକାତାକୁ ବିଜୟ ପ୍ରଦାନ କରିଥିଲେ। ସେହିପରି ଶୁବମନ ୧୦ଟି ବଲ୍ ଖେଳି ୨ ଛକା ସହ ୧୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ସାକିବ, ସନ୍ଦୀପ, କାଉଲ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏଥି ସହିତ କୋଲକାତା ଆଇପିଏଲ୍‌ରେ କ୍ରମାଗତ ସପ୍ତମଥର ପାଇଁ ତା'ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ତରଫରୁ ୱାର୍ନର ସର୍ବାଧିକ ୮୫ (୫୩ ବଲ୍, ୯ ଚୌକା, ୩ ଛକା) ରନ୍ କରି ରସେଲଙ୍କ ବଲ୍‌ରେ ଉଥାପ୍ପାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପରାଜୟ କାରଣରୁ ୱାର୍ନରଙ୍କ ଏହି ଦମ୍‌ଦାର ଇନିଂସ୍ ଫିକା ପଡିଯାଇଥିଲା। ସେହିପରି ଜନି ବେୟାରଷ୍ଟୋ ୩୯ ରନ୍ କରି ପୀୟୂଷ ଚାୱ୍‌ଲାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୟୁସୁଫ୍ ପଠାନ ୧ ରନ୍ କରି ରସେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବିଜୟ ଶଙ୍କର ୪୦ (୨୪ ବଲ, ୨ ଚୌକା, ୨ ଛକା) ଓ ମନୀଷ ପାଣ୍ଡେ ୮ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ରସେଲ ୨, ଚାୱ୍‌ଲା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



୪୯ରନ୍‌ର ଅପରାଜିତ ଇନିଂସ ଅବସରରେ ଆନ୍ଦ୍ରେ ରସେଲ ।

### ସଂକ୍ଷିପ୍ତ ସ୍କୋର

- ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୧/୩ (ୱାର୍ନର- ୮୫, ଶଙ୍କର- ୪୦*, ବେୟାରଷ୍ଟୋ- ୩୯, ରସେଲ- ୨/୩୨, ଚାୱ୍‌ଲା- ୧/୨୩)।
- କୋଲ୍‌କାତା ନାଇଟ ରାଇଡର୍ସ ୧୯.୪ ଓଭରରେ ୧୮୩/୪ (ରାଣା- ୬୮, ରସେଲ- ୪୯*, ଉଥାପ୍ପା- ୩୫, ଶୁବମନ- ୧୮*, ସାକିବ- ୧/୪୨, ସନ୍ଦୀପ- ୧/୪୨, କାଉଲ- ୧/୩୫, ରସିଦ- ୧/୨୬)।

# ମୁମ୍ବାଇକୁ ହରାଇଲା ଦିଲ୍ଲୀ



ମ୍ୟାନ ଅଫ ଦି ମ୍ୟାଚ ରିଷଭ ପନ୍ତ ।

ମୁମ୍ବାଇ, ୨୪।୩

ରିଷଭ ପନ୍ତଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପରେ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ପୂର୍ବତନ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୩୭ ରନରେ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୧୪ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ୧୯.୨ ଓଭରରେ ୧୭୬ ରନ କରି ଅଲଆଉଟ ହୋଇ ଯାଇଥିଲା। ରିଷଭ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

### ପନ୍ତଙ୍କ ବିସ୍ଫୋରକ ବ୍ୟାଟିଂ

ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ବୋଲରମାନେ ମାତ୍ର ୨୯ ରନ ମଧ୍ୟରେ ପୃଥ୍ୱୀ ଶ(୭) ଓ ଅଧିନାୟକ ଶ୍ରେୟାସ ଆୟାର(୧୬)ଙ୍କ ଉଇକେଟ ହାସଲ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମାତ୍ର ଅଭିଜ୍ଞ ଓପନର ଶିଖର ଧାୱନ ଓ କଲିନ୍ ଇନ୍‌ଗ୍ରାମଙ୍କ ଦ୍ରୁତ ରନ ସଂଗ୍ରହ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ ଉଇକେଟ ଯୋଡ଼ିରେ ୮୩ ରନ ଭାଗୀଦାରି ପରେ ଇନ୍‌ଗ୍ରାମ ବ୍ୟକ୍ତିଗତ ୪୭(୩୨ ବଲ, ୭ ଚୌକା, ୧ ଛକା) ରନ କରି ଆଉଟ ହୋଇଥିଲେ। ପରେ ଧାୱନ ୪୩(୩୬ ବଲ, ୪ ଚୌକା, ୧ ଛକା)ରେ ପ୍ୟାଭିଲିୟନ ଫେରିଥିଲେ। ମିଡଲ ଅର୍ଡରରେ କ୍ରିଜ୍‌କୁ ଆସିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ କିନ୍ତୁ ଖେଳିଥିଲେ ବିସ୍ଫୋରକ ଇନିଂସ। ସେ ଧୂଆଁଧାର ବ୍ୟାଟିଂ କରି ୨୭ ବଲ୍‌ରୁ ୭ ଚୌକା ଓ ୭ ଛକା ସହାୟତାରେ ୭୮ ରନକରି ଅପରାଜିତ ରହିବାରୁ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୧୩ ରନର ବଡ଼ ସ୍କୋର କରିଥିଲା। ମୁମ୍ବାଇ ପକ୍ଷରୁ ମିଚେଲ ମ୍ୟାକକ୍ଲିନହାନ ୩ଟି ଏବଂ ଯଶପ୍ରୀତ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବେନ୍ କଟିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୪୫ ରନ ମଧ୍ୟରେ ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ଅଧିନାୟକ ରୋହିତ ଶର୍ମା(୧୪), କ୍ୱିଣ୍ଟନ ଡି କକ୍ (୨୭) ଓ ସୂର୍ଯ୍ୟ କୁମାର ଯାଦବ(୨)ଙ୍କ ଉଇକେଟ ହରାଇ ଚାପକୁ ଚାଲି ଆସିଥିଲା। ମିଡଲ ଅର୍ଡରରେ ଯୁବରାଜ ସିଂ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଯୁବରାଜ ୩୫ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୩ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃନାଲ ପାଣ୍ଡ୍ୟା ୧୫ ବଲ୍‌ରୁ ୩୨(୫ ଚୌକା, ୧ ଛକା) ଓ କେରନ ପୋଲାର୍ଡ ୧୩ ବଲ୍‌ରୁ ୨୧(୨ ଚୌକା, ୧ ଛକା) ରନ ସଂଗ୍ରହ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମ୍‌ରା ଆହତ ସମସ୍ୟା (ଆବ୍‌ସେଣ୍ଟ ହର୍ଟ) ଯୋଗୁ ବ୍ୟାଟିଂ ପାଇଁ ଆସିପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ଈଶାନ୍ତ ଶର୍ମା ଓ କାଗିଶୋ ରାବାଡ଼ା ୨ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ, କେମୋ ପଲ୍, ଅକ୍ଷର ପଟେଲ ଓ ରାହୁଲ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୧୩/୬(ପନ୍ତ- ୭୮*, ଇନ୍‌ଗ୍ରାମ-୪୭, ଧାୱନ- ୪୩, ମ୍ୟାକ୍‌କ୍ଲିନହାନ-୩/୪୦, ବୁମ୍‌ରା-୧/୪୦,ହାର୍ଦ୍ଦିକ- ୧/୪୧, କଟିଂ-୧/୨୭)।
- ମୁମ୍ବାଇ ଇଣ୍ଡିଆନ୍ସ ୧୯.୨ ଓଭରରେ ୧୭୬/ଅଲଆଉଟ (ଯୁବରାଜ-୫୩, କୃନାଲ-୩୨, ଡି'କକ୍-୨୭, ଈଶାନ୍ତ-୨/୩୪, ରାବାଡ଼ା-୨/୨୩, ବୋଲ୍ଟ- ୧/୪୨, ଟେୱାଟିଆ-୧/୧୨, ପଲ୍-୧/୨୧, ଅକ୍ଷର- ୧/୪୨)।

# ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

ଜୋହାନ୍ସବର୍ଗ, ୨୪।୩ (ଏଏଫ୍‌ପି)

ଦକ୍ଷିଣ ଆଫ୍ରିକା ଡିଏଲ୍‌ଏସ ପଦ୍ଧତିରେ ଶ୍ରୀଲଙ୍କା ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ୪୫ରନରେ ଜିତି ନେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ସ୍ଥାନୀୟ ୱାଣ୍ଡର୍ସ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୨ଉଇକେଟ ବିନିମୟରେ ୧୯୮ ରନ କରିଥିଲା। ଅଲରାଉଣ୍ଡର ଡ୍ୱେନ ପ୍ରିଟୋରିଅସ୍ ୭୭ରନ (୪୨ବଲ୍) ଏବଂ ଅଧିନାୟକ ଜେପି ଡୁମିନି ୩୪ (୧୪ବଲ୍) ରନ କରି ଅପରାଜିତ ରହିଥିଲେ। ରିଜା ହେଣ୍ଡ୍ରିକ୍ସ ୬୬ ରନ କରିଥିଲେ। ଖେଳ ସମୟରେ ବର୍ଷା ଯୋଗୁ ଡିଏଲ୍‌ଏସ୍ ପଦ୍ଧତି ଅନୁସାରେ ଶ୍ରୀଲଙ୍କା ପାଇଁ ୧୭ ଓଭରରେ ୧୮୩ରନ ବିଜୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଭ୍ରମଣକାରୀ ଦଳ ୧୫.୪ ଓଭରରେ ୧୩୭ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଉଇକେଟକିପର ନିରୋସାନ ଡିକ୍‌ୱେଲା ସର୍ବାଧିକ ୩୮ ରନ କରିଥିଲେ। ଦକ୍ଷିଣ ଆଫ୍ରିକାର ଆଣ୍ଡିଲେ ଫେଲୁକ୍ୱାୟୋ ୪ ଏବଂ ଜୁନିୟର ଡାଲା ଓ ଲୁଥୋ ସିପାମ୍‌ଲା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା:** ୨୦ ଓଭରରେ ୧୯୮/୨ (ପ୍ରିଟୋରିଅସ୍-୭୭*, ରିଜା ହେଣ୍ଡ୍ରିକ୍ସ-୬୬, ଜେପି ଡୁମିନି-୩୪*; ଜେଫ୍ରି ଭାଣ୍ଡରସେ-୧/୩୫)।

**ଶ୍ରୀଲଙ୍କା** : ୧୫.୪ ଓଭରରେ ୧୩୭/ଅଲଆଉଟ ( ନିରୋସାନ ଡିକୱେଲା-୩୮, ଇସୁରୁ ଉଡାନା-୩୬; ଆଣ୍ଡିଲେ ଫେଲୁକ୍ୱାୟୋ-୪/୨୪)।

### ପରାଜୟ ସହ ଭାରତର ଅଭିଯାନ ଶେଷ

**ତାଶକେଣ୍ଟ, ୨୪।୩ (ପି.ଟି.)**

ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି)୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ହାରିଯାଇଛି। ଏଥିରେ ତାଜିକିସ୍ତାନ ୨-୦ ଗୋଲରେ ବିଜୟ ହାସଲ କରିଛି। ଫଳରେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ଚାମ୍ପିୟନଶିପ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ଦଳ ସର୍ବାଧିକ ୬ ପଏଣ୍ଟରୁ ଗୋଟିଏ ହେଲେ ପଏଣ୍ଟ ହାସଲ କରିପାରି ନ ଥିଲା। ତାଜିକିସ୍ତାନ ତରଫରୁ ଦାଲେର ଯୋଦଗୋରୋଭ ୩୦ତମ ଓ ସୋଲେହୋଭ୍ ୮୫ତମ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମ୍ୟାଚରେ ବିପକ୍ଷ ଦଳ ଆରମ୍ଭରୁ ଘନ ଘନ ଆକ୍ରମଣ କରି ଭାରତୀୟ ଡିଫେନ୍ସକୁ ଅସ୍ଥିର କରିବାକୁ ଚେଷ୍ଟା କରିଥିଲା। ଧୀରଜ ସିଂଙ୍କ ଚମତ୍କାର ଗୋଲ ରକ୍ଷଣ କରି ସେମାନଙ୍କୁ ବାଧା ଦେଇଥିଲେ। ଭାରତ ପାଇଁ ଖେଳର ୧୨ଶ ମିନିଟ୍‌ରେ ଅଗ୍ରଣୀର ସୁଯୋଗ ରହିଥିଲା। କୋମଲ ଥାଟାଲଙ୍କ ଫ୍ରି-କିକ୍‌କୁ ସାର୍ଥକ ଗୋଲୁଇଙ୍କ ହେଡର ବଲ୍ ନେଟ୍ ମଧ୍ୟରେ ପ୍ରବେଶ କରିପାରି ନ ଥିଲା।

# ଦିନିକିଆ ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

ଶାରଜା, ୨୪।୩

ଘରୋଇ ପାକିସ୍ତାନ ବିପକ୍ଷରେ ରବିବାର ଏଠାରେ ଅନୁଷ୍ଠିତ ୨ୟ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୮ ଉଇକେଟ୍‌ରେ ଜିତିନେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୮୫ ରନର ଲକ୍ଷ୍ୟକୁ ପିଛା କରିଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚଙ୍କ ଶତକ ବଳରେ ୪୭.୫ ଓଭରରେ ୨ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଆଗୁଆ ୨-୦ରେ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୮ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଆସନ୍ତା ୨୭ରେ ଆବୁଧାବିଠାରେ ଅନୁଷ୍ଠିତ ହେବ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ୍ ହରାଇ ୨୮୪ ରନ କରିଥିଲା। ଦଳ ପକ୍ଷରୁ ଉଇକେଟ୍‌କିପର ମହମ୍ମଦ ରିଜୱାନ ୧୧୫ ରନର ଶତକୀୟ ଇନିଂସ ଖେଳିଥିବାବେଳେ ଅଧିନାୟକ ସୋଏବ ମଲିକ (୬୦), ଇମାଦ୍ ୱାସିମ (୧୯*), ହାରିସ ସୋହେଲ (୩୪) ଉପଯୁକ୍ତ ସହାୟତା କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଝେ ରିଚାର୍ଡସନ ଓ ନାଥନ କୁଲ୍ଟର-ନିଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ଫିଞ୍ଚ (୧୫୩)ଙ୍କ ଅପରାଜିତ ଶତକ ଓ ଓପନର ଉସମାନ ଖ୍ୱାଜା (୮୮)ଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ଟାର୍ଗେଟ୍ ହାସଲ କରିନେଇଥିଲା।



ତୁର୍କୀ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ପାଇଁ ୪ ଖେଳାଳି ।

### ତୁର୍କୀ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)**

ତୁର୍କୀର ଆଣ୍ଟାଲିୟାସ୍ଥିତ ଲିମ୍‌କା ଲିମ୍‌ରା ସ୍ପୋର୍ଟ୍ସ ହଲ୍‌ରେ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ୫ମ ତୁର୍କୀ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ (ଇନିସ୍ କପ୍) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୨୯୧ ପ୍ରତିଯୋଗୀ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତରୁ ଭାଗ ନେବାକୁ ଯାଉଥିବା ୧୮ ଜଣିଆ ଦଳରେ ଓଡ଼ିଶାର ୪ ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରମୋଦ ଭଗତ, ନୁରୁଲ ହୁସେନ ଖାଁ, ଦିଲେଶ୍ୱର ରାଓ ଏବଂ ଦୀପ ରଞ୍ଜନ ବିଷୋଇ। ଚଳିତ ବର୍ଷ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। କାରଣ ୨୦୧୯ରେ ହେବାକୁ ଯାଉଥିବା ୧୨ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ଅତିକମ୍‌ରେ ୭ଟିରେ ଚାମ୍ପିୟନ ହେଲେ ଯାଇ ଟୋକିଓ ପାରା ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ସୁଯୋଗ ମିଳିବ ବୋଲି ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ମନୋରଞ୍ଜନ ଦାସ ପ୍ରକାଶ କରିଛନ୍ତି।

# ଦଳଗତ କାଟାରେ ଅନୁଗୋଳ, ଭୁବନେଶ୍ୱରକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁନିୟର, କ୍ୟାଡେଟ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବାଳକ ଟିମ୍ କାଟାରେ ଅନୁଗୋଳକୁ ସ୍ୱର୍ଣ୍ଣ, ଖୋର୍ଦ୍ଧାକୁ ରୌପ୍ୟ ଏବଂ ଗଞ୍ଜାମ ଓ ବାଲେଶ୍ୱରକୁ ବ୍ରୋଞ୍ଜ ପଦକ ମିଳିଛି। ସେହିପରି ବାଳିକା ଟିମ୍ କାଟାରେ ଭୁବନେଶ୍ୱର ସ୍ୱର୍ଣ୍ଣ, ଖୋର୍ଦ୍ଧା 'ଏ' ରୌପ୍ୟ ଓ ଖୋର୍ଦ୍ଧା 'ବି' ବ୍ରୋଞ୍ଜ ପଦକ ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ରୁଚି ଫୁଡ୍‌ଲାଇନ୍‌ର ଡାଇରେକ୍ଟର ରଶ୍ମି ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦାସ, ପ୍ରଦୀପ କୁମାର ସରକାର, ଏସ.ଆର. ସାସମଲ, ରବି ଖୁଣ୍ଟିଆ, ସେନସେଇ ଜୟଦେବ ପଟ୍ଟନାୟକ, ସେନ୍‌ସେଇ ଖାରବେଳ ମଲିକ, ଗୌରୀ ମହାନ୍ତି, ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବିନାଶ ପୁହିର, ମୀର ଅଜମତ ଅଲୀ, ଦିଲୀପ କୁମାର ଜେନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ସୁସ୍ମିନି ପାଲଟାସିଂ, ରାଜେଶ ଦାସ, ସିନ୍ଧୁ ତନୟା ଖୁଣ୍ଟିଆ, ବାସୁଦେବ, ସନ୍ଦୀପ ଦାସ, ଦେବୀଦତ୍ତ ବେଜ୍, ରାଜୀବ ସିଂ, ମହେଶ ବରାଳ, ଦୀପକ ସାମନ୍ତରା, ସନ୍ଦିପ ମହାନ୍ତି, ସୌମ୍ୟରଞ୍ଜନ ଦାସ, ସୁରେଶ ଜାଲ, ଗୋପାଲ ଦିପ୍, ଦେବବ୍ରତ, ଚିନ୍ମୟୀ ଭୂୟାଁ, ରଜନୀ ବିଶି, ମହେଶ ଡୋରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ରାଜ୍ୟ ଜୁନିୟର କରାଟେ ଉଦ୍‌ଯାପିତ




କୃତୀ କରାଟେକାମାନେ ପଦକ ସହ ଅତିଥିଙ୍କ ଗହଣରେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୫/୨୦୧୯ Bhubaneswar, Monday, March 25/ 2019

### କଂଗ୍ରେସ ଭବନରେ ଭଙ୍ଗାରୁଜା ଘଟଣା

# ଏହା ଦଳୀୟ କର୍ମୀଙ୍କ କାର୍ଯ୍ୟ ନୁହେଁ: ପିସିସି ସଭାପତି

ଭୁବନେଶ୍ୱର,୨୪।୩ (ବ୍ୟୁରୋ)

- ସ୍ଥିତି ସୁଧାରିବା ପାଇଁ ବସିଲା ଜରୁରୀ ବୈଠକ
- ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ



ଶନିବାର ରାତିରେ ଏକ ଗୋଷ୍ଠୀର ଯୁବକମାନେ ବାଇକ ରାଲିରେ ଆସି କଂଗ୍ରେସ ଭବନରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। କବାଟ ଓ ତାଲା ଭାଙ୍ଗି ଭିତରେ ଥିବା କମ୍ପ୍ୟୁଟର, ଚେୟାର, ଟେବୁଲ ଆଦି ବହୁ ସମଗ୍ରୀ ଫିଙ୍ଗାଫୋପଡ଼ା କରିବା ସହ ବାଡ଼େଇ ଭାଙ୍ଗି ଦେଇଥିଲେ। ସେମାନେ ଟିକେଟ ବଣ୍ଟନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ରାହୁଲ ଗାନ୍ଧୀ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନାଁରେ ସ୍ଲୋଗାନ ଦେଇଥିଲେ। ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ଟିକେଟରୁ ବଞ୍ଚିତ ଏକ ଗୋଷ୍ଠୀ ଏହି କାଣ୍ଡ ଘଟାଇଥିବା କୁହାଯାଉଥିଲା। ହେଲେ ଏହି ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଏଭଳି କାର୍ଯ୍ୟ କଂଗ୍ରେସ କର୍ମୀଙ୍କର ନୁହେଁ ବୋଲି ରବିବାର ପସିସି ସଭାପତି ପଟ୍ଟନାୟକ କହିଛନ୍ତି। ଅନ୍ୟ ଦଳରେ ଯେଭଳି ଟିକେଟ ନ ପାଇବାରୁ ଦଳୀୟ କର୍ମୀଙ୍କ ବିଦ୍ରୋହ ଦେଖାଯାଉଛି ତାହା ଆମ ଦଳରେ ନାହିଁ। ସେମାନଙ୍କ ଦଳୀୟ କାର୍ଯ୍ୟାଳୟରେ କର୍ମୀମାନେ ଭଙ୍ଗାରୁଜା କରୁଛନ୍ତି। ଆମ କାର୍ଯ୍ୟାଳୟ ଶାନ୍ତ ରହୁଥିବାରୁ ଅନ୍ୟ ଦଳ ପକ୍ଷରୁ ଜାଣିଶୁଣି ଏଭଳି କରାଯାଇଛି। ତଥାପି ଘଟଣାର ତର୍ଜମା କରାଯାଉଛି। ଯଦି ଦଳୀୟ କର୍ମୀଙ୍କ ସମ୍ପୃକ୍ତି ଥିବା ଜଣାପଡିବ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।

ଏହି ଘଟଣାକୁ ନେଇ ରବିବାର କଂଗ୍ରେସ ଭବନରେ ବସିଥିଲା ଜରୁରୀ ବୈଠକ। ଟିକେଟ ବଣ୍ଟନ ପରେ କେତେକ ସ୍ଥାନରେ ଅସନ୍ତୋଷ ପ୍ରକାଶ ପାଉଥିବାରୁ ଏ ନେଇ ହୋଇଥିଲା ଆଲୋଚନା। କିଭଳି ବିଦ୍ରୋହକାରୀଙ୍କୁ ବୁଝାଯାଇ ପାରିବ ସେନେଇ ନିର୍ଯ୍ୟାସ ବାହାରିଥିବା ଜଣାପଡିଛି।

ଅନ୍ୟପକ୍ଷରେ କଂଗ୍ରେସ ଭବନ ଭଙ୍ଗାରୁଜା ଘଟଣାରେ ପିସିସି କାର୍ଯ୍ୟାଳୟ ସମ୍ପାଦକ ବୈଦ୍ୟନାଥ ସ୍ୱାଇଁ ରବିବାର ସକାଳେ କ୍ୟାପିଟାଲ ଥାନାରେ ଏକ ଅଭିଯୋଗ କରିଛନ୍ତି। ଏହି ଆଧାରରେ ପୋଲିସ କେସ୍ ନଂ.୧୦୨/୧୯ ଦଫା ୧୪୭, ୪୫୨, ୩୨୩, ୨୯୪, ୪୨୭, ୧୪୯ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନା ଅଧିକାରୀ ଗିରିଜାଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଏହି ଘଟଣାରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ଧରିବା ପାଇଁ ଚଢାଉ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ମଦ ଜବତ କରିବାକୁ ଯାଇ ମାଡ଼ ଖାଇଲା ପୋଲିସ

ଭୁବନେଶ୍ୱର,୨୪।୩ (ବ୍ୟୁରୋ)

ପୋଲିସ ପାଇଁ ଚାଲିଛି ଶନିଦଶା। ଗତ କିଛିଦିନ ତଳେ ଶହୀଦନଗର ଥାନାରେ ଭଙ୍ଗାରୁଜା ହେବା ସହ ପୋଲିସକୁ ମାଡ଼ ଖାଇବାକୁ ପଡ଼ିଥିଲା। ସେହିପରି ନୟାପଲୀ ସାଲିଆସାହିର ଦୁଇଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଧରିବାକୁ ଯାଇ ପୋଲିସ ମାଡ଼ ଖାଇଥିଲା। ପୁଣି ସେଭଳି ଏକ ଘଟଣା ଶନିବାର ରାତିରେ ଘଟିଛି। ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତିରୁ ଦେଶୀମଦ ଜବତ କରିବା ପାଇଁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଯାଇଥିଲା। ସେହି ସମୟରେ ସ୍ଥାନୀୟ ୮ଜଣ ଯୁବକ ମଦ ପିଉଥିଲେ। ପୋଲିସ ସେମାନଙ୍କୁ ଧରିବା ସମୟରେ ସେମାନେ କାଠଫାଳିଆରେ ପୋଲିସ କର୍ମଚାରୀମାନଙ୍କୁ ଆକ୍ରମଣ କରି ଖସିଯାଇଥିଲେ। ଏଥିରେ ୩ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପରେ ପୋଲିସ ମଦ ବ୍ୟବସାୟ କରୁଥିବା ଅଶୋକ ଦିଗାଲ ଓ କିରଣ ପଟ୍ଟନାୟକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫୦ ଲିଟର ଦେଶୀମଦ ଜବତ କରିଛି। ପୋଲିସକୁ ମାଡ଼ ମାରିଥିବା ଯୁବକମାନେ ଚନ୍ଦକା ଅଞ୍ଚଳର ଏକ ଘରେ ଲୁଚିଥିବା ଜଣେ ବ୍ୟକ୍ତି ରବିବାର ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ଚଢାଉ କରିବା ପୂର୍ବରୁ ଥାନାର କେହି ପୋଲିସ କର୍ମଚାରୀ ସେମାନଙ୍କୁ ଖବର ଦେବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ।

ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଚଢାଉ ପୂର୍ବରୁ ସାଦା ପୋଷାକରେ ଥାନାରୁ ଯାଇଥିବା ଜଣେ କର୍ମଚାରୀଙ୍କୁ ସେମାନେ ମାଡ ମାରି ଖସିଯାଇଥିଲେ। ଆମେ ସେମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖୁଛୁ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।

-ଫ୍ରାନ୍ସିସ୍ ବାକନ



## ସଂକ୍ଷେପରେ

### ମା'ପ୍ରଗଳାଙ୍କ ପୁସ୍ତକ ଲୋକାର୍ପଣ



**ନରସିଂହପୁର,୨୪।୩(ଡି.ଏନ.ଏ.):** ମା'ପ୍ରଗଳାଙ୍କ ଉପରେ ଲେଖା ଯାଇଥିବା ଏକ ପୁସ୍ତକର ଲୋକର୍ପଣ କରାଯାଇଛି। ନରସିଂହପୁର ବ୍ଲକ ଅନ୍ତର୍ଗତ ନିଜିଗଡ଼ ଜଗନ୍ନାଥଜୀଉ ପାଠାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକଭାବେ ଆଇନଜୀବୀ ତ୍ରିଲୋଚନ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ସାହିତ୍ୟ ସଂସଦ ସଭାପତି ତପନ ମିଶ୍ର, ସମ୍ମାନିତ ଅତିଥି କୁଳମଣି ବାରିକ, ଡ. ଗୋକୁଳାନନ୍ଦ ପଟ୍ଟନାୟକ ଯୋଗ ଦେଇଥିଲେ। ଶିକ୍ଷାବିତ୍ ସଚ୍ଚିଦାନନ୍ଦ ଦାଶ ପୌରୋହିତ୍ୟ କରିଥିଲେ। ସଂସଦ ପରିଚାଳନା ସମ୍ପାଦକ ଅଭୟାନନ୍ଦ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମା'ପ୍ରଗଳାଙ୍କ ଉପରେ ଆଧାରିତ ପୁସ୍ତକକୁ ବିଷ୍ଣୁ ପ୍ରସାଦ ମିଶ୍ର ରଚନା କରିଛନ୍ତି। କବି କୁମୁଦୁ ବିପିନୀ ବିହାରୀ ପଟ୍ଟନାୟକ, ଦୁର୍ଗାପ୍ରସାଦ ମିଶ୍ର, ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଉକ୍ତ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ପାଠାଗର ସମ୍ପାଦକ ଅଗାଧୁ ନାୟକ ଧନ୍ୟବାଦ ଦେଇଥିଲେ।

### ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର

**ବାଙ୍କୀ,୨୪।୩(ସ୍ୱ.ପ୍ର.):** ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ମା'ବ୍ରହ୍ମେଇ ଠାକୁରାଣୀଙ୍କ ପୀଠରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କର୍କଟ ଓ ରକ୍ତଚାପ ଜନିତ ରୋଗ ସମେତ ଅନ୍ୟ ରୋଗ ସମ୍ପର୍କରେ ସଚେତନ କରାଯାଇଥିଲା। ସଂଘ ସଭାପତି ତଥା ଆଡ୍‌ଭୋକେଟ୍ ବିରଞ୍ଚି ଦାସ ଅଧକ୍ଷତା କରିଥିଲେ। କର୍କଟ ରୋଗ ବିଶେଷଜ୍ଞ ଡା. ବୀରେନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଯେ କୌଣସି ରୋଗ ହେଉ ପ୍ରାଥମିକ ଅବସ୍ଥାରେ ଠିକ ଚିକିତ୍ସା କରାଗଲେ ତାହା ନିଶ୍ଚିତ ଭାବେ ଭଲ ହୋଇଯିବ। ମହିଳା ଡା. ଲକ୍ଷ୍ମୀରାଣୀ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ମହିଳାମାନେ ଆକ୍ରାନ୍ତ ହେଉଥିବା ରୋଗ ଓ ତାର ନିରାକରଣ ସମ୍ପର୍କରେ ଉପସ୍ଥିତ ମହିଳାଙ୍କୁ ସଚେତନ କରାଇଥିଲେ। ବାଙ୍କୀକୁ ଆଦର୍ଶ ସବ୍‌ଡିଭିଜନରେ ପରିଣତ କରିବାକୁ ସମସ୍ତେ ଶପଥ ନେବା ସହିତ ସ୍ୱାସ୍ଥ୍ୟ, ଶିକ୍ଷାରେ ଉନ୍ନତି ଓ ଦୁର୍ନୀତି ନିରୋଧୀ ବାତାବରଣ ସୃଷ୍ଟି କରିବା ପାଇଁ ବରିଷ୍ଠ ନାଗରିକଙ୍କୁ ଅତିଥି ଆହ୍ୱାନ ଦେଇଥିଲେ। ଲୋକ ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷ ତଥା ସାପ୍ତାହିକ ସମ୍ବାଦପତ୍ର ଭୋକିଲାପେଟର ସମ୍ପାଦକ ସୁଧୀର ଚନ୍ଦ୍ର ନାୟକ, ସହସମ୍ପାଦକ ସୁଦର୍ଶନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୟୋଜ୍ୟେଷ୍ଠ ନାଗରିକ ସଂଘ ସମ୍ପାଦକ କୃତ୍ତିବାସ ପଣ୍ଡା, ସଭ୍ୟ ଶରତ ଚନ୍ଦ୍ର ବାରିକ, ଧନେଶ୍ୱର ସିଂହ, ସତୀ ସାମନ୍ତ ରାୟ, ସାଧୁ ନାୟକ, ବିପିନ ବିହାରୀ ପଣ୍ଡା, ମୀନକେତନ ପରିଡା, ଯଯାତି କେଶରୀ ଭୂୟାଁ, ନୀଳମାଧବ ମିଶ୍ର, ତ୍ରିଲୋଚନ ବିଶ୍ୱାଳ, ବ୍ରହ୍ମାନନ୍ଦ ମହାରଣା, ସୁବାସ ଚନ୍ଦ୍ର ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

### ଗଣ୍ଡଗୋଳ ଘଟଣା: ୫ ଗିରଫ

**କଟକ ଅଫିସ,୨୪।୩:** ହୋଲି ଉତ୍ସବ ପାଳନ ବେଳେ ଗଣ୍ଡଗୋଳ ଓ ହଣାକଟା କରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ନାନକାର ଅଞ୍ଚଳର ପ୍ରକାଶ ନାୟକ ଓରଫ ପପୁ, ଜଗବନ୍ଧୁ ସ୍ୱାଇଁ, ରାଜେଶ ସ୍ୱାଇଁ ଓରଫ ବାପୁନି, ମଙ୍ଗଳାସାହି ଅଞ୍ଚଳର ଅବିନାଶ ମଲ୍ଲିକ ଓ ଟାଙ୍ଗୀ ଥାନା ଅନ୍ତର୍ଗତ କୋଠସାହି ଅଞ୍ଚଳର ନୀତୀଶ କୁମାର ସାହୁ ଓରଫ ମନ୍ନୁ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ନାନକାର ଅଞ୍ଚଳରେ ହୋଲି ଖେଳ ହେଉଥିଲା। ଏହି ସମୟରେ କୌଣସି କାରଣକୁ ନେଇ ନାନକାର ଗ୍ରାମ ଅନ୍ତର୍ଗତ ଉପରସାହି ଓ ତଳସାହି ଅଞ୍ଚଳର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଅଭିଯୁକ୍ତମାନେ ଉକ୍ତ ଅଞ୍ଚଳର ୨ ଜଣ ମହିଳାଙ୍କ ସମେତ ୫ଜଣଙ୍କୁ ଆକ୍ରମଣ କରିଥିଲେ। ଏପରି କି ସେମାନେ ୨ ଜଣ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ନେଇ ନାନକାର ଅଞ୍ଚଳର ଝୁନୁବାଳା ମହାନ୍ତି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୬/୧୯) ରୁଜୁ କରିଛି।

# ଉଦ୍‌ଘାଟନ ପରେ ବି ଖୋଲୁନି ଗୋଷ୍ଠୀ ଶୌଚାଳୟ

**ଚୌଦ୍ୱାର, ୨୪।୩ (ଡି.ଏନ.ଏ.)**

ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଚୌଦ୍ୱାର ପୌରାଞ୍ଚଳରେ ୧୫ଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇ ଉଦ୍‌ଘାଟନ କରାଯାଇଥିଲା। ହେଲେ ସେଥିମଧ୍ୟରୁ ୯ଟି ଶୌଚାଳୟରେ ଉଦ୍‌ଘାଟନ ପରଠାରୁ ତାଲା ଝୁଲୁଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ପାଣି ଅଭାବ, ବିଜୁଳି ସଂଯୋଗ ହୋଇ ନ ପାରିବା ଓ ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଛି। ସୂଚନାଯୋଗ୍ୟ, ସ୍ୱଚ୍ଛ ଭାରତ ମିଶନ ଜରିଆରେ ଏଚ୍‌ଆଣ୍ଡଏମ୍ ଫାଉଣ୍ଡେଶନ, ପ୍ରାକ୍ଟିକାଲ ଆକ୍ସନ, ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଓ ଚୌଦ୍ୱାର ପୌର ପରିଷଦର ମିଳିତ ସହଯୋଗରେ ପୌରପାଳିକାର ୧୯ଟି ୱାର୍ଡରେ ୧୫ଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ସେଥିମଧ୍ୟରୁ ୬ଟି କାର୍ଯ୍ୟକ୍ଷମ ଥିବାବେଳେ ଅନ୍ୟଗୁଡିକ ବନ୍ଦ ରହିଛି। ଏ ନେଇ ପୌରପାଳିକା ୪ନଂ. ୱାର୍ଡର ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ କୁହନ୍ତି, ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆମ ୱାର୍ଡରେ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ପାଣିର ଅଭାବ ଯୋଗୁ ଏହା ଲୋକଙ୍କ ସେବାରେ ଲାଗିପାରୁନାହିଁ। ଏ ନେଇ ଅନେକଥର ପୌରପାଳିକା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ପୂର୍ବତନ କାଉନସିଲର ବବିତା ଦଳାଇ କହିଛନ୍ତି, ୧୭ନଂ. ୱାର୍ଡ ସୁଇପର କଲୋନୀ ଗୋଷ୍ଠୀ ଶୌଚାଳୟରେ ବିଦ୍ୟୁତ୍ ସଂଯୋଗ ହୋଇନି। ଏଥିଯୋଗୁ ଏହା ଦୀର୍ଘଦିନ ହେବ ଅବ୍ୟବହୃତ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ଆଉକେତେକ ଶୌଚାଳୟର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ଅଭାବରୁ ଏହା ଖୋଲାଯାଇ ପାରୁ ନ ଥିବା କହିଛନ୍ତି ପୌରପାଳିକାର ନୋଡାଲ ଅଫିସର ଝୁଲେନ୍ଦ୍ର ନାୟକ। ଏ ନେଇ ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ କୁହନ୍ତି, ଶୌଚାଳୟ ଖୋଲାଯିବାରେ ବହୁ ସମସ୍ୟା ରହିଛି। ଏ ସମ୍ପର୍କିତ ଅଭିଯୋଗ ଆମ ପାଖକୁ ଆସିଛି। ଏବେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଛି। ତେବେ ଏ ସମ୍ପର୍କିତ ସମସ୍ୟା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବି।




ଅବ୍ୟବହୃତ ଅବସ୍ଥାରେ ଥିବା ଶୌଚାଳୟ।

- ■ପାଣି ଅଭାବରୁ ଲୋକଙ୍କ ସେବାରେ ଲାଗିପାରୁନି
- ■ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀଙ୍କ ଅଭାବ
- ■ଲୋକଙ୍କ ମଧ୍ୟରେ ଅସନ୍ତୋଷ

# ୨୯ରୁ ବୈଶାଖୀ ବାଣିଜ୍ୟ ମେଳା

**କଟକ ଅଫିସ, ୨୪।୩**

ଆସନ୍ତା ୨୯ରୁ କଟକ ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହେବ କଟକ ବୈଶାଖୀ ବାଣିଜ୍ୟ ମେଳା। ଏହି ମେଳା କଟକରେ ଦ୍ୱିତୀୟ ବାଲିଯାତ୍ରା ଭାବେ ମଧ୍ୟ ପରିଚିତ। ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳା ଚଳିତବର୍ଷ ୧୫ତମ ସଂସ୍କରଣରେ ପଦାର୍ପଣ କରିବ। ଚଳିତବର୍ଷ ଏହି ମେଳାରେ ପ୍ରାୟ ୪୫୦ ଷ୍ଟଲ ଖୋଲିବ। ଏ ନେଇ ରବିବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମେଳାର ଆୟୋଜକ ତଥା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ, ବିଜେଡି ନେତା ମଧୁସୂଦନ ସାହୁ, ରମଜାନ ଖାନ ପ୍ରମୁଖ ଉପସ୍ଥିତ ରହି ମେଳା ସମ୍ପର୍କରେ ସୂଚନା ଦେଇଥିଲେ। ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ମୋଟରଗାଡ଼ି ପର୍ଯ୍ୟନ୍ତ ଏହି ମେଳାରେ ଉପଲବ୍ଧ ହେବ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ମଣିପୁର, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ପଞ୍ଜାବ, ଦିଲ୍ଲୀ ଆଦି ରାଜ୍ୟରୁ ବ୍ୟବସାୟୀ ଏବଂ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶାର ବିଭିନ୍ନ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମେଳାରେ ଭାଗନେବାର କାର୍ଯ୍ୟକ୍ରମ ରହିଛି। ମେଳା ଆୟୋଜନକାରୀ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଭିନ୍ନକ୍ଷମ ସଂଗଠନକୁ ମାଗଣାରେ ୨ଟି ଷ୍ଟଲ ଯୋଗାଇ ଦିଆଯାଉଛି। ମେଳା ଉପଲକ୍ଷେ ଏପ୍ରିଲ ୧ ଓ ୨ ତାରିଖ ଦୁଇଦିନ ଧରି ବାଣିଜ୍ୟ ମେଳା ପଡ଼ିଆରେ କିଡ୍‌ସ, ଜୁନିୟର, ସବ୍‌ଜୁନିୟର ଏବଂ ସିନିୟର ବିଭାଗରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚଳିତଥର ବାଣିଜ୍ୟ ମେଳା ପରିସରରେ ଉଠା ଦୋକାନୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଭେଣ୍ଡିଂ ଜୋନ ସ୍ଥାପନ କରାଯାଇଛି। ମେଳା ପରିସରରେ ସ୍ୱତନ୍ତ୍ର ଫୁଡ୍ କୋର୍ଟ ନିର୍ମାଣ କରାଯାଇଛି। ପିଲାଙ୍କ ମନୋରଞ୍ଜନ ନିମନ୍ତେ ବ୍ରେକ୍‌ଡ୍ୟାନ୍ସ ଦୋଳି, ଡ୍ରାଗନ ଟ୍ରେନ୍, କ୍ୟାଟ ହ୍ୱିଲ୍ ଆଦି ବିଭିନ୍ନ ଦୋଳି ରହିଛି।

# ରାଜ୍ୟସ୍ତରୀୟ ଲଉଡ଼ି ଉତ୍ସବ

**ନିଶ୍ଚିନ୍ତକୋଇଲି,୨୪।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ପଦ୍ମବନ ପୀଠ ଯାଦବ ମହାସଭା ଆନୁକୂଲ୍ୟରେ ୨୫ତମ ରାଜ୍ୟସ୍ତରୀୟ ଲଉଡ଼ି ଉତ୍ସବ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଗୁରୁବାଠାରୁ ଆରମ୍ଭ ହୋଇଛି। ଏହି ଉତ୍ସବ ସୋମବାର ଉଦ୍‌ଯାପିତ ହେବ। ଉତ୍ସବରେ ୬୫ଟି ଲଉଡି ଦଳ ଭାଗ ନେଇଛନ୍ତି। ଯାଦବ ମହାସଭା ପକ୍ଷରୁ ଲଉଡି ଉତ୍ସବର ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି। ଆୟୋଜିତ ଉତ୍ସବରେ ଅନୁଷ୍ଠାନ ସଭାପତି ଗୋପୀନାଥ ଦାସ ସଭାପତିତ୍ୱ କରିଥିଲେ। ଉପସଭାପତି କାର୍ତ୍ତିକ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥିଭାବେ ଯାଦବ ମହାସଭା ରାଜ୍ୟ ଯୁବ ସଭାପତି ପ୍ରଦୀପ ବେହେରା ଯୋଗଦେଇ ଯାଦବଙ୍କ କୌଳିକ ବୃତ୍ତି, ଈଶ୍ୱରଭକ୍ତି, ଏକତା ଓ ପାରମ୍ପରିକ ରୀତିନୀତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଉତ୍‌ଥାନ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ କଂସ ଯୋଗଦେଇ ମହାପୁରୁଷ ଅଚ୍ୟୁତାନନ୍ଦ ଓ ଲଉଡି ନୃତ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡା. ତାରକ ପ୍ରସାଦ ତ୍ରିପାଠୀ, ଡ. ଦିଲୀପ ଦେ, ବିନୟ ଦାସ ପ୍ରମୁଖ ଯୋଗଦେଇ ମହାପୁରୁଷଙ୍କ ଉପରେ ଟିପ୍ପଣୀ ରଖିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ସମ୍ପାଦକ ପ୍ରସାଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶେଷରେ କୋଷାଧ୍ୟକ୍ଷ ଦିବାକର ଦାସ ଧନ୍ୟବାଦ ଦେଇଥିଲେ। ସଂଘ ପକ୍ଷରୁ ନେମାଳ ମହାପୁରୁଷଙ୍କ ନିକଟରେ ଅଚ୍ୟୁତାନନ୍ଦ ଲଉଡି ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ରକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଲୋକନୃତ୍ୟ ଲଉଡି ପୁସ୍ତକ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ଗୋବିନ୍ଦ ଦାସ, ଅଜୟ ପୃଷ୍ଟି, ଲଉଡି ଉଗାଳ ଗାୟକ ନଟବର ଦାସ, ପ୍ରତାପ ଦାସ, ହରେକୃଷ୍ଣ ପୂଝାରୀ ପ୍ରମୁଖ ପରିଚାଳନା କରିଥିଲେ।

# ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ତିଗିରିଆ,୨୪।୩(ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନେତା ଓ କର୍ମୀ।

ତିଗିରିଆ ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ବ୍ଲକର ୧୪ ଓ ୧୫ ନଂ ଜୋନ୍‌ରେ ଅନୁଷ୍ଠିତ ହୋଇଯାଇଛି। ୧୫ନଂ ଜୋନ୍‌ରେ ବଡ଼ନାଉପୁଟ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡହତାଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏକ ବାଇକ ଶୋଭାଯାତ୍ରାରେ କର୍ମୀମାନେ ବଉଳାଙ୍ଗ, ଶାଳିଜଙ୍ଗା, ବଡ଼ନାଉପୁଟ, ସାମପୁର, ନନ୍ଦପୁର, ହାଟମାଳ, ଶୁଣ୍ଡିପାଳ, ବିଷ୍ଣୁପୁର, ରଘୁରାମପୁର, ଗଦାଧରପୁର ଓ ବିନ୍ଧାଣିମା ଗ୍ରାମ ଦେଇ ବିନ୍ଧାଣିମା ହାଟ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବିନ୍ଧାଣିମା ସରପଞ୍ଚ ଅଜିତ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବକ୍ତାଭାବେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ସରପଞ୍ଚ ସସ୍ମିତା ରାଉତ, ଭୋଗଡ଼ା ସରପଞ୍ଚ ଶର୍ମିଳା ନାୟକ, ଜିଲାପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ପ୍ରଦର୍ଶନର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥୀ ନନ୍ଦ ଓ ଆମ୍ବା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ ପରିଚାଳନା କରିଥିଲେ। ସେହିପରି ବ୍ଲକ ବିଜେଡି ସଭାପତି ଅଜିତ ଧୀର ଓ ଗୌରହରି ପରିଡ଼ାଙ୍କ ପରିଚାଳନାରେ ୧୪ ନଂଜୋନର ହରିଡ଼ାପଶିଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ଅଚଳକୋଟ, ଭିରୁଡ଼ା, ପଣସପାଟଣା ଓ ଗୋଡ଼ିଝରିଆ ଗ୍ରାମ ଦେଇ ଗୋଡ଼ିଝରିଆ ଛକଠାରେ ପହଞ୍ଚିଥିଲା। ପରେ ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବକ୍ତାଭାବେ ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ବେହେରା, ସମ୍ପାଦିକା ସମସୁର ବେଗମ୍, ନୂଆପାଟଣା ସରପଞ୍ଚ ସବିତା କୁଣ୍ଡୁ, ପୂର୍ବତନ ସମିତିସଭ୍ୟା ସସ୍ମିତା ପରିଡ଼ା ଓ ଜିଲାପରିଷଦ ସଭ୍ୟା ରଶ୍ମିତା ମହାଳିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ଅବହେଳା ସମ୍ପର୍କରେ କହିଥିଲେ। ତିଗିରିଆ ବିଜୁ ଛାତ୍ର ଜନତା ଦଳ ସଭାପତି ସମୀର ରାଉତ ଓ ବିଜୁ ଯୁବ ଜନତା ଦଳ ସଭାପତି ମହେନ୍ଦ୍ର କୁଣ୍ଡୁଙ୍କ ତତ୍ତ୍ୱାବଧାନ ଏବଂ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଭାଜପାର ଜବାବ ମାଗୁଛି ଓଡ଼ିଶା



ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ଲଳିତଗିରି,୨୪।୩(ସ୍ୱ.ପ୍ର.)**

ମାହାଙ୍ଗା ଭାଜପା ପକ୍ଷରୁ ରବିବାର କୋଳିଅଠାଠାରେ ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟପୁର ମଣ୍ଡଳ ସଭାପତି ସୁଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ନାରୀ ନିର୍ଯାତନା ବଢି ଚାଲିଛି। ତେଣୁ ଏ ସରକାରକୁ ବଦଳାଇ ଭାଜପାକୁ କ୍ଷମତାକୁ ଆଣିଲେ ରାଜ୍ୟର ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନ ଯୋଗଦେଇ ମାହାଙ୍ଗା ମାଟିର ସ୍ୱାଭିମାନକୁ ଫେରାଇ ଆଣିବାକୁ ହେଲେ ଏଠାରେ ପ୍ରତିନିଧିତ୍ୱ କରୁଥିବା ବିଦେଶୀ ନେତାଙ୍କୁ ହଟାଇବାକୁ ପଡିବ ବୋଲି କହିଥିଲେ। ଅତିଥିଭାବେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ସାଲେପୁର ଭାଜପା ପ୍ରଭାରୀ କୁଳମଣି ବରାଳ, କୃଷକନେତା ବିଶ୍ୱନାଥ ଜେନା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କଟକ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଭକ୍ତବତ୍ସଳ ବସ୍ତିଆ ପ୍ରମୁଖ ଯୋଗଦେଇ ସାରଦାଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଋଷି କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମସରପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅରବିନ୍ଦ ମହାନ୍ତି, ଦେବାଶିଷ ମହାନ୍ତି ଏବଂ ଭଉଁରିଆ ପଞ୍ଚାୟତର କେତେଜଣ ଯୁବକ ଅନ୍ୟ ଦଳଛାଡି ଭାଜପାରେ ସାମିଲ ହୋଇଥିଲେ।

## ଛାତ୍ରୀଛାତ୍ରଙ୍କ ଦାବିରେ ନିର୍ମାଣ ହେଲା ହମ୍ପ

**କଟକ ସଦର, ୨୪।୩ (ଡି.ଏନ୍.ଏ.)**

କଟକ-ଜଗତ୍‌ସିଂହପୁର-ଏରସମା ୫୫ନଂ. ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜୀବନହାନୀ ଘଟିଛି। ଦ୍ରୁତ ଗାଡି ଚାଳନାକୁ ଦୃଷ୍ଟିରେ ରଖି କଟକ ସଦର ବ୍ଲକ ଅଧୀନ ବିରିବାଟୀସ୍ଥିତ ରତ୍ନାକର ବିଦ୍ୟାମନ୍ଦିର ନିକଟ ରାସ୍ତାରେ ହମ୍ପ ନିର୍ମାଣ ପାଇଁ ବହୁଦିନରୁ ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କ ନିକଟରେ ଦାବି କରିଆସୁଥିଲେ। ଶେଷରେ ପିଲାମାନଙ୍କ ନିରାପତାକୁ ଦୃଷ୍ଟିରେ ରଖି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରବିବାର ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତାରେ ହମ୍ପ ନିର୍ମାଣ କାମ ଆରମ୍ଭ କରିଛନ୍ତି। ଏହାକୁ ନେଇ ଅଭିଭାବକ ଓ ପିଲାମାନେ ଆଶ୍ୱସ୍ତି ହୋଇଛନ୍ତି। ଏଭଳି ହମ୍ପ ଫକୀରପଡା ହାଇସ୍କୁଲ ଛକ, ନାହାଭଙ୍ଗା ଓ ଗଡିରାଉତପାଟଣା ଛକରେ କରିବା ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ୨୦୧୭ରେ ରାସ୍ତା ଓ କୋଠାବାଡି ଡିଭିଜନ ଜଗତ୍‌ସିଂହପୁର ପକ୍ଷରୁ ୩୨ଟି ସ୍ଥାନରେ ୫୪ ଲକ୍ଷ ଟଙ୍କା ବ୍ୟୟରେ କଟକ-ପାରାଦୀପ ରାସ୍ତାରେ ହମ୍ପ ନିର୍ମାଣ କରାଯାଇଥିଲା। ମାତ୍ର ଚାପର ବଶବର୍ତ୍ତୀ ହୋଇ ପରେ ଏହି ସମସ୍ତ ହମ୍ପକୁ ରାତାରାତି ତାଡି ଦିଆଯାଇଥିଲା।

# ବୁଡ଼ି ଯାଉଥିବା ଶିଶୁକନ୍ୟାଙ୍କୁ ଉଦ୍ଧାର କଲେ ବାଳକ

**ରଘୁନାଥପୁର, ୨୪।୩( ଡି.ଏନ.ଏ.)**



ଇତିପ୍ରଜ୍ଞା



ସାଇ ଶୁଭଙ୍କର

ରଘୁନାଥପୁର ଥାନା ସାଦେଇପୁର ପଞ୍ଚାୟତ ଜଗନ୍ନାଥପୁର ଖରିପଡିଆ ଗାଁର ଜଣେ ୮ ବର୍ଷର ବାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ପୋଖରୀରେ ବୁଡିଯାଉଥିବା ଜଣେ ୬ ବର୍ଷର ଶିଶୁକନ୍ୟା ଉଦ୍ଧାର ପାଇଛନ୍ତି। ପଡିଶା ଘରର ବିବାହ ଭୋଜି ଅନୁଷ୍ଠିତ ହେଉଥିବାବେଳେ ପ୍ରତାପ ସ୍ୱାଇଁଙ୍କ ଝିଅ ଇତିପ୍ରଜ୍ଞା ସାଙ୍ଗମାନଙ୍କ ସହ ସେଠାରେ ଉପସ୍ଥିତ ଥିଲେ। ୪ରୁ ୫ ଜଣ ପିଲା ନିକଟସ୍ଥ ପୋଖରୀରେ ଲାଗିଥିବା ପାଣି ମଟରରୁ କିପରି ପାଣି ଉଠୁଛି ଦେଖିବାକୁ ସେଠାରେ ପହଞ୍ଚିଥିଲେ। ଏହି ସମୟରେ ଇତିପ୍ରଜ୍ଞା ପୋଖରୀ ଭିତରକୁ ଖସି ପଡିଥିଲେ। ସେଠାରେ ଉପସ୍ଥିତ ଥିବା ସୁଶାନ୍ତ ସ୍ୱାଇଁଙ୍କ ପୁଅ ସାଇ ଶୁଭଙ୍କର ସାହସର ସହ ଇତିପ୍ରଜ୍ଞାଙ୍କ ହାତକୁ ଟାଣି ଆଣିଥିଲେ। ଇତିପ୍ରଜ୍ଞା ପାଣି ପିଇ ଦେଇଥିଲେ। ପାଟି ଶୁଣି ପରିବାର ଲୋକ ପହଞ୍ଚି ତାଙ୍କର ଚିକିତ୍ସା କରାଇଥିଲେ। ସାଇ ଶୁଭଙ୍କର ସ୍ଥାନୀୟ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଥିବାବେଳେ ଇତିପ୍ରଜ୍ଞା ପ୍ରଥମ ଶ୍ରେଣୀର ପଢୁଛନ୍ତି। ସାଇ ଶୁଭଙ୍କରଙ୍କର ସାହସିକ କାର୍ଯ୍ୟ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସାବାସୀ ଦିଆଯାଇଛି।

# ବିଜୟ ସଙ୍କଳ୍ପ ଯାତ୍ରା



ବିଜୟ ସଙ୍କଳ୍ପ ଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

**ସାଲେପୁର,୨୪।୩(ଡି.ଏନ.ଏ.)**

ସାଲେପୁର ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ରବିବାର ବିଜୟ ସଙ୍କଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି। ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ସାଲେପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଓ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ ପ୍ରମୁଖ ଏକ ଶୋଭାଯାତ୍ରାରେ ସାଲେପୁର ବ୍ଲକର ଗୋପୀନାଥପୁର, ପାଗା, ପୀରବଜାର, କାଜିବଜାର, ଶିଶୁଆ, ନାଦୋଳଗଡା, ବହୁଗ୍ରାମ ଓ ସାଲେପୁର ବଜାର ପରିକ୍ରମା କରିଥିଲେ। ଅନେକ ସ୍ଥାନରେ ପଣ୍ଡା ଓ ବେହେରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯୁବନେତା ଆଶୁତୋଷ ପଟ୍ଟନାୟକ, ତାପସ ଜେନା, ରଶ୍ମିରଞ୍ଜନ ଲେଙ୍କା, ଅନିଲ୍ ଦାସ, ଅସିତ୍ ମହାନ୍ତି, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ଦିଲୀପ ରାଉତ, ପ୍ରିୟରଞ୍ଜନ ମହାପାତ୍ର, ମନୋଜ ବିଶ୍ୱାଳ ଓ ଉଲ୍ଲାସ ଜେନାଙ୍କ ସମେତ କାର୍ଯ୍ୟକର୍ତ୍ତା ଏବଂ ବହୁ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ବରେନ୍ଦ୍ରକୃଷ୍ଣଙ୍କ ସାମ୍ବାଦିକତା ସାହିତ୍ୟର ଗବେଷଣା ଅନିବାର୍ଯ୍ୟ

**ବାଙ୍କୀ,୨୪।୩(ସ୍ୱ.ପ୍ର.)**




ବରେନ୍ଦ୍ରକୃଷ୍ଣଙ୍କ ଜନ୍ମ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥି।

**ଜନ୍ମ ମାଟିରେ ଶ୍ରଦ୍ଧାଞ୍ଜଳି**

ପ୍ରଖ୍ୟାତ ଖବରଦାତା, ପଥିତଯଶା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ତଥା ସଙ୍ଗଠକ ବରେନ୍ଦ୍ରକୃଷ୍ଣ ଧଳ ଓଡ଼ିଶାର ସାମ୍ବାଦିକତା ତଥା ସାରସ୍ୱତ ସାହିତ୍ୟ ସମ୍ଭାରକୁ ବହୁମୂଲ୍ୟ ଅବଦାନ ଦେଇଛନ୍ତି। ସାମ୍ବାଦିକତା, ସାହିତ୍ୟ ଏବଂ ସଙ୍ଗଠନ କ୍ଷେତ୍ରରେ ବରେନ୍ଦ୍ରକୃଷ୍ଣ ଏକ ଅମଳିନ ବ୍ୟକ୍ତିତ୍ୱ। ତାଙ୍କର ସାହିତ୍ୟ ସର୍ଜନା କାଳଜୟୀ ଏବଂ ସାମ୍ବାଦିକତା ଅନନ୍ୟ। ଏହି ପରିପ୍ରେକ୍ଷୀରେ ତାଙ୍କ ଅନବଦ୍ୟ କୃତୀକୁ ନୂତନ ପିଢ଼ିର ପ୍ରଚାର ପ୍ରସାର ପାଇଁ ଗବେଷଣା ଅନିବାର୍ଯ୍ୟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଧଳଙ୍କ ୮୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ମତବ୍ୟକ୍ତ କରିଛନ୍ତି। ତାଙ୍କ ଜନ୍ମ ଜୟନ୍ତୀ ଜନ୍ମପୀଠ ବାଙ୍କୀଠାରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତି ସମାରୋହ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ନ୍ୟାସ ଭୁବନେଶ୍ୱର ପକ୍ଷରୁ ବାଙ୍କୀ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କଥାକାର, ସ୍ତମ୍ଭକାର ତଥା ଗବେଷକ ଡ.ଅସିତ ମହାନ୍ତି, ବିଶିଷ୍ଟ କବି ତଥା ପ୍ରଶାସକ ପ୍ରଦୀପ ବିଶ୍ୱାଳ, ଖବରଦାତା ବୈଷ୍ଣବଚରଣ ଜେନା ଅତିଥିଭାବେ ଯୋଗଦେଇ ଧଳଙ୍କ ପଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି 'ବରେନ୍ଦ୍ର କୃଷ୍ଣ ଧଳଙ୍କ ଖବରଦାତା ଜୀବନ ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅବଦାନ' ଶୀର୍ଷକ ବିଷୟ ବସ୍ତୁ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ବାଙ୍କୀ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ବେଦପାଠ କରିବା ସହିତ ସ୍ୱାଗତ ଭାଷଣ ଦେଇ ଧଳଙ୍କ ବାଙ୍କୀ କଲେଜ ନିର୍ମାଣରେ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ସାମାଜିକ କର୍ମୀ ଶ୍ୟାମସୁନ୍ଦର ସାହୁ, ଆଡ୍‌ଭୋକେଟ ବ୍ରଜବନ୍ଧୁ ପାଲ, କବି କୌଶିକ ନାୟକ, ଆଡ୍‌ଭୋକେଟ୍ ହରେକୃଷ୍ଣ ଦାଶ, ସୁବାସ ଚନ୍ଦ୍ର ମିଶ୍ର, କବି ଦେବେନ୍ଦ୍ର ନାଥ ବେହେରା, ବାଙ୍କୀ ନାଗରିକ ସୁରକ୍ଷା କମିଟି ଅଧ୍ୟକ୍ଷ ବ୍ରଜକିଶୋର ମହାପାତ୍ର, ବକ୍ତି ସୁଧାଂଶୁ ରଞ୍ଜନ ପଟ୍ଟନାୟକ ଓ ଆଶିଷ ମହାପାତ୍ରଙ୍କ ସମେତ ବହୁବ୍ୟକ୍ତି ଉପସ୍ଥିତ ରହି ଧଳଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଟ୍ରଷ୍ଟି ତଥା ସାମାଜିକ କର୍ମୀ ପ୍ରିତି ଛନ୍ଦା ଧଳ ଧନ୍ୟବାଦ ଦେଇଥିଲେ। ଆଡ୍‌ଭୋକେଟ ଜିତେନ୍ଦ୍ର ପ୍ରତିହାରୀ, ସିଦ୍ଧାର୍ଥ ଧଳ, ବିବେକାନନ୍ଦ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ମାର୍ଚ୍ଚ, ୨୦୧୯



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।

-ଫ୍ରନ୍‌ସିସ୍ ବାକନ



## ସଂକ୍ଷେପରେ

### ଗଣ୍ଡଗୋଳ ଘଟଣା: ୫ ଗିରଫ

**କଟକ ଅଫିସ,୨୪।୩:** ହୋଲି ଉତ୍ସବ ପାଳନ ବେଳେ ଗଣ୍ଡଗୋଳ ଓ ହଣାକଟା କରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ନାନକାର ଅଞ୍ଚଳର ପ୍ରକାଶ ନାୟକ ଓରଫ ପପୁ, ଜଗବନ୍ଧୁ ସ୍ୱାଇଁ, ରାଜେଶ ସ୍ୱାଇଁ ଓରଫ ବାପୁନି, ମଙ୍ଗଳାସାହି ଅଞ୍ଚଳର ଅବିନାଶ ମଲ୍ଲିକ ଓ ଟାଙ୍ଗୀ ଥାନା ଅନ୍ତର୍ଗତ କୋଠସାହି ଅଞ୍ଚଳର ନୀତୀଶ କୁମାର ସାହୁ ଓରଫ ମନ୍ନୁ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ନାନକାର ଅଞ୍ଚଳରେ ହୋଲି ଖେଳ ହେଉଥିଲା। ଏହି ସମୟରେ କୌଣସି କାରଣକୁ ନେଇ ନାନକାର ଗ୍ରାମ ଅନ୍ତର୍ଗତ ଉପରସାହି ଓ ତଳସାହି ଅଞ୍ଚଳର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଅଭିଯୁକ୍ତମାନେ ଉକ୍ତ ଅଞ୍ଚଳର ୨ ଜଣ ମହିଳାଙ୍କ ସମେତ ୫ଜଣଙ୍କୁ ଆକ୍ରମଣ କରିଥିଲେ। ଏପରି କି ସେମାନେ ୨ ଜଣ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ନେଇ ନାନକାର ଅଞ୍ଚଳର ଝୁନୁବାଳା ମହାନ୍ତି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୬/୧୯) ରୁଜୁ କରିଛି।

### ବ୍ୟବସାୟୀଙ୍କୁ ମାଡ଼ ମାରି ୩ ଗିରଫ

**କଟକ ଅଫିସ,୨୪।୩:** ପରିବା ବ୍ୟବସାୟୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ରବିବାର ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗତିରାଉତପାଟଣା ଅଞ୍ଚଳର ସର୍ବେଶ୍ୱର ବେହେରା, ଲକ୍ଷ୍ମୀଧର ବେହେରା ଓ ସୁଶାନ୍ତ ବେହେରା। ପୋଲିସ ସୂଚନା ଅନୁଯାୟୀ, ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳରେ ରହୁଥିବା ରଶ୍ମି ରଞ୍ଜନ ବରାଳଙ୍କର ଗଣ୍ଡରପୁର ଅଞ୍ଚଳରେ ଏକ ପରିବା ଦୋକାନ ଅଛି। ଶନିବାର ରାତି ୧୧ଟାରେ ନୟାବଜାରର ପରିବା ଗୋଦାମରୁ ନିଜ ଦୋକାନରେ ବିକ୍ରି କରିବା ପାଇଁ ପରିବା ନେଇ ଆସୁଥିବାବେଳେ ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ରଶ୍ମି ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ ମାରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏ ନେଇ ରଶ୍ମି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୯୪/୧୯) ରୁଜୁ କରିଥିଲା।

### ୨ ବଖରା ଜଳିଗଲା

**ଚୌଦ୍ୱାର,୨୪।୩(ଡି.ଏନ୍.ଏ.) :** ରବିବାର ପୂର୍ବାହ୍ନ ୧୧ଟାରେ ଅଗ୍ନିକାଣ୍ଡ ଘଟି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶଙ୍କରପୁର ଗ୍ରାମର ଅକ୍ଷୟ ବେହେରା ଓ ଖୁଲଣା ବେହେରାଙ୍କ ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ଘରେ ଥିବା ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ମଙ୍ଗରାଜପୁର ଆରଆଇ ଘଟଣାସ୍ଥଳରେ ପହଞ୍ଚି ପଲିଥିନ ଓ ଆର୍ଥିକ ସହାୟତା ଯୋଗାଇବା ସହ କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି।

# ଉଦ୍‌ଘାଟନ ପରେ ବି ଖୋଲୁନି ଗୋଷ୍ଠୀ ଶୌଚାଳୟ

**ଚୌଦ୍ୱାର, ୨୪।୩ (ଡି.ଏନ.ଏ.)**

- ପାଣି ଅଭାବରୁ ଲୋକଙ୍କ ସେବାରେ ଲାଗିପାରୁନି
- ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀଙ୍କ ଅଭାବ
- ଲୋକଙ୍କ ମଧ୍ୟରେ ଅସନ୍ତୋଷ

ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଚୌଦ୍ୱାର ପୌରାଞ୍ଚଳରେ ୧୫ଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇ ଉଦ୍‌ଘାଟନ କରାଯାଇଥିଲା। ହେଲେ ସେଥିମଧ୍ୟରୁ ୯ଟି ଶୌଚାଳୟରେ ଉଦ୍‌ଘାଟନ ପରଠାରୁ ତାଲା ଝୁଲୁଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ପାଣି ଅଭାବ, ବିଜୁଳି ସଂଯୋଗ ହୋଇ ନ ପାରିବା ଓ ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଛି। ସୂଚନାଯୋଗ୍ୟ, ସ୍ୱଚ୍ଛ ଭାରତ ମିଶନ ଜରିଆରେ ଏଚ୍‌ଆଣ୍ଡଏମ୍ ଫାଉଣ୍ଡେଶନ, ପ୍ରାକ୍ଟିକାଲ ଆକ୍ସନ, ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଓ ଚୌଦ୍ୱାର ପୌର ପରିଷଦର ମିଳିତ ସହଯୋଗରେ ପୌରପାଳିକାର ୧୯ଟି ୱାର୍ଡରେ ୧୫ଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ସେଥିମଧ୍ୟରୁ ୬ଟି କାର୍ଯ୍ୟକ୍ଷମ ଥିବାବେଳେ ଅନ୍ୟଗୁଡିକ ବନ୍ଦ ରହିଛି। ଏ ନେଇ ପୌରପାଳିକା ୪ନଂ. ୱାର୍ଡର ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ କୁହନ୍ତି, ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆମ ୱାର୍ଡରେ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ପାଣିର ଅଭାବ ଯୋଗୁ ଏହା ଲୋକଙ୍କ ସେବାରେ ଲାଗିପାରୁନାହିଁ। ଏ ନେଇ ଅନେକଥର ପୌରପାଳିକା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ପୂର୍ବତନ



ଅବ୍ୟବହୃତ ଅବସ୍ଥାରେ ଥିବା ଶୌଚାଳୟ।

କାଉନସିଲର ବବିତା ଦଳାଇ କହିଛନ୍ତି, ୧୭ନଂ. ୱାର୍ଡ ସୁଇପର କଲୋନୀ ଗୋଷ୍ଠୀ ଶୌଚାଳୟରେ ବିଦ୍ୟୁତ୍ ସଂଯୋଗ ହୋଇନି। ଏଥିଯୋଗୁ ଏହା ଦୀର୍ଘଦିନ ହେବ ଅବ୍ୟବହୃତ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ଆଉକେତେକ ଶୌଚାଳୟର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ଅଭାବରୁ ଏହା ଖୋଲାଯାଇ ପାରୁ ନ ଥିବା କହିଛନ୍ତି ପୌରପାଳିକାର ନୋଡାଲ ଅଫିସର ଝୁଲେନ୍ଦ୍ର ନାୟକ। ଏ ନେଇ ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ କୁହନ୍ତି, ଶୌଚାଳୟ ଖୋଲାଯିବାରେ ବହୁ ସମସ୍ୟା ରହିଛି। ଏ ସମ୍ପର୍କିତ ଅଭିଯୋଗ ଆମ ପାଖକୁ ଆସିଛି। ଏବେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଛି। ତେବେ ଏ ସମ୍ପର୍କିତ ସମସ୍ୟା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବି।

■ କମିଶନ୍‌ରେଟ୍ ପୋଲିସର ସ୍ୱତନ୍ତ୍ର ଡ୍ରାଇଭ

# ୩୪ ଦିନରେ ୫୯୨ ଗିରଫ

**କଟକ ଅଫିସ, ୨୪।୩**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କମିଶନ୍‌ରେଟ୍ ପୋଲିସ ପକ୍ଷରୁ କଟକ ୟୁପିଡିରେ ସ୍ୱତନ୍ତ୍ର ଡ୍ରାଇଭ ଗତ ଫେବୃୟାରୀ ୧୮ ତାରିଖରୁ ଆରମ୍ଭ ହୋଇଥିଲା। ନିର୍ବାଚନରେ ଯେପରି କୌଣସି ବିଶୃଙ୍ଖଳା ଦେଖା ନ ଦିଏ ସେଥିପାଇଁ ପେସାଦାର ଅପରାଧୀମାନଙ୍କୁ ଗିରଫ କରିବା ପାଇଁ କଟକ ୟୁପିଡି ପକ୍ଷରୁ ସମସ୍ତ ଥାନା ଅଧିକାରୀଙ୍କୁ ଟାର୍ଗେଟ ଦିଆଯାଇଥିଲା। ଗତ ଫେବୃୟାରୀ ୧୮ ତାରିଖରୁ ମାର୍ଚ୍ଚ ୨୩ ତାରିଖ ମଧ୍ୟରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ୩୨୪, ଆଇପିସି ଦଫା ୧୧୦ରେ ୮୫ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୩୪ ଦିନରେ ୧୫ଟି ବନ୍ଧୁକ ଜବତ ହୋଇଥିବାବେଳେ ୧୫ ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ମଦ କାରବାର କରିବା ଅଭିଯୋଗରେ ୧୬୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି।

ଆଇପିସି ଦଫା ୧୧୦ରେ ମୋଟ୍ ୧୨୩ ଜଣଙ୍କୁ ଗିରଫ କରିବା ପାଇଁ କଟକ ୟୁପିଡିର ସମସ୍ତ ଥାନା ଅଧିକାରୀଙ୍କୁ ଟାର୍ଗେଟ ଦିଆଯାଇଥିବାବେଳେ ମାଲଗୋଦାମ ପୋଲିସ ସର୍ବାଧିକ ୧୪ ଜଣଙ୍କୁ ଗିରଫ କରିଛି। ସେହିପରି ଏନ୍‌ବିଡବ୍ଲ୍ୟୁରେ ୩୮୧ ଜଣଙ୍କୁ ଗିରଫ କରିବା ପାଇଁ ଟାର୍ଗେଟ ଦିଆଯାଇଥିବାବେଳେ ଲାଲବାଗ ପୋଲିସ ସର୍ବାଧିକ ୪୧ ଜଣଙ୍କୁ ଗିରଫ କରିଛି। ବେଆଇନ ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ରଖିବା କ୍ଷେତ୍ରରେ ୨୯ ଜଣଙ୍କୁ ଗିରଫ କରିବାକୁ ଟାର୍ଗେଟ ଦିଆଯାଇଥିବାବେଳେ ଚୌଦ୍ୱାର ପୋଲିସ ସର୍ବାଧିକ ୬ ଜଣଙ୍କୁ ଗିରଫ କରିଛି। ବେଆଇନ ମଦ କାରବାରରେ ୨୫୯ ଜଣଙ୍କୁ ଗିରଫ କରିବା ପାଇଁ ଟାର୍ଗେଟ ଦିଆଯାଇଥିବାବେଳେ ଚାଉଳିଆଗଞ୍ଜ ପୋଲିସ ଓ ଚୌଦ୍ୱାର ପୋଲିସ ସର୍ବାଧିକ ୧୯ ଲେଖାଏ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଏ ସମ୍ପର୍କରେ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଟାର୍ଗେଟ ଅନୁସାରେ ଆମେ ଅଭିଯୁକ୍ତମାନଙ୍କୁ ଗିରଫ କରୁଛୁ। ନିର୍ବାଚନ ସମୟରେ କଟକରେ କିପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଆଗାମୀ ଦିନଗୁଡ଼ିକରେ ରାତି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ।





କଟକ ଶତାବ୍ଦୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଚିତ୍ତରଞ୍ଜନ ସାହାଣି ଓ ସାଥି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ନୃତ୍ୟ ସହ ସାହିତ୍ୟ ଓ ସଙ୍ଗୀତର ସମ୍ପର୍କ ଅଭିନ୍ନ

**କଟକ ଅଫିସ, ୨୪।୩**

ନୃତ୍ୟ ସହ ସାହିତ୍ୟ ଓ ସଙ୍ଗୀତର ସମ୍ପର୍କ ଅଭିନ୍ନ। ଆମ କାବ୍ୟକବିତା ପରମ୍ପରା ଓଡ଼ିଶୀ ନୃତ୍ୟ ଓ ସଂଗୀତକୁ ସମୃଦ୍ଧ କରିଆସିଛି ବୋଲି ଉତ୍କଳ ସାହିତ୍ୟ ସମାଜ ଓ ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର କଟକ ଶତାବ୍ଦୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣି ଏହା କହିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି, କେନ୍ଦ୍ର ସାହିତ୍ୟ ଏକାଡେମୀର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବିଶେଷ ଗୁରୁତ୍ୱ ରଖେ। ନୂତନ ପ୍ରତିଭାଙ୍କୁ ଆବିଷ୍କାର କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଡ. ଚିତ୍ତରଞ୍ଜନ ସାହାଣି ଓ ତାଙ୍କର ସାଥୀ ନୃତ୍ୟ ପରିବେଷଣ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପରାମର୍ଶଦାତା କମିଟିର ସଦସ୍ୟ ତରୁଣ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଧନ୍ୟବାଦ ଦେଇଥିଲେ। ଏହି ସାରସ୍ୱତ ସମାରୋହକୁ ଉପସଭାପତି ମନୋଜ ପଟ୍ଟନାୟକ, ପାଠାଗାର ସମ୍ପାଦକ ଡ. ସୁନାମଣି ରାଉତ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଗୌର ପଟ୍ଟନାୟକ, ମୀନାକ୍ଷୀ ଦେବୀ, ବ୍ରହ୍ମାନନ୍ଦ ବିଶ୍ୱାଳ, ବ୍ରହ୍ମାନନ୍ଦ ମହାନ୍ତି, ତପନ କୁମାର ସ୍ୱାଇଁ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ରଙ୍କ ଦାବିରେ ନିର୍ମାଣ ହେଲା ହମ୍ପ

**କଟକ ସଦର, ୨୪।୩ (ଡି.ଏନ୍.ଏ.)**

କଟକ-ଜଗତ୍‌ସିଂହପୁର-ଏରସମା ୫୫ନଂ. ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜୀବନହାନି ଘଟିଛି। ଦ୍ରୁତ ଗାଡି ଚାଳନାକୁ ଦୃଷ୍ଟିରେ ରଖି କଟକ ସଦର ବ୍ଲକ ଅଧୀନ ବିରିବାଟୀସ୍ଥିତ ରତ୍ନାକର ବିଦ୍ୟାମନ୍ଦିର ନିକଟ ରାସ୍ତାରେ ହମ୍ପ ନିର୍ମାଣ ପାଇଁ ବହୁଦିନରୁ ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କ ନିକଟରେ ଦାବି କରିଆସୁଥିଲେ। ଶେଷରେ ପିଲାମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରବିବାର ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତାରେ ହମ୍ପ ନିର୍ମାଣ କାମ ଆରମ୍ଭ କରିଛନ୍ତି। ଏହାକୁ ନେଇ ଅଭିଭାବକ ଓ ପିଲାମାନେ ଆଶ୍ୱସ୍ତି ହୋଇଛନ୍ତି। ଏଭଳି ହମ୍ପ ଫକୀରପଡା ହାଇସ୍କୁଲ ଛକ, ନାହାଭଙ୍ଗା ଓ ଗତିରାଉତପାଟଣା ଛକରେ କରିବା ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି।

## ସମ୍ମାନ ପ୍ରଦାନ ସମାରୋହ

**କଟକ ଅଫିସ, ୨୪।୩**

କଟକସ୍ଥିତ ଯଶୋଦା ସଦନଠାରେ ରବିବାର ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ରଘୁନାଥ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଯଶୋଦା ସଦନର ଅଧୀକ୍ଷକ ବଂଶୀଧର ପ୍ରଧାନ ଯୋଗଦେଇଥିଲେ। ଶିଶୁ-ସାହିତ୍ୟ ଲେଖକ ସମ୍ମେଳନ ପକ୍ଷରୁ ବିଶାଖା ବିଶ୍ୱରୂପା ମହାନ୍ତିଙ୍କୁ ସାବିତ୍ରୀ ମହାପାତ୍ର ଶିଶୁପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ପରିଡ଼ା, ବିଜୟ ନାଥ, ଇଂ. ବିଶ୍ୱରୂପ ସିଂ, ତପନ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ବେହେରା, ଦିବ୍ୟଜ୍ୟୋତି ପାଣି ଉପସ୍ଥିତ ଥିଲେ।

## ଏପ୍ରିଲ ୧ରେ ରାଜ୍ୟସ୍ତରୀୟ ବିରାଟ ଗଣଦୌଡ଼

**କଟକ ଅଫିସ,୨୪।୩**

କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଏପ୍ରିଲ ୧ରେ ରାଜ୍ୟସ୍ତରୀୟ ବିରାଟ ଗଣଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉତ୍କଳ ଦିବସ ଉପଲକ୍ଷେ ହେବାକୁ ଥିବା ଏହି ପ୍ରତିଯୋଗିତାର ୪ଟି ବିଭାଗରେ ମୁକାବିଲା ହେବ। ଜୁନିୟର ବିଭାଗରେ ଉଭୟ ବାଳିକା ଓ ବାଳକ, ସିନିୟର ବିଭାଗରେ ପୁରୁଷ ଓ ମହିଳା ପ୍ରତିଯୋଗିତା ହେବ। ଜୁନିୟର ବିଭାଗ ନିମନ୍ତେ ବୟସ ସୀମା ୧୬ବର୍ଷରୁ କମ୍ ଓ ସିନିୟର ବିଭାଗ ନିମନ୍ତେ ୧୬ବର୍ଷରୁ ଊର୍ଦ୍ଧ୍ୱ ବୟସ ସୀମା ରହିଛି। ପ୍ରତି ପ୍ରତିଯୋଗୀଙ୍କ ନିମନ୍ତେ ବୟସ ପ୍ରମାଣପତ୍ର ଓ ଆଧାରକାର୍ଡ ଦାଖଲ କରିବା ବାଧ୍ୟତାମୂଳକ ରହିଛି। ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୫ଟାରୁ ୮ଟା ମଧ୍ୟରେ ଖେଳାଳିମାନେ ନାମ ପଞ୍ଜୀକରଣ କରିବା ସହ ସିରିଏଲ ନମ୍ବର ହାସଲ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି।

## ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ବୈଠକ

**କଟକ ଅଫିସ, ୨୪।୩**

ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ଏକ ଜରୁରୀ କାର୍ଯ୍ୟକାରୀ ବୈଠକ ସଭାପତି ବିଚିତ୍ର କୁମାର ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ରିମିନାଲ ବାର୍ ଆସୋସିଏଶନ ହଲ୍‌ରେ ଆୟୋଜିତ ଏହି ବୈଠକରେ ଏକ ପ୍ରସ୍ତାବ ଓଡ଼ିଶାର ସମସ୍ତ ଆଇନଜୀବୀ ସଂଘ ଓ ଆଇନଜୀବୀମାନଙ୍କ ଉଦ୍ଦେଶ୍ୟରେ ପାରିତ କରାଯାଇଛି। ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓକିଲ ସଂଘ ନିର୍ବାଚନରେ ନିର୍ଭୀକ, ଦକ୍ଷ ଓ ସଚ୍ଚୋଟ ଆଇନଜୀବୀ ନେତାଙ୍କୁ ନିର୍ବାଚିତ କରିବା ପାଇଁ ଅନୁରୋଧ କରାଯାଇଛି। ନିର୍ବାଚନରେ ଅଣରାଜନୈତିକ ଓ ଆଇନଜୀବୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବା ଓକିଲଙ୍କ ସପକ୍ଷରେ ଭୋଟ୍ ଦେବାକୁ ଅନୁରୋଧ କରାଯାଇଛି। ଓକିଲଙ୍କ ନେତା ତଥା ବାର୍ ଆସୋସିଏଶନର କର୍ମକର୍ତ୍ତାମାନେ କୌଣସି ରାଜନୈତିକ ଦଳଭୁକ୍ତ ନ ହୋଇ ଓକିଲଙ୍କ ସମସ୍ୟା ସମାଧାନ ପାଇଁ ଶ୍ରମ ଓ ସମୟ ଦେଇ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଇଛି। ଏହି ବୈଠକରେ କ୍ରିମିନାଲ କୋର୍ଟସ ବାର୍ ସଭାପତି ଅକ୍ଷୟ କୁମାର ପତି, ପ୍ରଦୀପ ପଣ୍ଡା, ସୂର୍ଯ୍ୟ ନାରାୟଣ ସାହୁ, ରାଜେନ୍ଦ୍ର ପ୍ରଧାନ, ସମ୍ପାଦକ ସତ୍ୟଜିତ ସାହୁ, ମୁକ୍ତିକାନ୍ତ ଦାଶ, ଅଜୟ ମହାରଣା, ଗଗନ ବାରିକ ଓ ସଂଗ୍ରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଚର ଜମି ଅସଂରକ୍ଷଣ କରିବାକୁ ବିରୋଧ

**କଟକ ସଦର, ୨୪।୩ (ଡି.ଏନ୍.ଏ.)**

କିଶୋର ନଗର ତହସିଲ ଅଧୀନ କେଶ ନଗର ଗ୍ରାମର ୨ ଏକର ୨୩ ଡିସିମିଲ ଗୋଚର ଜମିକୁ ଅସଂରକ୍ଷିତ କରି ଅନ୍ୟ କାର୍ଯ୍ୟରେ ବ୍ୟବହାର ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏଭଳି କାର୍ଯ୍ୟକୁ ବିଶ୍ୱ ଗୋ'ସୁରକ୍ଷା ବାହିନୀ ଓଡ଼ିଶା ଶାଖା ଦୃଢ ବିରୋଧ କରି କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ କଟକ ଜିଲାପାଳଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରିଛି। ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଓ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ବିଶ୍ୱ ଗୋ' ସୁରକ୍ଷା ବାହିନୀ ଓଡ଼ିଶା ଶାଖା ସଭାପତି ଆଇନଜୀବୀ ସୁରେଶ ଚନ୍ଦ୍ର ପଣ୍ଡା ଭେଟି ଏ ଭଳି କାର୍ଯ୍ୟ ରାଜସ୍ୱ ବିଭାଗ ନ କରିବାକୁ ଅନୁରୋଧ କରିଥିଲେ। କାରଣ ପ୍ରଶାସନିକ କର୍ତ୍ତୃପକ୍ଷ ପୂର୍ବରୁ କଟକ ସଦର ତହସିଲ ଅଧୀନ କୂଳସରିଚୁଆଁ ଓ ବ୍ରହ୍ମପୁର ମୌଜାର ୧୫ ଏକର ଚାରଣ ଭୂମିକୁ ଅନ୍ୟ କାର୍ଯ୍ୟ ପାଇଁ ଅସଂରକ୍ଷିତ କରିସାରିଛନ୍ତି। ତାହା ବଦଳରେ କାଠଯୋଡି ଓ ସିଡୁଆ ନଦୀ ବାଲିଚର ପଠାକୁ ଗୋଚର ଭାବେ ସଂରକ୍ଷିତ କରିଛନ୍ତି। ବର୍ତ୍ତମାନ କେଶ ନଗର ମୌଜା ଖାତାନଂ. ୪୦୨, ୩୯ନଂ. ପ୍ଲଟ୍‌ର ୨ ଏକର ୨୩ ଡିସିମିଲ ଗୋଚରଜମିକୁ ଅସଂରକ୍ଷିତ କରିବା ଉଦ୍ୟମକୁ ବିରୋଧ କରାଯାଇଛି। ଏହି ମୌଜାରେ ଥିବା ଖାତା ନଂ.୪୦୨, ପ୍ଲଟ୍ ନଂ. ୨୪, ୩୩, ୪୮, ୬୯, ୭୭ ଓ ୭୯ର ଗୋଚର ଜମି ଜବରଦଖଲରେ ରହିଛି। ଯାହାକୁ ତହସିଲଦାର ଓ ଲୋକ ପ୍ରତିନିଧିମାନେ ଜବରଦଖଲମୁକ୍ତ କରିପାରୁନାହାନ୍ତି। ଅଥଚ ନିର୍ବିବାଦୀୟ ଗୋଚାରଣ ଭୂମିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାରକୁ ବିଶ୍ୱ ଗୋ'ସୁରକ୍ଷା ବାହିନୀ ଦୃଢ ବିରୋଧ କରିଛି। ଏହି ଦାବି ଉପରେ ବିଚାର କରାଯିବ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସାମଲ ପ୍ରତିଶ୍ରୁତି ଦେଇଥିବା ଆଇନଜୀବୀ ପଣ୍ଡା ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

## ଶ୍ରୀରାମ ନବମୀ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

**ଫୁଲନଖରା, ୨୪।୩ (ଡି.ଏନ୍.ଏ.)**

କଟକ-ଭୁବନେଶ୍ୱର ଜାତୀୟ ରାଜପଥର ନଖରାସ୍ଥିତ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଶ୍ରୀରାମ ନବମୀ ଉପଲକ୍ଷେ ସମର୍ପଣ ପରିବାର ଅନୁଷ୍ଠାନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣେଶ ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଶ୍ରୀରାମ ନବମୀ ଉତ୍ସବ ଓ ରାମଚରିତ ମାନସ ପାରାୟଣକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବା ପାଇଁ ବୈଠକରେ ସମର୍ପଣ ପରିବାରର ସଭାପତି ସନତ କୁମାର ନାୟକ କହିଥିଲେ। ଏହି ବୈଠକରେ ନଖରା, ଅଡାଳିଆ, ନୂଆପାଟଣା, ପୁରୁଣା କାଟରାମାଳ, ମୁଗଭଙ୍ଗା, ରାମନଗର, ସୁନ୍ଦରପଦା, କପିଳପ୍ରସାଦ, ପାଇକସାହି ଗ୍ରାମରେ ଥିବା ରାମଲୀଳା ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ।

# ୨୯ରୁ ବୈଶାଖୀ ବାଣିଜ୍ୟ ମେଳା: ଖୋଲିବ ୪୫୦ ଷ୍ଟଲ

**କଟକ ଅଫିସ, ୨୪।୩**

ଆସନ୍ତା ୨୯ ତାରିଖରୁ କଟକ ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହେବ କଟକ ବୈଶାଖୀ ବାଣିଜ୍ୟ ମେଳା। ଏହି ମେଳା କଟକରେ ଦ୍ୱିତୀୟ ବାଲିଯାତ୍ରା ଭାବେ ମଧ୍ୟ ପରିଚିତ। ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳା ଚଳିତବର୍ଷ ୧୫ତମ ସଂସ୍କରଣରେ ପଦାର୍ପଣ କରିବ। ପ୍ରତିବର୍ଷ ଅଧିକରୁ ଅଧିକ ବ୍ୟବସାୟୀ ଏବଂ କର୍ପୋରେଟ ହାଉସ ଏହି ମେଳା ସହିତ ଯୋଡ଼ି ହେବାରୁ ଏହାର କଳେବର ବୃଦ୍ଧି ପାଇବାରେ ଲାଗିଛି। ଚଳିତବର୍ଷ ଏହି ମେଳାରେ ପ୍ରାୟ ୪୫୦ ଷ୍ଟଲ ଖୋଲିବ। ଏ ନେଇ ରବିବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମେଳାର ଆୟୋଜକ ତଥା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ, ବିଜେଡି ନେତା ମଧୁସୂଦନ ସାହୁ, ରମଜାନ ଖାନ ପ୍ରମୁଖ ଉପସ୍ଥିତ ରହି ମେଳା ସମ୍ପର୍କରେ ସୂଚନା ଦେଇଥିଲେ।

ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ମୋଟରଗାଡ଼ି ପର୍ଯ୍ୟନ୍ତ ସବୁକିଛି ଏହି ମେଳାରେ ଉପଲବ୍ଧ ହେବ। ବାଣିଜ୍ୟ ମେଳାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ମଣିପୁର, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, କର୍ଣାଟକ, ପଞ୍ଜାବ, ଦିଲ୍ଲୀ ଆଦି ରାଜ୍ୟରୁ ବ୍ୟବସାୟୀ ଏବଂ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶାର ବିଭିନ୍ନ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏହି ମେଳାରେ ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ମେଳା ଆୟୋଜନକାରୀ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଭିନ୍ନକ୍ଷମ ସଂଗଠନକୁ ମାଗଣାରେ ଦୁଇଟି ଷ୍ଟଲ ଯୋଗାଇ ଦିଆଯାଉଛି। ବାଣିଜ୍ୟ ମେଳା ଉପଲକ୍ଷେ ଆସନ୍ତା ଏପ୍ରିଲ ୧ ଓ ୨ ତାରିଖ ଦୁଇଦିନ ଧରି ବାଣିଜ୍ୟ ମେଳା ପଡ଼ିଆରେ କିଡ୍‌ସ, ଜୁନିୟର, ସବ୍‌ଜୁନିୟର ଏବଂ ସିନିୟର ବିଭାଗରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଜେତାଙ୍କୁ ବାଣିଜ୍ୟ ମେଳା ଆୟୋଜନ କମିଟି ପକ୍ଷରୁ ପୁରସ୍କୃତ କରାଯିବ। ପ୍ରତି ସନ୍ଧ୍ୟାରେ ବାଣିଜ୍ୟ ମେଳା ମଞ୍ଚରେ ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଚଳିତଥର ବାଣିଜ୍ୟ ମେଳା ପରିସରରେ ଉଠା ଦୋକାନୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଭେଣ୍ଡିଂ ଜୋନ ସ୍ଥାପନ କରାଯାଇଛି। ଏଥିସହିତ ମେଳା ପରିସରରେ ପଲିଥିନ ବ୍ୟବହାର ନ କରିବାକୁ ବ୍ୟବସାୟୀମାନଙ୍କୁ ପରାମର୍ଶ ଦିଆଯାଉଛି। ମେଳା ପରିସରରେ ସ୍ୱତନ୍ତ୍ର ଭାବେ ଫୁଡ୍ କୋର୍ଟ ନିର୍ମାଣ କରାଯାଇଛି। ଏଥିରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ରାଜସ୍ଥାନୀ ଖାଦ୍ୟ ଏବଂ କଲିକତାରୁ କୋଲକାତା ଟ୍ରେଣ୍ଡସ୍, ହାଇଦ୍ରାବାଦୀ ବିରିୟାନି ଆଦି ଉପଲବ୍ଧ ହେବ। ପିଲାଙ୍କ ମନୋରଞ୍ଜନ ନିମନ୍ତେ ବ୍ରେକ୍‌ଡ୍ୟାନ୍ସ ଦୋଳି, ଡ୍ରାଗନ ଟ୍ରେନ୍, କ୍ୟାଟ ହ୍ୱିଲ୍ ଆଦି ବିଭିନ୍ନ ଦୋଳି ରହିଛି। ମହିଳାଙ୍କ ପାଇଁ ମୀନାବଜାର ମଧ୍ୟ ରହିଛି। ଚଳିତବର୍ଷ ବାଣିଜ୍ୟ ମେଳାର ଥିମ୍ 'ଜୟ ଜବାନ ଜୟ କିଷାନ' ରଖାଯାଇଛି।

# ଡ. ବାବାଜୀ ପଟ୍ଟନାୟକଙ୍କୁ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ

**କଟକ ଅଫିସ, ୨୪।୩**



ସମାରୋହରେ ଡ. ବାବାଜୀ ଚରଣ ପଟ୍ଟନାୟକଙ୍କୁ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

ପ୍ରଖ୍ୟାତ ସାରସ୍ୱତ ସାଧକ ବାଗ୍ମୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ରବିବାର ସନ୍ଧ୍ୟାରେ କଟକ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଅଧ୍ୟାପନା ଓ ସାରସ୍ୱତ ସୃଷ୍ଟି ସହିତ ନୂତନ ଲେଖକ ସୃଷ୍ଟି କରିବାରେ ଡ. ମହାନ୍ତି ଥିଲେ ଅଗ୍ରଗଣ୍ୟ। ଏଥିରେ ସ୍ମୃତି ସଂସଦର ସଭାପତି ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରି କହିଥିଲେ, ଫକୀର ମୋହନଙ୍କ ସାହିତ୍ୟକୁ ଉପଯୁକ୍ତ ମୂଲ୍ୟାୟନ କରିବାରେ ଡ. ମହାନ୍ତିଙ୍କ ଅବଦାନ ଅତୁଳନୀୟ। ମୁଖ୍ୟବକ୍ତା ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ କହିଥିଲେ, ପ୍ରଫୁଲ୍ଲ ବାବୁଙ୍କ ସୃଷ୍ଟି ସକଳରୁ ତାଙ୍କର ମୌଳିକ ଚିନ୍ତନ ଓ ସୂକ୍ଷ୍ମ ଦୃଷ୍ଟିକୋଣ ପରିଲକ୍ଷିତ ହୁଏ। ସମ୍ମାନିତ ଅତିଥି ଖବରଦାତା ଅରୁଣ କୁମାର ପଣ୍ଡା କହିଥିଲେ, କବି, ସୁଲେଖକ ଓ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ଡ. ମହାନ୍ତି ସୁଖ୍ୟାତି ଅର୍ଜନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ କହିଥିଲେ, ଓଡ଼ିଆ ସମାଲୋଚନା ସାହିତ୍ୟକୁ ମାର୍ମିକ ରୂପ ଦେବାରେ ଡ. ମହାନ୍ତିଙ୍କ ଭୂମିକା ଉଲ୍ଲେଖନୀୟ। ଏହି ଅବସରରେ ଡ. ବାବାଜୀ ଚରଣ ମହାନ୍ତିଙ୍କୁ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, କ୍ଷୀରାବ୍ଧି ତନୟା ମହାନ୍ତି ବିବରଣୀ ପାଠ ଓ ଡ. କବିତା ମିଶ୍ର ମାନପତ୍ର ପାଠ କରିଥିଲେ। ଇଂ. କ୍ଷୀରୋଦ ଚନ୍ଦ୍ର ମହାପାତ୍ର, ଯତିକାନ୍ତ ମହାନ୍ତି, ଆଲୋକ ମହାନ୍ତି, ଡ. ଭାଗବତ ଶୁକ୍ଳ, ଇଂ. ରମାକାନ୍ତ ପ୍ରଧାନ, ବଂଶୀଧର ରାଉତ, ସୁରେଶ ଚନ୍ଦ୍ର ଦାସ, ବନଶ୍ରୀ ମହାପାତ୍ର ପ୍ରମୁଖ ଡ. ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭୁପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶତ୍ରୁଜିତା ମହାନ୍ତି ଧନ୍ୟବାଦ ଦେଇଥିଲେ।



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
- ଫ୍ରନ୍‌ସିସ୍ ବାକନ



## ସଂକ୍ଷେପରେ

ନୟାଗଡରୁ ବିଜେଡିର ପ୍ରଚାର ଆରମ୍ଭ

### ଯାନବାହନ ନ ଥିବାରୁ ଯାତ୍ରୀ ହଇରାଣ

**ଖୋର୍ଦ୍ଧା ଅଫିସ,୨୪।୩:** ୨୦୧୯ ସାଧାରଣ ନିର୍ବାଚନ ଅବସରରେ ନୟାଗଡରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ଆରମ୍ଭ କରିଛନ୍ତି। ବିଜେଡି ସମାବେଶ ଯୋଗୁ ଅଧିକାଂଶ ଯାତ୍ରୀବାହୀ ବସ ରବିବାର ରୁଟ୍ କରି ନ ଥିଲେ। ଏଣୁ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଖର୍ଚ୍ଚାନ୍ତ ହୋଇ ଫେରିଥିଲେ। ଏ ନେଇ ଦଶପଲ୍ଲାର ଭୀମ ପ୍ରଧାନ କୁହନ୍ତି, ଖୋର୍ଦ୍ଧାରୁ ଗାଁକୁ ଯିବାକୁ ମୋତେ ୨ ଘଣ୍ଟା ଅପେକ୍ଷା କରିବାକୁ ପଡିଲା। ପ୍ରଥମତଃ ଗାଡି ନ ଥିଲା। ୨ୟରେ ଯେଉଁ ଗାଡି ଆସିଥିଲା ଠିଆ ହୋଇଯିବାକୁ ଜାଗା ନ ଥିଲା । ଅଧିକ ଟଙ୍କା ଦେଇ ଭଡା ଗାଡିରେ ଯିବାକୁ ପଡିଲା। ଖୋର୍ଦ୍ଧାର ଭୀମସେନ ବେହେରା କୁହନ୍ତି, ଖଣ୍ଡପଡାରୁ ଖୋର୍ଦ୍ଧା ଫେରିବାକୁ ୩ ଘଣ୍ଟା ଅପେକ୍ଷା କରିବାକୁ ପଡିଲା। ପରେ ଠେଲାପେଲାରେ ଘରକୁ ଫେରିଲି।

### ଅଣୁଆଁରେ ୨୪ ପ୍ରହର ନାମଯଜ୍ଞ



**କୃଷ୍ଣପ୍ରସାଦ, ୨୪।୩ (ଡି.ଏନ.ଏ.):** ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଅଣୁଆଁ ଗ୍ରାମର ଗ୍ରାମଦେବତୀ ମା ହରଚଣ୍ଡୀ, ବଡଜେନା ଓ ବାଇଧରଙ୍କ ଦ୍ୱାଦଶତମ ଜନ୍ମ ବାର୍ଷିକ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାର ବୃନ୍ଦାବତୀଙ୍କ ପୀଠରେ ଗୀତାଯଜ୍ଞ, ୨୪ପ୍ରହର ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆଦି ଆରମ୍ଭ ହୋଇଛି । ଗୁରୁବାଇ, ପଥରକଟା, ସାମନ୍ତରାପୁର, ଗୋପାଳପୁର, ନୂଆଗାଁର ୧୦ଟି ସଂକୀର୍ତ୍ତନ ଦଳ ଉକ୍ତ ଉତ୍ସବରେ ଯୋଗଦେଇ ନାମ କୀର୍ତ୍ତନ କରିଥିଲେ । ଅଣୁଆଁ ଗ୍ରାମ୍ୟ କମିଟି ସଭାପତି କୃଷ୍ଣଚନ୍ଦ୍ର ଜେନା, ସମ୍ପାଦକ କୃଷ୍ଣଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୦ଜଣ ସାଧୁସନ୍ଥ ଏଥିରେ ସହଯୋଗ କରିଥିଲେ । ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ମଧରେ ଅଣୁଆଁ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଏଥିରେ ବିଶେଷ ଭାବେ ସହଯୋଗ କରିଥିଲେ। ସୋମବାର ଉତ୍ସବର ଉଦ୍‌ଯାପନ ହେବ ବୋଲି ଅୟୋଜକଙ୍କଠାରୁ ପ୍ରକାଶ।

### ମହୁଲିଆରେ କର୍ମୀ ସମ୍ମିଳନୀ

**ଖୋର୍ଦ୍ଧା ଅଫିସ,୨୪।୩:** ବାଣପୁର ବ୍ଲକ ଦାମିଆବରବରା ପଞ୍ଚାୟତର ମହୁଲିଆରେ ବିଜେଡି କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବାଣପୁର ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ସେଠୀ, ବାଣପୁର ବ୍ଲକ ବିଜେଡି ସଭାପତି ଭବାନୀ ଶଙ୍କର ବଳିଆରସିଂହ, ଉପସଭାପତି ସୁକାନ୍ତ ଭୋଳ, ସରପଞ୍ଚ ଉପେନ୍ଦ୍ର ଜାନି, ସମିତିସଭ୍ୟ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଟାଙ୍ଗୀ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

**ଟାଙ୍ଗୀ (ଖୋର୍ଦ୍ଧା), ୨୪।୩ (ଡି.ଏନ.ଏ.):** ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ବଜରଙ୍ଗୀ ଦଳ ଅନୁକୂଲ୍ୟରେ ଶନିବାର ଟାଙ୍ଗୀ ପ୍ରିମିୟର ଲିଗ୍ ୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ପରସ୍ପରକୁ ଭେଟିଥିଲେ କେସିସିଏ ଥଣ୍ଡର ଓ ରୟାଲ ଇଲେଭେନ। ରୟାଲ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୫୬ ରନ କରିଥିଲା। ଜବାବରେ କେସିସିଏ ଥଣ୍ଡର ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ କରି ମ୍ୟାଚଟି ହାରିଯାଇଥିଲା। ବିଜୟୀ ଦଳର ହେମନ୍ତ ପରିଡାଙ୍କୁ ଶ୍ରେଷ୍ଠ ଖେଳାଳୀ ରୂପେ ବିବେଚିତ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ସୁଶାନ୍ତ କୁମାର ବିଶ୍ୱାଳ ଓ ମନୋରଞ୍ଜନ ବେହେରା। ଡା. ମଧୁସୂଦନ ସେନାପତି, ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଟ୍ଟନାୟକ ଓ ଶିକ୍ଷକ ଉମାକାନ୍ତ ସାହୁ ଅତିଥି ଭାବେ ଯୋଗଦେଇଥିଲେ । ରବିବାର ମ୍ୟାଚ ଟାଙ୍ଗୀ ଟାଇଗର ଓ ଲୋକନାଥ ଷ୍ଟାଇକର ମଧରେ ଅନୁଷ୍ଠିତ ହେବ ।

# ଭିଟାମାଟି ଛାଡୁଛନ୍ତି ଶ୍ରମିକ

**ଖୋର୍ଦ୍ଧା ଅଫିସ,୨୪।୩**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଠାରୁ ଆରମ୍ଭ କରି ଅନେକ ଲୋକ ହିତକର ଯୋଜନା ଖୋର୍ଦ୍ଧା ଜିଲାରେ କାର୍ଯ୍ୟକାରୀ ହେଉଛି। ହେଲେ ଏହାର ସୁଫଳ ଶ୍ରମିକ ପାଉନାହାନ୍ତି। ପ୍ରକୃତ ଶ୍ରମିକ ଭିଟାମାଟି ଛାଡୁଥିବାବେଳେ ନିଯୁକ୍ତି ନାଁରେ କେତେଜଣ ଜବ୍‌କାର୍ଡଧାରୀ କର୍ମକୁଣ୍ଠ ହେଉଥିବା ଅନୁରୂପ ଅଭିଯୋଗ ହୋଇଆସୁଛି। ସାଧାରଣରେ ପ୍ରଶ୍ନ ଉଠୁଛି, ଗାଁରେ ଏତେ କାର୍ଯ୍ୟ ହେଉଥିବାବେଳେ ଦିନକୁଦିନ ଦାଦନଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢୁଛି କିପରି। ବର୍ଷେ ଭିତରେ ୫୬୭ ଶ୍ରମିକ ଦାଦନ ଖଟିବାକୁ ଯାଇଥିବା ବେସରକାରୀ ସର୍ଭେରୁ ଜଣାପଡିଛି। ସରକାରୀ କଳର ଆବଶ୍ୟକ ସମୀକ୍ଷା, ଲୋକଙ୍କ ସଚେତନତା ଅଭାବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ନିଷ୍କ୍ରୀୟତା ଯୋଗୁ ଦାଦନ ଶ୍ରମିକଙ୍କ ସଂଖ୍ୟା ଦିନକୁଦିନ ବଢି ଚାଲିଛି। ପୁଣି

### ଯୋଜନାରୁ ମିଳୁନି ସୁଫଳ

କେତେଜଣ ଦଲାଲଙ୍କ ମିଥ୍ୟା ପ୍ରତିଶ୍ରୁତି ଓ ଦାଦନଙ୍କ ସହର ବୁଲିବା ନିଶା ଏହାକୁ ବୃଦ୍ଧି କରାଉଥିବା ଅନ୍ୟତମ କାରଣ। ସେହିପରି ଶ୍ରମ ବିଭାଗର ଦୂରଦୃଷ୍ଟି ଅଭାବ ଯୋଗୁ ଦଲାଲମାନଙ୍କୁ ଆଖିଦୃଷ୍ଟିଆ ଦଣ୍ଡ ବିଧାନ କରାଯାଉନାହିଁ। ଫଳରେ ସେମାନେ କାର୍ଯ୍ୟଧାରା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସର ଅନୁଯାୟୀ, କାର୍ଯ୍ୟ ନ ମିଳିଲେ ଜବ୍‌କାର୍ଡଧାରୀମାନଙ୍କୁ ବେରୋଜଗାରୀ ଭତ୍ତା ମିଳିବାର ସରକାରୀ ବ୍ୟବସ୍ଥା ରହିଛି। ଆଇନରେ ଏତେ କଟକଣା ସତ୍ତ୍ୱେ ଉପେକ୍ଷିତ ହୋଇପଡୁଛନ୍ତି ଜିଲାର ଜବ୍‌କାର୍ଡଧାରୀମାନେ। ଜିଲାରେ ଏ ଯୋଜନା ଚାଲୁ ରହିଥିଲେ ହେଁ ଏହା ଜବ୍‌କାର୍ଡଧାରୀଙ୍କୁ ଦାଦନ ଯିବାରେ ରୋକିପାରୁନାହିଁ। ଜିଲାର ଖୋର୍ଦ୍ଧା, ବୋଲଗଡ, ବେଗୁନିଆ, ବାଣପୁର, ଟାଙ୍ଗୀ, ଚିଲିକା, ଜଟଣୀ ଆଦି ବ୍ଲକ ଅଞ୍ଚଳରେ ଜେସିବି, ଟ୍ରାକ୍ଟର ଆଦି ଯନ୍ତ୍ର ଲାଗୁଥିବା ଅଭିଯୋଗ ରହିଛି। ତେବେ କାଗଜପତ୍ରରେ ଜବକାର୍ଡଧାରୀ କାର୍ଯ୍ୟ କରୁଛନ୍ତି ବୋଲି ଚତୁରତାର ସହ ମିଛ ଶ୍ରମ ଦିବସ ସୃଷ୍ଟି କରାଯାଉଛି। ପ୍ରମାଣପତ୍ରକୁ ଦେଖିଲେ ଜିଲାରେ ସବୁ କିଛି ଠିକ୍ ଠାକ ଚାଲୁଥିବା ଜଣାପଡିଛି। ପ୍ରଶାସନ ମଧ ଏଯାବତ୍ ଜିଲାରେ ମେଶିନ କାର୍ଯ୍ୟ କରୁଥିବା କଥାକୁ ସ୍ୱୀକାର ନ କରି ସବୁ କିଛି ଠିକ୍‌ଠାକ ଚାଲୁଥିବା ଡିଣ୍ଡିମ ପିଟୁଛି। ଅନ୍ୟପକ୍ଷେ ଏହି ଯନ୍ତ୍ରଗୁଡିକୁ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଅଧିକାଂଶ ସ୍ଥାନରେ ଲଗାଇ ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଖୋର୍ଦ୍ଧାର ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର କୁହନ୍ତି, ପ୍ରାୟତଃ ସବୁ ସ୍ଥାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ମେଶିନ କରୁଛି। ଏହା ସମସ୍ତଙ୍କ ଦେହସୁହା ହୋଇଯିବାରୁ ଅଭିଯୋଗ ହେଉନାହିଁ। ଖଜୁରି ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ନୀତିରେ ଏଠି ସମସ୍ତେ ଜାଣି ଅଜଣା। ପୁଣି ଅଧିକାଂଶ ରାଜନୈତିକ ବ୍ୟକ୍ତି ନିଜ ନିଜ ସମର୍ଥକଙ୍କ ନାମରେ ଜବକାର୍ଡ କରାଇ ନିଜ ଖର୍ଚ୍ଚ ସହ ଜବ୍‌କାର୍ଡଧାରୀଙ୍କ ଘରେ ବସି ଟଙ୍କା ରୋଜଗାର କରିବାରେ ବ୍ୟସ୍ତ। ଏଣୁ ଏ ନେଇ ଅଭିଯୋଗ କଲେ କିଛି ସୁଫଳ ମିଳୁନି। ଖୋର୍ଦ୍ଧାର ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଯୋଜନାର ଲକ୍ଷ୍ୟ କାଗଜକଲମରେ ପୂରଣ ହେଉଛି। ଜିଲାରୁ ଦାଦନ ଶ୍ରମିକଙ୍କ ସମସ୍ୟା ପୂର୍ବ ପରି ଲାଗି ରହିଛି। କେବଳ ଯାହା ପଞ୍ଚାୟତସ୍ତରୀୟ ନେତା, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ମାଲାମାଲ ହେଉଛନ୍ତି। ନିଯୁକ୍ତି ନାଁରେ ଲୋକଙ୍କୁ କର୍ମକୁଣ୍ଠ କରାଯାଉଛି। ଚିଲିକା ଅଞ୍ଚଳର ପ୍ରମୋଦ ପ୍ରଧାନ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ୍‌କାର୍ଡ ମିଳିବାରେ ରାଜନୀତି ଚାଲିଛି। ଏଥିରେ ସାମିଲ ହେଲେ ପରିବାର ପ୍ରତିପୋଷଣ ହୋଇପାରିବ ନାହିଁ, ବରଂ କର୍ମକୁଣ୍ଠ ହୋଇଯିବ। ଅନ୍ୟପକ୍ଷେ କାମ ନ କରି ୧୦ ପ୍ରତିଶତ ଟଙ୍କା ମିଳୁଛି,ଯେଉଁଥିରେ ପରିବାର ଚଳିବା ସମ୍ଭବ ନୁହେଁ। ଠକି କରି ରୋଜଗାର କରିବା ଅପେକ୍ଷା ପରିବାର ଭରଣପୋଷଣ ଉଦ୍ଦେଶ୍ୟରେ ପେଟ ଚାଖଣ୍ଡକ ପାଇଁ ଭିଟାମାଟି ଛାଡିବାକୁ ପଡୁଛି। ସେ ବର୍ଷେ ହେଲା ବାହାରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି।

## ବିଶ୍ୱ ଜଳ ଦିବସ ପାଳିତ




ବିଶ୍ୱ ଜଳଦିବସ ଅବସରରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥି।

**ବୋଲଗଡ଼,୨୪।୩(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ବିଶ୍ୱ ଜଳ ଦିବସ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୌରୋହିତ୍ୟ କରିଥିଲେ। ଏନ୍‌ସିସି ଅଧିକାରୀ ଶିକ୍ଷକ ଦିବାକର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହିତ ଜଳର ଆବଶ୍ୟକତା ଓ ସଂରକ୍ଷଣ ଉପରେ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ହରେକୃଷ୍ଣ ବେହେରା 'ଜଳ ହିଁ ଜୀବନ' ଶୀର୍ଷକ ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା ଜଳର ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ। ଏନ୍‌ସିସି କ୍ୟାଡେଟ୍ ଦିବ୍ୟଜ୍ୟୋତି ମତଗଜସିଂ ଜଳଦିବସ ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ର ଧନ୍ୟବାଦ ଦେଇଥିଲେ।

■ ଶ୍ରୀଶ୍ରୀ ଗାଦିଶ୍ୱରଦେବଙ୍କ ଦଣ୍ଡ ଉତ୍ସବ

## ବାହ୍ୟ ଭ୍ରମଣରେ ବାହାରିବେ ଠାକୁର



ଶ୍ରୀଶ୍ରୀ ଗାଦିଶ୍ୱରଦେବଙ୍କ ଦଣ୍ଡଯାତ୍ରା ନିମନ୍ତେ ପୂଜାର୍ଚ୍ଚନା କରାଯାଉଛି।

**କୃଷ୍ଣପ୍ରସାଦ,୨୪।୩(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଆରାଧ୍ୟ ଦେବତା ଦଳବେହେରା ସାହିସ୍ଥିତ ଶ୍ରୀଶ୍ରୀ ଗାଦିଶ୍ୱରଦେବଙ୍କ ଦଣ୍ଡଯାତ୍ରା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଯାଇଛି । ନିଶାର୍ଦ୍ଧରେ ଠାକୁରଙ୍କୁ କୋଠୀ ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥିଲା । ପରମ୍ପରା ଅନୁଯାୟୀ ପାରିକୁଦ ରାଜାସାହେବ ଓ ଗାଦିଶ୍ୱରଦେବଙ୍କ ମାର୍ଫତଦାର ପ୍ରଦୀପ କୁମାର ଜେନାଙ୍କ ଦ୍ୱାରରେ ଭୋଗ ଲାଗି କରାଯିବା ପରେ ଠାକୁର ୨୧ ଦିନ ଧରି ବାହ୍ୟ ଭ୍ରମଣରେ ରହିବେ । ପ୍ରଥମ ଦିବସରେ ମାନସିକଧାରୀ ଭଗତାମାନେ ନିଷ୍ଠାର ସହ ଉତ୍ସବରେ ଯୋଗଦେଇଛନ୍ତି। ଆଦିମ ସଭ୍ୟତାର ସଂସ୍କୃତି କେଳା କେଳୁଣୀ, ଶବର ଶବରୁଣୀ, ହାଡ଼ି ହାଡ଼ିଆଣୀ, ଶିବପାର୍ବତୀ ଆଦି ୨୧ ହଳ ପଟେ ବେଶ ହୋଇ ଅଭିନୟ ଅନୁଷ୍ଠିତ ହେବ । ମାର୍ଫତଦାର ଜେନା, ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ, ମାଷ୍ଟର ଅଜୟ କୁମାର ଜେନା, ପାଟଭଗତା କେଳୁ ଚରଣ ସାମଲ, ପାଟ ଦଣ୍ଡୁଆ ପ୍ରକାଶ ପ୍ରଧାନ, କାଳସୀ ରାମଚନ୍ଦ୍ର ଗୁରୁ, ମୁଖ୍ୟ ପୂଜାରୀ ଉମାଶଙ୍କର ପଣ୍ଡା, ପାଟଢୋଲିଆ ପଦ୍ମ ଚରଣ ନାୟକ, କୋଠୀ ଭଗତା ଧନେଶ୍ୱର ଗୌଡ଼, ଅନନ୍ତ ନାୟକ, ବୁଲୁ ବେହେରା, ରଙ୍ଗ ମାଷ୍ଟର ବାଉରିବନ୍ଧୁ ଦଣ୍ଡସେନା ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରୁଛନ୍ତି। ଉତ୍ସବ ଦର୍ଶନ ନିମନ୍ତେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ସୂଚନାଯୋଗ୍ୟ ଏପ୍ରିଲ୍ ୧୩ ତାରିଖରେ ଠାକୁର ମନ୍ଦିର ପ୍ରବେଶ କରିବା ପରେ ମେରୁପର୍ବ ଅନୁଷ୍ଠିତ ହୋଇ ଠାକୁରଙ୍କୁ ପୁଣି ସେହି ନିଶାର୍ଦ୍ଧରେ ହିଁ ଗୋପ୍ୟ କରାଯିବ ।

### ବିଜେଡି କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ, ୨୪।୩ (ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ହାଟିଆଶୁଣୀଠାରେ ରବିବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି କୈଳାସ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ବିଷୟରେ ଅବଗତ କରିବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ମାଲୁଦ ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ କୁମାର ଦାସ, ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ, ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ସେକ୍ ନବି, ହେମନ୍ତ କୁମାର ଜେନା, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସାହୁ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

### ପାଳନ ହେଉନି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

**ଟାଙ୍ଗୀ (ଖୋର୍ଦ୍ଧା), ୨୪।୩(ଡି.ଏନ.ଏ.):** ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଆଶାୟୀ ପ୍ରାର୍ଥୀ ଓ ସରକାରୀ ଯୋଜନା ସମ୍ପର୍କିତ ହୋର୍ଡିଂ, ପୋଷ୍ଟର ହଟାଇବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଟାଙ୍ଗୀ ବ୍ଲକ୍‌ରେ ପାଳନ କରାଯାଉ ନ ଥିବା ଦେଖାଯାଉଛି। ଜନଗହଳିପୂର୍ଣ୍ଣ ସ୍ଥାନ ଓ ବିଭିନ୍ନ ଗ୍ରାମରେ ଆଶାୟୀ ପ୍ରାର୍ଥୀମାନଙ୍କ ସୁଦୃଶ୍ୟ ଫଟୋଚିତ୍ର ଥିବା ହୋର୍ଡିଂ ଏବେ ବି ରହିଛି । ଟାଙ୍ଗୀ ରାଜସ୍ୱ ବିଭାଗ ଅଧିକାରୀମାନେ କେତେକ ହୋର୍ଡିଂ ଅପସାରଣ କରିଥିଲେ ମଧ ଆହୁରି ଅନେକ ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ପାଇପ୍ ଫାଟି ଭାସୁଛି ପାଣି




ଷ୍ଟାଣ୍ଡପୋଷ୍ଟରେ ଟ୍ୟାପ୍ ନାହିଁ। ପାଇପ୍ ଫାଟି ପାଣି ନଷ୍ଟ ହେଉଛି।

**ଜଟଣୀ,୨୪।୩(ଡି.ଏନ.ଏ.)**

ଜଟଣୀ ପୌରାଞ୍ଚଳ ଏକ ଜଳକ୍ଲିଷ୍ଟ ଅଞ୍ଚଳ। ବିଶେଷକରି ଖରାଦିନେ ପାଣି ପାଇଁ ଲୋକେ ତହଲବିକଳ ହୁଅନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ ମୁଣ୍ଡଳୀରୁ ଚଳିତବର୍ଷ ଖରାଦିନ ପୂର୍ବରୁ ପାଇପ୍ ଯୋଗେ ଜଳଯୋଗାଣ ଆରମ୍ଭ ହୋଇଛି। ଏହି ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ପରେ ପାଇପ୍ ବିଛାଯାଇଥିବା ଅଞ୍ଚଳକୁ ଅବଶ୍ୟ ଦୁଇଓଳି ପାଣି ଯୋଗାଣ ହେଉଛି।

### ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡୁନି

ତେବେ ଏହି ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ପରେ ଜଟଣୀ ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ପ୍ରାୟ ଅଧିକାଂଶ ୱାର୍ଡରେ ପାଇପ୍ ଫାଟି ଚାରିଆଡ଼େ ଜଳାର୍ଣ୍ଣବ ହୋଇଯାଉଛି। ଦୈନିକ ହଜାର ହଜାର ଲିଟର ପାଣି ରାସ୍ତାରେ ଭାସୁଛି। ପାଇପ୍ ଫାଟିବା ଦ୍ୱାରା ରାସ୍ତାରେ ବଡ଼ ବଡ଼ ଖାଲ ମଧ ସୃଷ୍ଟି ହେଉଛି। ଚାରିଆଡେ ପାଣି ଭାସିବା ସହ ସୃଷ୍ଟି ହେଉଥିବା ଖାଲ ଯୋଗୁ ବିଶେଷକରି ସନ୍ଧ୍ୟା ପରଠାରୁ ପଥଚାରୀଙ୍କ ପାଇଁ ଯାତାୟାତରେ ବିପଦ ସୃଷ୍ଟି କରୁଛି। ପାଦ ବୁଡିବା ପରି ପ୍ରବାହିତ ପାଣିରେ ଲୋକଙ୍କୁ ଯିବା ଆସିବା କରିବାକୁ ପଡୁଛି। ଏହାଛଡା ଅନେକ ଷ୍ଟାଣ୍ଡପୋଷ୍ଟରେ ଟ୍ୟାପ୍ ନ ଥିବାରୁ ସେଠାରୁ ମଧ ପାଣି ବୋହି ନଷ୍ଟ ହେଉଛି। ପାଣି ଟୋପେ ପାଇଁ ଜଟଣୀବାସୀ ହଇରାଣ ହେଉଥିବା ବେଳେ ନଷ୍ଟ ହେବା ଦେଖି ଦୁଃଖ ପ୍ରକାଶ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ନାପସନ୍ଦ କରୁଛନ୍ତି। ସାମାଜିକ କର୍ମୀ ଶଶାଙ୍କ ରାୟ, ଅରୁଣ ମହାନ୍ତି ଓ ଅନେକ ସ୍ଥାନୀୟ ବାସିନ୍ଦା କୁହନ୍ତି, ନିମ୍ନମାନର ପାଇପ୍ ଯୋଗୁ କିମ୍ବା ଖୋଳାହୋଇ ମାଟି ତଳେ ଯାଇଥିବା ପାଇପ୍ ଉପରେ ମଜଭୁତ୍ କଂକ୍ରିଟ କରାଯାଇ ନ ଥିବାରୁ ଏପରି ଅବସ୍ଥା ହେଉଛି। ଏଣୁ ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ଅରୁଣ କୁମାର ସୁବୁଦ୍ଧି କୁହନ୍ତି, ଧାରାବାହିକ ଭାବେ ଏହାର ମରାମତି କାର୍ଯ୍ୟ କରାଯାଉଛି।

## ପରମ୍ପରାକୁ ବଞ୍ଚାଇ ରଖିଛି ଗୋପାଳ ଉତ୍ସବ

**ବୋଲଗଡ, ୨୪।୩ (ଡି.ଏନ.ଏ.):** ବୋଲଗଡ ବ୍ଲକର ବିଭିନ୍ନ ଗ୍ରାମରେ ଗୋପାଳ ଉତ୍ସବ ପାଳନ କରାଯାଇଛି। ଗୁରୁବାର ଦୋଳପୂର୍ଣ୍ଣମୀ ଅବସରରେ ପରମ୍ପରାକୁ ବଜାୟ ରଖି ଗୋପାଳମାନେ ଆନନ୍ଦ ଉଲ୍ଲାସର ସହିତ ଏହି ପର୍ବ ପାଳନ କରିଛନ୍ତି। ବୋଲଗଡ ବ୍ଲକର ସଂପୁର ଗ୍ରାମରେ ଗୋପାଳ ମାନେ ବିଭିନ୍ନ କୌଶଳର ବାଡିଖେଳ ପ୍ରଦର୍ଶନ କରିଥିଲେ । ପାରମ୍ପରିକ ଢୋଲ ବାଦ୍ୟର ତାଳେ ତାଳେ ଗୋପାଳ ମାନଙ୍କ ଦ୍ୱାରା ପ୍ରଦର୍ଶିତ ଏହି ବାଡିଖେଳ ବେଶ ଆନନ୍ଦଦାୟକ ହୋଇଥିଲା। ଏହି ଦୃଶ୍ୟ ଦେଖିବାକୁ ସ୍ଥାନୀୟ ଅଞ୍ଚଳରୁ ବହୁସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା। ଫଗୁ ଦଶମୀ ଦିନ ବାଡିପୂଜା କରାଯାଇଥିଲା ବେଳେ ଦୋଳପୂର୍ଣ୍ଣମୀ ଦିନ କ୍ଷୀର ବନ୍ଦାଣ ହୋଇଥିଲା। ପରେ ରାଧାକୃଷ୍ଣ ଏବଂ ଗୋପପୁରର ଗୋପାଳ ବେଶରେ ଗ୍ରାମ ପରିକ୍ରମା କରି ଗୋପାଳଙ୍କ ଓଗାଳ ଗୀତର ତାଳେ ବାଡି ଖେଳ ପ୍ରଦର୍ଶନ ହୋଇଥିଲା । କେଉଁ ଆବାହମାନ କାଳରୁ ପିଢି ପରେ ପିଢି ଏହି ପରମ୍ପରାକୁ ବଞ୍ଚାଇ ରଖିଥିବାର ଗ୍ରାମର ଗୋପାଳ ମାନେ କୁହନ୍ତି।

## ସୁଧୁରୁନି ଏଟିଏମ୍ ଅବସ୍ଥା, ରହୁନି ଟଙ୍କା

**ନିରାକାରପୁର,୨୪।୩(ଡି.ଏନ.ଏ.)**




ଏଟିଏମ୍‌ରେ ବୁଲା କୁକୁର ଶୋଇଛନ୍ତି।

■ ପାଲଟିଛି କୁକୁରଙ୍କ ଆଶ୍ରୟସ୍ଥଳୀ
■ ସିସି କ୍ୟାମେରା ନାହିଁ, ଅଳିଆରେ ପରିପୂର୍ଣ୍ଣ

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ୭ଟି ଏଟିଏମ୍ କେନ୍ଦ୍ର ରହିଛି। ଏକ୍ସିସ, ବରୋଦା, ମନିସ୍ପଟ୍, ଆଇସିସିଆଇ, ଏସ୍‌ବିଆଇ, କାନାଡ଼ା ବ୍ୟାଙ୍କ ଓ ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ସ୍ଥାପିତ ଏଟିଏମ୍‌ଗୁଡ଼ିକ ରାମବଜାର, ଷ୍ଟେଶନ ରୋଡ ଓ କାଜବଜାର ଆଦି ଅଞ୍ଚଳରେ ରହିଛି। ହେଲେ ବିଭିନ୍ନ ସମସ୍ୟା ଘେରରେ ରହିଛି ଏହି କେନ୍ଦ୍ରଗୁଡ଼ିକ। କୌଣସି ଏଟିଏମ୍ କାଉଣ୍ଟର୍‌ରେ ସୁରକ୍ଷା କର୍ମୀ(ସିକ୍ୟୁରିଟି ଗାର୍ଡ) ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଚୋରି ଓ ଠକେଇ ଘଟଣା ଘଟୁଛି। ସୁରକ୍ଷା କର୍ମୀ ନ ଥିବାରୁ କିଛିଦିନ ତଳେ ଦୁର୍ବୃତ୍ତମାନେ କ୍ୟାଶବାକ୍ସ ଭାଙ୍ଗିବାକୁ ଚେଷ୍ଟା କରିବା ଓ କଟର୍‌ରେ କାଟି ୧୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେବା ଭଳି ଘଟଣା ଘଟିଥିଲା। ତଥାପି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ସତର୍କତା ବା କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। କାଉଣ୍ଟରଗୁଡ଼ିକୁ ସଫାସୁତରା ନ କରିବା ଯୋଗୁ ଅଳିଆ, ଆବର୍ଜନା ପୂରି ରହିଛି। ଅନେକ ସମୟରେ ଗ୍ରାହକ ନ ଥିବା ସୁଯୋଗ ନେଇ ବୁଲା କୁକୁରମାନେ ଶୋଉଛନ୍ତି। ଏଟିଏମ୍ କକ୍ଷରେ ଲୋକେ ମଧ ଶୋଉଥିବା ଦେଖିବାକୁ ମିଳୁଛି। ବ୍ୟାଙ୍କ ଅଫ୍ ବରୋଦା ଏଟିଏମ୍‌ରେ ଗାର୍ଡ ଥିବାବେଳେ ଗ୍ରାମ୍ୟ ବ୍ୟାଙ୍କ ଏଟିଏମ୍‌ରେ ସିକ୍ୟୁରିଟି ଗାର୍ଡ ନାହାନ୍ତି। ତେବେ ବ୍ୟାଙ୍କ ଅଫ୍ ବରୋଦା ଏଟିଏମ୍ ଅଳିଆ, ଆବର୍ଜନାରେ ପୂରି ରହିଛି। ପ୍ରାୟ ଏଟିଏମ୍‌ରେ ସିସି କ୍ୟାମେରା ନାହିଁ ବା ଅଚଳ ହୋଇପଡିଛି। ଏଥିଯୋଗୁ ଏଟିଏମ୍ ସମ୍ମୁଖରୁ ବାଇକ୍ ଆଦି ଚୋରି ହେଉଛି। ଠିକ୍ ସମୟରେ ଏଟିଏମ୍‌ଗୁଡ଼ିକରେ ଯଥେଷ୍ଟ ପରିମାଣର ଟଙ୍କା ଭର୍ତ୍ତି କରାଯାଉ ନାହିଁ। ତେଣୁ ଏଟିଏମ୍‌ଗୁଡ଼ିକରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତି, ସିସି କ୍ୟାମେରା ସ୍ଥାପନ, ସଫାସୁତରା ବଜାୟ ରଖିବା ସହ ଠିକ୍ ସମୟରେ ଯଥେଷ୍ଟ ପରିମାଣର ଟଙ୍କା ରଖିବାକୁ ଗ୍ରାହକମାନଙ୍କ ପକ୍ଷରୁ ଦାବି ହେଉଛି ।

### ସେମାନେ ଯାହା କହନ୍ତି

**ସୁନୀଲ କୁମାର ସୁବୁଦ୍ଧି, କାଶୀପୁର:** ୪ ଏଟିଏମ୍ ବୁଲିଲି କୌଣସି କେନ୍ଦ୍ରରେ ଟଙ୍କା ନ ଥିଲା। ସିକ୍ୟୁରିଟିଗାର୍ଡନଥିବା ଓ ସିସିକ୍ୟାମେରା ଅଚଳ ହୋଇପଡ଼ିଥିବାରୁ ଟଙ୍କା ଉଠାଇବାକୁ ଆସିବାବେଳେ ଭୟ ଲାଗୁଛି। ଏଥିଯୋଗୁ ସାଙ୍ଗରେ ଦୁଇଜଣଙ୍କୁ ଆଣିବାକୁ ପଡୁଛି ।

**ମୃତ୍ୟୁଞ୍ଜୟ ପ୍ରଧାନ, ପାଣ୍ଡବ ପାଟଣା:** ଟଙ୍କା କାଢ଼ିବାକୁ ଆସିଲେ ଅନେକ ସମୟରେ ଏଟିଏମ୍‌ରେ ଟଙ୍କା ରହୁନି। ଏଥିଯୋଗୁ ଅତି ଜରୁରୀ କାମ ବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

**ସନ୍ଦୀପ ପଟ୍ଟନାୟକ, ରାମେଶ୍ୱର:** ଅନେକ ସମୟରେ ଟଙ୍କା ତ ରହୁନି କେନ୍ଦ୍ରଟିକୁ ସଫା ମଧ କରାଯାଉନାହିଁ।

**ନବ କିଶୋର ସାହୁ, ଓଗାଳପୁର:** ଏଟିଏମ୍‌ରେ ଟଙ୍କା ରହୁନି, ସିକ୍ୟୁରିଟି ଗାର୍ଡ ନାହାନ୍ତି, ଏସି କାମକରୁନି, କମ୍ ଆଲୋକ ରହିଛି ଏବଂ ସଫା କରାଯାଉନାହିଁ। ଏଥିପ୍ରତି ବ୍ୟାଙ୍କ ଅଧିକାରୀ ଦୃଷ୍ଟି ଦେବା ଦରକାର।

**ବିଶ୍ୱରଞ୍ଜନ ମଙ୍ଗରାଜ, ସଠିପଦର:** ଯେତେବେଳେ ବି ଟଙ୍କା କାଢିବାକୁ ଗଲେ ହଇରାଣ ହେବାକୁ ପଡୁଛି । ଏଠାରେ କିଛି ସୁବିଧା ନାହିଁ।

**ପିନାକୀ ପାଢୀ, ବ୍ୟାଙ୍କ ପରିଚାଳକ, ଗ୍ରାମ୍ୟ ବ୍ୟାଙ୍କ, ନିରାକାରପୁର ଶାଖା :** ଆମର ଗ୍ରାମ୍ୟ ବ୍ୟାଙ୍କ ଏଟିଏମ୍‌ଟି ରାତିରେ ବନ୍ଦ ରହି ସକାଳୁ ଖୋଲିବା ନେଇ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ରହିଛି। ଗାର୍ଡ ବ୍ୟବସ୍ଥା ପାଇଁ ଆମେ କହିଛୁ। ବ୍ୟାଙ୍କ ଆଗରେ ସିସି କ୍ୟାମେରା ଲାଗିବା ବିଷୟରେ ନିଷ୍ପତ୍ତି ଗ୍ରହଣ କରାଯିବ।

**ଅଂଶୁମାନ୍ ପଟ୍ଟନାୟକ, ପରିଚାଳକ, ବରୋଦା ବ୍ୟାଙ୍କ, ନିରାକାରପୁର:** ଆମର ସଫାସୁତରା ଦାୟିତ୍ୱ ରହିଛି। ତେବେ ଏ ସବୁକାମ ଏଜେନ୍ସି ନେଇଛି।

## ବଳରାମଦେବ ବିଦ୍ୟାପୀଠରେ ଉତ୍କର୍ଷ ୨୦୧୯ ତାଲିମ ଶିବିର

**ଟାଙ୍ଗୀ (ଖୋର୍ଦ୍ଧା), ୨୪।୩(ଡି.ଏନ.ଏ.)**

ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ରାଷ୍ଟ୍ରୀୟ ମାଧ୍ୟମିକ ଓ ଓଡିଶା ମାଧ୍ୟମିକ ଶିକ୍ଷା ମିଶନ ମିଳିତ ଆନୁକୂଲ୍ୟରେ ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀଙ୍କ ତତ୍ତ୍ୱାବଧାନରେ ଉତ୍କର୍ଷ ୨୦୧୯ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ଚନ୍ଦ୍ର କର, ତ୍ରିନାଥ ଦାସ, ଅଦ୍ୱୈତ୍ୟ କୁମାର ବଳିଆରସିଂହ, ପ୍ରଧାନଶିକ୍ଷକ ମାନସୀ ପରିଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବୋଲଗଡ, ବେଗୁନିଆ, ବାଣପୁର, ଚିଲିକା ଓ ଟାଙ୍ଗୀ ବ୍ଲକ୍‌ର ୬୩ଟି ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ତାଲିମ ନେଇଥିଲେ। ସମ୍ପ୍ରତି ଉକ୍ତ ବ୍ଲକ୍ ଗୁଡିକର ୨୫୨ ଜଣ ବିଜ୍ଞାନ, ସାହିତ୍ୟ, ଇଂରାଜୀ ଓ ଗଣିତ ବିଷୟରେ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଲିମ ନେଉଥିବା ଜଣାପଡିଛି । ଖୋର୍ଦ୍ଧା ଜିଲା ବିଦ୍ୟାଳୟ ସଂଯୋଜକ ଅଦ୍ୱୈତ କୁମାର ବଳିୟାରସିଂହଙ୍କ ସଂଯୋଜନାରେ ଶିବିର ପରିଚାଳିତ ହେଉଛି । ବିଜ୍ଞାନ ପାଇଁ ପ୍ରଦୀପ ପ୍ରଧାନ, ସନ୍ତୋଷ କୁମାର ପଟ୍ଟନାୟକ, ନାରାୟଣ ସାହୁ, ପ୍ରଜ୍ଞାଶ୍ରୀ ଦାସ, ସାହିତ୍ୟ ପାଇଁ ଅନ୍ନଦା ପତି, ଅମିତା ତ୍ରିପାଠୀ, ମାମିନା ବେହେରା, ମାନସୀ ପରିଡା, ଶ୍ରାବଣୀ ସାହୁ, ଇଂରାଜୀ ପାଇଁ ସୁରେନ୍ଦ୍ର ରାଉତ, ପ୍ରଭାକର ସାହୁ, ରସିଦ ଖାଁ, ଅଶୋକ ପଣ୍ଡିତରାୟ, କାଦମ୍ବିନୀ ନାୟକ ଓ ଗଣିତ ନିମନ୍ତେ ଶିବପ୍ରସାଦ ପାଲ, ପ୍ରତାପ କୁମାର ପୃଷ୍ଟି ପ୍ରମୁଖ ସମ୍ବଳ ଶିକ୍ଷକ ରୂପେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

## ବାଲିସାହିରେ ଲଉଡ଼ି ଖେଳ

**ଖୋର୍ଦ୍ଧା ଅଫିସ,୨୪।୩:** ଖୋର୍ଦ୍ଧା ବ୍ଲକ ହଳଦିଆ ପଞ୍ଚାୟତ ବଘେଇଟାଙ୍ଗୀ ବାଲିସାହିରେ ଦୋଳପୂର୍ଣ୍ଣିମା ଅବସରରେ ଲଉଡ଼ି ଖେଳ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସ୍ଥାନୀୟ ବାବା ସ୍ୱପ୍ନେଶ୍ୱର ଦେବଙ୍କ ପୀଠର ବୃଷଭଙ୍କ ଉପରେ କ୍ଷୀର ବନ୍ଦାଣ ହୋଇଥିଲା। ପରେ ଗୋପାଳମାନେ ରାଧାକୃଷ୍ଣ ବେଶରେ ଲଉଡି ଖେଳ ପ୍ରଦର୍ଶନ କରିଥିଲେ। ଛୋଟ ଛୋଟ ପିଲା ବି ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ଶେଷରେ ନାମ ସଂକୀର୍ତ୍ତନ କରାଯାଇ ବଘେଇଟାଙ୍ଗୀ ଓ ବାଲିସାହି ପରିକ୍ରମା କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ମାର୍ଚ୍ଚ, ୨୦୧୯




ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
–ଫ୍ରାନ୍‌ସିସ୍ ବାକନ



## ସଂକ୍ଷେପରେ

### ସିଗାରେଟ ଟଙ୍କା ମାଗିବାରୁ ଦୋକାନକୁ ବୋମାମାଡ଼

**ବ୍ରହ୍ମଗିରି, ୨୪।୩(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଲଙ୍ଗ ଗ୍ରାମ ଛକରେ ଥିବା ଏକ ପାନ ଦୋକାନ ଉପରକୁ ଶନିବାର ରାତିରେ ବୋମାମାଡ଼ ହୋଇଛି। ଦୁର୍ବୃତ୍ତମାନେ ବୋମାମାଡ଼ କରିବା ସହ ଦୋକାନର ଆସବାବପତ୍ର ଲୁଟିନେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପଲଙ୍ଗ ଗ୍ରାମର ବାମଦେବ ସାହୁ ତାଙ୍କ ଛକରେ ଏକ ପାନ ଦୋକାନ କରି ପରିବାର ଚଳାଇ ଆସୁଥିଲେ। ହୋଲି ଦିନ ଗ୍ରାମରେ ଯାତ୍ରା ହେଉଥିଲା। କିଛି ଯୁବକ ତାଙ୍କଠାରୁ ସିଗାରେଟ, ଥଣ୍ଡା ସମେତ ବିଭିନ୍ନ ସାମଗ୍ରୀ ନେଇଥିଲେ। ସେ ପଇସା ମାଗିବାରୁ ଦେଇ ନ ଥିଲେ। ଆଉଥରେ ପଇସା ମାଗିଲେ ତୋ ଦୋକାନ ଉଡାଇ ଦେବୁ ବୋଲି ଧମକ ଦେଇଥିଲେ। ରବିବାର ସକାଳୁ ବାମଦେବ ଆସି ଦେଖିବାରୁ ଦୋକାନ ଉପରକୁ ବୋମାମାଡ କରିବା ସହ ଦୋକାନରେ ଥିବା ସମସ୍ତ ଆସବାବପତ୍ର ଲୁଟ୍ ହୋଇଛି। ଏ ନେଇ ସେ ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରୁଛି।

### ରେଳଧାରଣା ପାର୍ଶ୍ୱରୁ ଗୁରୁତର ଯୁବକ ଉଦ୍ଧାର

**କଣାସ,୨୪।୩(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ-ପୁରୀ ରେଳପଥର ମୋଟରୀ ଓ କଣାସ ରୋଡ ଷ୍ଟେଶନ ମଧ୍ୟବର୍ତ୍ତୀ ଜଗଦଳପୁର ଲେଭେଲ କ୍ରସିଂ ନିକଟ ରେଳଧାରଣା ପାର୍ଶ୍ୱରୁ ରବିବାର ଜଣେ ଗୁରୁତର ଯୁବକଙ୍କୁ ଉଦ୍ଧାର କରିଛି। ଯୁବକ ଜଣକ କୌଣସି ଚଳନ୍ତା ଟ୍ରେନରୁ ଖସିପଡିଥିବା କିମ୍ବା କେହି ଠେଲି ଦେଇଥିବାର ଅନୁମାନ କରାଯାଉଛି । ସକାଳ ୧୦ଟାରେ ଯୁବକଙ୍କ ମୁଣ୍ଡ ଫାଟି ରକ୍ତାକ୍ତ ଅବସ୍ଥାରେ ରେଳଧାରଣା ପାର୍ଶ୍ୱରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ଡେଲାଙ୍ଗ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଡେଲାଙ୍ଗ ଦମକଳ କେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ଦାଶ ପହଞ୍ଚି ଯୁବକକୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଯୁବକଟିର ବର୍ଣ୍ଣ ଶ୍ୟାମଳ ହୋଇଥିବା ବେଳେ ବୟସ ୨୨ରୁ ୨୪ବର୍ଷ ମଧ୍ୟରେ ହେବ ବୋଲି ଜଣାପଡ଼ିଛି। କିନ୍ତୁ ପରିଚୟ ଜଣାପଡ଼ି ନାହିଁ।

### ଅଗ୍ନିକାଣ୍ଡରେ ୧ ବଖରା, ବାଉଁଶବୁଦା ଜଳିଗଲା

**କଣାସ,୨୪।୩(ଡି.ଏନ.ଏ.):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଇନ୍ଦିପୁର ଗ୍ରାମରେ ମଶା ଧୂଆଁରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ତ୍ରିନାଥ ଭୋଇଙ୍କ ୧ ବଖରା ଜଳିଯାଇଛି । ସେହିପରି ମଣିଜିପୁର ଗ୍ରାମର ଗୋପାଳ ପଣ୍ଡାଙ୍କ ବାଡିପଟ ଜଙ୍ଗଲରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ବାଉଁଶ ବୁଦା ଜଳି ନଷ୍ଟ ହୋଇଯାଇଛି । ଶନିବାର ରାତିରେ ହୋଇଥିବା ଏହି ଦୁଇ ଅଗ୍ନିକାଣ୍ଡ ସ୍ଥଳରେ ଡେଲାଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବାରେ ସହାୟତା କରିଥିଲେ।

### ବିଶ୍ୱ ଯକ୍ଷ୍ମା ଦିବସ

**ପୁରୀ ଅଫିସ, ୨୪।୩ :** ଜିଲା ଯକ୍ଷ୍ମା ସୋସାଇଟି ଆନୁକୂଲ୍ୟରେ ରବିବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏଥିରେ ଡ. ହରିଶ୍ ଚନ୍ଦ୍ର ପଣ୍ଡିତ ମୁଖ୍ୟଅତିଥି, ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍ଏଚ୍ଏମ୍) ପୁରୀ ମୁଖ୍ୟ ଟି. ନାରାୟଣ ରାଓ, ସାମାଜିକ କର୍ମୀ ପ୍ରତିମା ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, କଲେଜ ଅଧକ୍ଷା ସୁଲୋଚନା ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଯକ୍ଷ୍ମା ଅଧିକାରୀ ଡ. ଲଲାଟେନ୍ଦୁ ମିଶ୍ର ଯକ୍ଷ୍ମା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକାରେ ଯକ୍ଷ୍ମା ଦିବସର ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯକ୍ଷ୍ମା ବିଭାଗର ସମସ୍ତ କର୍ମଚାରୀ, ଆଶା ଓ ଏଏନ୍ଏମ୍ ଛାତ୍ରୀ ଉପସ୍ଥିତ ଥିଲେ।

### କଂଗ୍ରେସ କର୍ମୀ ସମାବେଶ

**ସାକ୍ଷୀଗୋପାଳ, ୨୪।୩(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକର କାଦୁଆ ଗ୍ରାମ ପଞ୍ଚାୟତରେ ରବିବାର କଂଗ୍ରେସର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଦରିଦ୍ର ନାରାୟଣ ସେବାସଂଘ ପରିସରରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ପିସିସି ସଭାପତି ତଥା କଗ୍ରେଂସ ବିଧାୟକ ପ୍ରାର୍ଥୀ ପ୍ରସାଦ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥିର ସରକାର ଗଠନ ପାଇଁ କଂଗ୍ରେସ କର୍ମୀ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏଥିରେ ପ୍ରାକ୍ତନ ବ୍ଲକ ଚେୟାରମ୍ୟାନ ଜୟନ୍ତ ହୋତା, ସରପଞ୍ଚ ସୁବାସ ମହାପାତ୍ର ଯୋଗ ଦେଇଥିଲେ।

■ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ୧୦ଲକ୍ଷ କ୍ଷତିପୂରଣ ଦାବି

**ପୁରୀ ଅଫିସ, ୨୪।୩**

ବିଲ ଦେଇ ଯାଇଥିବା ଏକ ବିପଦସଙ୍କୁଳ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ପାଣ୍ଡବ ବରାଳଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ତିନିଜଣ ମଧ୍ୟ ଆହତ ହୋଇଥିଲେ। ବିଦ୍ୟୁତ୍ ବିଭାଗର ଅବହେଳାରୁ ଏହି ଅଘଟଣ ଘଟିଥିବା ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ସଚେତନ ନାଗରିକ ମଞ୍ଚ ସଭାପତି ତଥା ମାନବାଧିକାର କର୍ମୀ ଆଇନଜୀବୀ ପ୍ରସନ୍ନ କୁମାର ଦାଶ। ଅଭିଯୋଗରେ ଦର୍ଶାଯାଇଛି ଯେ, ପାଣ୍ଡବଙ୍କ ବିଲ ଦେଇ ଏକ ବିଦ୍ୟୁତ୍ ତାର ତଳକୁ ଝୁଙ୍କି ରହିଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଏଥିଲାଗି କୌଣସି ଗୁରୁତ୍ୱ ଦେଇ ନ ଥିଲା। ତାର ଛିଣ୍ଡି ବିଲରେ ପଡିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଫଳରେ ବିଲରେ କାମ କରିବା ବେଳେ ପାଣ୍ଡବ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ତାଙ୍କ ପରିବାର ବେସାହାରା ହୋଇପଡିଛି। ମୃତକଙ୍କ ପରିବାରକୁ ୧୦ଲକ୍ଷ କ୍ଷତିପୂରଣ, ଆହତଙ୍କ ଚିକିତ୍ସା, ଦାୟିତ୍ୱରେ ଅବହେଳା କରିଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ଲାଇନ୍‌ମ୍ୟାନ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମାନବାଧିକାର କର୍ମୀ ଦାଶ ଦାବି କରିଛନ୍ତି।

# ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ



ପୁରୀ ପୌରସଦନଠାରେ ରବିବାର କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ୩୧ତମ ବାର୍ଷିକୋତ୍ସବରେ ଛାତ୍ରୀଛାତ୍ର ନୃତ୍ୟ କରୁଛନ୍ତି।

**ପୁରୀ ଅଫିସ, ୨୪।୩**

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ୩୧ତମ ବାର୍ଷିକୋତ୍ସବ ପୌର ସଦନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ଆପଟେଶ୍ୱରନନ୍ଦଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଶିକ୍ଷାବିତ୍ ଡ. ପାର୍ଥ ସରକାର, ଲୋକନାଥ ପାଣି ସମ୍ମାନିତ ଅତିଥି, ଯୁବ ବୈଜ୍ଞାନିକ ଡ. ସନ୍ଦୀପ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କଲେଜ ଚେୟାରମ୍ୟାନ ଅନିମା ଦାସ, କଲେଜ ଅଧକ୍ଷ ପ୍ରଫେସର ଅମିୟକାନ୍ତ ମିଶ୍ର ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କଲେଜର ସ୍ମରଣିକା ଉନ୍ମୋଚନ ହୋଇଥିଲା। କଲେଜର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମୀ



ମିଶ୍ରଣ ପର୍ବରେ ଉପସ୍ଥିତ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାସ ଏବଂ ଅନ୍ୟମାନେ।

**ଗୋପ,୨୪।୩(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ନିମାପଡ଼ା ବିଧାୟକଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ କେତେକ ଭାଜପା ଓ କଂଗ୍ରେସ କର୍ମୀମାନେ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ବଇରିପୁର ଗ୍ରାମଠାରେ ତ୍ରିଲୋଚନ ରାଉତରାୟଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଅତିଥିଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୋପ ବ୍ଲକ୍ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ସରୋଜିନୀ ନାୟକ, ମହେଶ୍ୱର ସ୍ୱାଇଁ, ପଞ୍ଚାୟତ ସଭାପତି ଶରତ କୁମାର ନାୟକ, ଯୁବନେତା ଦାଶରଥୀ ବରାଳ ଯୋଗଦେଇ ଥିଲେ। ଏହି ମିଶ୍ରଣ ପର୍ବରେ ପୁମା ବରାଳ, କେଦାର ରାଉତରାୟ, କୈଳାସ ସ୍ୱାଇଁ, ବିନାୟକ ପ୍ରଧାନଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ନୂତନ ଭାବେ ସାମିଲ ହୋଇଥିବା କର୍ମୀମାନଙ୍କୁ ବିଧାୟକ ଦାଶ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଡେଲାଙ୍ଗ ମେଳଣ ଉଦ୍‌ଯାପିତ

**କଣାସ,୨୪।୩(ଡି.ଏନ୍.ଏ.)**

ଡେଲାଙ୍ଗ ହାଟ ବଜାରସ୍ଥିତ ପୁରୁଣା ଡେଲାଙ୍ଗ ଗ୍ରାମର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମେଳଣ ରବିବାର ରାତିରେ ଉଦ୍‌ଯାପିତ ହୋଇଛି । ଦୋଳ ଠାକୁରଙ୍କ ମେଲାଣି ଉତ୍ସବରେ ବାଣ ଓ ରୋଶଣି ମୁଖ୍ୟ ଆକର୍ଷଣ ଥିଲା। ଶନିବାର ପାହାନ୍ତାରେ ବିରାଟ ପଟୁଆର ଓ ସଲଟଣ ସହ ମେଳଣର ଜମାଣରେ ସ୍ଥାନାଧିପତି ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ସହ ଗୁଆଁଚଉକା– ରାମଚନ୍ଦ୍ରପୁର, ହାଟ ଡେଲାଙ୍ଗ, ପାହାଡ ଶୀର୍ଷ ବିଶ୍ୱନାଥ, ତଳ ବିଶ୍ୱନାଥ, ବୋଲକଣା, ଗଞ୍ଜେଇଗୋରଡି, ଶଙ୍ଖପାଟ, ବଡ ଆଙ୍କୁଲା, ନାରପୁର, ଜୟପୁର, ବଙ୍କିଲୋ, ପଟଣପୁର, ପଲ୍ଲି, ଗୁନୁପୁଟ, ଗୁଡୁପାଇଲୋ, ଉଦୟପୁର, ମଣିଜିପୁର, ଗୌରାଦେଈପୁର, ପଞ୍ଚୁପଲ୍ଲା, ମୋହନପୁର ଆଦି ଗ୍ରାମର ଆମନ୍ତ୍ରିତ ୩୪ ସୁସଜ୍ଜିତ ଦୋଳ ବିମାନ ମଣ୍ଡପାରୂଢ଼ ହୋଇଥିଲେ। ମାନସିକଧାରୀମାନେ ସମସ୍ତ ଦୋଳ ବିମାନରେ ଫଗୁ ଅର୍ପଣ କରିବା ସହ ଭୋଗଲାଗି କରିଥିଲେ। ଶନିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇଥିଲା। ମେଳଣ କମିଟି ପକ୍ଷରୁ ଦୋଳ ବିମାନ ଆଣିଥିବା ସେବକ, ସେବାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳଣର ଶାନ୍ତିଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ ନିୟନ୍ତ୍ରଣ ପାଇଁ ଡେଲାଙ୍ଗ ଥାନାର ପୋଲିସର ସହାୟତା କରିଥିଲା ।

## ଭାଜପାର ବୁଦ୍ଧିଜୀବୀ ସମ୍ମିଳନୀ

**ନିମାପଡ଼ା,୨୪।୩(ଡି.ଏନ୍.ଏ.)**

ନିମାପଡ଼ା ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଲିଗାଲସେଲର ସଭାପତି ଆଇନଜୀବୀ ପ୍ରଭାକର ଜେନା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜିଲା ପରିଷଦସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ଣ୍ଣଚନ୍ଦ୍ର ସାହୁ, ଲିଗାଲସେଲ ସମ୍ପାଦକ ଆଇନଜୀବୀ ଛବିନ୍ଦ୍ର ମୁଖି ଯୋଗଦେଇ ଭାଜପାର ନିର୍ବାଚନ ଇସ୍ତାହାର ପ୍ରକାଶ ନିମନ୍ତେ ସମସ୍ତ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମତାମତ ପାଇଁ ଆହ୍ୱାନ ଦେଇଥିଲେ। ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଓ ଏକ ସ୍ୱତନ୍ତ୍ର ନିର୍ବାଚନ ଇସ୍ତାହାର ପ୍ରକାଶ ପାଇବ ବୋଲି ରାଜ୍ୟ ସଭାନେତ୍ରୀ ପରିଡ଼ା କହିଛନ୍ତି।



କବିତା ଆସରରେ ଜଣେ କବୟିତ୍ରୀ କବିତା ପାଠ କରୁଛନ୍ତି।

## ପୁସ୍ତକ ମେଳା କବିତା ଆସର

**ପୁରୀ ଅଫିସ, ୨୪।୩**

ସାମାଜିକ ଅନୁଷ୍ଠାନ ପ୍ରୟାସ ଓ ପୁରୀ ପୁସ୍ତକ ମେଳା କମିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ମେଳା ରବିବାର ଚତୁର୍ଥ ଦିବସରେ ପହଞ୍ଚିଛି। ରବିବାର ସାହିତ୍ୟ ମଞ୍ଚରେ ବିଶ୍ୱ କବିତା ଆସର ଆୟୋଜିତ ହୋଇଥିଲା। ଶ୍ରୀକ୍ଷେତ୍ରର ବହୁ କବି, ସାହିତ୍ୟିକ, ଲେଖକ ଏଥିରେ ଅଂଶଗ୍ରହଣ କରିଥିଲେ। ପରେ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ, ଭଜନ ସଙ୍ଗୀତ ପରିବେଷଣ କରି ଗ୍ରାହକ, ଦର୍ଶକଙ୍କ ମନ ଜିଣିଥିଲେ। ଛୁଟିଦିନ ଥିବାରୁ ପୁସ୍ତକ ମେଳାରେ ଗ୍ରାହକ, ସାହିତ୍ୟିକ, କବି ଓ ଲେଖକଙ୍କ ଭିଡ଼ ଜମିଥିଲା। ପ୍ରକାଶକ ସଂସ୍ଥା ଏବଂ ଲେଖକ ନିଜ ନିଜ ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ରାଜ୍ୟର ବହୁ ସୁନାମଧନ୍ୟ ପୁସ୍ତକ ବିକ୍ରେତା, ପ୍ରକାଶନ ସଂସ୍ଥା ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି। ପୁସ୍ତକ ମେଳାରେ ଖାଦ୍ୟ ଓ ବାଣିଜ୍ୟମେଳା ଆୟୋଜନ କରାଯାଇଛି। ଖାଦ୍ୟ ଷ୍ଟଲ୍‌ଗୁଡ଼ିକରେ ଗ୍ରାହକଙ୍କ ବେଶ୍ ଭିଡ଼ ଜମିଛି। ସେହିପରି ବାଣିଜ୍ୟ ମେଳାରେ ବହୁ ଘରୋଇ କମ୍ପାନୀ ଅଂଶଗ୍ରହଣ କରିଛନ୍ତି। ପ୍ରୟାସ ତଥା ମେଳା କମିଟି ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ସଭାପତି ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ ପ୍ରମୁଖ ମେଳା ପରିଚାଳନା କରୁଛନ୍ତି।

## ଦୁଇ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**କୋଣାର୍କ, ୨୪।୩(ଡି.ଏନ୍.ଏ.)**

ଶିଶୁର ଶାରୀରିକ ଅଭିବୃଦ୍ଧି ପାଇଁ ସନ୍ତୁଳିତ ସୁଷମ ଖାଦ୍ୟର ଆବଶ୍ୟକ ଭଳି ତା'ର ମାନସିକ ତଥା ବୌଦ୍ଧିକ ବିକାଶ ନିମନ୍ତେ ଉତ୍ତମ ଶୈକ୍ଷିକ ପରିବେଶ ଥିବା ବିଦ୍ୟାଳୟର ଆବଶ୍ୟକତା ରହିଛି। ବିଦ୍ୟାଳୟ ଶିଶୁଙ୍କ ବୌଦ୍ଧିକ ବିକାଶକୁ ତ୍ୱରାନ୍ୱିତ କରିଥାଏ ବୋଲି କୋଣାର୍କ ନିକଟ ନୂଆଗାଁଠାରେ ଆୟୋଜିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏ.କେ. ବିଦ୍ୟାପୀଠର ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ ମୁଖ୍ୟଅତିଥି, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ କର, ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ପୁରୀ ଉପଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ ଓ ପ୍ରଧାନ ଶିକ୍ଷକ ବାଲୁଙ୍କେଶ୍ୱର ବାରିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ରବୀନ୍ଦ୍ରନାଥ ବାହିନୀପତି ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏ.କେ. ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବାଲୁଙ୍କେଶ୍ୱର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ରାମକୃଷ୍ଣ ମହାନ୍ତି ଉତ୍ସବର ସଂଯୋଜନା କରିଥିଲେ। ଏହି ଅବସରରେ ଉଭୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ଶୈକ୍ଷିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏ.କେ. ବିଦ୍ୟାପୀଠର ପ୍ରତିଷ୍ଠାତା ସାମାଜିକ କର୍ମୀ କାର୍ତ୍ତିକେଶ୍ୱର ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା।

## ଆଜିଠୁ ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ

**ବ୍ରହ୍ମଗିରି, ୨୪।୩(ଡି.ଏନ୍.ଏ.)**

ପ୍ରସିଦ୍ଧ ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ ସୋମବାର ଆରମ୍ଭ ହେଉଛି। ତିନିଦିନ ଧରି ଏହି ମେଳଣ ଚାଲିବ। ସୋମବାର ମଧ୍ୟରାତ୍ରରେ ପାଣ୍ଡବ ପାଞ୍ଚଭାଇ ଓ ଗୋପୀନାଥ ଦେବଙ୍କ ସହ ୧୦୮ ଦୋଳର ମହାମିଳନ ଅନୁଷ୍ଠିତ ହେବ। ସାହିଯାତ ସହ ଶୋଭାଯାତ୍ରାରେ ଶ୍ରୀଜୀଉମାନଙ୍କୁ ମେଳଣ କୁଞ୍ଜକୁ ନିଆଯିବ। ଏହି ମେଳଣ ବ୍ରହ୍ମଗିରି ଅଞ୍ଚଳର ଏକ ଗଣପର୍ବ ଭାବେ ପରିଚିତ।

## ଶ୍ରୀଶ୍ରୀ ଗାଦିଶ୍ୱରଦେବଙ୍କ ଦଣ୍ଡ ଉତ୍ସବ

**କୃଷ୍ଣପ୍ରସାଦ,୨୪।୩(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଆରାଧ୍ୟ ଦେବତା ଦଳବେହେରା ସାହିସ୍ଥିତ ଶ୍ରୀଶ୍ରୀ ଗାଦିଶ୍ୱରଦେବଙ୍କ ଦଣ୍ଡଯାତ୍ରା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଯାଇଛି । ନିଶାର୍ଦ୍ଧରେ ଠାକୁରଙ୍କୁ କୋଠୀ ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥିଲା। ପରମ୍ପରା ଅନୁଯାୟୀ ପାରିକୁଦ ରାଜାସାହେବ ଓ ଗାଦିଶ୍ୱରଦେବଙ୍କ ମାର୍ଫତଦାର ପ୍ରଦୀପ କୁମାର ଜେନାଙ୍କ ଦ୍ୱାରରେ ଭୋଗ ଲାଗି କରାଯିବା ପରେ ଠାକୁର ୨୧ ଦିନ ଧରି ବାହ୍ୟ ଭ୍ରମଣରେ ରହିବେ । ପ୍ରଥମ ଦିବସରେ ମାନସିକଧାରୀ ଭଗତାମାନେ ନିଷ୍ଠାର ସହ ଉତ୍ସବରେ ଯୋଗଦେଇଛନ୍ତି। ଆଦିମ ସଭ୍ୟତାର ସଂସ୍କୃତି କେଳା କେଳୁଣୀ, ଶବର ଶବରୁଣୀ, ହାଡ଼ି ହାଡ଼ିଆଣୀ, ଶିବପାର୍ବତୀ ଆଦି ୨୧ ହଳ ପଟେ ବେଶ ହୋଇ ଅଭିନୟ ଅନୁଷ୍ଠିତ ହେବ । ମାର୍ଫତଦାର ଜେନା, ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ, ମାଷ୍ଟର ଅଜୟ କୁମାର ଜେନା, ପାଟଭଗତା କେଳୁ ଚରଣ ସାମଲ, ପାଟ ଦଣ୍ଡୁଆ ପ୍ରକାଶ ପ୍ରଧାନ, କାଳସୀ ରାମଚନ୍ଦ୍ର ଗୁରୁ, ମୁଖ୍ୟ ପୂଜାରୀ ଉମାଶଙ୍କର ପଣ୍ଡା, ପାଟଢୋଲିଆ ପଦ୍ମ ଚରଣ ନାୟକ, କୋଠୀ ଭଗତା ଧନେଶ୍ୱର ଗୌଡ଼ୁ, ଅନନ୍ତ ନାୟକ, ବୁଲୁ ବେହେରା, ରଙ୍ଗ ମାଷ୍ଟର ବାଉରିବନ୍ଧୁ ଦଣ୍ଡସେନା ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରୁଛନ୍ତି। ଉତ୍ସବ ଦର୍ଶନ ନିମନ୍ତେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ସୂଚନାଯୋଗ୍ୟ ଏପ୍ରିଲ୍ ୧୩ ତାରିଖରେ ଠାକୁର ମନ୍ଦିର ପ୍ରବେଶ କରିବା ପରେ ମେରୁପର୍ବ ଅନୁଷ୍ଠିତ ହୋଇ ଠାକୁରଙ୍କୁ ପୁଣି ସେହି ନିଶାର୍ଦ୍ଧରେ ହିଁ ଗୋପ୍ୟ କରାଯିବ ।



ଗାଦିଶ୍ୱର ଦେବଙ୍କ ଦଣ୍ଡଯାତ୍ରା ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ଚାଷୀଙ୍କୁ ସହଜରେ ମିଳିବ କୃଷିଜାତ ସାମଗ୍ରୀ

### କିଷାନ କି ଦୋକାନର ଶୁଭାରମ୍ଭ

**ଗୋପ,୨୪।୩(ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଚାଷୀ।

ଚାଷୀମାନଙ୍କ ନିକଟରେ ସହଜରେ କୃଷିଜାତ ସାମଗ୍ରୀ ଉପଲବ୍ଧ ହେବା ଲାଗି ରବିବାର ଇଣ୍ଡିଆନ୍ ଏଗ୍ରିପ୍ରିନ୍ୟୁୟର୍ସ ଲିଃ. କମ୍ପାନୀ ପକ୍ଷରୁ ଗୋପ ବ୍ଲକ ଅଧୀନ ସୁବର୍ଣ୍ଣପୁରଠାରେ କିଷାନ କି ଦୋକାନର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କମ୍ପାନୀ ଅଧକ୍ଷ ରୋହିତ ସାଓନ ଯୋଗଦେଇ କିଷାନ କି ଦୋକାନ କାର୍ଯ୍ୟକ୍ରମ ଦ୍ୱାରା ଚାଷୀମାନଙ୍କ ନିକଟରେ ସହଜ ଓ ସୁବିଧାରେ ବିଭିନ୍ନ କିସମର ସାର, ଔଷଧ, ବିହନ ସୁଲଭ ଦରରେ ଉପଲବ୍ଧ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥି ସହ ଅମଳ କରାଯାଇଥିବା ଶସ୍ୟ ଏହି ଦୋକାନରେ ବିକ୍ରି କରି ଉଚିତ ମୂଲ୍ୟ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଆଇଏଏଲ୍‌ର ନିର୍ଦ୍ଦେଶକ ତଥା ୟୁଏନ୍‌ଓର ମେମ୍ବର ବିପ୍ଳବ ବାସୁ ଯୋଗଦେଇ ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇ ଥିବାବେଳେ ପ୍ରତ୍ୟେକ ଗ୍ରାମପଞ୍ଚାୟତ ସ୍ତରରେ କିଷାନ କି ସାଥୀ ଦ୍ୱାରା ଚାଷୀଙ୍କୁ ବିଭିନ୍ନ ସହାୟତା ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏଏଲ୍‌ର ନିର୍ଦ୍ଦେଶକ ତଥା ମାର୍କେଟ ଫେଡର ଅଧକ୍ଷ ପରିମିନ୍ଦର ସିଂ, ଆଇଏଏଲ୍‌ର ଓଡ଼ିଶା ପ୍ରକଳ୍ପ ପରିଚାଳକ କପିଳେନ୍ଦ୍ର ରାଉତ, ଆଇଏଏଲ୍ ଓଡ଼ିଶା ମୁଖ୍ୟ ରୋହିତ କୁମାର ରାଉତ, ଭିସାଲ ସର୍ମା ପ୍ରମୁଖ ଯୋଗଦେଇ ଏହି କିଶାନ କା ଦୋକାନ ଓଡ଼ିଶାରେ ପ୍ରଥମଥର ଲାଗି ଆରମ୍ଭ କରାଯାଇଥିବାବେଳେ ଏହାଦ୍ୱାରା ଚାଷୀ ଓ ବେକାରିମାନେ ମଧ୍ୟ ଉପକୃତ ହେବେ ବୋଲି ମତ ଦେଇଥିଲେ।